ଧରିତ୍ରୀ 51 Years

ପୃଷ୍ଠା–୧୨+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୬/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, September 26/2025 Page 20 ₹ 7.00

୫୧ଶ ଭାଗ ୩୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 302 ମୂଲ୍ୟ₹୭/-


# ସଡ଼କ ଦୁର୍ଘଟଣା: ୧୦ ମୃତ

## ସୁନ୍ଦରଗଡ଼ରେ ୬, କୋରାପୁଟରେ ୨, ରାୟଗଡ଼ାରେ ୨ ଜୀବନ ଗଲା

ରାଜ୍ୟରେ ବୁଧବାର ରାତିଠାରୁ ୨୪ ଘଣ୍ଟା ମଧ୍ୟରେ ତିନୋଟି ବଡ଼ ଦୁର୍ଘଟଣା ଘଟି ୧୦ ଜଣଙ୍କ ଜୀବନ ଯାଇଛି। ସେଥିରେ ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ଟ୍ରକ୍ ଓ ଯାତ୍ରୀବାହୀ ବସ୍ ମୁହାଁମୁହିଁ ଦୁର୍ଘଟଣା ଘଟି ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଛନ୍ତି। ବସ୍‌ଟି ରାସ୍ତାକାମ ପାଇଁ ଜାମ୍ ଥିବାରୁ ରଙ୍ଗରୁଟ୍‌ରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଗୋଟିଏ ପଟେ ରାସ୍ତାକାମ ୭ ବର୍ଷ ଧରି ନ ଶେଷ ହେବା ଏବଂ ଅନ୍ୟପଟେ ରୁଙ୍ଗ୍ ରୁଟ୍‌ରେ ଗାଡ଼ି ଚାଳନାର ପରିଣାମ ସ୍ୱରୂପ ୬ ଜୀବନ ଦୀପ ଲିଭିଯାଇଛି। ଅନ୍ୟପକ୍ଷରେ କୋରାପୁଟ ଓ ରାୟଗଡ଼ା ଜିଲାରେ ୨ ସଡ଼କ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟିଛି।



ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅଞ୍ଚଳରେ ଗୁରୁବାର ଟ୍ରକ୍ ଓ ବସ୍ ମଧ୍ୟରେ ହୋଇଥିବା ଦୁର୍ଘଟଣା।

## ରଙ୍ଗରୁଟ୍‌ରେ ଟ୍ରକ୍–ବସ୍ ମୁହାଁମୁହିଁ

ବଣାଇଁ/ଟେନ୍‌ସା,୨୫।୯(ପ୍ରଦୀପ ତ୍ରିପାଠୀ/ସମୀର ପାଢ଼ୀ)

ରାଉରକେଲାରୁ କୋଇଡ଼ା ଯାଉଥିବା ଏକ ଯାତ୍ରୀବାହୀ ବସ୍ ଗୁରୁବାର ପୂର୍ବାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର ରକ୍ସି ନିକଟରେ ରାସ୍ତା କାମ ଚାଲୁଥିବାରୁ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ବସ୍‌ଟି ରଙ୍ଗ ରୁଟ୍‌ରେ ଯିବାବେଳେ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଛନ୍ତି। ୧୪ ଗୁରୁତରଙ୍କୁ ରାଉରକେଲା ହସ୍ପିଟାଲ ପଠାଯାଇଥିବାବେଳେ ଅନ୍ୟ ଆହତଙ୍କୁ ବଣାଇ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଘଟଣାସ୍ଥଳରେମୃତ୍ୟୁବରଣ କରିଥିବା ☞ପୃଷ୍ଠା–୪

## ଗଛରେ ପିଟିହେଲା ଟିପ୍ପର

ଗୁଣପୁର,୨୫।୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ବାଗଶଳା ପଞ୍ଚାୟତ ଅନ୍ତର୍ଗତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଗୁରୁବାର ଭୋର ସମୟରେ ଏକ ଟିପ୍ପର ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଟିପ୍ପରରେ ବସିଥିବା ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଅର୍ଜୁନଗୁଡ଼ା ଗ୍ରାମର ଅଲିକ୍ଷ ପାତିକା ଓ ଅଜୟ ପାଲକା। ଗୁରୁତର ଆହତ ହୋଇଥିବା ଟିପ୍ପର ଚାଳକଙ୍କୁ ଗୁଣପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ କୋରାପୁଟ ମେଡିକାଲକୁ ☞ପୃଷ୍ଠା–୪

## ୨ ବାଇକ୍ ମୁହାଁମୁହିଁ ଧକ୍କା

କୋରାପୁଟ,୨୫।୯(ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପାଟଣାରେ ୨ ବାଇକ୍ ମୁହାଁମୁହିଁ ଧକ୍କାହୋଇ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଗୁରୁତର ରହିଛନ୍ତି। ମୃତକ ହେଲେ ଗାଦବାଗୁଡ଼ା ଗ୍ରାମର ଅଭି ମିଣିଆକା ଓ ଶରତ ତାଡ଼ିଙ୍ଗି। ୪ ଗୁରୁତର ହେଲେ ଗଣେଶ ଶରଡିଆ, ପିଣ୍ଟୁ ଶରଡିଆ, ଶିବାନା ସିରିକା ଓ ନରି ମାଣ୍ଡିଙ୍ଗା। ସୂଚନା ଅନୁଯାୟୀ, ବୁଧବାର ରାତିରେ ନାରାୟଣପାଟଣା ସଦର ମହାକୁମାରେ ଥିବା ଷ୍ଟେଟ ବ୍ୟାଙ୍କ ନିକଟରେ ଦ୍ରୁତଗତିରେ ଆସୁଥିବା ୨ ବାଇକ୍(ଓଡି୧୦–ଏକ୍ସ–୬୯୩୬) ଏବଂ (ଓଡି୧୦–ବି–୯୩୦୪) ମହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକ୍‌ରେ ୪ ଜଣ ଓ ଅନ୍ୟ ☞ପୃଷ୍ଠା–୪

## ଏସିଆ କପ୍ କ୍ରିକେଟ: ଭାରତ–ପାକିସ୍ତାନ ଫାଇନାଲ ୨୮ରେ

ଦୁବାଇ,୨୫।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟରେ ଗୁରୁବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ସୁପର–୪ ମ୍ୟାଚ୍‌ରେ ପାକିସ୍ତାନ ୧୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ବିଜୟ ସହ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଛି। ଫଳରେ ଆସନ୍ତା ୨୮ ତାରିଖରେ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ହେବାକୁ ଥିବା ଟାଇଟଲ ମୁକାବିଲାରେ ପୁଣି ଥରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରୁ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପ୍ରଥମ ଥର ପାଇଁ ଫାଇନାଲରେ ମୁହାଁମୁହିଁ ହେବେ। ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଭାରତ ସହଜରେ ବିଜୟ ଲାଭ କରିଛି।

## ନିଖୋଜ ଶିଶୁଙ୍କ ଏତଲା ପଞ୍ଜୀକରଣ କରୁନି ପୋଲିସ

ଭୁବନେଶ୍ୱର,୨୫।୯(ରବିନାରାୟଣ ଜେନା)

**ସିଏଜି ରିପୋର୍ଟ**

- ୫ ବର୍ଷରେ ୭୭,୨୬୮ ନିଖୋଜ ଅଭିଯୋଗ
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ

ରାଜ୍ୟରେ ବିଗତ କିଛିବର୍ଷ ହେଲା ଶିଶୁ ନିଖୋଜ ଘଟଣା ଅପରାଧର ପରିସରକୁ ବ୍ୟାପକ କରିଛି। ପିହୁ ନିଖୋଜ ବିଷୟ ଏବେ ମଧ୍ୟ ସମସ୍ତଙ୍କ ମନରେ ରହସ୍ୟ ଭଳି ରହିଯାଇଛି। ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟରୁ ରାଜ୍ୟରେ ୫ ବର୍ଷରେ ୭୭,୨୬୮ ଶିଶୁ ନିଖୋଜ ହୋଇଥିବା ନେଇ ଦର୍ଶାଯାଇଥିବା ତଥ୍ୟ ଅନେକଙ୍କୁ ଅସ୍ତବ୍ୟସ୍ତ କରିବା ସ୍ୱାଭାବିକ। ସବୁଠାରୁ ସାଂଘାତିକ କଥା ହେଉଛି, ଶିଶୁଙ୍କ ନିଖୋଜ ସଂକ୍ରାନ୍ତ ସମସ୍ତ ଏତଲାକୁ ପୋଲିସ ପଞ୍ଜୀକରଣ କରୁନାହିଁ, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ରାଜ୍ୟରେ ଅନେକ ହଜାର ଶିଶୁ ନିଖୋଜ ହୋଇଥିବା ନେଇ ଅଧିକାଂଶ ସମୟରେ ଶାସକ–ବିରୋଧୀ ମୁହାଁମୁହିଁ ହେଉଥିବାବେଳେ ବୁଧବାର ବିଧାନସଭାରେ ଆଗତ ହୋଇଥିବା ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ(ସିଏଜି)ଙ୍କ ରିପୋର୍ଟରେ ବହୁ ସାଙ୍ଘାତିକ ତଥ୍ୟ ଲୋକଲୋଚନକୁ ଆସିଛି। ରିପୋର୍ଟରେ କେଉଁଠି ଶିଶୁଙ୍କ ନିଖୋଜ ଅଭିଯୋଗ ପଞ୍ଜୀକରଣ କରାଯାଉ ନାହିଁ ତ ଆଉ କେଉଁଠି ରେକର୍ଡ ଠିକ୍ ☞ପୃଷ୍ଠା–୪

## ଆଜି ଅବପାତର ରୂପ ନେବ ଲଘୁଚାପ

ଭୁବନେଶ୍ୱର,୨୫।୯(ବନ୍ଦନା ସେଠୀ)

**୩ଦିନ ଯାଏ ପ୍ରବଳ ବର୍ଷା**

ବଙ୍ଗୋପସାଗରରେ ଏବେ ଦୁଇଟି ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ ଉତ୍ତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ଶୁକ୍ରବାର ଏହା ଉତ୍ତର–ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତରେ ପରିଣତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ୨୭ ତାରିଖ ଶନିବାର ବେଳକୁ ଏହା ଦକ୍ଷିଣ ଓଡ଼ିଶା–ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ। ୩ଦିନ ଧରି ଏଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେବା ସହ ସତର୍କ କରିଛି। ଗତ ୨୪ ଘଣ୍ଟାରେ ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ନୂଆପଡ଼ାଠାରେ ସର୍ବାଧିକ ୮୧.୮ ମି.ମି ବର୍ଷା ରେକର୍ଡ କରାଯାଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ସ୍ୱାସ୍ଥ୍ୟ ଟିକସର ଲାଭ






ଦୁର୍ଗାପୂଜା ପାଇଁ ଚାଲିଛି ମେଢ଼ ପ୍ରସ୍ତୁତି: କଟକ ଶେଖ୍‌ବଜାର ପୂଜା ମଣ୍ଡପରେ ମେଢ଼ ଢାଞ୍ଚାରେ ରୁପା ଅଳଙ୍କାରଗୁଡ଼ିକୁ କାରିଗରମାନେ ଖଞ୍ଜୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଓଡ଼ିଶାରେ ୧,୭୦୦ କୋଟିର ରେଳ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୫ା୯ (ଅନୁରାଧା ମହାରଣା)

ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସଂଯୋଗୀକରଣ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧,୭୦୦ କୋଟିରୁ ଅଧିକ ମୂଲ୍ୟର ୩ଟି ପ୍ରମୁଖ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବେ। ଏହି ପଦକ୍ଷେପଗୁଡ଼ିକ ଯାତ୍ରୀ ସୁବିଧା ବୃଦ୍ଧି, ପରିବହନକୁ ପ୍ରୋତ୍ସାହିତ କରିବା ସହ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ପ୍ରଧାନମନ୍ତ୍ରୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ସମ୍ବଲପୁର ସହର ଏବଂ ସରଲା ମଧ୍ୟରେ ରେଳ ଫ୍ଲାଏଓଭରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୨୭୩ କୋଟି ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ଫ୍ଲାଏଓଭର ସରଲା ଷ୍ଟେଶନରେ ଦୀର୍ଘଦିନର ବାଧା ଦୂର କରିବ ଏବଂ ସମ୍ବଲପୁର-ଝାରସୁଗୁଡ଼ା ସେକ୍ସନରେ ସୁଗମ ତଥା ନିରବଚ୍ଛିନ୍ନ ରେଳ ଯାତାୟାତକୁ ସୁନିଶ୍ଚିତ କରିବ। ଏହି



ନରେନ୍ଦ୍ର ମୋଦି

ସେକ୍ସନ କୋଇଲା, ଖଣିଜ ପଦାର୍ଥ ଏବଂ ଶିଳ୍ପ ମାଲ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ହୋଇଥିବାବେଳେ ଏହି ପ୍ରକଳ୍ପ ଓଡ଼ିଶାର ସମ୍ବଲପୁର ଅଞ୍ଚଳର ଲୋକମାନଙ୍କୁ ଅନେକ ଲାଭ ପ୍ରଦାନ କରିବ।

ସେହିପରି ୪୮୧ କୋଟି ଟଙ୍କା ଖର୍ଚ୍ଚରେ ହୋଇଥିବା କୋରାପୁଟ-ବାଇଗୁଡ଼ା ରେଳ ଲାଇନର ଦୋହରାକରଣ (୩୪ କିମି)କୁ ମୋଦି ଲୋକାର୍ପଣ କରିବେ। ଏହି ପ୍ରକଳ୍ପ ଖଣିଜ ପଦାର୍ଥ ଏବଂ କୃଷିଜାତ ଦ୍ରବ୍ୟ ପରିବହନକୁ ସୁଦୃଢ଼ କରିବା ସହିତ ସମ୍ବଲ ସମୃଦ୍ଧ ପାର୍ବତ୍ୟ କୋରାପୁଟ ଅଞ୍ଚଳରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିଛି। ୯୫୫ କୋଟି ବ୍ୟୟରେ ନିର୍ମିତ ମାନାବାର-କୋରାପୁଟ- ଗୋରାପୁର ରେଳ ଲାଇନର ଦୋହରାକରଣ (୮୨ କିମି)ର ମଧ୍ୟ ଲୋକାର୍ପଣ କରିବେ। ଏହି ରେଳଲାଇନ ବୈଲାଡିଲା ଖଣିରୁ ସାରା ଦେଶରେ ଇସ୍ପାତ କାରଖାନାକୁ ଲୁହାପଥରର ଦ୍ରୁତ ପରିବହନକୁ ସୁଗମ କରୁଛି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର କୋରାପୁଟ ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲାବାସୀ ବିଶେଷ ଭାବେ ଉପକୃତ ହେଉଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ, ଯାହା ସିଧାସଳଖ ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରିବ। ଏହି ଅମୃତ ଭାରତ ଏକ୍ସପ୍ରେସ ଓଡ଼ିଶାର ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍, ବିଜୟନଗରମ୍ ଓ ମନ୍ୟମ, ଛତିଶଗଡ଼ର ମହାସମୁନ୍ଦ, ରାୟପୁର ଓ ଦୁର୍ଗ, ମହାରାଷ୍ଟ୍ରର ଗୋଣ୍ଡିଆ, ନାଗପୁର, ୱାର୍ଦ୍ଧା, ଅମରାବତୀ, ଆକୋଲା, ବୁଲଢାଣା, ଜଲ୍‌ଗାଓଁ, ଧୁଳେ ଓ ନନ୍ଦୁରବାର ଏବଂ ଗୁଜରାଟର ତାପି ଓ ସୁରଟ ଜିଲାର ଲୋକଙ୍କୁ ଯାତାୟାତ ସୁବିଧା ଯୋଗାଇ ଦେବ।

# ବିନା କାରଣରେ ଟ୍ରେନ୍ ଚେନ୍ ଟାଣିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୫ା୯(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଯାତ୍ରା ସମୟରେ ଟ୍ରେନରେ ଆଲାର୍ମ ଚେନ୍ ପୁଲିଂ (ଏସିପି) ସୁବିଧାର ଅପବ୍ୟବହାର ନ କରିବାକୁ ଅନୁରୋଧ କରିଛି। ବିନା କାରଣରେ ବା ଏହି ସୁବିଧାର ଅପବ୍ୟବହାର କଲେ ଏଣିକି ରେଳ ଆଇନ ଅନୁଯାୟୀ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚେନ୍ ପୁଲିଂ କେବଳ ଚିକିତ୍ସା ସହାୟତା, ଅଗ୍ନି ବିପଦ କିମ୍ବା ସୁରକ୍ଷା ଚିନ୍ତା ଭଳି ପ୍ରକୃତ ଜରୁରିକାଳୀନ ପରିସ୍ଥିତି ସମୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ମାତ୍ର ଅନେକ ସମୟରେ ଲୋକ ଏହାର ଅପବ୍ୟବହାର କରନ୍ତି। ଆଲାର୍ମ ଚେନ୍ ବାରମ୍ବାର ଟାଣିବା ଦ୍ୱାରା ଟ୍ରେନଗୁଡ଼ିକ ଅନାବଶ୍ୟକ ଭାବରେ ଅଟକି ରହେ, ଯଦ୍ୱାରା ସମୟାନୁବର୍ତ୍ତିତା ପ୍ରଭାବିତ ହୁଏ ଏବଂ ହଜାର ହଜାର ଯାତ୍ରୀଙ୍କୁ ଅସୁବିଧା ହୁଏ। ତେଣୁ ସୁଗମ ଟ୍ରେନ ପରିଚାଳନା ଓ ଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ଅନାବଶ୍ୟକ ଭାବେ ଟ୍ରେନ୍ ଚେନ୍ ନ ଟାଣିବାକୁ ପରାମର୍ଶ ଦିଆଯାଇଛି।

**୨ ବର୍ଷରେ ୩,୨୪୧ ଯାତ୍ରୀ ଗିରଫ**

ଏଭଳି ବେଆଇନ କାର୍ଯ୍ୟ ଲାଗି ରେଳପଥ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ୨୦୨୪ରେ ଚେନ୍ ପୁଲିଂ ପାଇଁ ୧,୭୬୧ ଜଣଙ୍କୁ ଗିରଫ କରାଯିବା ସହ ମୋଟ ୮,୧୪,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ୨୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚେନ୍ ପୁଲିଂ ମାମଲାରେ ୧,୪୮୦ ଜଣଙ୍କୁ ଗିରଫ କରାଯାଇଛି। ତେବେ ସେପ୍ଟେମ୍ବରରେ ୭୮ ଜଣଙ୍କୁ ଏସିପି ପାଇଁ ଗିରଫ କରାଯାଇଥିବାବେଳେ କେବଳ ଗତ ୨୪ ତାରିଖରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଆଲାର୍ମ ଚେନ୍ ପୁଲିଂର ୧୦ଟି ମାମଲା ରୁଜୁ କରାଯାଇ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।

# ୬ ଓଏଏସ୍ ଅଧିକାରୀଙ୍କ ବଦଳି

**୪ଜଣଙ୍କ ବାତିଲ, ଜଣଙ୍କ ଅତିରିକ୍ତ ଦାୟିତ୍ୱ ଅପସାରଣ**

ଭୁବନେଶ୍ୱର,୨୫ା୯(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ବରିଷ୍ଠ ଅଧିକାରୀସ୍ତରରେ ଅଦଳବଦଳ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୬ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଥିବାବେଳେ ୪ଜଣଙ୍କ ବଦଳି ବାତିଲ ଏବଂ ଜଣଙ୍କର ଅତିରିକ୍ତ ଦାୟିତ୍ୱ ଅପସାରଣ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁଙ୍କ ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ଏକାଡେମୀର ଉପମହାନିର୍ଦ୍ଦେଶକ ଶିବୋ ନାରାୟଣ ସାହୁଙ୍କୁ ସଂସଦୀୟ ବ୍ୟାପାର ବିଭାଗକୁ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମେଶ୍ରାଙ୍କୁ ଅଗଷ୍ଟରେ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରାଯାଇଥିବାବେଳେ ତାହାକୁ ସରକାର ବାତିଲ କରି ପୁନଃ ଅବସ୍ଥାପିତ କରିଛନ୍ତି। ସେହିପରି ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ବଦଳି ବାତିଲ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୁନର୍ବାର ଅବସ୍ଥାପିତ କରାଯାଇଥିବାବେଳେ ସମବାୟ ବିଭାଗର ଅତିରିକ୍ତ ସଚିବ ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହୋଇଥିବା ବଦଳିବାତିଲ କରାଯାଇଛି। ସେହିପରି ସଞ୍ଜୟ କୁମାର ପ୍ରତିହାରୀଙ୍କ ପୂର୍ବ ବଦଳି ବାତିଲ କରାଯାଇ ପୁନର୍ବାର ଇଡ୍‌କୋର ଭୂ-ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡ. ମୋନାଲିସା ଲେଙ୍କାଙ୍କୁ ପୁନର୍ବାର ସେହି କାର୍ଯ୍ୟାଳୟରେ ଉପ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ଶଶାଙ୍କ ଶେଖର ଦାଶଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଓଟିଡିସିର ମହାପ୍ରବନ୍ଧକ, ମମତାରାଣୀ ନାୟକଙ୍କୁ ନଗର ଉନ୍ନୟନ ବିଭାଗ ଯୁଗ୍ମସଚିବ, ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ରାଜ୍ୟ ଔଷଧ ନିଗମର ମହାପ୍ରବନ୍ଧକ ଏବଂ ଅଶୋକ କୁମାର ଦାସଙ୍କୁ ଭୁବନେଶ୍ୱର ମହାନଗର ନିଗମର ଉପ ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି। ଏହାବାଦ୍ ସରକାରଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ବିଭାଗ ଅତିରିକ୍ତ ସଚିବଙ୍କଠାରେ ନ୍ୟସ୍ତ ଥିବା ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଅତିରିକ୍ତ ଦାୟିତ୍ୱକୁ ଅପସାରଣ କରାଯାଇଛି।

# ଆର୍ଥିକ ଅନିୟମିତତା: ସୋନପୁର ଏଆର୍‌ସିଏସ୍ ନିଲମ୍ବିତ

ଭୁବନେଶ୍ୱର,୨୫ା୯(ରବିନାରାୟଣ ଜେନା)

ଦୁର୍ନୀତି ବିରୋଧରେ ସମବାୟ ବିଭାଗ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛି। ଆର୍ଥିକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗରେ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ସୋନପୁର ମଣ୍ଡଳ (ଏଆର୍‌ସିଏସ୍) ପାଣ୍ଡୁ ଚରଣ ସାହୁଙ୍କୁ ସରକାରଙ୍କ ପକ୍ଷରୁ ଗୁରୁବାର ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ସମୟରେ ବରଗଡ଼ ଉପ-ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟରେ ତାଙ୍କର ମୁଖ୍ୟାଳୟ (ହେଡ୍‌କ୍ୱାର୍ଟରେ) ହେବ ବୋଲି ସମବାୟ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।





LOVED IN 100 COUNTRIES
BAJAJ
THE WORLD'S FAVOURITE INDIAN
ଦୁନିଆ ଦେଖୁଛି ତୁ ଦେଖା !
HAT-TRICK SAVINGS
SAVE ₹17 500/-
100% GST BENEFIT + NO PROCESSING FEE + INSURANCE SAVINGS
ଦେଢ ଗୁଣା GST ଲାଭ ସବୁ ପଲ୍‌ସର୍ ରେ
MODEL | 125 CF | NS 125 | 150 | N160 | NS 160 | NS 200
100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-*
PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-*
ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-*
Flipkart ଓ amazon.in ରେ ମିଳୁଛି
pulsar
DEFINITELY DARING
ଆପଣଙ୍କ ପାଖ ଡୀଲର୍ ଙ୍କ ଠିକଣା ଜାଣନ୍ତୁ
72198 21111
BAJAJ SECURE
SHRIRAM Finance
IDFC FIRST Bank
BAJAJ AUTO CREDIT
L&T Finance
TATA CAPITAL Two Wheeler Loans
*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।


MARUTI SUZUKI
NEXA
CELEBRATIONS JUST GOT BIGGER.
WITH GST BENEFITS + LIMITED PERIOD FESTIVE OFFERS*
| PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO*
FRONX | ₹1 12 600 | ₹6 84 900 | ₹75 000
GRAND VITARA | ₹1 07 000 | ₹10 76 500 | ₹1 60 000 + 5 Year Extended Warranty
BALENO | ₹86 100 | ₹5 98 900 | ₹92 500
IGNIS | ₹71 300 | ₹5 35 100 | ₹85 000
INVICTO | ₹61 700 | ₹24 97 400 | ₹1 55 000
XL6 | ₹52 000 | ₹11 52 300 | ₹55 000
JIMNY | ₹51 900 | ₹12 31 500 | ₹1 10 000
SCAN TO CONNECT TO A SHOWROOM NEAR YOU
NEXA SAFETY SHIELD
*FESTIVE OFFERS VALID TILL 30TH SEP ONLY
UP TO 100% WAIVER ON CAR LOAN PROCESSING FEE (ONLY TILL 30TH SEP)##
E-BOOK TODAY @ WWW.NEXAEXPERIENCE.COM
Contact us at 1800-200-6392 1800-102-6392
For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 30th September '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳନ, ସ୍ଥାନ: ରେଡ଼କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୋ' ବୋଉ, ମୋ' ଗାଁ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସର୍ବସେବା ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ପିତାମ୍ବର ନିଳମଣୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ପୁସ୍ତକ 'ସଂଗ୍ରାମୀ ପୀତାମ୍ବର' ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଶାରଳା ସ୍ମାରକ ପକ୍ଷରୁ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ନାଟ୍ୟୋତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ଆର.ପି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଧାରପୁର, ତିଗିରିଆ ସମୟ: ସକାଳ ୯ଟା।
- ରାଜ୍ୟରେ ୭୪ ମଦ ଦୋକାନ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ଅନ୍ତିମ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟୀ ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟାଳୟ ନୂତନ କୋଠା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ ସମୟ: ପୂର୍ବାହ୍ନ ୧୧ଟା।
- ପରିଚ୍ଛଳ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପରିଚ୍ଛଳ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

**ପୁରୀ**
- ପୁରୀ ଅଟୋ ଓ ଟୋଟୋ ଚାଳକ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଶରଧାବାଲି ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣକାଳୀ ବସତି ସ୍ୱୟଂସେବକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମତୋ ଯୁକ୍ତ ୨ କଲେଜ ପରିସର, ଚାନ୍ଦବାଲି ସମୟ: ପୂର୍ବାହ୍ନ ୧୦ଟା।
- ବୁଢ଼ା ଗଣେଶ ଭସାଣି ଉତ୍ସବ, ସ୍ଥାନ: ପୁରୁଣା ବଜାର, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ବନ୍ୟପ୍ରାଣୀ ସୁରକ୍ଷା ପ୍ରପୀଡ଼ିତ ପରିଷଦ ବୈଠକ, ସ୍ଥାନ : ରୋଟାରୀ କ୍ଲବ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କ ସାଧାରଣ ବୈଠକ, ସ୍ଥାନ: ବଡ଼ମସିଣାବିଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ, ସମୟ: ସକାଳ ୮ଟା।
- ବିଇଏମସି ସ୍ୱତନ୍ତ୍ର କର୍ପୋରେଶନ ବୈଠକ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ଭଉଁା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଆସିକା ବ୍ଲକ୍ ସଭାଗୃହ, ସମୟ: ପୂର୍ବହ୍ନ ୧୧ଟା।

**କନ୍ଧମାଳ**
- ରାହାଗିରି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫୁଲବାଣୀ, ସମୟ: ସକାଳ ୭ଟା ୩୦।
- ଆସ ସ୍କୁଲ ଯିବା ପଦଯାତ୍ରା, ସ୍ଥାନ: ଏଜେଓ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ, ସମୟ: ସକାଳ ୯ଟା।

**ଗଜପତି**
- ଆସ ସ୍କୁଲ ଯିବା ପଦଯାତ୍ରା, ସ୍ଥାନ: ମହେନ୍ଦ୍ରଗିରି ମ୍ୟୁନିସିପାଲଟି ହାଇସ୍କୁଲ ପାରଳାଖେମୁଣ୍ଡି, ସମୟ: ସକାଳ ୮ ଟା।

**ଅନୁଗୋଳ**
- ଆଣ୍ଠୁଗଣ୍ଠି ବାତ, ଅଣ୍ଟାପୀଡ଼ା, ମେରୁଦଣ୍ଡ ଜନିତ ପୀଡ଼ା ପରୀକ୍ଷା, ସ୍ଥାନ: ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ଦୁର୍ଗାପୂଜା ପାଇଁ କୋଅର୍ଡିନେଶନ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡିଆ, ପାରାଦୀପ, ସମୟ: ସକାଳ ୭ ଟା।

**କେନ୍ଦ୍ରାପଡ଼ା**
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁନାଇଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।

**ଯାଜପୁର**
- ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ଓ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ରସୁଲପୁର ବ୍ଲକ୍ ଅଧୀନ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ-ମୁଗୁପାଳ, ସମୟ: ସକାଳ ୯ଟା।
- ଯାଜପୁର ଜିଲା କେମେଷ୍ଟ୍ରିଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ଷ୍ଟାଡ଼ିୟମ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା୩୦।
- ଓଡ଼ିଶା ନାଟ୍ୟ ସଂଘ ଦିବସ ଉତ୍ସବ ଅବସରରେ ସାମ୍ପ୍ରତିକ ସମାଜରେ ନାଟକର ଭୂମିକାଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବ୍ୟାସନଗର କ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ମା' ବିରଜାଙ୍କ ଶାରଦୀୟ ଦୁର୍ଗୋତ୍ସବ ଅବସରରେ ମହାସ୍ନାନ ଓ ସୁନାବେଶ, ସ୍ଥାନ: ଯାଜପୁର ମା' ବିରଜା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୨୦ମିନିଟ୍।

**ନୟାଗଡ଼**
- ଷୋଡଶ ଦିବସୀୟ ପୂଜାର ତ୍ରୟୋଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ, ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ତ୍ରୟୋଦଶ ଦିବସ, ସ୍ଥାନ: ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୂଆଗାଁ ବ୍ଲକ ମହିପୁର ସମେତ ନୟାଗଡ ବ୍ଲକର ଚଣ୍ଡିବସ୍ତ ଓ ନୟାଗଡ ସହର, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ହାଇସ୍କୁଲ, ସମୟ: ସକାଳ ୮ଟା୩୦।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ଦଶମ ଦିବସ, ସ୍ଥାନ:ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ; ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୯ଟା।
- କେମିଷ୍ଟ୍ରିଆଣ୍ଡ ଡ୍ରଗିଷ୍ଟ ବୈଠକ, ସ୍ଥାନ:ନୟାଗଡ, ସମୟ: ମଧ୍ୟାହ୍ନ ୧୨ଟା।
- ଷୋଡଶ ଦିବସୀୟ ପୂଜାର ତ୍ରୟୋଦଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିମଳାଙ୍କ ଷୋଡଶ ପୂଜାର ତ୍ରୟୋଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

**ନବରଙ୍ଗପୁର**
- ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍, ସ୍ଥାନ: ନବରଙ୍ଗପୁର ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନବରାତ୍ରି ଉପଲକ୍ଷେ ପଞ୍ଚମ ଦିନରେ ସ୍କନ୍ଦ ମାତାଙ୍କ ପୂଜା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ରାଉରକେଲା**
- ଛାତ୍ର ସମାବେଶ, ସ୍ଥାନ: ରାଉରକେଲା ଏନ୍‌ଆଇଟି କମ୍ପ୍ୟୁଟର ବିଭାଗ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ଓ ସରଳୀକରଣ କର୍ମଶାଳା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା,ସ୍ଥାନ:ତହସିଲ କାର୍ଯ୍ୟାଳୟ, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା ୩୦
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ଦୁର୍ଗାପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ଭବାନୀପାଟଣା ପ୍ରଦେଶୀପଡା, ସମୟ: ଅପରାହ୍ନ ୪ଟା।
- ଜଳ ଓ ପରିମଳ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ୭୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ସ୍କନ୍ଦମାତା ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମା' ଓ ଶିଶୁ ବିଭାଗ ଚିକିତ୍ସା କେନ୍ଦ୍ର ସଭାଗୃହ, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ୧୧ ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ହାତିଳିମୁଣ୍ଡା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗା ପୂଜାରେ ମାତା କୁଷ୍ମାଣ୍ଡା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ପଞ୍ଚମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।

# ୨୦ ଜିଲାରେ ୭୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ

ଭୁବନେଶ୍ୱର,୨୫।୯(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶକ୍ରମେ ଓଡ଼ିଶାରେ ୭୫ଜଣ ବରପୁତ୍ରଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୪ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଆସନ୍ତା ବର୍ଷ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବିଭାଗର ସୂଚନାନୁସାରେ, ପୁରୀ ଜିଲାରେ ଭକ୍ତ ମନେଇ ସାହୁ, ଅଟଳ ବିହାରୀ ବାଜପେୟୀ, ଖୋର୍ଦ୍ଧା ଜିଲାରେ ସ୍ୱର୍ଗତ ବିଶ୍ୱନାଥ ଦାସ, କବିସଚ୍ଚିଦାନନ୍ଦ ରାଉତରାୟ, କବି କୁନ୍ତଳା କୁମାରୀ ସାବତ, ବୀର ସୁରେନ୍ଦ୍ର ସାଏ, ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ, ବୀର ସିଡୋ ମୁର୍ମୁ ଓ କାହ୍ନୁ ମୁର୍ମୁ, ରବି ରାୟ, ବିନାୟକ ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ରାଧାନାଥ ରଥ, ଲାଲ ବାହାଦୁର ଶାସ୍ତ୍ରୀ, ହେମାନନ୍ଦ ବିଶ୍ୱାଳ, ପିଣ୍ଡିକି ବାହୁବଳେନ୍ଦ୍ର, ଧରଣୀଧର ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ କଟକ ଜିଲାରେ ଭୈରବ ମହାନ୍ତି, ସରଳା ଦେବୀ, ରାଣୀ ଶୁକଦେଇ, କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବ। ସେହିପରି ବାଲେଶ୍ୱର ଜିଲାରେ କବିବର ରାଧାନାଥ ରାୟ, ମୁକୁନ୍ଦ ପ୍ରସାଦ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ରାଧାନାଥ ରାୟ, ଖୁଦିରାମ ବୋଷ, ଜଗତ୍‌ସିଂହପୁର ଜିଲାରେ ଜାତୀୟ କବି ବୀର କିଶୋର ଦାସ, ସାରଳା ଦାସ, ଅଟଳ ବିହାରୀ ବାଜପେୟୀ, ମହେଶ ଚନ୍ଦ୍ର ସୁବାହୁସିଂହ, ନୟାଗଡ଼ ଜିଲାରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, ପଠାଣି ସାମନ୍ତ, ବରଗଡ଼ ଜିଲାରେ କୁଞ୍ଜ ବିହାରୀ ଦାସ, ଗଙ୍ଗାଧର ମେହେର, ମନୋହର ସିଂହ, ଅନୁଗୋଳ ଜିଲାରେ ବି.ଆର୍. ଆମ୍ବେଡକର, ନବକୃଷ୍ଣ ଚୌଧୁରୀ, ଢେଙ୍କାନାଳ ଜିଲାରେ ସାରଙ୍ଗଧର ଦାସ, ବାଜି ରାଉତ, ଭଦ୍ରକ ଜିଲାରେ ବିପ୍ଳବୀ ଚକ୍ରଧର ବେହେରା, ଶହୀଦ ନିରଞ୍ଜନ ବେହେରା, ସ୍ୱାମୀ ବିବେକାନନ୍ଦ, ଭଦ୍ରକ ଜିଲା ଧୂଷୁରୀରେ ଅଟଳ ବିହାରୀ ବାଜପେୟୀ, ବାଞ୍ଛାନିଧି ମହାନ୍ତି, ମୁରଲୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, ଚାନ୍ଦବାଲିରେ ଅଟଳ ବିହାରୀ ବାଜପେୟୀ, ବଲାଙ୍ଗୀର ଜିଲାରେ ଡ. ହରେକୃଷ୍ଣ ମହତାବ, ଗଙ୍ଗାଧର ମେହେର, ଗଞ୍ଜାମ ଜିଲାରେ ଦିବାକର ପଟ୍ଟନାୟକ, ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ, ଜୟମଙ୍ଗଳ ରଥ, ସନ୍ଥ ଅରକ୍ଷିତ ଦାସ, ପଦ୍ମଶ୍ରୀ ଭଗବାନ୍ ସାହୁ, ହରିହର ମର୍ଦ୍ଦରାଜ, ଚକରା ବିଷୋୟୀ, ଶହୀଦ ଭଗତ୍ ସିଂ, ଶଶିଭୂଷଣ ରଥ, ସମ୍ବଲପୁର ଜିଲାରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ଛବିଳ ସାଏ, ଚନ୍ଦ୍ରଶେଖର ଆଜାଦ, କେନ୍ଦ୍ରାପଡ଼ା ଜିଲାରେ ମଧୁସୂଦନ ଦାସ, ମୟୂରଭଞ୍ଜ ଜିଲାରେ ପଣ୍ଡିତ ରଘୁନାଥ ମୁର୍ମୁ, ଦୀନଦୟାଲ ଉପାଧ୍ୟାୟ, ଅଟଳ ବିହାରୀ ବାଜପେୟୀ, କୋରାପୁଟ ଜିଲାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, କଳାହାଣ୍ଡି ଜିଲାରେ ରେଣ୍ଡୋ ମାଝୀ, କେନ୍ଦୁଝର ଜିଲାରେ ରମାଦେବୀ, ସୋନପୁର ଜିଲାରେ ଭୀମ ଭୋଇ ଓ ରାୟଗଡ଼ା ଜିଲାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଏଥିପାଇଁ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ୭୫ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ଲାଗି ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଏହିସମସ୍ତ କାର୍ଯ୍ୟ ଆସନ୍ତାବର୍ଷ ଶେଷ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଷଣ୍ଢ ମହାଦେବଙ୍କର**
**ଗାଈ ସହଦେବଙ୍କର**
**ବଳଦ ବାପୁଡ଼ା କାହାରି ନୁହେଁ।**

ଷଣ୍ଢ ମହଦେବଙ୍କର ବାହନ ଓ ଗାଈ ସହଦେବଙ୍କର ପ୍ରିୟ। ସେହି ଦୃଷ୍ଟିରୁ ଏମାନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଆଦର କରାଯାଇଥାଏ। ପରନ୍ତୁ ବଳଦକୁ ଏଭଳି ମର୍ଯ୍ୟାଦା ମିଳି ନ ଥାଏ। ଯେତେ ଖଟିଲେ, ଉପକାର କଲେ ମଧ କାଣିଚାଏ ଆଦର ମିଳିବା ଦୁଷ୍ପ୍ରାପ୍ୟ ହୋଇଥାଏ। ସେହିପରି ସମାଜରେ କେତେଜଣ ଲୋକ ଥାନ୍ତି, ଯେଉଁମାନେ ସବୁବେଳେ ଅବହେଳିତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଷଣ୍ଢ ଖାଏ ଧାନ**
**ତନ୍ତୀ ଘର କୋରଖ।**

ସାଧାରଣତଃ ଆମ ସମାଜରେ ନିରୀହ, ଦୁର୍ବଳ ତଥା ସାଧାରଣ ମଣିଷ ବିନା ଦୋଷରେ ଦଣ୍ଡିତ ହେଉଥିବାର ଦେଖିବାକୁ ମିଳୁଥିବାବେଳେ ଧୂର୍ତ୍ତ ବା ଚାଲାକ ପ୍ରକୃତିର ଲୋକ ଦୁର୍ନୀତି କରି ଖସିଯାଉଥିବା ଦେଖିବାକୁ ମିଳିଥାଏ। ଏଭଳି ଧୂର୍ତ୍ତ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

### ରଙ୍ଗ୍‌ରୁଟ୍‌ରେ ଟ୍ରକ୍-ବସ୍...

ଲୋକମାନେ ହେଲେ ସାନ ରକ୍ସିର ପୁଷ୍ପା ଗୋପୀ (୫୬), ବସ୍ କଣ୍ଡକ୍ଟର ଲାଠିକଟା ଅଞ୍ଚଳର ଶବର ବଳ (୫୨), ରକ୍ସିର ମେରୀ ନାଗ(୫୦), ସତ୍ୟଭାମା ଠାକୁର(୫୫), ମଞ୍ଜାବେଢ଼ାର କରମପାଲ ସିଂ(୪୫)। ଅନ୍ୟ ଜଣେ ରାଉରକେଲା ଜେନେରାଲ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ସେହେଲେ କେ.ବଲାଙ୍ଗ ଥାନା ବାକରପଡ଼ାର ସୁରୁ ମୁଣ୍ଡା(୪୫)। ବସ୍-ଟ୍ରକ୍ ଦୁର୍ଘଟଣାରେ ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, 'ଲିଙ୍ଗରାଜ' ନାମକ ଏକ ଘରୋଇ ବସ୍(ନଂ.ଓଡି ୨୩ସି ୮୭୬୭) ରାଉରକେଲାରୁ କୋଇଡ଼ା ଅଭିମୁଖେ ଯାଉଥିଲା। ଏଥିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ରକ୍ସି ନିକଟରେ ରାସ୍ତାକାମ ଯୋଗୁ ରାସ୍ତା ଭିଡ଼ ଥିବାରୁ ଲିଙ୍ଗରାଜ ବସ୍‌ର ଡ୍ରାଇଭର ଗାଡ଼ିକୁ ରଙ୍ଗ ରୁଟ୍‌ରେ ନେଇ ଯାଉଥିଲେ। କିଛି ବାଟ ଗଲା ପରେ ବସ୍‌ଟି ବିପରୀତ ଦିଗରୁ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ୍(ନଂ. ସିଜି ୨୨ଏଏଫ୍ ୯୨୭୩) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବସ୍ ସମ୍ମୁଖ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବସ୍‌ଟି ଚାପି ହୋଇଯାଇଥିବାରୁ ଯାତ୍ରୀମାନେ ବାହାରକୁ ବାହାରି ନ ପାରି ଚିତ୍କାର କରିଥିଲେ। ଖବରପାଇ କେବଲାଙ୍ଗ ପୋଲିସ, ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନେ ବସ୍‌ର ଝରକା, ପଛକାଚ ଭାଙ୍ଗି ଲୋକଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ଏପରି କି ମୃତକଙ୍କ ମଧ୍ୟରେ ଜଣଙ୍କ ମୁଣ୍ଡ ଶରୀରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ୧୪ଜଣ ଗୁରୁତରଙ୍କୁ ରାଉରକେଲା ପଠାଯାଇଥିବାବେଳେ ସେଠାରେ ଜଣଙ୍କ ମୃତ୍ୟୁ ଘଟିଥିଲା। ୫ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ୧୫ ବର୍ଷ ଧରି ଏଠାରେ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ନିର୍ମାଣ ଯୋଗୁ ଅନେକ ସମୟରେ ରାସ୍ତା ଜାମ୍ ସ୍ଥିତି ସୃଷ୍ଟି ହେଉଥିବାରୁ ବସ୍ ଡ୍ରାଇଭରମାନେ ରଙ୍ଗ୍ ରୁଟ୍‌ରେ ବସ୍ ନେଉଛନ୍ତି, ଯାହାଫଳରେ ଏତେବଡ଼ ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ତିନି ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

### ଗଛରେ ପିଟିହେଲା...

ପଠାଯାଇଛି। ଭୋର ସମୟରେ ଟିପ୍ପରଟି ଗୁଣପୁରରେ ବାଲି ଅନ୍‌ଲୋଡ୍ କରି ଫେରିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଗୁଣପୁର ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଗୁଣପୁର ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି।

### ୨ ବାଇକ୍ ମୁହାଁମୁହିଁ...

ବାଇକ୍‌ରେ ୨ଜଣ ଯାଉଥିଲେ। ବିଳମ୍ବିତ ରାତି ହୋଇଥିବାରୁ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ନାରାୟଣପାଟଣା ପୋଲିସ ୨ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲା। ୪ ଗୁରୁତରଙ୍କୁ ପ୍ରଥମେ ନାରାୟଣପାଟଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ନଂ. ୭୪/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ୨ ବାଇକ୍ ଜବତକରି ତଦନ୍ତ କରୁଛି। ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି।

### ନିଖୋଜ ଶିଶୁଙ୍କ...

ଭାବେ ପ୍ରସ୍ତୁତ ହେଉନାହିଁ। ଗତ ୫ବର୍ଷ ମଧ୍ୟରେ ଅନେକ ହଜାର ଶିଶୁଙ୍କ ନିଖୋଜ ଏତଲାକୁ ପୋଲିସ ପଞ୍ଜୀକରଣ କରିନାହିଁ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ ମହାଲେଖାକାର ସୁବୁ ଆର୍ ଓ ଅତୁଲ ପ୍ରକାଶ ଖବରଦାତା ସମ୍ମିଳନୀରେ କହିଛନ୍ତି।

ମହାଲେଖାକାର ସୁବୁ ଆର୍ କହିଛନ୍ତି, ନିଖୋଜ ଶିଶୁଙ୍କ କ୍ଷେତ୍ରରେ ସୁପ୍ରିମକୋର୍ଟ ୨୦୧୩ରେ ଏକ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ଏତଲା ପଞ୍ଜୀକରଣ ବାଧ୍ୟତାମୂଳକ। ଅପରାଧ ଓ ଆପରାଧିକ ନିୟନ୍ତ୍ରଣ ଟ୍ରାକିଂ ନେଟ୍‌ୱର୍କ ସିଷ୍ଟମ(ସିସିଟିଏନ୍‌ଏସ୍)ରେ ଜିଡି ଏଣ୍ଟ୍ରି ହେବା ପରେ ନିଖୋଜ ବ୍ୟକ୍ତିଙ୍କ ନାମ, ବୟସ, ଉଚ୍ଚତା, ତାଙ୍କ ଫଟୋ ଓ ଠିକଣା ଇତ୍ୟାଦି ସିଷ୍ଟମରେ ରହିବା ବାଧ୍ୟତାମୂଳକ। ହେଲେ ସିସିଟିଏନ୍‌ଏସ୍ ଡାଟାବେସ୍ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଜାନୁଆରୀ ୨୦୧୮ରୁ ଡିସେମ୍ବର ୨୦୨୨ ମଧ୍ୟରେ ୭୭,୨୬୮ ନିଖୋଜ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଛି। କିନ୍ତୁ ବାସ୍ତବକ୍ଷେତ୍ରରେ ୨୬ଟି ପୋଲିସ ଷ୍ଟେଶନରେ ଏହାର ଯାଞ୍ଚ କରାଯିବାରେ ଦେଖାଦେଇଥିଲା ଯେ, ୪ହଜାର ୬୨ଟି ଅଭିଯୋଗରୁ ୩ହଜାର ୫୭୪ଟି ପଞ୍ଜୀକୃତ ହୋଇଥିବାବେଳେ ଅନ୍ୟସବୁ ଅଭିଯୋଗ ସମ୍ପର୍କରେ ଉଲ୍ଲେଖ ନାହିଁ। ୪୮୮ଜଣ ନିଖୋଜଙ୍କ ସମ୍ପର୍କରେ କୌଣସି ଉଲ୍ଲେଖ ନ ଥିଲା। ଏହାବାଦ୍ ୭୮୮ଜଣ ନିଖୋଜ ବ୍ୟକ୍ତିଙ୍କୁ ଖୋଜା ଯାଇଥିଲେ ହେଁ କୌଣସି ରେକର୍ଡ ପ୍ରସ୍ତୁତ ହୋଇ ନ ଥିଲା।

ସେହିପରି ଜାନୁଆରୀ ୨୦୧୮ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୧୩ହଜାର ୭୯୨ ନାବାଳିକା, ନାବାଳକ ନିଖୋଜ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୫,୫୬୬ ନିଖୋଜ ଅଭିଯୋଗରେ ଏକ ଲିଙ୍କ ହୋଇଥିବା ଏତଲା ନ ଥିଲା, ଯେତେବେଳେ ୩୫ ଅଭିଯୋଗରେ ଲିଙ୍କ୍ ହୋଇଥିବା ଏତଲା ନମ୍ବର 'ଶୂନ୍' ଭାବରେ ରେକର୍ଡ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରି ଏହି ନିଖୋଜ ଶିଶୁ ଅଭିଯୋଗ ବିରୁଦ୍ଧରେ ଏତଲା ପଞ୍ଜୀକରଣ ନ ହେବା ସୂଚାଇ ଥିଲା। ୬୮ଟି ପୋଲିସ୍ ଷ୍ଟେଶନର ପରୀକ୍ଷା ଯାଞ୍ଚ ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ, ଗୋଟିଏ ଥାନାରେ ୩୧ଟି ମାମଲା ମଧ୍ୟରୁ ୬ଟି ମାମଲାରେ ନିଖୋଜ ଶିଶୁଙ୍କ ମାମଲା ପାଇଁ ଏତଲା ପଞ୍ଜୀକରଣ କରିନାହାନ୍ତି।

ସିସିଟିଏନ୍‌ଏସ୍‌ରେ ନିଖୋଜ ବ୍ୟକ୍ତି ଏବଂ ପିଲାମାନଙ୍କର ପଞ୍ଜୀକରଣ ନ ହେବା ଏବଂ ବିଳମ୍ବରେ ପଞ୍ଜୀକରଣ ହେବା ଯୋଗୁ ବ୍ୟକ୍ତି/ ଶିଶୁଙ୍କୁ ଖୋଜିବାରେ ସମ୍ଭାବନା ହ୍ରାସ ପାଇଥିଲା। ଏହାବ୍ୟତୀତ ଏହି ନିଖୋଜ ଶିଶୁଙ୍କ ମାମଲାଗୁଡ଼ିକର ତଦନ୍ତର ପ୍ରଭାବଶାଳୀ ଭାବରେ ତଦାରଖ କରାଯାଇପାରି ନାହିଁ। ରାଜ୍ୟ ଏବଂ ଜାତୀୟସ୍ତରରେ ନିଖୋଜ ଶିଶୁଙ୍କର ଏକ ସାଧାରଣ ଡାଟାବେସ୍ ରଖିବାରେ ପୋଲିସ ଅଧିକାରୀମାନେ ଲକ୍ଷ୍ୟ ହାସଲ କରିପାରି ନାହାନ୍ତି ବୋଲି ମହାଲେଖାକାରଙ୍କ ପକ୍ଷରୁ କୁହାଯାଇଛି।

### ଆଜି ଅବପାତର ରୂପ...

ତେବେ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କି.ମି. ରହିବା ସହ ଝଟକା ପବନ ୬୦ କି.ମି. ବେଗରେ ବହିବ ବୋଲି ସୂଚନା ଦିଆଯାଇଛି। ସେହିପରି ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କନ୍ଧମାଳ, ବାଲେଶ୍ୱର, ନୟାଗଡ଼ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରମଙ୍ଗଳ ଯୋଗରୁ ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାରେ ସମର୍ଥ ହେବେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ** ଗୁରୁଦୃଷ୍ଟ ମଙ୍ଗଳ ପ୍ରଭାବରୁ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରସା କରି ନୂତନ ଯୋଜନା କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ କରିବାକୁ ପଡିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଶିଳ୍ପ,ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ ଏବଂ ବୈବାହିକ ସମ୍ପର୍କିତ ଆଲୋଚନା କରିପାରନ୍ତି। ପୁରୁଣା କଳହକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ଜମିଜମା ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

**କର୍କଟ** କେନ୍ଦ୍ରସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହୋଇପାରେ। କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ।

**ସିଂହ** ଧନାଧିପଙ୍କ ଶୁଭଦୃଷ୍ଟିରୁ ଆର୍ଥିକ ଉନ୍ନତିଜନିତ ନୂଆ କାମ ଓ ଯୋଜନା ସକାଶେ ମନ ବଳାଇବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ୍ଚ ଘଟିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ନିଜ ରାଶିରେ ବୁଧଙ୍କ ସ୍ଥିତି ଶାରୀରିକ ସୁସ୍ଥତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପ୍ରଦାନ କରିବ। କର୍ମକ୍ଷେତ୍ରରେ ତରବର ନ ହୋଇ କାମ କଲେ ସମସ୍ୟାର ସମାଧାନ ହୋଇପାରିବ। ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟା ଆସିପାରେ।

**ତୁଳା** ଏକାଦଶସ୍ଥ ରାଶ୍ୟାଧିପତି ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଅଟକିଥିବା କାମଟିକୁ ସମ୍ପନ୍ନ କରିପାରିବେ। ଜିନିଷ କ୍ରୟ ସକାଶେ ମୋଟା ଅର୍ଥର ଆବଶ୍ୟକତା ପଡିପାରେ। କର୍ମକ୍ଷେତ୍ରରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଜମିଜମା, ଆରକ୍ଷୀ ମାମଲା ଓ ଭ୍ରାତୃ ବିବାଦର ସରଳ ସମାଧାନ ହୋଇଯିବ।

**ବିଛା** ଆଜିର ଚନ୍ଦ୍ର ଯାତ୍ରା ଓ କର୍ମାରମ୍ଭ ପାଇଁ ପ୍ରତିଦାୟକ ରହିବ। ସ୍ୱାସ୍ଥ୍ୟୋନ୍ନତି କାରଣରୁ ମନ ହାଲୁକା ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଛୋଟ ଘଟଣାକୁ ଗୁରୁତ୍ୱ ଦେଲେ ସମସ୍ୟା ଆସିପାରେ। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ଧନୁ** ଦେବଗୁରୁଙ୍କ କୃପାରୁ ଆର୍ଥିକ, ସାମାଜିକ, ସାଙ୍ଗଠନିକ ତଥା ରାଜନୈତିକ କ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳ ଯୋଗରୁ ପାରିବାରିକ ସ୍ଥିତି ଭଲ ରହିବା ସହ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପଡୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ। ରାଗିଯାଇ ଯାହା ତାହା କହିବାରୁ ସମସ୍ୟା ଆସିପାରେ।

**କୁମ୍ଭ** ମଙ୍ଗଳଙ୍କ ଶୁଭଦୃଷ୍ଟିରୁ ନିଜର ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ କୌଣସି ଅସୁବିଧା ହେବ ନାହିଁ। ବନ୍ଧୁମେଳରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବ। ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବାର ସୂଚନା ରହିଛି।

**ମୀନ** ଚନ୍ଦ୍ରଙ୍କ କୋଣଭାବସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦେବାର ପରିବେଶ ସୃଷ୍ଟି କରିପାରନ୍ତି। କିନ୍ତୁ ପରିବାରରେ ଆନ୍ତରିକତାର ଅଭାବଜନିତ କେତେକ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ବହୁତ ଦିନରୁ ଲାଗି ରହିଥିବା ରୋଗ ସମସ୍ୟା ଆଣିପାରେ। କୃତି ଓ କୃତିତ୍ୱଜନିତ ସନ୍ତାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ।

ଆଜି ସେପ୍ଟେମ୍ବର ୨୬ ତାରିଖ, ଆଶ୍ୱିନ ଶୁକ୍ଳପକ୍ଷର ନତଃପଞ୍ଚମୀ ଶୁକ୍ରବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୭।୧୫ ଗତେ, ଘ.୦୮।୩୮ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୦।୦୮ ଗତେ, ଘ.୧୧।୩୭ ମଧ୍ୟେ ରାହୁ କାଳ।




# ମାଛ ତରକାରି ଖାଇ ଶିଶୁ ମୃତ

## ଯାଆଁଳା ଭାଇ ଗୁରୁତର

ବାସୁଦେବପୁର,୨୫।୯ (ନାରାୟଣ ପ୍ରସାଦ ବାରିକ)

ମାଛ ତରକାରି ଖାଇବା ହେଲା କାଳ। ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଯାଆଁଳା ଭାଇ ଗୁରୁତର ହୋଇଛନ୍ତି। ଗୁରୁବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଣୁଆ ପଞ୍ଚାୟତର ନଟାପଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁ ହେଲେ ନଟାପଡ଼ା ଗ୍ରାମର ସୁରେନ୍ଦ୍ର ବନ୍ଧଙ୍କ ୩ ବର୍ଷର ପୁଅ ସୁଜିତ। ତାଙ୍କ ଯାଆଁଳା ଭାଇ ଅଜିତ ଏବେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୁଜିତ ଓ ଅଜିତଙ୍କ ମା' କନକଲତାଙ୍କ କହିବା ଅନୁସାରେ ବୁଧବାର ଗାଁକୁ ଜଣେ ମାଛ ବିକାଳି ଆସିଥିଲେ। ସେ ତାଙ୍କଠାରୁ ମାଛ କିଣି ତରକାରି କରିଥିଲେ। ସେହି ତରକାରିକୁ ତାଙ୍କର ଦୁଇ ଶିଶୁପୁତ୍ର ମଧ୍ୟ ଖାଇଥିଲେ। ତରକାରି ଖାଇବା ପରେ ସନ୍ଧ୍ୟାଠାରୁ ଦୁଇପୁଅଙ୍କର ବାନ୍ତିହୋଇଥିଲା। ଚିକିତ୍ସା ପାଇଁ ଗୁରୁବାର ପୂର୍ବାହ୍ନରେ ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୁଜିତଙ୍କୁ ମୃତ ଘୋଷଣା କରିଥିଲେ। ଖାଦ୍ୟରେ ବିଷକ୍ରିୟା ଯୋଗୁ ଏଭଳି ଘଟିଥିବା ଡାକ୍ତର କହିଥିବା କନକଲତା ପ୍ରକାଶ କରିଛନ୍ତି।

# ବାଲିଯାତ୍ରା ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଆଜିଠୁ

କଟକ,୨୫।୯ (କାର୍ତ୍ତିକ ସାହୁ)

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆବଣ୍ଟିତ ହେବାକୁ ଥିବା ପ୍ଲଟ ନିଲାମ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିୟମ ଓ ସର୍ତ୍ତାବଳୀ ଲାଗୁ କରାଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ବାଲିଯାତ୍ରା ପ୍ଲଟ ଆବଣ୍ଟନ କମିଟି ଅଧ୍ୟକ୍ଷ ଡ. ଦିବ୍ୟଲୋଚନ ମହାନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ପ୍ରେସ୍ ବିବୃତିରେ ଏହି ସମ୍ବନ୍ଧୀୟ ସମସ୍ତ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ପ୍ଲଟ ଆବଣ୍ଟନ ନିମନ୍ତେ ପଞ୍ଜୀକରଣ କାର୍ଯ୍ୟ ୨୬ ତାରିଖ (ଶୁକ୍ରବାର)ରୁ ଆରମ୍ଭ ହୋଇ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ହାଇବ୍ରିଡ ମୋଡ୍ (ଉଭୟ ଅନ୍‌ଲାଇନ ଓ ଅଫଲାଇନ୍) ଜରିଆରେ ଆବେଦନ କରାଯିବାକୁ ସ୍ଥିର ହୋଇଛି। ଆବେଦନକାରୀ ପଞ୍ଜୀକରଣ ନିମନ୍ତେ ଆବେଦନପତ୍ର ସହିତ ବାରବାଟୀ ଷ୍ଟାଡିୟମ ସନ୍ନିକଟ ବାରବାଟୀ ପ୍ୟାଲେସଠାରେ ସରକାରୀ ଛୁଟିଦିନ ବ୍ୟତୀତ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଦୈନିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ମଧ୍ୟରେ ଦାଖଲ କରିପାରିବେ ଓ ପଞ୍ଜୀକରଣ ପତ୍ର ଗ୍ରହଣ କରିପାରିବେ। ଚଳିତବର୍ଷ ନିଲାମ ପ୍ରକ୍ରିୟା ସର୍ବନିମ୍ନ ୪୦ ଟଙ୍କା, ୫୦ ଟଙ୍କା ଓ ୬୦ ଟଙ୍କା ରଖାଯାଇ ଅକ୍ଟୋବର ୧୩ରୁ ଆରମ୍ଭ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଡ. ମହାନ୍ତ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ୮୦ ବର୍ଗଫୁଟ ପର୍ଯ୍ୟନ୍ତ ଜାଗା ୧୫୦୦ ଟଙ୍କା ହିସାବରେ ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଥିବା ସେ କହିଛନ୍ତି। କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଡେପୁଟି କଲେକ୍ଟର ପ୍ରଜ୍ଞା ପାରମିତା ଥାଟୋଇ ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଅନ୍‌ଲାଇନ, ଅଫ୍‌ଲାଇନ୍‌ରେ ଆବେଦନ**

# ୩ ଦିନରେ ୩୪୯୪ ଇ-ଚାଲାଣ

**୫୪,୮୨,୪୬୨ ଟଙ୍କା ଜରିମାନା**

**ରାଜ୍ୟ ପରିବହନ ପ୍ରାଧିକରଣର ସ୍ୱତନ୍ତ୍ର ଚଢ଼ାଉ**

କଟକ,୨୫।୯ (କାର୍ତ୍ତିକ ସାହୁ)

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇଛି। ଗତ ୩ ଦିନରେ ରାଜ୍ୟରେ ମୋଟ ୩୪୯୪ଟି ଚାଲାଣ ଜାରି ହୋଇଛି। ଏଥିସହ ଜରିମାନା ବାବଦରେ ୫୪,୮୨,୪୬୨ ଟଙ୍କା ଆଦାୟ କରାଯାଇଛି। ତନ୍ମଧ୍ୟରେ ଓଭରଲୋଡିଂ ପାଇଁ ୧୭୬ଟି, ଫିଟ୍‌ନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଂଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନିୟମ ଉଲ୍ଲଂଘନ ଯୋଗୁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ସୂଚନାନୁସାରେ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଚଢ଼ାଉ ଜାରି ରହିଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟରଯାନର ୭ଟି ନିୟମ ଉଲ୍ଲଂଘନକୁ ଗୁରୁତ୍ୱ ଦିଆଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର, ବିନା ଫିଟନେସ, ବିନା ପରମିଟ ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଂଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଯାଞ୍ଚ ହୋଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି ଓ ଜରିମାନା ଆଦାୟ କରାଯାଇଛି। ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ପ୍ରାଧାନ୍ୟ ଦେଇଛି। ଏଥିପାଇଁ ପ୍ରତି ସପ୍ତାହରେ ବିଭିନ୍ନ ବିଷୟରେ ରାଜ୍ୟ ପରିବହନ ପ୍ରାଧିକରଣ ନେତୃତ୍ୱରେ ସ୍ୱତନ୍ତ୍ର ଚଢ଼ାଉ କରାଯାଉଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଚଢ଼ାଉ ଆଗକୁ ଆହୁରି କଡ଼ାକଡ଼ି କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଏଥିସହ ସଚେତନତା କାର୍ଯ୍ୟକ୍ରମକୁ ମଧ୍ୟ ବ୍ୟାପକ କରାଯିବ। ସମସ୍ତେ ସଡ଼କ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ନିବେଦନ କରାଯାଇଛି।







ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ନତଃ ପଞ୍ଚମୀ ଓ ବିରଜା ଦେବୀଙ୍କ ପଞ୍ଚମୀ ହୋମ



# ସ୍ୱାସ୍ଥ୍ୟ ଟିକସର ଲାଭ



ଗର୍ଡନ ବ୍ରାଉନ୍

ସାରା ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପାଣ୍ଠିର ଅଭାବ ରହିଛି। ଆବଶ୍ୟକ ଅନୁଯାୟୀ ସମ୍ବଳ ନ ଥିବାରୁ ଏହା ଭାରାକ୍ରାନ୍ତ ହୋଇପଡ଼ିଛି। ୨୦୨୩ରେ ନିମ୍ନ ଆୟ ବର୍ଗର ଦେଶଗୁଡ଼ିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଣେ ଲୋକ ପିଛା ମାତ୍ର ୧୦ ଆମେରିକୀୟ ଡଲାର ଖର୍ଚ୍ଚକରିଥିଲେ ଏବଂ ଏହା ଅତ୍ୟାବଶ୍ୟକ ସେବା ଉପଲବ୍ଧତା ନିଶ୍ଚିତ କରିବା ପାଇଁ ଦରକାର ହେଉଥିବା ଅର୍ଥର ୧୫% ରୁ କମ୍। ଚଳିତ ବର୍ଷ ବୈଶ୍ୱିକ ସ୍ତରରେ ସ୍ୱାସ୍ଥ୍ୟ ନିବେଶ ୪୦% ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ଏବକାର ସମସ୍ୟାକୁ ଆହୁରି ଜଟିଳ କରିବ। ୨୦୨୩ରେ ଏହି ନିବେଶ ୨୫ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ନିକଟରେ ଆମେରିକା ଓ ୟୁରୋପରେ ଆର୍ଥିକ ସହଯୋଗ ହ୍ରାସହେବା ଯୋଗୁ ଚଳିତ ବର୍ଷ ଏହା ୧୫ ବିଲିୟନ ଡଲାର ହେବ ବୋଲି କୁହାଯାଇଛି। ଏଭଳି ଆର୍ଥିକ ସହଯୋଗ ହ୍ରାସର ପ୍ରଭାବ ବିକାଶଶୀଳ ବିଶ୍ୱରେ ଅନୁଭୂତ ହେଲାଣି। କେବଳ ୟୁଏସ୍ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ ଦୂରେଇ ରହିବା ହେତୁ ଏହାର ପରିଣାମ ସ୍ୱରୂପ ପ୍ରାୟ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

ହଠାତ୍ ସମ୍ବଳଗୁଡ଼ିକୁ ବନ୍ଦ କରିଦେବା ଯୋଗୁ ଅନେକ ଗ୍ଲୋବାଲ ସାଉଥ୍ ବା ବିକାଶୀଳ ଦେଶ ବିଦେଶୀ ପାଣ୍ଠି ଉପରେ ଆଉ ନିର୍ଭର ନ କରି ଆତ୍ମନିର୍ଭରଶୀଳ ହେବାପାଇଁ ଆଗେଇଛନ୍ତି। ବିକାଶଶୀଳ ଦେଶଗୁଡ଼ିକର ନେତାମାନେ ପ୍ରତ୍ୟେକ ଅଞ୍ଚଳରେ ଟିକା ଉତ୍ପାଦନଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା ଯୋଗାଇଦେବା ଭଳି ସ୍ୱାସ୍ଥ୍ୟ ସକ୍ଷମତା ସୃଷ୍ଟିକରିବା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ସେହି ନେତାମାନଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି ନିକଟରେ ଆଫ୍ରିକା ହେଲ୍‌ଥ ସୋଭର୍ନିଟି ସମିଟ୍‌ର ଆୟୋଜନ କରିଥିବା ଘାନାର ରାଷ୍ଟ୍ରପତି ଜନ୍ ଡ୍ରାମାନି ମାହାମା; ଡୋମେଷ୍ଟିକ୍ ହେଲ୍‌ଥ ଫାଇନାନ୍ସିଂରେ ଆଫ୍ରିକା ୟୁନିୟନର ଆଗରେ ଥିବା ରୁଆଣ୍ଡା ରାଷ୍ଟ୍ରପତି ପଲ୍ କାଗାମେ ଏବଂ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଓଲୁସେଗୁନ ଓବାସାଞ୍ଜୋ ଓ ଏଲେନ୍ ଜନ୍‌ସନ ସାର୍‌ଲିଫ। ଯେଉଁ ସରକାରଗୁଡ଼ିକ ସେମାନଙ୍କ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆର୍ଥିକ ସହାୟତା ଅତ୍ୟଧିକ ହ୍ରାସ କରିଛନ୍ତି ସେମାନଙ୍କ ଉପରେ ଚାପ ରହିବ । ସେମାନଙ୍କୁ ସ୍ଥିତିର ପୁନର୍ବିଚାର କରିବାକୁ ହେବ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଆର୍ଥିକ ସହାୟତା ଉପରେ ଏହିସବୁ ସରକାର ଅତ୍ୟଧିକ ନିର୍ଭର କରନ୍ତି। ଏଣୁ ସେମାନଙ୍କ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରର କ୍ଷମତା ବଢ଼ାଇବା ସକାଶେ ନିଆଯାଉଥିବା ପଦକ୍ଷେପକୁ କେବେ ସେମାନେ ଆର୍ଥିକ ସାହାଯ୍ୟ ଯୋଗାଇଦେବେ ତାହା ପାଇଁ ଏକ ସମୟସୀମା ନିର୍ଦ୍ଧାରଣ କରିବା ଦରକାର। ଏହି ସମୟରେ, ବିଶ୍ୱ ଏବେ ଅତ୍ୟଧିକ ବ୍ୟାପୁଥିବା ଅଣ ସଂକ୍ରାମକ ରୋଗର



ସ୍ଥିତିକୁ ସାମ୍ନାକରୁଛି। ଏହା କ୍ଷତିକାରକ ଉତ୍ପାଦ ଖାଇବା ଯୋଗୁ ବୃଦ୍ଧି ପାଉଛି। ତମାଖୁ, ମଦ ଏବଂ ଶର୍କରାଯୁକ୍ତ ବା ଚିନି ଭାଗ ରହିଥିବା ପାନୀୟ ଯୋଗୁ ପ୍ରତିବର୍ଷ ୧ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ଏହିସବୁ ଉତ୍ପାଦ ଯୋଗୁ ହେଉଥିବା ରୋଗ ଏବଂ ଘଟୁଥିବା ମୃତ୍ୟୁ ହ୍ରାସ କରିବା ସକାଶେ ବିଶେଷକରି ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ (ଏଲ୍‌ଏମ୍‌ଆଇସିଏସ୍) ତୁରନ୍ତ ପଦକ୍ଷେପ ନେବା ଦରକାର। ଏହି ଦୁଇ ସମସ୍ୟାକୁ ସମାଧାନ କରିବାକୁ ହେଲେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ନୂଆ ପଣ୍ଡିଂ ବା ପାଣ୍ଠି ଯୋଗାଡ଼ର ଉତ୍ସକୁ ଚିହ୍ନଟ କରିବାକୁ ପଡ଼ିବ ଏବଂ କ୍ଷତିକାରକ ଉତ୍ପାଦ ବ୍ୟବହାର ହ୍ରାସ କରିବାକୁ ହେବ। ସୌଭାଗ୍ୟର କଥା , ଏହି ଉଭୟ ଲକ୍ଷ୍ୟ ହାସଲ କରିବା ଲାଗି ଏକ ଉପାୟ ଅଛି ଏବଂ ତାହା ହେଉଛି ସ୍ୱାସ୍ଥ୍ୟକର ବା ଟିକସ। ଚଳିତ ସପ୍ତାହରେ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ବିଶ୍ୱର ସବୁ ନେତା ଏକାଠି ହୋଇଥିବାରୁ ସେମାନେ ଏହି ନୀତିକୁ ଗ୍ରହଣ କରିବା ଆବଶ୍ୟକ। କେବଳ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଲକ୍ଷ୍ୟ ଏହାକୁ ସ୍ୱୀକାର କରୁନାହିଁ , ବରଂ ଲରେନ୍ସ ଏଚ୍ ସମର୍ସ ଓ ଏନ୍.କେ. ସିଂଙ୍କ ସହ-ଅଧ୍ୟକ୍ଷତାରେ ଗଠିତ ଜି୨୦ର ସ୍ୱାଧୀନ ବିଶେଷଜ୍ଞ ଗୋଷ୍ଠୀ ଦ୍ୱାରା ୨୦୨୩ରେ ପ୍ରଦତ୍ତ ରିପୋର୍ଟରେ ଘରୋଇ ସମ୍ବଳର ସଞ୍ଚାଳନ ପାଇଁ କରାଯାଇଥିବା ସୁପାରିସରେ ଏହାକୁ ସୂଚିତ କରିଛି। ଟାସ୍କଫୋର୍ସ ଅନ୍ ଫିସିକାଲ ପଲିସି ଫର୍ ହେଲ୍‌ଥର ମୁଁ ଜଣେ ସଦସ୍ୟ। ଏହାର ୨୦୨୪ ରିପୋର୍ଟ ଅନୁଯାୟୀ ତମାଖୁ, ମଦ ଓ ଶର୍କରାଯୁକ୍ତ ପାନୀୟର ମୂଲ୍ୟ ୫୦% ବୃଦ୍ଧି କଲା ଭଳି ଟିକସ ଲାଗୁକଲେ ୫ ବର୍ଷ ମଧ୍ୟରେ ୩.୭ ଟ୍ରିଲିୟନ ଆମେରିକୀୟ ଡଲାର ସଂଗ୍ରହ ହୋଇପାରିବ, ଯେଉଁଥିରେ ଏଲ୍‌ଏମ୍‌ଆଇସିଏସ୍‌ର ରହିଛି ୨.୧ ଟ୍ରିଲିୟନ ଡଲାର। ଏଲ୍‌ଏମ୍‌ଆଇସିଏସ୍ ଏହି ସଂଗୃହୀତ ରାଜସ୍ୱରେ ତାହାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୪୦ ପ୍ରତିଶତ ବ୍ୟୟ ବୃଦ୍ଧି କରିପାରିବ।

ତେବେ ଯଦି ସବୁ ଦେଶ ସେହି ଅନୁସାରେ ଟିକସ ବୃଦ୍ଧି କରିବେ, ତେବେ ୧୦ କୋଟି ଲୋକ ଧୂମପାନ ଛାଡ଼ିଦେବେ ଏବଂ ମଦ ଏବଂ ଓ ଶର୍କରାଯୁକ୍ତ ପାନୀୟ ପିଉଥିବା ଲୋକଙ୍କ ସଂଖ୍ୟା ଅତ୍ୟଧିକ ହ୍ରାସ ପାଇବ। ସ୍ୱାସ୍ଥ୍ୟ ଟିକସ ବୃଦ୍ଧି ଯୋଗୁ ଆସନ୍ତା ୫୦ ବର୍ଷ ମଧ୍ୟରେ ୫ କୋଟି ଲୋକଙ୍କ ଜୀବନ ରକ୍ଷାହେବା ସହ ବହୁ କୋଟି ଲୋକ ସୁସ୍ଥ ଜୀବନ ବିତାଇବାକୁ ସକ୍ଷମ ହେବେ। ଏହା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ବଳର ଅଭାବଜନିତ ଚାପ ଦୂରହୋଇପାରିବ। ଅନେକ ଦେଶରେ ସ୍ୱାସ୍ଥ୍ୟ ଟିକସର ଲାଭ ସାମ୍ନାକୁ ଆସିଛି। ଫିଲିପାଇନ୍ସରେ ତମାଖୁ ଅବକାରୀ ଟିକସ ବୃଦ୍ଧି ଯୋଗୁ ରାଜସ୍ୱ ବୃଦ୍ଧି ହୋଇଛି। ୨୦୧୨ରେ ରାଜସ୍ୱ ୧ ବିଲିୟନ ଆମେରିକୀୟ ଡଲାର ଥିଲାବେଳେ ୨୦୨୨ରେ ଏହା ୨.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ପାକିସ୍ତାନ ତମାଖୁ ଉପରେ ଅବକାରୀ ଟିକସ ବୃଦ୍ଧି କରିଥିଲା ଏବଂ ବର୍ଦ୍ଧିତ ଟିକସରୁ ପୂର୍ବବର୍ଷ ତୁଳନାରେ ରାଜସ୍ୱରେ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ହୋଇଛି। ଏହିପରି ଭାବେ ଲିଥୁଆନିଆ ସରକାର ମଦ ଉପରେ ଟିକସ ବାରମ୍ବାର ବୃଦ୍ଧି କରିବା ଯୋଗୁ ୨୦୨୨ ସୁଦ୍ଧା ସରକାରଙ୍କୁ ଟିକସରୁ ମିଳୁଥିବା ମୋଟ ରାଜସ୍ୱର ଏହା ୩%ରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ମଦ ପିଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଥିଲା ଓ ତଜ୍ଜନିତ ମୃତ୍ୟୁ ଓ ରୁଗ୍‌ଣ ପ୍ରତିଶତ କମିଥିଲା। ୨୦୧୪ରେ ମେକ୍ସିକୋ ଶର୍କରାଯୁକ୍ତ ପାନୀୟ ଉପରେ ଟିକସ ଲାଗୁ କରିଥିଲା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ଏହା ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବାରେ ଖର୍ଚ୍ଚ ହେଉଥିବା ପ୍ରତିଟି ଡଲାରରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ୪ ଡଲାର ବଞ୍ଚିପାରୁଥିବା ଆକଳନ କରାଯାଇଥିଲା।

ଏସବୁ ସଫଳତା ଓ ଲାଭ ସତ୍ତ୍ୱେ ଅଧିକାଂଶ ଦେଶରେ ସ୍ୱାସ୍ଥ୍ୟ ଟିକସ ବହୁତ କମ୍ ରହିଛି ଏବଂ ତମାଖୁ ଭଳି କ୍ଷତିକାରକ ଉତ୍ପାଦଗୁଡ଼ିକ ଅଧିକ ଶସ୍ତାହୋଇଯାଇଛି। ଏହିସବୁ ଟିକସ ଲାଗୁ କରିବାରେ ଶକ୍ତିଶାଳୀ କର୍ପୋରେଟଗୁଡ଼ିକର ସ୍ୱାର୍ଥ ବାଧକ ସାଜିଛି ଏବଂ ବହୁ ସମୟରେ ପ୍ରଚ୍ଛଦରେ ରହି ନୀତିକୁ ସେମାନେ ପଥଭ୍ରଷ୍ଟ କିମ୍ବା ବିଳମ୍ବ କରୁଛନ୍ତି। ୨୦୨୨ରେ ତମାଖୁ ଶିଳ୍ପ ୟୁରୋପୀୟ ସଂଘର ନୀତିନିର୍ଦ୍ଧାରକ ସହ ଲବିରେ ୨୨.୪ ମିଲିୟନ ଆମେରିକୀୟ ଡଲାର ବ୍ୟୟ କରିଥିଲା, ଯାହା ଡବ୍ଲ୍ୟୁଏଚ୍‌ଓ ଫ୍ରେମ୍‌ୱର୍କ କନ୍‌ଭେନସନ ଅନ୍ ଟବାକୋ କଣ୍ଟ୍ରୋଲର ବିରୁଦ୍ଧାଚରଣ କରେ। ବାସ୍ତବରେ ସ୍ୱାସ୍ଥ୍ୟ ଟିକସ ଅତ୍ୟନ୍ତ ପ୍ରଭାବୀ ଏବଂ ଏହା ପଛରେ ବ୍ୟାପକ ଜନ ସମର୍ଥନ ରହିଛି। ଏଣୁ ଏଥିରେ ବାଧା ସୃଷ୍ଟିକରିବା ପାଇଁ କରାଯାଉଥିବା ଲବିରେ ଅଧିକ ଅର୍ଥ ବିନିଯୋଗ କରିବାକୁ ଅନୁମତି ଦେଇପାରିବା ନାହିଁ। ଚଳିତ ସପ୍ତାହରେ ଜାତିସଂଘ ସାଧାରଣ ସଭାରେ ଅଣ ସଂକ୍ରାମକ ରୋଗକୁ ନେଇ ହେଉଥିବା ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଉଥିବା ନେତାମାନଙ୍କ ନିକଟରେ ଦାବି କରୁଛି ଯେ, ସେମାନେ ତମାଖୁ, ମଦ ଏବଂ ଶର୍କରାଯୁକ୍ତ ପାନୀୟ ଉପରେ ଟିକସ ବୃଦ୍ଧିକରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରନ୍ତୁ। ରାଜସ୍ୱ ସୃଷ୍ଟି କରିବା ସହ ଏବଂ ସ୍ୱାସ୍ଥ୍ୟସେବା ଉପରେ ଥିବା ଅତ୍ୟଧିକ ବୋଝକୁ ହାଲୁକା କରୁଥିବା ସ୍ୱାସ୍ଥ୍ୟ ଟିକସ ଉପରେ ବୈଠକରେ ଯୋଗଦେଉଥିବା ନେତାମାନେ ଦୃଢ଼ତାର ସହ ଆଗକୁ ବଢ଼ିବା ଦରକାର।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ**

# ଦୂରେଇବା ପ୍ଲାଷ୍ଟିକ ଓ ମୂର୍ତ୍ତି ରଙ୍ଗ



ଅଭୟ କୁମାର ଦାସ

ସମ୍ପ୍ରତି ମୂର୍ତ୍ତି କାରିଗରିରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତ୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି। ଏହା ସମସ୍ତଙ୍କ ପାଇଁ ଘାତକ। ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳି ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ। ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ଜଳ ସମ୍ପଦକୁ ପ୍ରଦୂଷିତ କରିଥାଏ। ଦୁଃଖର କଥା ହେଉଛି ଆମେ ସମସ୍ତେ ସଚେତନ ନ ହେଉନାହୁଁ। ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁବଲ ରଙ୍ଗ ଏବଂ ଶେଷରେ ସେଡ଼ିଂ ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ। ପରବର୍ତ୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ନାଚାର। ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମ୍ୟାଗ୍ନେସିୟମ, ମୋଲିବଡେନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି। ମ୍ୟାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ। ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ। ଯାହା ଜାପାନରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା। ଜାପାନର 'ମିନମାତା' ଅଞ୍ଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା। ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ। ସୂଚନାଯୋଗ୍ୟ ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ। ଦିନ ଥିଲା ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା। ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଞ୍ଚଳର ଫୁଲ, ଶଙ୍ଖଚିହ୍ନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା। କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣିବାକୁ କାରିଗରମାନେ ପଛାଉ ନାହାନ୍ତି।

ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାନ୍ତି। ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହୋଇଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ କର୍ତ୍ତବ୍ୟ। ରାସାୟନିକ ରଙ୍ଗ ନଦୀ ନାଳକୁ ପ୍ରଦୂଷିତ କରୁଥିବାବେଳେ ଏହାର ଜଳକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ରୋଗାକ୍ରାନ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିପରି ଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅସୁସ୍ଥ ହୋଇଥାଏ। କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶରେ ପ୍ରଭାବିତ କରିଥାଏ ବୋଲି କୃଷିବିଜ୍ଞାନୀମାନେ ମତ ଦିଅନ୍ତି। ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ। ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାନ୍ତି କିମ୍ବା ସେପରି କୌଣସି ସଚେତନତା ସୃଷ୍ଟି ହେଉ ନ ଥିବାରୁ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଉଛି। ଏହାକୁ ନେଇ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ହେଉନାହିଁ। ଦଶହରାର ପାର୍ବଣ ଆନନ୍ଦ ମା'ଦୁର୍ଗତିନାଶିନୀ ଦୁର୍ଗାଙ୍କ ଆଶୀର୍ବାଦରୁ ଆରମ୍ଭ ହୋଇଥାଏ। ଧରାପୃଷ୍ଠରେ ମାଆଙ୍କ ଆଗମନୀ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଚଳିତ ବର୍ଷ ପାର୍ବଣରୁ ପ୍ଲାଷ୍ଟିକ ବର୍ଜନ କରାଯିବା ଦରକାର। ଏହାସହ ମୂର୍ତ୍ତି ପ୍ରସ୍ତୁତିରେ ରାସାୟନିକ ରଙ୍ଗର ବ୍ୟାପକ ପ୍ରୟୋଗ ବନ୍ଦ କରାଯିବା ଆବଶ୍ୟକ।

**ଗୋତରା, ମାହାଙ୍ଗା, କଟକ**
**ମୋ: ୯୪୩୭୧୪୨୭୧୭**

## ଏଇ ଭାରତରେ

ମହାରାଷ୍ଟ୍ରର ବିଡ୍ ଜିଲା ଏକ ମରୁଡ଼ିପ୍ରବଣ ଅଞ୍ଚଳ। ଜଳାଭାବରୁ କୃଷକମାନେ ଚାଷ ନ କରି ବାହାରକୁ କାମ ଅନ୍ୱେଷଣରେ ଚାଲିଯାଇଥାନ୍ତି। କିନ୍ତୁ ଏହି ଜିଲାର ପଚେଗାଁଓ ଗ୍ରାମପଞ୍ଚାୟତର ଜଳସଙ୍କଟ ଦୂର କରିପାରିଛି। ପଚେଗାଁଓ ଗ୍ରାମ ନିକଟରେ ପ୍ରବାହିତ ଛୋଟ ବର୍ଷାକାଳୀନ ନଦୀଗୁଡ଼ିକ ପୁନରୁଦ୍ଧାର କରାଯାଇଛି ଏବଂ ଏବେ ପଚେଗାଁଓ ସମେତ ପଞ୍ଚାୟତର ଅନ୍ୟ ଗାଁଗୁଡ଼ିକର ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ଏକର ଜମିରେ ଚାଷ କରାଯାଇପାରୁଛି। ଚାଷୀମାନେ ଏବେ ଆଖୁ, ଯଅ ଓ ବାଜରା ଚାଷ କରୁଛନ୍ତି। ନଦୀ ପୁନରୁଦ୍ଧାର କାର୍ଯ୍ୟ ରାଜଶ୍ରୀ ଦେଶପାଣ୍ଡେଙ୍କ ନେତୃତ୍ୱରେ ନଭାଙ୍ଗାନ୍ ଫାଉଣ୍ଡେଶନ ସହଯୋଗରେ ହୋଇପାରିଛି। ପଚେଗାଁଓରେ ନଦୀଗୁଡ଼ିକ ପୂରା ପୋତି ହୋଇଯାଇଥିଲା। କେବଳ ବର୍ଷାଦିନ ବ୍ୟତୀତ ବର୍ଷର ଅନ୍ୟ ସମୟରେ ଏହି ନଦୀରେ ପାଣି ରହୁ ନ ଥିଲା। ପୁନରୁଦ୍ଧାର ହେବା ପରେ ସବୁସମୟରେ ନଦୀରେ ପାଣି ରହୁଛି ଏବଂ ପଚେଗାଁଓର ୪୫୦ ପରିବାର ଆଉ କାମ ପାଇଁ ବାହାରକୁ ନ ଯାଇ ଚାଷ କରି ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ପଞ୍ଚାୟତର ଅନ୍ୟ ଗ୍ରାମରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଛି। ଗ୍ରାମବାସୀ ଏବେ ପିଲାଙ୍କୁ ଶିକ୍ଷା ଦେଉଛନ୍ତି। ଫଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୬ ସେପ୍ଟେମ୍ବର ୧୯୭୬**

- ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ମୋହନଲାଲ ବ୍ୟାସଙ୍କ ୬୯ ବର୍ଷ ବୟସରେ ପରଲୋକ।
- ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମେତ ୨୫ ଜଣ ଆସାମୀଙ୍କ ବିରୁଦ୍ଧରେ ବରୋଦା ଡିନାମାଇଟ ଷଡ଼ଯନ୍ତ୍ର ମାମଲା ସଂକ୍ରାନ୍ତ ଅଭିଯୋଗପତ୍ର ଦାଖଲ।
- କୋହିନୂର ହୀରାକୁ ପାକସ୍ତାନକୁ ହସ୍ତାନ୍ତର କରାଯିବା ନିମନ୍ତେ ପାକ ପ୍ରଧାନମନ୍ତ୍ରୀ ଜେଡ୍.ଏ. ଭୁଟ୍ଟୋଙ୍କ ଦାବିକୁ ବ୍ରିଟେନ ସରକାରଙ୍କ ପ୍ରତ୍ୟାଖ୍ୟାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 9 | | | 4 |
| 6 | | | | | | | 9 | |
| | 3 | | | | 4 | | | |
| | | | | 9 | | | | 8 |
| | | | 1 | | | 5 | | |
| 4 | 9 | 5 | | 3 | | | | 6 |
| | 2 | | 3 | 8 | | | 7 | |
| | 1 | | | 4 | | | | |
| | | 8 | | 7 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 9 | 8 | 4 | 7 | 2 | 1 |
| 8 | 1 | 4 | 3 | 2 | 7 | 9 | 5 | 6 |
| 2 | 7 | 9 | 1 | 6 | 5 | 3 | 8 | 4 |
| 9 | 3 | 6 | 7 | 5 | 2 | 4 | 1 | 8 |
| 5 | 8 | 7 | 6 | 4 | 1 | 2 | 9 | 3 |
| 4 | 2 | 1 | 8 | 3 | 9 | 6 | 7 | 5 |
| 3 | 9 | 8 | 2 | 1 | 6 | 5 | 4 | 7 |
| 7 | 6 | 5 | 4 | 9 | 8 | 1 | 3 | 2 |
| 1 | 4 | 2 | 5 | 7 | 3 | 8 | 6 | 9 |

ଗତକାଲିର ଉତ୍ତର

# ଶିଶୁଙ୍କ ସ୍ୱଭାବ ଶିଶୁ ସାହିତ୍ୟର ସ୍ୱରୂପ



ଡ. ଶରତ ଚନ୍ଦ୍ର ପରିଡ଼ା

ଶିଶୁ ଦେବଶିଶୁ। ସରଳ, ନିରୀହ ଓ ନିଷ୍ପାପ। ନିର୍ବୋଧ ନୁହେଁ। ବଡ଼ ମଣିଷଙ୍କ ପରି ସବୁ ଭାବ ଅନୁଭବ କରନ୍ତି। ପ୍ରକାଶ କରିପାରନ୍ତି ନାହିଁ। ବଡ଼ ମଣିଷର ସେ ଛୋଟ ରୂପ। ଶିଶୁ କହିଲେ ଜନ୍ମରୁ ଅଠର ବର୍ଷ ବୟସ ପର୍ଯ୍ୟନ୍ତ ମଣିଷ ପିଲା ଗଣ୍ୟ ହୁଅନ୍ତି। ବୟସର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ଶାରୀରିକ କ୍ଷମତା, ବୋଧଶକ୍ତି, ସୃଜନଶୀଳତା, ଗ୍ରହଣକ୍ଷମତା, ସର୍ବୋପରି ମାନସିକ, ବୌଦ୍ଧିକ, ଭାବଗତ ପରିବର୍ତ୍ତନ ଘଟୁଥାଏ। ତିନିରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁମାନେ ସବୁଠାରୁ ସୃଜନଶୀଳ ଥା'ନ୍ତି। ସେମାନେ ଦୁନିଆ ବିଷୟରେ ଜାଣିବାକୁ ଆଗ୍ରହ, କୌତୂହଳ ଓ ଜିଜ୍ଞାସା ପ୍ରକାଶ କରନ୍ତି। ସେମାନେ ଜାଣିବାକୁ ଚାହୁଁଥିବା ବିଷୟରେ ସେମାନଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ବାଞ୍ଛନୀୟ। ଖଣ୍ଡିତ/ନିରୁତ୍ସାହଜନକ ଉତ୍ତର ଦେଲେ ସେମାନଙ୍କ ଆଗ୍ରହ ଭାଙ୍ଗିଯାଏ। ବିକାଶ ବାଧାପ୍ରାପ୍ତ ହୁଏ। ପିଲାମାନେ ସମାଜ ସମ୍ପର୍କରେ ଯେତେ ଅଧିକ ଆସନ୍ତି, ସେମାନଙ୍କର ସାମାଜିକୀକରଣ ବୃଦ୍ଧିପାଏ ; କିନ୍ତୁ ସୃଜନଶୀଳତା ବିକାଶ ଲାଭର ଉପଯୁକ୍ତ ସୁଯୋଗ ନ ପାଇ ମରି ମରି ଯାଏ। ପିଲାମାନେ ଗଳ୍ପପ୍ରିୟ। ଗଳ୍ପ ମାଧ୍ୟମରେ ସେମାନଙ୍କୁ ଅଭିଳଷିତ ମାର୍ଗରେ ଅନୁପ୍ରେରିତ କରାଯାଇଥାଏ। ଯୁଗ ଦ୍ରୁତ ଗତିରେ ବଦଳି ଚାଲିଛି। ପିଲାମାନଙ୍କୁ କୋଳରେ/ପାଖରେ ବସାଇ ଅଜା ଆଈ କ୍ୱଚିତ୍ ଗଳ୍ପ ଶୁଣାଉଥିବାର ଦେଖାଯାଉଛି। ଗଳ୍ପର ବିଷୟବସ୍ତୁ ରାମାୟଣ, ମହାଭାରତ, ପୁରାଣ ବା ଆଧୁନିକ ନବୀନ ହୋଇପାରେ ; କିନ୍ତୁ ଗଳ୍ପ ପରିବେଷଣ ଶୈଳୀ ରୋଚକ, ଆକର୍ଷଣୀୟ ଓ ମନଛୁଆଁ ହେବା ଜରୁରୀ। ଗଳ୍ପ କଥନଶୈଳୀକୁ ଟି.ଭି/ ମୋବାଇଲ/ ନାନାବିଧ ଚିତ୍ର/ ମଡେଲ ସାହାଯ୍ୟରେ ଅଧିକ ସୁନ୍ଦର ଓ ମନୋହର କରାଯାଇପାରେ। ଶିଶୁମାନେ ଆବେଗପୂର୍ଣ୍ଣ। ସ୍ନେହ, ଆଦର, ହସ-କାନ୍ଦ, ରାଗ-ରୁଷା ଆଦି ଆବେଗ ଗଳ୍ପ/କବିତାର ଅନ୍ତଃସ୍ୱର ହେଲେ ତାହା ଶିଶୁମନକୁ ସହଜରେ ଛୁଇଁଯାଏ। ଏଥିନିମନ୍ତେ ଶିଶୁସୁଲଭ ଶବ୍ଦ ସଂଯୋଜନା ରହିବା ଏକାନ୍ତ କାମ୍ୟ। ଏହା ଆଞ୍ଚଳିକ ଭେଦରେ ସରଳ ସାବଲୀଳ ବୋଧଗମ୍ୟ ହେବା ଉଚିତ। ଏକ ମାନକ ଭାଷା/ଶବ୍ଦ ଓଡ଼ିଶାର ସମସ୍ତ ଅଞ୍ଚଳର ଶିଶୁମାନଙ୍କ ପାଇଁ ବୋଧଗମ୍ୟ ନୁହେଁ। ଅତଏବ ଅଞ୍ଚଳ ଭେଦରେ ଶବ୍ଦଚୟନ ଅନିବାର୍ଯ୍ୟ।

ପିଲାମାନେ ସାଧାରଣତଃ ଯୁକ୍ତିପ୍ରବଣ। ପରମ୍ପରା ନାଁରେ ଅନ୍ଧବିଶ୍ୱାସ/କୁସଂସ୍କାର ଶିଶୁ ସାହିତ୍ୟରେ ମାରାତ୍ମକ। ପିଲାମାନଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଯେପରି ବିକଶିତ ହୁଏ, ସେଥିପ୍ରତି ଧ୍ୟାନ ଦେବା ବିଧେୟ। କାରଣ କଅଁଳ ମନ ପ୍ରତି ଉକ୍ତି ପଛରେ ଥିବା ଯୁକ୍ତିକୁ ଖୋଜୁଥାଏ। ପିଲାମାନେ ଅନୁସନ୍ଧିତ୍ସୁ। ସେମାନଙ୍କୁ ସାହିତ୍ୟ ମାଧ୍ୟମରେ ଅଧିକରୁ ଅଧିକ ଜାଣିବା ପାଇଁ ବାଟ ଫିଟେଇବା ଆବଶ୍ୟକ। ନୀରବ ସଙ୍କେତ ଶବ୍ଦଠାରୁ ଅଧିକ କିଛି କହୁଥାଏ। କବିତା/ ଗଳ୍ପ/ ଶିଶୁ ଉପନ୍ୟାସରେ ରଙ୍ଗବେରଙ୍ଗ ଛବି/ଚିତ୍ର ରହିଲେ ତାହା ଶିଶୁମାନଙ୍କୁ ଆକୃଷ୍ଟ କରେ। 'ଛବି ଦେଖି ଗଳ୍ପ କୁହ' ରୀତି ବେଳେବେଳେ ପ୍ରଶ୍ନ ପିଲାମାନଙ୍କୁ ଅଧିକ ଚିନ୍ତାଶୀଳ ଓ କଳ୍ପନାପ୍ରବଣ କରିଥାଏ। ସରଳରୁ ଜଟିଳ, ଅଜ୍ଞାନରୁ ଜ୍ଞାନକୁ ଗତି କରିବା ପଦ୍ଧତି ଶିକ୍ଷଣର ରୀତି। ଧୀରେ ଧୀରେ ପିଲାମାନଙ୍କୁ ଚେତନାର ଉର୍ଦ୍ଧ୍ୱସ୍ତରକୁ ନେଇଯାଏ। କଳ୍ପନାଶକ୍ତିକୁ ବିକଶିତ କଲା ପରି ସାହିତ୍ୟରେ ଉପାଦାନ ଆବଶ୍ୟକ ହୋଇଥାଏ।



ପିଲାମାନଙ୍କର ଧାରଣଶକ୍ତି କମ୍ ରହୁଥିବାରୁ ଶିଶୁ ସାହିତ୍ୟ ସଂକ୍ଷିପ୍ତ ହେଲେ ମନେରହିଯାଏ। ପିଲା ହୁଅନ୍ତୁ ବା ବଡ଼, ଉପଦେଶ ଶୁଣିବାକୁ ସାଧାରଣତଃ କେହି ଭଲପାଆନ୍ତି ନାହିଁ। ତେଣୁ ସିଧାସଳଖ ସତ କୁହ, ଗୁରୁଜନମାନଙ୍କୁ ସମ୍ମାନ ଦିଅ କହିବା ଅପେକ୍ଷା କଥନଶୈଳୀରେ/ ନାଟକୀୟ ଢଙ୍ଗରେ ସେହି ଭାବକୁ ପରିବେଶଣ କଲେ ତାହା ଆପେଆପେ ପିଲାମାନଙ୍କ ଦ୍ୱାରା ଅନୁଭବଯୋଗ୍ୟ/ ଗ୍ରହଣୀୟ/ ଅନୁସରଣୀୟ ହୋଇଥାଏ। ପରିବାରରେ ବଡ଼ମାନେ କେବଳ ସାହିତ୍ୟରେ କଥାକୁ ପାଳନ ନ କରି ପିଲାମାନଙ୍କୁ ପାଳନ କରିବାକୁ କହିଲେ ପିଲାମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଏକ ବିରୋଧାଭାସ ସୃଷ୍ଟି ହୁଏ। ଅତଏବ ପିଲାମାନଙ୍କୁ ଭଲ ହେବା ପାଇଁ ଉପଦେଶ ଦେବା ପୂର୍ବରୁ ନିଜ ବ୍ୟବହାରରେ ତାହା ପ୍ରଦର୍ଶନ କଲେ ତାହା ଅଧିକ ଫଳପ୍ରଦ ହୋଇଥାଏ। ପରୋକ୍ଷ ଉକ୍ତିରେ କଥାକୁ ପରିବେଶଣ ନ କରି ପ୍ରତ୍ୟକ୍ଷ ଉକ୍ତିରେ କଥା ପ୍ରକାଶ ପାଇଲେ ତାହାର ଗ୍ରହଣଶୀଳତା ଅଧିକ ରହେ। ତେଣୁ ବାକ୍ୟରେ 'ଯେ' ଉଲ୍ଲେଖ ନ କରି ଜଣେ କହିଥିବା କଥାକୁ ଉଦ୍ଧୃତ ଚିହ୍ନ ମଧ୍ୟରେ ଉଲ୍ଲେଖ କରିବା ଚାହି। ଶିଶୁ ସାହିତ୍ୟ ପିଲାର ପରିବେଶର କଥା କହିଲେ ଶୀଘ୍ର ପିଲାଟି ତାହା ସହିତ ପରିଚିତ ହୋଇଥା'ନ୍ତି। ଶିଶୁ ସାହିତ୍ୟର ବିଭିନ୍ନ ବିଭାଗର ପୁସ୍ତକ ବହୁଳ ପରିମାଣରେ ଘରେ ଘରେ ପ୍ରଚାର ପ୍ରସାର ହେଲେ ସାନରୁ ବଡ଼ମାନେ ତାହା ସହିତ ପରିଚିତ ହୋଇଥା'ନ୍ତି। ଆଜି ନ ହେଲେ କାଲି, ବଡ଼ ନ ହେଲେ ସାନ କାହା ଆଖିରେ ତାହା ପଡ଼େ ; କାମରେ ଲାଗେ। ଶିଶୁ ଲେଖକ/ କବି/ ଔପନ୍ୟାସିକ ପ୍ରଥମେ ସେ ଯେଉଁ ଶବ୍ଦ ପ୍ରୟୋଗ କରିବାକୁ ଯାଉଛନ୍ତି, ତାହା ଶିଶୁମନରେ କି ପ୍ରଭାବ ପକାଇବ, ତାହା ଥରେ ଚିନ୍ତା କରିନେବା ଜରୁରୀ। ଶବ୍ଦ ଯାଦୁ ପରି କାମ କରେ। ରିମ୍‌ଝିମ୍, ପରି ଶ୍ରୁତିମଧୁର ଶବ୍ଦ ଆଉ ସରଳ ଢଗଢମାଳି ଲେଖାରେ ପ୍ରକାଶ ପାଇଲେ ମନ ଶହେ ପ୍ରତିଶତ ତାହା ସହିତ ବାନ୍ଧି ହୋଇଯାଏ। ମନରେ ଆନନ୍ଦ ଅନୁଭବ ଆସେ। ପିଲା ନିଜକୁ ହାଲୁକା ଓ ସହଜ ମନେକରେ। କବିତାରେ ଯତିପାତ ରହିଲେ ତାହା ସ୍ୱାଭାବିକ ଭାବରେ ମନରେ ଆଙ୍କି ହୋଇଯାଏ।

'ବା ବା ବ୍ଲାକ୍‌ସିପ' 'ଧୋରେ ବାଇଆ ଧୋ ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ' ଗୀତର ସ୍ଥାନ ନେଇପାରିବ ନାହିଁ। କାରଣ ଗହଳମାଣ୍ଡିଆର ଅର୍ଥ ରହିଛି। ତାହା ମସ୍ତିଷ୍କକୁ ବୁଝାଏ। ସାହିତ୍ୟରେ ଶିଶୁର ପରିଚିତ ଇଲାକାର କଥା ସ୍ଥାନିତ ହେଲେ ତାହା ସୁବୋଧ୍ୟ ହୋଇଥାଏ। ଶିଶୁନାଟକର ମଧ୍ୟସ୍ଥ ହେଲେ ତାହର ନାଟ୍ୟରୂପ ଶିଶୁ ଆଖିରେ ଦେଖି କାନରେ ଶୁଣି ଗଭୀର ଭାବରେ ପ୍ରଭାବିତ ହୋଇଥାଏ। ଦାନବୀର ହରିଶ୍ଚନ୍ଦ୍ର ନାଟକ ଆଜି ବି ମନେପଡ଼ିଲେ ନାଟକର ବିଷୟବସ୍ତୁ ଚିତ୍ର ପରି ମନ ଆଗରେ ଭାସିଉଠେ। ଅତଏବ ଶିଶୁସାହିତ୍ୟରେ ସାଙ୍ଗୀତିକତା ଓ ମନୋରଞ୍ଜନ ଥିଲେ ତାହା ପିଲାମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇଥାଏ। ଶିଶୁମାନଙ୍କୁ ଅନ୍ୟ ସ୍କୁଲ ପାଠ୍ୟ ଓ ଖେଳକୁଦ ସହିତ ଶିଶୁ ସାହିତ୍ୟ ସହିତ ନିରନ୍ତର ଅନୁବନ୍ଧିତ କରିବା ଦରକାର।

**ମୋ: ୯୪୩୭୭୭୬୯୦୮**

## ପାଠକ ଶ୍ରେଷ୍ଠ ବିଚାରକ

### ନିଯୁକ୍ତି ପରୀକ୍ଷାର ଅନିୟମିତତା

ମହାଶୟ,

ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକୁ ସୁଚାରୁ ଭାବରେ ପରିଚାଳନା କରାଇବାରେ ପ୍ରଶାସନ ପୂରାପୂରି ବିଫଳ। ପରୀକ୍ଷାରେ ବିଳମ୍ବ, ପୁଣି ବାତିଲ ହେବା ଏବଂ ବିଭିନ୍ନ ଅନିୟମିତତା ଏବେ ସାଧାରଣ ଘଟଣା ହୋଇଯାଇଛି। କିଛିଦିନ ପୂର୍ବରୁ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଏସ୍ଏସ୍‌ସି ପରୀକ୍ଷା ଆଶାୟୀମାନେ ଆନ୍ଦୋଳନ କରିଥିଲେ। ସେମାନଙ୍କ ଅଭିଯୋଗ ଯେ, ଏସ୍ଏସ୍‌ସି ପରୀକ୍ଷାରେ ଅନିୟମିତତା ହେଉଛି। ପୂର୍ବରୁ ଟିସିଏସ୍ ସୁଚାରୁ ଭାବରେ ଅନ୍‌ଲାଇନ ପରୀକ୍ଷା ପରିଚାଳନା କରୁଥିଲା। କିନ୍ତୁ ୨୦୨୫ରେ ଏହି ଦାୟିତ୍ୱ ଏଡୁକ୍ୱିଟ୍ କମ୍ପାନୀକୁ ଦିଆଗଲା, ଯାହା କି କଥିତ କଳା ତାଲିକାଭୁକ୍ତ କମ୍ପାନୀ। ଫଳରେ ପ୍ରଥମ ଦିନରୁ ଅନେକ କେନ୍ଦ୍ରରେ ପରୀକ୍ଷା ବାତିଲ ହେବାକୁ ପଡ଼ିଲା। ପ୍ରତିବାଦ ସତ୍ତ୍ୱେ ସରକାର ପୁନର୍ବାର ତାହାକୁ ଦାୟିତ୍ୱ ଦେଲେ। ବର୍ତ୍ତମାନ ଆର୍‌ଆଇ ଅମିନ ପରୀକ୍ଷା ଟିସିଏସ୍ ଦ୍ୱାରା ଅନ୍‌ଲାଇନ ହେବାକୁ ଶୁଣାଯାଉଛି। ଯୁବତୀ-ଯୁବକମାନେ ବର୍ଷକୁ ବର୍ଷ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାନସିକ ଚିନ୍ତାରେ ଜୀବନ କାଟୁଛନ୍ତି। ଯେଉଁ ପରୀକ୍ଷା ୬ ମାସରେ ସମାପ୍ତ ହେବା ଉଚିତ, ସେହି ପରୀକ୍ଷା ୩ ବର୍ଷ ଲାଗୁଛି। ତା' ସହିତ ଅନେକ ପରୀକ୍ଷା ଆଜି ନ୍ୟାୟାଳୟରେ ବିଚାରାଧୀନ ଅବସ୍ଥାରେ ଅଟକି ରହିଛି। ଯଦି ସରକାର ସବୁ ଅଟକିଥିବା ନିଯୁକ୍ତି ପ୍ରକ୍ରିୟାକୁ ଶୀଘ୍ର ସମାଧାନ କରି, ନୂଆ ପ୍ରକ୍ରିୟାକୁ ତ୍ୱରିତ୍ କରନ୍ତି, ତେବେ ଆଶାୟୀମାନେ ଅନେକ ଲାଭାନ୍ୱିତ ହେବେ।

**-ସୁନୀଲ କୁମାର ମିଶ୍ର, ଭୁବନେଶ୍ୱର**

## ଚିରନ୍ତନୀ

ଦୁଇ ମିଶି ଏକ ହେବା ପାଇଁ,
ଯୁଗ ଯୁଗାନ୍ତରେ ଏହି ପ୍ରେମର ସାଧନା ସେ ଗୋ
ଯାଆନ୍ତି ଜଗାଇ,
ବିରହର ବିଳାପେ ମୁଖର
ଭୁବନ ଗଗନ ସେ ଯେ କରିଯାନ୍ତି
ଅବଶ କାତର !

-(ଯୁଗଳ ପ୍ରୟାଣେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଅଟେଇ ଜଙ୍ଗଲରୁ ୩ ଶିକାରୀ ଗିରଫ**

ଆନନ୍ଦପୁର, (ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଦେଓଗାଁ ବନଖଣ୍ଡ ଭଗମୁଣ୍ଡା ଅଟେଇ ସଂରକ୍ଷଣ ଜଙ୍ଗଲରୁ ଗୁରୁବାର ୩ ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ବାରହା ମାଂସ ଓ ଏକ କୁରାଢ଼ି ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଶଗଡ଼ପଟା ପଞ୍ଚାୟତ ଖଡ଼ିବାହାଳ ଗ୍ରାମର ଖଗେଶ୍ୱର ମହାନ୍ତି, ଆମ୍ବଡାହି ଗ୍ରାମର ତାଇକାନ ଦରାଇ, ନାଥୁରାମ ଦରାଇ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ବାରହା ଶିକାର କରିଥିଲେ। ବାଇକ୍ ଯୋଗେ ଆଣି କାଟି ଖଗେଶ୍ୱରଙ୍କ ଘରେ ଭାଗ କରୁଥିବାବେଳେ ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଚଢ଼ାଉ କରିଥିଲେ।



# ଲାଞ୍ଚ ନେଇ ଟିପିସିଓଡିଏଲ୍ ଅଧିକାରୀ ଗିରଫ

## ଭଡ଼ାଘରୁ ୯.୫୩ ଲକ୍ଷ ଜବତ କଲା ଭିଜିଲାନ୍ସ

ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)

ଜଣେ ଠିକାଦାରଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ଜଣେ ଅଧିକାରୀ ଭିଜିଲାନ୍ସ ଜାଲରେ ଫସିଛନ୍ତି। ସେ ହେଲେ ଟିପିସିଓଡିଏଲ୍ ଭୁବନେଶ୍ୱର ସର୍କଲ-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କ୍ୱାଲିଟି) ତୁଷାରକାନ୍ତ ରାୟ। ତୁଷାରଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ମାମଲା (ନଂ.୨୧/୨୦୨୫) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଗୁରୁବାର ଅଭିଯୁକ୍ତ ତୁଷାରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଶୈଳଶ୍ରୀବିହାରସ୍ଥିତ ତୁଷାରଙ୍କ ଆବାସିକ ଭଡ଼ାଘର, କାନନ ବିହାରସ୍ଥିତ ପୈତୃକ ଘର ଓ ଅଫିସ୍ ଚାମ୍ବରରେ ଚଢ଼ାଉ କରାଯାଇଥିଲା। ତେବେ ଶୈଳଶ୍ରୀବିହାରସ୍ଥିତ ଆବାସିକ ଭଡ଼ାଘର ଯାଞ୍ଚ ବେଳେ ଭିଜିଲାନ୍ସ ଅଧିକାରୀମାନେ ୯ ଲକ୍ଷ ୫୩ ହଜାର ଟଙ୍କା ଜବତ କରିଛନ୍ତି। ଏହାବ୍ୟତୀତ ଘରୁ ୧୫୦ ଗ୍ରାମ ସୁନା ଅଳଙ୍କାର ମିଳିଥିବାବେଳେ ତାଙ୍କର ବ୍ୟାଙ୍କ, ପୋଷ୍ଟାଲ ଓ ଅନ୍ୟାନ୍ୟ ଜମାରାଶି ୧.୮୫ କୋଟି ଟଙ୍କା ଥିବା ଜଣାପଡ଼ିଛି। ଏସବୁ ଜମା ଟଙ୍କା ଲାଞ୍ଚରୁ ସଂଗ୍ରହ କରାଯାଇଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଏହି ମାମଲାରେ ଅଭିଯୋଗକାରୀ ହେଲେ ଇଲେକ୍ଟ୍ରିକାଲ୍ କଣ୍ଟ୍ରାକ୍ଟର ଅମୂଲ୍ୟ ସାହୁ। ସେ ଟେଣ୍ଡର ନେଇ ଏକ ଆପାର୍ଟମେଣ୍ଟରେ ଟ୍ରାନ୍ସଫର୍ମର ଲଗାଇ



ଗିରଫ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ।

ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ଏହାର ଶେଷ ନିରୀକ୍ଷଣ ରିପୋର୍ଟ ଦେବାକୁ ତୁଷାରକାନ୍ତ ଦିନ ଗଡ଼ାଇ ଚାଲିଥିଲେ। ଫଳରେ ଠିକାଦାର ଜଣକ ଏହି କାମର ବିଲ୍ କରିପାରୁ ନ ଥିଲେ। ସେ ୨ ମାସ ହେଲା ଅନୁରୋଧ କରିଆସୁଥିଲେ ମଧ୍ୟ ତୁଷାରକାନ୍ତ ଶୁଣୁ ନ ଥିଲେ। ଟଙ୍କା ଦେଲେ ରିପୋର୍ଟ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ କଣ୍ଟ୍ରାକ୍ଟର ଅମୂଲ୍ୟ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ତାଙ୍କୁ



ଘରୁ ମିଳିଥିବା ଟଙ୍କା ଓ ସୁନା।

ଧରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା କରାଯାଇଥିଲା। ସେହି ଅନୁସାରେ ବୁଧବାର ରାତିରେ ତୁଷାରକାନ୍ତ ତାଙ୍କ ଭଡ଼ାଘର ବାହାରେ ଥିବା ପାର୍କରେ ଠିକାଦାରଙ୍କଠାରୁ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

# ଫାଣ୍ଡି ନିକଟରେ ଯୁବକଙ୍କୁ ହାଣିଲେ

## ପାର୍ବଣରେ ରାଜଧାନୀରେ ଅପରାଧୀଙ୍କ ଆତଙ୍କ

ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)

ପାର୍ବଣରେ ରାଜଧାନୀରେ ଆତଙ୍କ ରଚିଛନ୍ତି ଅପରାଧୀ। ଭିଏସ୍ଏସ୍ନଗରସ୍ଥିତ ପୋଲିସ ଫାଣ୍ଡି ନିକଟରେ ଗୁରୁବାର ଜଣେ ଯୁବକଙ୍କୁ କେତେଜଣ ଅସାମାଜିକ ଯୁବକ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଗୁରୁତର ଯୁବକ ହେଲେ ଭିଏସ୍ଏସ୍ନଗର ତ୍ରିନାଥ ବସ୍ତିର ଆଜାଦ୍ ଶବର। ଆଜାଦଙ୍କ ବାମହାତ ଆଙ୍ଗୁଠି କଟିଯାଇଥିବା ବେଳେ ଦେହରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଶହୀଦନଗର ଥାନା ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଫାଣ୍ଡିଠାରୁ ମାତ୍ର ୧୦୦ ମିଟର ଦୂର ରାସ୍ତାରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ପ୍ରାଥମିକ ତଦନ୍ତରୁ ଆକ୍ରମଣ ପଛରେ ପୂର୍ବ ଶତ୍ରୁତା ଥିବା ପୋଲିସ ଜାଣିବାକୁ ପାଇଛି। ତେବେ କେଉଁମାନେ



ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଆଜାଦ୍ ଶବର।

ଏବଂ କେତେଜଣ ଏହି ଆକ୍ରମଣ କରିଛନ୍ତି, ତାହା ଜାଣିବାକୁ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ପଚରାଉଚରା ଆରମ୍ଭ କରିଛି। ନିକଟ ପଥରବନ୍ଧ ବସ୍ତିର କେତେଜଣ ଯୁବକ ଏହି କାଣ୍ଡ ଘଟାଇଥିବା ସମ୍ପର୍କୀୟମାନେ ଗଣମାଧ୍ୟମକୁ କହିଛନ୍ତି। ଅପରାଧୀଙ୍କ ଟଙ୍କା ନ ଦେବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ଆଜାଦ୍ କହିଛନ୍ତି। ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୦ଟା ୩୦ରେ ଆଜାଦ୍ ଶହୀଦନଗରରୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟାର୍ଗେଟ୍ କରିଥିଲେ। ଧାରୁଆ ଖଣ୍ଡାରେ ତାଙ୍କୁ ସଂଘବଦ୍ଧ ଭାବେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ କ୍ରାଇମ୍ ସ୍ପଟ୍ରେ ପ୍ରବଳ ରକ୍ତସ୍ରୋତ ପଡ଼ିଥିବାବେଳେ ଆଜାଦ୍ ଗୁରୁତର ଅବସ୍ଥାରେ ଭିଏସ୍ଏସ୍ନଗର ଫାଣ୍ଡି ନିକଟରେ ବସି ରହିଥିଲେ। ପ୍ରଥମେ ସ୍ଥାନୀୟ ଲୋକେ ତାଙ୍କର ଆଶୁ ଚିକିତ୍ସା କରିବା ପରେ ହସ୍ପିଟାଲ ନିଆଯାଇଥିଲା।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନାମରେ ଏତଲା

ଖମାର,୨୫।୯ (ରଜନୀକାନ୍ତ ମହାରଣା)

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନିକାନ୍ତ ସାହୁଙ୍କ ବିରୋଧରେ ତାଙ୍କ ଭାଇବୋହୂ ସୁମିତ୍ରା ସାହୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜମି ରେଜିଷ୍ଟ୍ରେସନ ପାଇଁ କହିବାରୁ ଅବନିକାନ୍ତ ସୁମିତ୍ରାଙ୍କୁ ଗାଳିଗୁଲଜ କରିଥିବା ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନାରେ ଅଭିଯୋଗ ହୋଇଛି। ସୁମିତ୍ରାଙ୍କ ଅଭିଯୋଗ ଉପରେ ଅବନିକାନ୍ତଙ୍କ ମତାମତ ମିଳିପାରି ନ ଥିବାବେଳେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ସେଠୀ ଥାନାରେ ଏ ନେଇ ଅଭିଯୋଗ ହୋଇଥିବା ପ୍ରକାଶ କରିଛନ୍ତି।

# ବସ୍ତା ଭିତରୁ ନାବାଳିକାଙ୍କ ମୃତଦେହ ଜବତ

ବାଲେଶ୍ୱର, ୨୫।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସମଲପୁର ଗାଁ ନିକଟରେ ଏକ ଘରୁ ବସ୍ତା ଭିତରୁ ଜଣେ ନାବାଳିକାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଅନ୍ୟ ଦୁଇ ଝିଅଙ୍କ ସହ ଉକ୍ତ ନାବାଳିକା ଜଣକ ଏଠାରେ ରହୁଥିଲେ। ତାଙ୍କ ଘର ବାହାନଗା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେମାନେ ଅଳିଆ ଆବର୍ଜନା ଗୋଟାଇ ପେଟ ପୋଷୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଆଇଆଇସି ଶ୍ୟାମାଘନ ବେହେରା ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ତେବେ ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ



ବସ୍ତା ଭିତରେ ଥିବା ମୃତଦେହ।

ବୋଲି ଆଇଆଇସି ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ପରିଚୟ ଜଣାପଡ଼ି ନ ଥିବା ବେଳେ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

# ଘସିପୁରାରୁ ନିଖୋଜ ୩ ଝିଅ ଠାକୁରମୁଣ୍ଡାରୁ ଉଦ୍ଧାର

## ଜଣଙ୍କୁ ଅଟକ ରଖି ପୋଲିସର ଛାନ୍‌ଭିନ୍

ଆନନ୍ଦପୁର/ଘସିପୁରା,୨୫।୯ (ସୁଶାନ୍ତ କୁମାର ସାହୁ/ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ନନ୍ଦୁଆଁ ଗ୍ରାମରୁ ବୁଧବାର ଅପରାହ୍ନରେ ନିଖୋଜ ହୋଇଯାଇଥିବା ୩ ଝିଅଙ୍କୁ ଗୁରୁବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଝିଅଙ୍କ ମଧ୍ୟରେ ୨ଜଣ ଯୁବତୀ ଥିବା ବେଳେ ଜଣେ ନାବାଳିକା ଅଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗ୍ରାମର ୨ ଯୁବତୀ (୨୧ ଏବଂ ୧୮ ବୟସ) ଓ ଜଣେ ନାବାଳିକା(୧୫) ବୁଧବାର ଅପରାହ୍ନ ୫ଟା୩୦ଟାରେ ଘରେ ବଜାରକୁ ଯାଉଥିବା କହି ଯାଇଥିଲେ। ରାତି ୯ଟା ପର୍ଯ୍ୟନ୍ତ କେହି ବି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବ୍ୟସ୍ତହୋଇ ବଜାର, ଗାଁ, ପରିଜନଙ୍କ ଘରେ ଖୋଜାଖୋଜିକରି ପାଇ ନ ଥିଲେ। ରାତି ତମାମ ପ୍ରୟାସ ପରେ ବି ନ ପାଇବା ପରେ ଗୁରୁବାର ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେମାନେ ବସ୍ ଯୋଗେ ଠାକୁରମୁଣ୍ଡା ପଳାଇ ଆସିଥିଲେ। ବସ୍ଷ୍ଟାଣ୍ଡରୁ ଉଦ୍ଧାର ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ଠାକୁରମୁଣ୍ଡା ଥାନା ଅଧିକାରୀ ସାବିତ୍ରୀ ଦଳେଇ ସୂଚନା ଦେଇଛନ୍ତି।

# ଅଭିଯୁକ୍ତ ବାପାଙ୍କୁ ୨୦ବର୍ଷ ଜେଲଦଣ୍ଡ

## ନାବାଳିକା ଝିଅକୁ ବଳାତ୍କାର ମାମଲା

ଭୁବନେଶ୍ୱର,୨୫।୯ (ସତ୍ୟଜିତ୍ ରାଉତ)

ନାବାଳିକା ଝିଅକୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାପା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର (ପୋକ୍ସୋ) କୋର୍ଟର ବିଚାରପତି ସରୋଜ କୁମାର ସାହୁ ମହିଳା ଥାନାରେ ରୁଜୁ ହୋଇଥିବା ଏହି ମାମଲାରେ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବାପାଙ୍କୁ ୨୦ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟରେ ଅଧିକ ୩ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ତାଙ୍କ ମା' ଓ ବାପାଙ୍କ ସହ ଶହୀଦନଗର ଥାନା ଅନ୍ତର୍ଗତ ଏକ ବସ୍ତିରେ ରହୁଥିଲେ। ୨୦୨୨ ଅକ୍ଟୋବର ୨୭ ସକାଳେ ମା' କାମରେ ବାହାରକୁ ଯାଇଥିବାବେଳେ ଘରେ ବାପାଙ୍କ ସହ ୮ବର୍ଷୀୟା ଝିଅ ଥିଲେ। ସକାଳ ପ୍ରାୟ ୧୦ଟାବେଳେ ଝିଅ ଘରେ ପାଠ ପଢ଼ୁଥିବା ବେଳେ ବାପା ଟିଭି ଦେଖୁଥିଲେ। ଏହି ସମୟରେ ବାପା ହଠାତ୍ ଝିଅକୁ ପାଖକୁ ଡାକି ବଳାତ୍କାର କରିଥିଲେ। ମା' ଘରକୁ ଫେରିବା ପରେ ପୀଡ଼ିତା ଝିଅ ଘଟଣା ବିଷୟରେ କହିଥିଲେ। ଏପରିକି ଅଭିଯୁକ୍ତ ବାପା ପୂର୍ବରୁ ମଧ୍ୟ ନିୟମିତ ବ୍ୟବଧାନରେ ବଳାତ୍କାର କରିଆସୁଥିବା ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ମା' ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୪୨/୨୦୨୫) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲା। ପ୍ରଥମେ କୋର୍ଟ ୧୩ଜଣଙ୍କ ସାକ୍ଷ୍ୟ ଓ ୭୨ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BALLIGUDA**
e-mail ID: rw_balliguda@yahoo.com

**CANCELLATION OF TENDER**

**No.O-881:** The tender for the work invited vide this office bid identification No.EERWBLG-Online-02/2025-26 invited vide this office letter No-1961, dated 09.05.2025 is hereby cancelled due to unavoidable circumstances.

Sd./- Executive Engineer
Rural Works Division, Balliguda
OIPR-25150/11/0003/2526

**DIRECTORATE OF AGRICULTURE & FOOD PRODUCTION, ODISHA**
**REQUEST FOR PROPOSAL**

**No.L-:**"Selection of a Professional Agency for Promoting Organic Farming under the State Sector Scheme BALABHADRA JAIVIK CHASA MISSION (BJCM) from FY 2025-26 to 2029-30" under the Administrative Control of Director of Agriculture & Food Production (Odisha).

**RFP No Dated:** The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of a Professional Agency for Promoting Organic Farming under the State Sector Scheme BALABHADRA JAIVIK CHASA MISSION (BJCM) from FY 2025-26 to 2029-30" under the Administrative Control of **Director of Agriculture & Food Production (Odisha).**

The RFP document is available and can be downloaded from the **tendersodisha.gov.in** from 26.09.2025. Last date for submission of proposals through e-procurement portal is 29.10.2025 at 17.00 hrs. (IST). Further updates on this tender will be available on this website only.

The Proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/ all proposals without assigning any reason thereof.

OIPR-01102/11/0033/2526

**DIRECTORATE OF AGRICULTURE & FOOD PRODUCTION, ODISHA**
**REQUEST FOR PROPOSAL**

**"Selection of Agency for Operationalization of identified Static Soil Testing Laboratories" under Administrative Control of Director of Agriculture & Food Production (Odisha).**

**No.L-74 : RFP No. 33719 Dated 23.09.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha).

The RFP document is available and can be downloaded from the tendersodisha.gov.in. from 26.09.2025. Last date for submission of proposals is 29.10.2025.Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

Sd./- Director of Agriculture & Food Production, Odisha
OIPR-01034/11/0009/2526

No.C-1186

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender ID:2025_ORULB_118646**
**Bid Reference No.MC(CMC)CTC_Div_I_No9/2025-26**
**Tender Call Notice No.11878 (PW) Date:25.09.2025**

Name of Works : Civil Works
No. of Works: 02 Nos.
Bid Value: Rs.3.81 Lakh to Rs.24.31 Lakh
Period of Completion: Fifteen Days to One Calendar Month
Date and Time Schedule:

| Start | End | Opening |
|---|---|---|
| 11.00 AM on dt.26.09.2025 | 5.00 PM on dt.09.10.2025 | 11.00 A.M. on Dt.13.10.2025 |

Tender Details: Can be seen from the procurement portal: **www.tendersorissa.gov.in**

Executive Engineer
City Div-I
OIPR-13031/11/0226/2526

**OFFICE OF THE ASST. DIRECTOR OF TEXTILES, BALASORE**
At-Gudipada, Po-Sovarampur, Dist.-Balasore, PIN-756001
Tele - 06782-262907, E-mail ID : adt.balasore@gmail.com

**QUOTATION CALL NOTICE FOR "SKILL UPGRADATION TRAINING UNDER POHI-2023-24 & 2025-26 and "TECHNOLOGICAL INTERVENTION" UNDER P.O.H.I.-2025-26**

**No.PP -** : Sealed Quotations are invited form the registered suppliers / manufacturers / dealers / firms having valid PAN and GST registration with up to date income Tax & GST clearance certificate, for supply of different Handloom items like Fly shuttle frame Loom (different Reed Space), Weaving Accessories (different Size / Type / count of Reed, Heald, Pirn, Bobbin, Shuttle, Heald Stave, Cycle Rim Charkha, Counting Glass, Drawing Hook) etc. for Technological Intervention Programme under the Scheme "Promotion of Handloom Industries & Jacquard fitting accessories, Weaving accessories, Jalla & Dobby items & Dyeing equipments under "Skill Up-gradation Training" of Balasore Textiles Zone.

Interested suppliers may quote their lowest rate in Seal Covers for Skill Up-gradation Training Under POHI-2023-24 & 2025-26 and Technological Intervention under P.O.H.I.- 2025-26 super scribing / mentioning on Top of sealed cover that "Skill Up-gradation Training" and "Technological Intervention" with detailed specification (Material to be used/size / specification / Brand etc.) along with the copy of Income Tax Clearance Certificate, GST Registration Certificate and proof of execution of such orders carlier if any to the undersigned on or before Date.17.10.2025 by 5:30 PM through Registered / Speed Post only. The quotation received either in incomplete form or after the due date & time will not be considered and treated as cancelled.

The quotations will be opened on Dt.18.10.2025 at 11.00 A.M in the office of the undersigned in presence of the quotationer or their authorized representatives and members of respective purchase committee. The quotationers or their authorized representatives if any must present on that day with samples of the quoted items, failing which the related quotations shall not be considered.

For more details, term & condition etc for supply of the items, please visit the official web site of Directorate of Textiles, Odisha, Bhubaneswar- www.textiles.odisha.gov.in or state agency for development of Handloom Cluster (SADHAC) Bhubaneswar - www sadhacodisha.org or official web site of Odisha State Handloom Weavers Cooperative Society Ltd, Bhubaneswar (BOYANIKA)- www.boyanika.com or official web site of Sambalpuri Bastralaya Weavers Cooperative Society Ltd, Bargarh- www.sambalpuribastralaya.com, Balasore District Web site (OSWAN Centre) www.balasore.odisha.gov.in and may contact to the Asst. Director of Textiles, Baripada in the above listed address, e-mail & Mobile Number-9777465794

The undersigned reserves the right to reject or accept any or all the quotations without assigning any reason thereof.

Sd./- Asst. Director of Textiles, Balasore
OIPR-31011/11/0005/2526

No.A-665

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
E-mail : eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding From | Availability of Bid Document for online bidding To | Name & adderss of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 300 mm dia RWRM from Intake well at Kalingadala with replacement of pumping arrangement Chikiti under State Plan BASUDHA 2023-24 | Bid Identification No. 35/03/ SPH(C)/2025-26 dt.23.09.2025 | 61.25 | 3 (Three) Calendar Months | 11.00 Hrs of 04.10.2025 | 17.30 Hrs of 20.10.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.22.10.2025 at 01.00 P.M.**
Further details can be seen from the e-procurement portal https://www.tenderorissa.gov.in

Sd./- Additional Chief Engineer (PH)
P.H. Division, Bhanjanagar at Chatrapur
OIPR-13013/11/0030/2526

No.O-863

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

1 Name of work : Improvement to PWD Road - Sanbhalupali road in the district of Bolangir under MMSY-Improvement to Existing RD Road for the year 2025-26
2 No. of works : 1 (One) work
3 Time for completion : 9 (Nine) Calendar months
4 Approximate estimated cost varies from : Rs.497.20 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date and time of seeking tender clarification | Date & time of opening of tender: Technical Bid | Date & time of opening of tender: Financial Bid |
|---|---|---|---|---|---|---|
| Chief Construction Engineer, R.W. Circle, Bolangir | BLGR-Online-17/2025-26 | 18.09.2025 at 11.00 A.M. | 04.10.2025 upto 5.00 P.M. | 03.10.2025 upto 5.00 P.M. | 06.10.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir
OIPR-25118/11/0062/2526

No.O-889

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
Letter No. : 3511 Date : 22.09.2025

**1st Corrigendum**

In continuation to this office Bid Identification No. CCERWCSBD-Online-12/2025-26 invited vide this office Notice No.3084 Dtd.25.08.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 03.09.2025 at 11.00 AM to 23.09.2025 up to 5.00 PM | Extended up to 30.10.2025 5.00 P.M. |
| 2 | Date and Time of seeking tender clarification if any | 22.09.2025 up to 2.00 PM | 29.10.2025 up to 2.00 P.M. |
| 3 | Date & Time of opening of tender (Technical Bid) | 24.09.2025 at 11.00 AM | 31.10.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda
OIPR-25182/11/0088/2526

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
*(AN AUTONOMOUS INSTITUTE OF GOVERNMENT OF ODISHA)*
Siripur, BHUBANESWAR-751003, Odisha
Ph. - (0674) 2974145, E-mail : imagebbsr1999@gmail.com
No.4411/IMAGE Dated : 25.09.2025

**RFP for "Selection of Event Management Agency for International Symposium on Shree Anna"**

**No.CAD-1874** : IMAGE invites RFP for **"Selection of Event Management Agency for International Symposium on Shree Anna".** The detailed RFP document can be downloaded from the website https://agri.odisha.gov.in/ https://image.odisha.gov.in from dt. 25.09.2025. The last date for submitting the RFP documents alongwith Bid Processing Fees of Rs.10,000/- (Rupees Ten Thousand) only in favour of Director, IMAGE payable at Bhubaneswar through Speed Post/ Registered Post/ Courier on or before dt. 16.10.2025 up to 04.30 PM. The Technical Bids will be opened on dt. 17.10.2025 at 11.30 AM. The opening of Financial Bids will be intimated later on. IMAGE reserves the right to accept or Reject any/ all proposals/ terminate the entire selection process at any stage without assigning any reason thereof.

OIPR-01408/11/0024/2526 Sd./- DIRECTOR, IMAGE

**DISTRICT PROJECT OFFICE, SAMAGRA SHIKSHA, KHORDHA**
No. 3535 Dated : 23.09.2025

**NOTICE INVITING TENDER (NIT)**

**No.n-168** : Sealed tenders are invited from the reputed & credible agencies / suppliers / manufacturers for supply of "Resource materials for SAKSHAM-Resource centre" for the Children with special needs under PM SHRI in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Resource materials for SAKSHAM-Resource centre | Rs.500/- | Rs.42,000/- | 20.10.2025 by 5.00 PM | 23.10.2025 at 2.00 PM |

The detailed BID document is available in the website www.khordha.nic.in. & www.osepa.odisha.gov.in. Interested and eligible agency / supplier / manufacturer may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By Order of Collector-Cum-Chairman
Sd./- DEO-Cum-DPC
SS, Khordha
OIPR-27101/11/0010/2526

**NOTICE INVITING TENDER** No.CAD-1871:

**OFFICE OF CHIEF CSO/CSO-CUM-DISTRICT MANAGERS**
**ODISHA STATE CIVIL SUPPLIES CORPORATION LTD.**
**DISTRICT BARGARH**

**Tender No.for Paddy and CMR Transport Contractor for KMS 2025-26 & Level-II Transport Contractor for the for biennial 2025-27.**

Ambabhona Block-4190/23.09.2025
Attabira Block- 4191/23.09.2025
Bargarh Block-4192/23.09.2025
Barpali Block-4193/23.09.2025
Bhatil Block-4194/23.09.2025
Bheden Block-4195/23.09.2025
Bijepur Block-4196/23.09.2025
Gaisilet Block-4197/23.09.2025
Jharbandh Block-4198/23.09.2025
Paikmal Block-4199/23.09.2025
Rajborasambar Block-4200/23.09.2025
Sohela Block-4201/23.09.2025
Bargarh Municipality (L-II TC)4185/23.09.2025
Bargarh Block (L-II TC)-4186/23.09.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-Procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of Paddy from Paddy Purchase Centres (PPCs)/ Mandis to Rice Mill points in Bargarh District & Custom Miller Rice (CMR) from Rice Mills points to Rice Receiving Centers (RRCs)/ Depots in Bargarh District for the KMS 2025-26 and Selection and Appointment of Level-II Transport Contractors for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) for Bargarh Block & Bargarh Municipality in Bargarh District for biennial 2025-27. |
| 2 | Availability of tender document in the portal | **From Dt.25.09.2025, 5.00 PM** |
| 3 | Last date & time for receipt of complete Tender documents in the Portal | **Dt.16.10.2025 Upto 5.00 PM** |
| 4 | Date & Time for opening of Technical Bid | **Dt.17.10.2025 at 11.00 AM** |
| 5 | Name & Address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments/ Corrigendum/Cancellation/ re-tenders etc. if any shall be published only in above websites.

Sd./- Chief CSO-cum-District Manager
OSCSC Ltd., Bargarh
OIPR-07036/11/0012/2526

**ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଜରୁରୀ: ଜୟଶଙ୍କର**

ନ୍ୟୁୟର୍କରେ ଅନୁଷ୍ଠିତ ଜି୨୦ ବହିର୍ବ୍ୟାପାର ମନ୍ତ୍ରୀଙ୍କ ବୈଠକରେ ଯୋଗଦେଇ ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ଆତଙ୍କବାଦ ପ୍ରତି ସହନଶୀଳ ମନୋଭାବ ପୋଷଣ କରିବା ଉଚିତ ନୁହେଁ। ବିଶ୍ୱ ଶାନ୍ତି ଏବଂ ବିକାଶ ପାଇଁ ଆତଙ୍କବାଦ ସବୁଠାରୁ ବଡ଼ ବିପଦ। ଆତଙ୍କବାଦକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ଦ୍ୱୈତ ମାନଦଣ୍ଡ ରହିଥିବା ଜୟଶଙ୍କର ଅଭିଯୋଗ ଆଣିଛନ୍ତି।



## ବାୟୁସେନାକୁ ମିଳିବ ୯୭ ତେଜସ୍ ଏମ୍‌କେ୧ଏ ଜେଟ୍

ନୂଆଦିଲ୍ଲୀ, ୨୫।୯

ଭାରତର ପ୍ରତିରକ୍ଷା ଶକ୍ତିକୁ ଦୃଢ଼ କରିବା ପାଇଁ ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନୂତନ ପଦକ୍ଷେପ ନିଆଯାଇଛି। ଭାରତୀୟ ବାୟୁସେନାକୁ ଖୁବଶୀଘ୍ର ୯୭ ତେଜସ୍ ଏମ୍‌କେ୧ଏ ଜେଟ୍ ମିଳିବାକୁ ଯାଉଛି। ଏଥିରେ ୬୮ଟି ସିଙ୍ଗଲ ସିଟ୍ ଯୁଦ୍ଧ ବିମାନ ଏବଂ ୨୯ ଡବଲ ସିଟ୍ ଟ୍ରେନର ଏୟାରକ୍ରାଫ୍ଟ ସାମିଲ ହୋଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ସହ ୬୨,୩୭୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାସହ ଏଚ୍‌ଏଏଲ୍ ବାୟୁସେନାକୁ ବିଭିନ୍ନ ଆବଶ୍ୟକ ଉପକରଣ ମଧ୍ୟ ଯୋଗାଇବ। ଚୁକ୍ତିଅନୁଯାୟୀ, ଏହିଯୁଦ୍ଧ ବିମାନର ବିତରଣ ୨୦୨୭-୨୮ରୁ ଆରମ୍ଭ ହୋଇ ୬ ବର୍ଷ ମଧ୍ୟରେ ସମାପ୍ତ ହେବ। ଏହା ବାୟୁସେନାର ଶକ୍ତିକୁ ବଢ଼ାଇବା ସହ ଆତ୍ମନିର୍ଭର ଭାରତକୁ ମଜଭୁତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।


ତାଇୱାନ୍‌ରେ ମହାବାତ୍ୟା ରାଗାସାଜନିତ ବନ୍ୟା ଯୋଗୁ କାଦୁଅରେ ପୋତିହୋଇ ପଡ଼ିଥିବା ହୁଆଲିଏନ୍ ଅଞ୍ଚଳର ଦୃଶ୍ୟ ଆକାଶମାର୍ଗରୁ ନିଆଯାଇଛି। (ଫଟୋ ସୌଜନ୍ୟ: ରଏଟର୍ସ)

## ସମବେଦନା ଜଣାଇବାକୁ ଆସି ପୁଅକୁ ଦୋଷ ଦେଲେ ଏଏଆଇବି ଅଧିକାରୀ

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା: ଅସନ୍ତୋଷ ବ୍ୟକ୍ତକଲେ ପାଇଲଟ୍‌ଙ୍କ ବାପା**

ନୂଆଦିଲ୍ଲୀ, ୨୫।୯

ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଜୁନ୍ ୧୨ରେ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଯାତ୍ରୀ ଓ କ୍ରିଉ ମେମ୍ବରଙ୍କ ସମେତ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ପାଇଲଟ ଫୁଏଲ୍ ସୁଇଚ୍ ବନ୍ଦ କରିଦେବାରୁ ଦୁର୍ଘଟଣା ଘଟିଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା କୁହାଯାଇଥିଲା। ବିମାନ କ୍ୟାପଟେନ ସୁମିତ ସଭରୱାଲଙ୍କ ବାପା ପୁଷ୍କରରାଜ ସଭରୱାଲ କହିଛନ୍ତି, ତଦନ୍ତ ଅଧିକାରୀମାନେ ଗତ ମାସରେ ତାଙ୍କୁ ଭେଟିଥିଲେ। ବିମାନ ଟେକ୍ଅଫ୍ ପରେ ତାଙ୍କ ପୁଅ ଫୁଏଲ୍ ସୁଇଚ୍‌କୁ ବନ୍ଦ କରିଦେଇଥିଲେ ବୋଲି କହିଥିଲେ। ୯୧ ବର୍ଷୀୟ ପୁଷ୍କରରାଜ ଫେଡେରେସନ ଅଫ୍ ଇଣ୍ଡିଆନ୍ ପାଇଲଟ୍ସକୁ ସେପ୍ଟେମ୍ବର ୧୭ରେ ଇମେଲ୍ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଅଧିକାରୀମାନେ ଅଗଷ୍ଟ ୩୦ରେ ସାନ୍ତ୍ୱନା ଜଣାଇବା ଆଳରେ ତାଙ୍କ ଘରକୁ ଯାଇ ଦୁର୍ଘଟଣା ପାଇଁ କ୍ୟାପ୍ଟେନ ସୁମିତ୍‌ଙ୍କୁ ଦାୟୀ କରିଥିଲେ। କକ୍‌ପିଟ ଭଏସ୍ ରେକର୍ଡରରୁ ସଂଗୃହୀତ ତଥ୍ୟ ଆଧାରରେ ସେମାନେ ଏପରି କହିଥିବା ପୁଷ୍କରରାଜ ଉଲ୍ଲେଖ କରିଥିଲେ। ମୋ ପୁଅର ସଙ୍କୋଚତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯିବା ଅନୁଚିତ। ଅଧିକାରୀମାନେ ତାଙ୍କୁ ନେଇ ଦେଇଥିବା ମନ୍ତବ୍ୟ ବୃତ୍ତିଗତ ଦୃଷ୍ଟିରୁ ଅନୁପଯୁକ୍ତ। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇରେ


ପୁଷ୍କରରାଜ ସଭରୱାଲ

ଏଏଆଇବି ଏହି ଦୁର୍ଘଟଣା ପଛର ଦୃଢ଼ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ କାହାକୁ ଦାୟୀ ନ କରିବା ଏବଂ ବିଭ୍ରାନ୍ତିକର ତଥ୍ୟ ବିସ୍ତାର ନ କରିବା ପାଇଁ ଜନସାଧାରଣ ଓ ଗଣମାଧ୍ୟମକୁ ପରାମର୍ଶ ଦେଇଥିଲେ। ପୁଷ୍କରରାଜ ଇମେଲରେ ଆହୁରି କହିଛନ୍ତି, କଳ୍ପନାଜଳ୍ପନାକୁ ନେଇ ସୁମିତ୍‌ଙ୍କୁ ଦୋଷ ଦିଆଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ପୃଥକ ତଦନ୍ତ କରାଗଲେ ପ୍ରକୃତ ସତ ପଦାକୁ ଆସିବା ସହ ଯାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରାଯାଇପାରିବ। ନିରପେକ୍ଷ ତଦନ୍ତ ପାଇଁ ଦାଖଲ ଏକ ଭିନ୍ନ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଗତ ସପ୍ତାହରେ ସରକାରଙ୍କ ଏହା ଉପରେ ଜବାବ ମାଗିଥିଲେ।

## ସୋନମ୍ ୱାଙ୍ଗଚୁକଙ୍କ ସଂସ୍ଥା ବିରୋଧରେ ସିବିଆଇ ତଦନ୍ତ

# ଏନ୍‌ଜିଓ ଫଣ୍ଡିଂ ଲାଇସେନ୍ସ ରଦ୍ଦ

ଲଦାଖର ଲେହ୍ ହିଂସାରେ ୪ ଜଣଙ୍କ ମୃତ୍ୟୁ ଘଟିବା ପରେ ବିକ୍ଷୋଭକାରୀ-ପୋଲିସ ସଂଘର୍ଷ ପାଇଁ କେନ୍ଦ୍ର ସରକାର କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକଙ୍କୁ ଦାୟୀ କରିଛନ୍ତି। ସୋନମ୍ ତାଙ୍କ ଏନ୍‌ଜିଓ 'ଷ୍ଟୁଡେଣ୍ଟ୍ସ ଏଜୁକେଶନାଲ ଆଣ୍ଡ୍ କଲ୍‌ଚରାଲ ମୁଭ୍‌ମେଣ୍ଟ ଇନ୍ ଲଦାଖ' ଜରିଆରେ ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ)ର ଉଲ୍ଲଂଘନ କରି ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ଆସିଛି। ଇତିମଧ୍ୟରେ ସୋନମ୍‌ଙ୍କ ପାକିସ୍ତାନ ଓ ବାଂଲାଦେଶ ଲିଙ୍କ୍‌କୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ତନାଘନା ଚଳାଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର ଫଣ୍ଡିଂ ଲାଇସେନ୍ସକୁ ରଦ୍ଦ କରିଦେଇଛି।

**ଲଦାଖରେ ହିଂସାତ୍ମକ ବିକ୍ଷୋଭ ପଛରେ ଆକ୍ଟିଭିଷ୍ଟ**

ନୂଆଦିଲ୍ଲୀ/ଲେହ୍, ୨୫।୯

ଶିକ୍ଷାବିତ୍ ତଥା ଆକ୍ଟିଭିଷ୍ଟ ସୋନମ ୱାଙ୍ଗଚୁକ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ହିମାଳୟାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଲ୍‌ଟର୍ନେଟିଭିସ୍ ଲଦାଖ (ଏଚ୍‌ଆଇଏଏଲ୍) ଏବଂ ଷ୍ଟୁଡେଣ୍ଟସ୍ ଏଜୁକେଶନାଲ ଆଣ୍ଡ କଲ୍‌ଚରାଲ ମୁଭ୍‌ମେଣ୍ଟ ଅଫ୍ ଲଦାଖ (ଏସ୍‌ଇସିଏମ୍‌ଓଏଲ୍) ବିଦେଶୀ ଅନୁଦାନ (ନିୟମାବଳୀ) ଆଇନ (ଏଫ୍‌ସିଆର୍‌ଏ) ଉଲ୍ଲଂଘନ କରିଥିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଚଳାଇଛି। ଏସ୍‌ଇସିଏମ୍‌ଓଏଲ୍‌ର ଏଫ୍‌ସିଆର୍‌ଏ ପଞ୍ଜୀକରଣକୁ ଗୁରୁବାର ସନ୍ଧ୍ୟାରେ ରଦ୍ଦ କରାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ହିଂସାତ୍ମକ ବିକ୍ଷୋଭର ୨୪ ଘଣ୍ଟା ନ ପୂରୁଣୁ ସରକାରଙ୍କ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ଦାବି ଆନ୍ଦୋଳନ ପଛରେ ୱାଙ୍ଗଚୁକ୍ ରହିଥିବାବେଳେ ବୁଧବାର ହିଂସାରେ ୪ ଜଣଙ୍କ ଜୀବନ ଯିବା ଘଟଣା ପାଇଁ ତାଙ୍କୁ ଦାୟୀ କରାଯାଉଛି। ତାଙ୍କର ଉତ୍ତେଜନପୂର୍ଣ୍ଣ ଭାଷଣରୁ ଲୋକେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ଏବଂ ଲଦାଖ ନିର୍ବାଚନ ଅଫିସରଙ୍କ ଉପରେ ଆକ୍ରମଣ କଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

ଅନ୍ୟପକ୍ଷରେ ଲଦାଖ ହିଂସା ଘଟଣାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବଳିବୋଦା କୌଶଳ ଆପଣାଇ ତାଙ୍କ ଉପରେ ଦୋଷ ଲଦୁଥିବା ୱାଙ୍ଗଚୁକ୍ କହିଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଜନସୁରକ୍ଷା ଆଇନର ବ୍ୟବହାର କରିବାକୁ ଉଦ୍ୟମ ହେଉଛି। ସେ ଗିରଫ ହେବା ପାଇଁ ପ୍ରସ୍ତୁତ। ତେବେ ସେ ଜେଲରେ ରହିଲେ ଅଧିକ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜଳବାୟୁ ଆକ୍ଟିଭିଷ୍ଟ ଗଣମାଧ୍ୟମକୁ କହିଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଦୀର୍ଘଦିନର ଅଭିଯୋଗରୁ କ୍ରୋଧ ହିଂସାତ୍ମକ ରୂପ ନେଲା। ସରକାର ପ୍ରକୃତ କାରଣର ସମାଧାନ ନ କରି ତାଙ୍କୁ ଏବଂ କଂଗ୍ରେସକୁ ଦୋଷ ଦେଉଥିବା ୱାଙ୍ଗଚୁକ୍ କହିଛନ୍ତି।

ୱାଙ୍ଗଚୁକ୍‌ଙ୍କ ଏନ୍‌ଜିଓରେ ଗମ୍ଭୀର


ସୋନମ ୱାଙ୍ଗଚୁକ

ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଉକ୍ତ ସଂସ୍ଥା କ୍ରମାଗତ ଭାବେ ଏଫ୍‌ସିଆର୍‌ଏର ଉଲ୍ଲଂଘନ କରିଆସୁଥିଲା। ଗତ ୧୦ ତାରଖରେ ଏସ୍‌ଇସିଏମ୍‌ଓଏଲ୍‌କୁ ସରକାର କାରଣ ଦର୍ଶାଅ ନୋଟିସ ପଠାଇଥିଲେ। ସିବିଆଇ ଅଧିକାରୀମାନେ ସପ୍ତାହେ ହେଲା ଲଦାଖରେ ରହି ଏଚ୍‌ଆଇଏଏଲ୍‌ର ଫାଇନାନ୍ସିଆଲ ରେକର୍ଡଗୁଡ଼ିକୁ ଯାଞ୍ଚ କରୁଛନ୍ତି। ଏଫ୍‌ସିଆର୍‌ଏର ମଞ୍ଜୁରୀ ବିନା ଉପରୋକ୍ତ ସଂସ୍ଥା ବିଦେଶୀ ପାଣ୍ଠି ଗ୍ରହଣ କରିଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଭିଯୋଗ କରିଥିଲା।

ଏସ୍‌ଇସିଏମ୍‌ଓଏଲ୍‌ର ଏଫ୍‌ସିଆର୍‌ଏ ଆକାଉଣ୍ଟରେ ୱାଙ୍ଗଚୁକ୍ ୩.୩୫ ଲକ୍ଷ ଟଙ୍କା ଜମା କରିଥିଲେ, ଯାହା ଏକ ପୁରୁଣା ବସ୍ ବିକ୍ରିରୁ ମିଳିଥିଲା ବୋଲି ଏନ୍‌ଜିଓ କହିଛି। ଏଫ୍‌ସିଆର୍‌ଏ ପାଣ୍ଠି କ୍ରେଡିଟ୍ ଏଣ୍ଟ୍ରିରେ ତାହା ଉଲ୍ଲେଖ ନାହିଁ। ଏଫ୍‌ସିଆର୍‌ଏ ଆଇନ ଧାରା ୧୭ର ଉଲ୍ଲଂଘନ କରାଯାଇ ନଗଦ ଟଙ୍କା ଗ୍ରହଣ କରାଯାଇଛି। ଜଳବାୟୁ ପରିବର୍ତ୍ତନ, ଆପ୍ରବାସନ ଏବଂ ଖାଦ୍ୟ ସୁରକ୍ଷା ଉପରେ ଯୁବ ସଚେତନତା କାର୍ଯ୍ୟକ୍ରମ ପାଇଁ ସୁଇଜରଲାଣ୍ଡର ଜଣେ ବ୍ୟକ୍ତି ଦାନ କରିଥିବା ୪.୯୩ ଲକ୍ଷ ଟଙ୍କାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଉକ୍ତ ଦାନ ଦେଶର ଜାତୀୟ ସ୍ୱାର୍ଥ ବିରୋଧରେ ଥିଲା ବୋଲି ସରକାର କହିଛନ୍ତି। ସେହିପରି ଏନ୍‌ଜିଓର ଏଫ୍‌ସିଆର୍‌ଏ ଆକାଉଣ୍ଟରେ ୧୯,୬୦ ଏବଂ ୭୯,୨୦୦ ଟଙ୍କା ଭୁଲ୍‌ରେ ଚଢ଼ାଯାଇଥିବା ଜଣାପଡ଼ିଛି।

ସିବିଆଇର ଏକ ଟିମ୍ ତାଙ୍କ ଅନୁଷ୍ଠାନକୁ ଆସି ବିଦେଶୀ ଅନୁଦାନ ଗ୍ରହଣରେ ଉପରୋକ୍ତ ସଂସ୍ଥା ଏଫ୍‌ସିଆର୍‌ଏ ନିୟମ ଉଲ୍ଲଂଘନ କରିଥିବା କହିଥିଲେ। ତେବେ ଜାତିସଂଘ, ସୁଇସ୍ ୟୁନିଭର୍ସିଟି ଏବଂ ଏକ ଇଟାଲୀୟ ସଂଗଠନ ସହ ଜ୍ଞାନବିନିମୟ ସେବା ପାଇଁ ଏହି ପାଣ୍ଠି ଗ୍ରହଣ କରାଯାଇଛି ଓ ଉପଯୁକ୍ତ ଟିକସ ପୈଠ କରାଯାଇଛି ବୋଲି ୱାଙ୍ଗଚୁକ୍ ସ୍ପଷ୍ଟୀକରଣ ଦେଇଛନ୍ତି।

**୫୦ ଜଣଙ୍କୁ ଉଠାଇନେଲା ପୋଲିସ**

ଲେହ, ୨୫।୯

ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଲାଗୁ ଦାବିରେ ବୁଧବାର ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଥିଲା। ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁଯାଇ ପୋଲିସ ଗୁଳିଚାଳନା କରିଥିଲା। ପୋଲିସ ଗୁଳିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପୋଲିସ ଉକ୍ତ ଅଞ୍ଚଳରେ ବ୍ୟାପକ ଚଢ଼ାଉ କରିବା ସହ ୫୦ ଜଣଙ୍କୁ ଉଠାଇ ନେଇଛି। ବିକ୍ଷୋଭକାରୀଙ୍କୁ ଉତ୍ତେଜିତ କରିବା ଅଭିଯୋଗରେ ଲେହ କଂଗ୍ରେସ କାଉନସିଲର ଓ ଅନ୍ୟ ରାଜନେତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ହିଂସାକୁ ବରଦାସ୍ତ କରାଯିବ ନାହିଁ। ଦଙ୍ଗାରେ ଯେଉଁମାନେ ସାମିଲ ଓ ଯେଉଁମାନେ ଏଥିପାଇଁ ଉସୁକାଇଥିଲେ, ସେମାନଙ୍କୁ ପରିଣତି ଭୋଗିବାକୁ ପଡ଼ିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ଜୁବିନ୍‌ଙ୍କ ମ୍ୟୁଜିସିଆନ୍ ଗିରଫ

ଗୁଆହାଟୀ, ୨୫।୯

ଆସାମର ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗୁରୁବାର ତାଙ୍କ ଟିମ୍‌ର ମ୍ୟୁଜିସିଆନ୍ ଶେଖର ଜ୍ୟୋତି ଗୋସ୍ୱାମୀଙ୍କୁ ଗିରଫ କରିଛି। ଗତ ୧୯ ତାରଖରେ ସିଙ୍ଗାପୁରରେ ବୋଟ୍ ଭ୍ରମଣ ପାଇଁ ଯାଇ ଜୁବିନ୍ ସ୍କୁବା ଡାଇଭିଂ କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର ଥିବା ଅଭିଯୋଗ ହୋଇଥିଲା। ଜୁବିନ୍ ବୋଟ୍‌ରେ ଭ୍ରମଣ କରୁଥିବା ସମୟରେ ଗୋସ୍ୱାମୀ ସେଠାରେ ଉପସ୍ଥିତ ଥିଲେ। ତାଙ୍କୁ ଜେରା କରିବା ପାଇଁ ଏସ୍‌ଆଇଟି ହାଜତକୁ ନେଇଛି। ତେବେ ତାଙ୍କ ବିରୋଧରେ କି ପ୍ରକାର ଅଭିଯୋଗ ଅଛି, ଟିମ୍ ପ୍ରକାଶ କରିନାହିଁ। ଏସ୍‌ଆଇଟି ଗୁରୁବାର ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ଆୟୋଜକ


ଶେଖର ଜ୍ୟୋତି ଗୋସ୍ୱାମୀ

ଶ୍ୟାମକନୁ ମହାନ୍ତ ଓ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ବାସଭବନରେ ଚଢ଼ାଉ କରିଛି। ଉଭୟଙ୍କୁ ଗିରଫ କରାଯିବାକୁ ବିକ୍ଷୋଭକାରୀ ଦାବି କରିଥିଲେ। ଶର୍ମାଙ୍କ ଘର ବାହାରେ ଉତ୍ତେଜନା ଲାଗି ରହିଛି। ଜୁବିନ୍ ଯେଉଁ ଉତ୍ସବରେ ଯୋଗଦେବାକୁ ସିଙ୍ଗାପୁର ଯାଇଥିଲେ, ମହନ୍ତ ତା'ର ମୁଖ୍ୟ ଆୟୋଜକ ଥିଲେ।

## ୧ ଡଲାର = ୮୮.୭୬ ଟଙ୍କା

ମୁମ୍ବାଇ, ୨୫।୯ (ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ଗୁରୁବାର ୧ ପଇସା ହ୍ରାସ ପାଇ ସର୍ବକାଳୀନ ସର୍ବନିମ୍ନ ୮୮.୭୬ ସ୍ତରରେ ପହଞ୍ଚିଛି। ଏଚ୍୧-ବି ଭିଜା ଫି' ବୃଦ୍ଧି ଏବଂ ଅଶୋଧିତ ତୈଳ୍ୟ ମୂଲ୍ୟ ବୃଦ୍ଧି ଯୋଗୁ ଟଙ୍କା ଉପରେ ଚାପ ପଡୁଥିବା ନେଇ ଫରେକ୍ସ ଟ୍ରେଡରମାନେ କହିଛନ୍ତି। ବିଶ୍ୱ ବାଣିଜ୍ୟ ଅନିଶ୍ଚିତତା ଏବଂ ଭାରତର ଆଇଟି ସର୍ଭିସ୍ ଏକ୍ସପୋର୍ଟ୍ସ ଉପରେ ଆମେରିକାର ଭିଜା ଶୁଳ୍କ ବୃଦ୍ଧିର ପ୍ରଭାବକୁ ନେଇ ନିବେଶକମାନେ ଚିନ୍ତିତ ରହିଛନ୍ତି।

# ଧର୍ମେନ୍ଦ୍ର ବିହାର, ଭୂପେନ୍ଦ୍ର ପଶ୍ଚିମବଙ୍ଗ ପ୍ରଭାରୀ

**ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ ଦେଲା ଭାଜପା**

ନୂଆଦିଲ୍ଲୀ, ୨୫।୯

ଭାରତୀୟ ଜନତା ପାର୍ଟି (ଭାଜପା) ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୂପେନ୍ଦ୍ର ଯାଦବଙ୍କୁ ଯଥାକ୍ରମେ ବିହାର ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଭାରୀ ଦାୟିତ୍ୱ ଦେଇଛି। ଉଭୟେ ନିର୍ବାଚନ ପରିଚାଳନାରେ ସିଦ୍ଧହସ୍ତ ତଥା ଭାଜପାର ଓବିସି ଚେହେରା ହୋଇଥିବାରୁ ଦୁଇ ରାଜ୍ୟରେ ସଫଳତା ହାସଲ ଆଶାରେ ଦଳ ଏହି ନିଷ୍ପତ୍ତି ନେଇଥାଇପାରେ। ସେହିପରି ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ତାମିଲନାଡୁ ପାଇଁ ଭାଜପା ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଥିବା ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବିହାର ବିଧାନସଭା ନିର୍ବାଚନ ଆସନ୍ତା ନଭେମ୍ବର ଆଡ଼କୁ ହୋଇପାରେ। ସେହିପରି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୨୦୨୬ ମାର୍ଚ୍ଚ-ଏପ୍ରିଲ ଆଡ଼କୁ ବିଧାନସଭା ଭୋଟ ହୋଇପାରେ।

ଭାଜପା ଗୁଜରାଟ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ସି.ଆର୍. ପାଟିଲ ଏବଂ ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ବିହାର ନିର୍ବାଚନ


ଧର୍ମେନ୍ଦ୍ର ପ୍ରଧାନ


ଭୂପେନ୍ଦ୍ର ଯାଦବ


ବୈଜୟନ୍ତ ପଣ୍ଡା

ପାଇଁ ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାରଦେବଙ୍କୁ ପଶ୍ଚିମବଙ୍ଗ ସହପ୍ରଭାରୀ କରାଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ମୁରଲୀଧର ମୋହୋଲଙ୍କୁ ତାମିଲନାଡୁ ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି। କେଶବ ଓବିସିରୁ ଆସୁଥିବାବେଳେ ବିପ୍ଳବ ଜଣେ ବଙ୍ଗାଳୀ। ତେଣୁ ଉଭୟଙ୍କୁ ଦାୟିତ୍ୱ ଦିଆଯାଇଥିବା ରାଜ୍ୟରେ ଦଳକୁ ସଫଳତା ମିଳିପାରେ ବୋଲି ଭାଜପା ଆଶାବାଦୀ।

ଧର୍ମେନ୍ଦ୍ର ହରିୟାଣା ଏବଂ ପରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବାବେଳେ ଉଭୟ ରାଜ୍ୟରେ ଭାଜପାକୁ ସଫଳତା ମିଳିଥିଲା। ଏହା ପୂର୍ବରୁ ୨୦୧୦ରେ ସେ ବିହାର ନିର୍ବାଚନ ବେଳେ ସହପ୍ରଭାରୀ ଥିଲେ। ଧର୍ମେନ୍ଦ୍ର ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ କର୍ଣ୍ଣାଟକରେ ମଧ୍ୟ ପ୍ରଭାରୀ ଦାୟିତ୍ୱରେ ରହିସାରିଛନ୍ତି। ଅନୁରୂପ ଭାବେ ଭୂପେନ୍ଦ୍ର ମଧ୍ୟ ଅତୀତରେ ବିହାର, ଗୁଜରାଟ ଓ ଅନ୍ୟ କେତେକ ରାଜ୍ୟରେ ଦାୟିତ୍ୱ ସମ୍ଭାଳିସାରିଛନ୍ତି।

ରାଜ୍ୟ ବିଧାନସଭାଗୁଡ଼ିକର ପ୍ରଚାର ବେଳେ ଭାଜପା ପ୍ରଭାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ପ୍ରଭାରୀ ସେତୁ ଭଳି କାର୍ଯ୍ୟ କରିବା ସହ ତୃଣମୂଳ ସ୍ତରରେ ଦଳର ରଣନୀତିକୁ କାର୍ଯ୍ୟକାରୀ କରିଥାନ୍ତି।

## ଭୋଟଗଣତି ନିୟମରେ ସଂଶୋଧନ

ନୂଆଦିଲ୍ଲୀ, ୨୫।୯

ଭୋଟଗଣତିରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ନିର୍ବାଚନ କମିଶନ ନିୟମରେ ସଂଶୋଧନ କରିଛନ୍ତି। ଭୋଟଗଣତି ସକାଳ ୮ଟାରେ ପୋଷ୍ଟାଲ ବାଲଟ ଗଣତି ଆରମ୍ଭ ହେଉଥିବାବେଳେ ୮ଟା ୩୦ରୁ ଇଭିଏମ୍ ଭୋଟ ଗଣନା ଆରମ୍ଭ ହେଉଥିଲା। ପୋଷ୍ଟାଲ ବାଲଟ ଗଣନା ଚାଲିଥିବାବେଳେ ଇଭିଏମ୍ ଗଣନା ଆରମ୍ଭ ହୋଇଯାଉଥିଲା। ଗଣତି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସମାନତାକୁ ସୁନିଶ୍ଚିତ କରିବା ପାଇଁ ନିୟମରେ ପରିବର୍ତ୍ତନ ଆଣିବାକୁ ଇସି ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ପୋଷ୍ଟାଲ ବାଲଟ ଗଣନା ଶେଷହେବା ପରେ ଇଭିଏମ୍‌ର ଶେଷ ପର୍ଯ୍ୟାୟ କାଉଣ୍ଟିଂ ଆରମ୍ଭ ହେବ। ବିହାର ବିଧାନସଭା ନିର୍ବାଚନରେ ଏହା ଲାଗୁ ହେବାକୁ ଯାଉଛି।

## ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଗୁଜରାଟରେ ହିଂସା

ଅହମଦାବାଦ, ୨୫।୯

ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ଗୁଜରାଟର ବହିଆଲ ଗ୍ରାମରେ ବୁଧବାର ରାତିରେ ଉତ୍ତେଜନା ହିଂସାତ୍ମକ ରୂପ ନେଇଛି। ଉତ୍ତେଜନା ଲାଗିରହିବାରୁ ନବରାତ୍ରି ଉତ୍ସବରେ ବାଧା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ଗର୍‌ବା ନୃତ୍ୟ ସ୍ଥଳକୁ ଟେକାମାଡ଼ କରିବା ସହ ବହୁ ଦୋକାନ ଜାଳିଦେଇଛନ୍ତି ଓ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିବାବେଳେ ୬୦ ଜଣଙ୍କୁ ଗିରଫ କରାଯାଇଛି।

ସୋସିଆଲ ମିଡିଆରେ ଉତ୍ତେଜନାପୂର୍ଣ୍ଣ ପୋଷ୍ଟକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସଂଘର୍ଷ ବେଳେ ଉତ୍ତ୍ୟକ୍ତ ଲୋକେ ୪ଟି ଦୋକାନ ଜାଳିଦେବା ସହ ପୋଲିସ ଗାଡ଼ି ଓ ଅଗ୍ନିଶମ ଗାଡ଼ି ସମେତ ଅନେକ ଗାଡ଼ି ଭଙ୍ଗାରୁଜା କରିଥିଲେ। ଲୋକମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଗୁରୁବାର ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। 'ଆଇ ଲଭ୍ ମହମ୍ମଦ' ପୋଷ୍ଟକୁ ନେଇ ବିବାଦ ଲାଗି ରହିଥିବାବେଳେ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ଏଭଳି ପୋଷ୍ଟରୁ ଉତ୍ତେଜନା ଦେଖାଦେଇଥିଲା।

## ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସାର୍କୋଜିଙ୍କୁ ୫ ବର୍ଷ ଜେଲ

ପ୍ୟାରିସ୍, ୨୫।୯

ଲିବ୍ୟା ସହ ଡିଲ୍‌କୁ ନେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ୍ ସାର୍କୋଜିଙ୍କୁ ପ୍ୟାରିସ୍‌ର ଏକ କୋର୍ଟ ଗୁରୁବାର ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଫ୍ରାନ୍ସର ଜଣେ ଶୀର୍ଷ ରାଜନେତାଙ୍କ ପାଇଁ ଏହା ଅଭୂତପୂର୍ବ ଦଣ୍ଡବିଧାନ ବୋଲି କୁହାଯାଉଛି। ଅନେକେ ଦଣ୍ଡକୁ ଅତ୍ୟନ୍ତ କଠୋର ବୋଲି କହିବା ସହ ଆଧୁନିକ ଫ୍ରାନ୍ସ ରାଜନୈତିକ ଇତିହାସରେ ପ୍ରଥମ ଘଟଣା ବୋଲି ମତ ଦେଇଛନ୍ତି। ୨୦୦୭ରୁ ୨୦୧୨ ଫ୍ରାନ୍ସର ରାଷ୍ଟ୍ରପତି ଥିବା ସାର୍କୋଜି ରାୟ ବିରୋଧରେ ଅପିଲ୍ କଲେ ମଧ୍ୟ ତାଙ୍କୁ ଜେଲ ଯିବାକୁ ପଡ଼ିବ।

କୂଟନୈତିକ ଅନୁକମ୍ପା ପାଇବା ପାଇଁ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ସାର୍କୋଜିଙ୍କ ପାଇଁ ଲିବ୍ୟା ପାଣ୍ଠି ଯୋଗାଇଥିଲା। ଦୁର୍ନୀତି,


ନିକୋଲାସ୍ ସାର୍କୋଜି

ବେଆଇନ ପ୍ରଚାର ପାଣ୍ଠି ଏବଂ ସରକାରୀ ପାଣ୍ଠି ହେରଫେର ତଥ୍ୟ ଲୁଚାଇବା ଅଭିଯୋଗରେ କୋର୍ଟ ସାର୍କୋଜିଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସାର୍କୋଜିଙ୍କ ୨ ଘନିଷ୍ଠ ସହଯୋଗୀ ପୂର୍ବତନ ମନ୍ତ୍ରୀ କାଉଡ୍ ଗୁଆଣ୍ଟ ଏବଂ ବ୍ରାଇସ୍ ହୋର୍ଟେଫକ୍ସଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଅନ୍ୟ ଅଭିଯୋଗରେ ଦୋଷମୁକ୍ତ କରିଛନ୍ତି।

## ଶାହରୁଖ୍‌ଙ୍କ ପଛରେ ପୁଣି ପଡ଼ିଲେ ସମୀର ୱାଙ୍ଖଡେ

- 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ଛବି ଖରାପ କରିବା ଅଭିଯୋଗ ଆଣିଲେ
- ହାଇକୋର୍ଟରେ ୨ କୋଟିର ମାନହାନି ମାମଲା କଲେ ଏନ୍‌ସିବିର ପୂର୍ବତନ ଅଫିସର

ନୂଆଦିଲ୍ଲୀ/ମୁମ୍ବାଇ, ୨୫।୯

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ପୂର୍ବତନ ଡାଇରେକ୍ଟର ସମୀର ୱାଙ୍ଖଡ଼େ ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍ ଓ ତାଙ୍କ ପରିବାର ପଛରେ ପୁଣି ପଡ଼ିଛନ୍ତି। କିଙ୍ଗ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କ ନିର୍ଦ୍ଦେଶିତ 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ନାର୍କୋଟିକ୍ସ ଏଜେନ୍ସିର ଛବି ଖରାପ କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ଏହି ୱେବ୍ ସିରିଜର ପ୍ରଯୋଜନା ଶାହରୁଖ୍ ଓ ତାଙ୍କ ସ୍ତ୍ରୀ ଗୌରୀ ଖାନ୍‌ଙ୍କ ମାଲିକାନାରେ ଥିବା ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ କରିଥିବାବେଳେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଛି। ତେଣୁ ଶାହରୁଖ୍, ଗୌରୀ ଓ ଆର୍ଯ୍ୟନ୍‌ଙ୍କ ବିରୋଧରେ ସମୀର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ୨ କୋଟି ଟଙ୍କାର ମାନହାନି ମାମଲା କରିଛନ୍ତି।

ହାଇକୋର୍ଟରେ ଦାଖଲ ପିଟିଶନରେ ଭାରତୀୟ ରାଜସ୍ୱ ସେବା


ଆର୍ଯ୍ୟନ୍ ଖାନ୍


ସମୀର ୱାଙ୍ଖଡେ

(ଆଇଆର୍‌ଏସ୍) ଅଧିକାରୀ ସମୀର ୱାଙ୍ଖଡ଼େ ଉଲ୍ଲେଖ କରିଛନ୍ତି, 'ଦି ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ଡ୍ରଗ୍ସ ନିରୋଧୀ ପ୍ରବର୍ତ୍ତନକାରୀ ଏଜେନ୍ସି ଏନ୍‌ସିବି ସହ ତାଙ୍କ ଭୂମିକାକୁ ବିଭ୍ରାନ୍ତିକର ଓ ନକାରାତ୍ମକ ଭାବେ ଦର୍ଶାଯାଇଛି। ଏହା ଏକ ମିଥ୍ୟା, ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଅପମାନଜନକ ସିରିଜ ହୋଇଥିବାରୁ ଏନ୍‌ସିବି ପ୍ରତି ଲୋକଙ୍କ ଆସ୍ଥା ହଟିଯାଉଛି। ୨୦୨୧ ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍‌ରେ ଏନ୍‌ସିବି ଅତର୍କିତ ଚଢ଼ାଉ କରି କିଙ୍ଗ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ଏନ୍‌ସିବି ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ଚଢ଼ାଉର ନେତୃତ୍ୱ ନେଇଥିବା ତତ୍କାଳୀନ ଏନ୍‌ସିବି ଅଫିସର ସମୀର ଚର୍ଚ୍ଚାକୁ ଆସିଥିଲେ।

**ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ**

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଗୁରୁବାର ଶ୍ରୀବିଗ୍ରହମାନଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ଭକ୍ତଙ୍କ ଦର୍ଶନ ଚାଲୁଥିବାବେଳେ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ସେବାୟତଙ୍କ ଦୃଷ୍ଟିଗୋଚର ହୋଇଥିଲା। ତୁରନ୍ତ ସମସ୍ତ ନୀତି ବନ୍ଦ ରଖାଯାଇ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟା ୧୦ରେ ଭିତରକାଠ ଦର୍ଶନ ଧୁଆଧୋଇ ହୋଇ ଦୁଆର ପଡ଼ିଥିଲା। ସିଂହାସନ ଧୁଆ, ମହାସ୍ନାନ ପୂଜା, ମଇଲମ ଶେଷ ହୋଇ ପରେ ପୁନର୍ବାର ନୀତି ବଢ଼ିଥିଲା। ବଡ଼ ମହାସ୍ନାନ ପାଇଁ ପ୍ରାୟ ୧ଘଣ୍ଟା ନୀତି ବିଳମ୍ବ ହୋଇଥିଲା।

# ସଚେତନତାକୁ ଗୁରୁତ୍ୱ

**ଆଜି ବିଶ୍ୱ ଗର୍ଭନିରୋଧ ଦିବସ**




ଅବାଞ୍ଛିତ ଗର୍ଭଧାରଣକୁ ରୋକିବା ସହିତ ଜନ୍ମହାରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ଗର୍ଭ ନିରୋଧ ଦିବସ ଭାବେ ପାଳନ କରାଯାଉଛି। ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଏହିଦିବସର ଲକ୍ଷ୍ୟ ଗର୍ଭନିରୋଧ ପ୍ରତି ସଚେତନତା ବୃଦ୍ଧି ଏବଂ ଯୁବପିଢ଼ିଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା। ତେବେ ଚଳିତ ବର୍ଷ ଉକ୍ତ ଦିବସ ପାଇଁ ବିଷୟବସ୍ତୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଦିବସର ସାମଗ୍ରିକ ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ଅବଗତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଗର୍ଭନିରୋଧକ ପଦ୍ଧତିଗୁଡ଼ିକର ପ୍ରବେଶ ଏବଂ ଜ୍ଞାନକୁ ଉନ୍ନତ କରାଇବା। ପ୍ରତିଟି ମହିଳା ନିଜର ଗର୍ଭଧାରଣର ସମୟ ଓ ବ୍ୟବଧାନକୁ ଲକ୍ଷ୍ୟ ରଖିବା ତାଙ୍କର ପ୍ରଥମ ମୌଳିକ ଅଧିକାର। ଗର୍ଭନିରୋଧ ଭଳି ନିଷ୍ପତ୍ତି ନେବା ମଧ୍ୟ ତାଙ୍କର ଅଧିକାର ପରିସରର । ତେବେ ଗର୍ଭ ନିରୋଧକ ବ୍ୟବହାର ଦ୍ୱାରା ମାତୃମୃତ୍ୟୁ ହ୍ରାସ ପାଇବା ସହିତ ନବଜାତ ଶିଶୁ ମୃତ୍ୟୁହାର କମିବା, ଗର୍ଭପାତ ହ୍ରାସ ଏବଂ ଅନିଚ୍ଛାକୃତ ଗର୍ଭହ୍ରାସ ଭଳି ବିଭିନ୍ନ ପ୍ରକାର ଉପକାର ହୋଇଥାଏ। ଏନେଇ ମହିଳାଙ୍କଠାରୁ ଆରମ୍ଭ କରି ସବୁ ବର୍ଗଙ୍କର ଲୋକଙ୍କୁ ସଚେତନତା କରିବାର ଆବଶ୍ୟକତା ରହିଛି।

**-ସୁଚିସ୍ମିତା ସାହୁ ,ଭୁବନେଶ୍ୱର**

# ଗୋଇଠି ଯନ୍ତ୍ରଣା ଦୂର ପାଇଁ 'ଫୋର୍ସ ପ୍ଲେଟ୍'

**ରାଉରକେଲା ଏନ୍ଆଇଟି ଦ୍ୱାରା ବିକଶିତ**

ରାଉରକେଲା,୨୫।୯
(ସଙ୍ଗୀତା ଜେନା)

ରାଉରକେଲା ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରି ଏକ 'ଫୋର୍ସ ପ୍ଲେଟ୍ ' ବିକଶିତ କରିଛି, ଯାହାକି ମେଦବହୁଳଗ୍ରସ୍ତ ବ୍ୟକ୍ତିଙ୍କଠାରେ ବୃଦ୍ଧି ପାଇଥିବା ଗୋଇଠି ଯନ୍ତ୍ରଣାକୁ ଦୂର କରିପାରିବ। ଶିକ୍ଷାନୁଷ୍ଠାନର ବାୟୋଟେକ୍ନୋଲୋଜି ଆଣ୍ଡ୍ ମେଡିକାଲ ଇଞ୍ଜିନିୟରିଂ ବିଭାଗ ପ୍ରାଧ୍ୟାପକ ପ୍ରଫେସର ଏ. ତିରୁଗଗାନମ୍ଙ୍କ ନେତୃତ୍ୱରେ ଏକ ଗବେଷକ ଦଳ ବହୁଅକ୍ଷୀୟ ଗ୍ରାଉଣ୍ଡ ରିଆକ୍ସନ ଫୋର୍ସ (ଜିଆର୍ପି) ପରିମାପ ପାଇଁ ଏହି ସ୍ୱଳ୍ପ ମୂଲ୍ୟର ଉପକରଣକୁ ବିକଶିତ କରିଛନ୍ତି। ଫୋର୍ସ ପ୍ଲେଟ ଦ୍ୱାରା ମାପ କରାଉଥିବା ଜିଆର୍ପିଗୁଡ଼ିକ ଅସ୍ୱାଭାବିକ ଚାଲିବା ଶୈଳୀ ନିର୍ଣ୍ଣୟ କରିବାରେ ସହାୟକ ହେବ। ଉକ୍ତ ଉପକରଣ ବିଦେଶୀ ଯୋଗାଣକାରୀଙ୍କ ତୁଳନାରେ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେବା କାରଣରୁ ଭାରତରେ କ୍ରୀଡ଼ାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ପୁନର୍ବାସ କେନ୍ଦ୍ରଗୁଡ଼ିକରେ ମଧ୍ୟ ଉପଯୋଗୀ ହୋଇପାରିବ। ପ୍ରଫେସର ତିରୁଗଗାନମ୍ଙ୍କ ମାର୍ଗଦର୍ଶନରେ ରିସର୍ଚ୍ଚ ସ୍କଲାର କୁମାରୀ ଧରଣୀ କୁମାରନ୍ ଓ ମୋନିଷା ଗୋରୀ ଶ୍ରୀନିବାସନ ଏହି ଉତ୍ପାଦ ବିକଶିତ କରିଛନ୍ତି। ଏହାର ପେଟେଣ୍ଟ ଦାଖଲ କରାଯିବା ସହ ଅନ୍ତର୍ଜାତୀୟ ମାଗାଜିନ୍ 'ମେକାନିକ୍ସ ଇନ୍ ମେଡିସିନ୍ ଆଣ୍ଡ୍ ବାୟୋଲୋଜି'ରେ



'ଫୋର୍ସ ପ୍ଲେଟ୍ ' ସହ ବିକଶିତ କରିଥିବା ଗବେଷକ ଟିମ୍।

ଉକ୍ତ ଗବେଷଣା ପ୍ରବନ୍ଧ ପ୍ରକାଶିତ ହୋଇଛି। ଗବେଷକ ଦଳ ପ୍ରତିଷ୍ଠାନରେ ଏକ ସ୍ୱଦେଶୀ ଫୋର୍ସ ପ୍ଲେଟ୍ ଓ ମୋଶନ କ୍ୟାପ୍ଚର ସିଷ୍ଟମ ଜରିଆରେ ଏକ ଅଣଶଲ୍ୟଚିକିତ୍ସା କୌଶଳ ବ୍ୟବହାର କରି ହିଲ୍ ପ୍ୟାଡ୍ କଠିନତାର ମୂଲ୍ୟାଙ୍କନ କରିଛନ୍ତି। ହିଲ୍ ପ୍ୟାଡ୍ ପାଦର ପ୍ରାକୃତିକ କୁଶନ ଅଟେ। ବିଭିନ୍ନ ଓଜନର ଲୋକଙ୍କଠାରେ ଏହା କିପରି କାର୍ଯ୍ୟ କରେ ତାହା ଅଧ୍ୟୟନ କରି ଗବେଷକ ଦଳ ଗୋଇଠି ଯନ୍ତ୍ରଣା ହ୍ରାସ କରିବା ପାଇଁ ପ୍ରଭାବଶାଳୀ ଜୋତା ତଥା ଚିକିତ୍ସା ରଣନୀତି ବିକାଶ ଦିଗରେ ପ୍ରମୁଖ ପଦକ୍ଷେପ ନେଇଛନ୍ତି। ଏହା ବାର୍ଦ୍ଧକ୍ୟ, ଆଘାତ, ମେଦ ବହୁଳତା, ମଧୁମେହ ତଥା ଭୁଲ ଆକାରରେ ଜୋତା ପିନ୍ଧିବା ଯୋଗୁ ମଧ୍ୟ ହୋଇପାରେ। ସାଧାରଣ ଓଜନ, ଅଧିକ ଓଜନ ଓ ମେଦବହୁଳତାକୁ ନେଇ ୧୫ ଜଣ ସ୍ୱେଚ୍ଛାସେବୀଙ୍କୁ ୩ଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ଗବେଷଣାର ନିଷ୍କର୍ଷ ବିଷୟରେ ପ୍ରଫେସର ତିରୁଗାଗନମ୍ କହିଛନ୍ତି, ଅଧିକାଂଶ ନ୍ୟୁରୋମସ୍କୁଲାର ରୋଗ ଯୋଗୁ ଜଣେ ବ୍ୟକ୍ତିଙ୍କ ଚାଲିବା ଢାଞ୍ଚାକୁ ପ୍ରଭାବିତ କରେ। ଚାଲିବା ପାଇଁ ମାଂସପେଶୀ ଶକ୍ତି ଓ ସନ୍ତୁଳନ ସଠିକ ସମନ୍ୱୟ ଆବଶ୍ୟକ। ମାନବ କଙ୍କାଳ ମାଂସପେଶୀ ସ୍ୱାସ୍ଥ୍ୟ ବିଶ୍ଳେଷକ ପାଇଁ ଉକ୍ତ ଫୋର୍ସ ପ୍ଲେଟ୍ଗୁଡ଼ିକୁ ବିଶ୍ୱସ୍ତରରେ ଏକ ଅତ୍ୟାବଶ୍ୟକ ନିଦାନ ଉପକରଣ ଭାବେ ସ୍ୱୀକୃତି ଦିଆଯାଇଛି। ଉଚ୍ଚମୂଲ୍ୟ ତଥା ଭାରତରେ ନିର୍ମାତାଙ୍କ ଅଭାବ ଯୋଗୁ ଏହି ଉପକରଣ ଦେଶରେ ସୀମିତ ଭାବେ ଉପଲବ୍ଧ। ରାଉରକେଲା ଏନ୍ଆଇଟିର ନୂତନ ଉପକରଣକୁ ଅନ୍ତର୍ଜାତୀୟ ସିଷ୍ଟମର ଏକ ଚତୁର୍ଥାଂଶ ମୂଲ୍ୟରେ ଉପଲବ୍ଧ କରାଯାଇପାରିବ, ଯାହାକି ଏକ ସୁଲଭ ବିକଳ୍ପ। ଆମଦାନୀ କରାଯାଉଥିବା ଫୋର୍ସ ପ୍ଲେଟ୍ର ମୂଲ୍ୟ ସାଧାରଣତଃ ୩୦ରୁ ୫୦ ଲକ୍ଷ ଟଙ୍କା। ହେଲେ ଏହି ସ୍ୱଦେଶୀ ପ୍ଲେଟ କେବଳ ୮ରୁ ୧୦ ଲକ୍ଷ ଟଙ୍କାରେ ଉପଲବ୍ଧ ହୋଇପାରିବ। ଏହି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ସୁବିଧା ଅତ୍ୟାଧୁନିକ ବାୟୋମେକାନିକ୍ସ ପ୍ରଯୁକ୍ତିକୁ ଅଧିକ ସୁଗମ କରିବ। ଏହି ପ୍ରକଳ୍ପକୁ ବାୟୋମେଡିକାଲ ଡିଭାଇସ୍ ଆଣ୍ଡ୍ ଟେକ୍ନୋଲୋଜି ଡେଭଲପମେଣ୍ଟ (ବିଡ଼ିଟିଡ଼ି) ଯୋଜନା ଅଧୀନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ (ଡିଏସ୍ଟି)ଠାରୁ ପାଣ୍ଠି ମିଳିଥିଲା। ସେମାନଙ୍କ ଶିଳ୍ପ ସହଯୋଗରେ କୋଲକାତାର ମେସର୍ସ ଏନ୍. କେ. ଇନଷ୍ଟ୍ରୁମେଣ୍ଟ୍ସ କୀର୍ତ୍ତି ନାୟକ ଓ ତାଙ୍କ ଟିମ୍ ଏହାର ନିର୍ମାଣରେ ସହଯୋଗ କରିଥିଲେ। ଏହାର ବାଣିଜ୍ୟକରଣ କରାଯାଉଛି, ଯାହା ରାଉରକେଲା ଏନ୍ଆଇଟିର ଏଫ୍ଟିବିଆଇ ଅନ୍ତର୍ଭୁକ୍ତ। ଏହି ଷ୍ଟାର୍ଟଅପ୍କୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ଅନୁଦାନ ଏବଂ କେରଳ ଷ୍ଟାର୍ଟ ଅପ୍ ମିଶନ୍ (କେଏସ୍ୟୁଏମ୍) ଏବଂ ଏମ୍ଇଆଇଟିୱାଇଇ-୨.୦ ଠାରୁ ଅନ୍ୟାନ୍ୟ ଉତ୍ପାଦ ବିକାଶ ପାଇଁ ସହାୟତା ମିଳିଛି।

# ଡ୍ୟାମ୍ ଭିତରେ ୭୦ ଫୁଟ୍ ତଳକୁ ଖସିପଡ଼ିଲା କଣ୍ଟେନର

**କିଛି ସମୟ ଭାସି ଗଭୀରରେ ବୁଡ଼ିଗଲା, ଅଳ୍ପକେ ବର୍ତ୍ତିଲେ ଚାଳକ**



ଅଗ୍ନିଶମ କର୍ମଚାରୀମାନେ ଡ୍ୟାମ୍ରେ କଣ୍ଟେନରଟିକୁ ବାହାର କରିବା ପାଇଁ ତଲାସି ଚଳାଇଛନ୍ତି।

ମୋହନା,୨୫।୯(ମନ୍ମଥ ମିଶ୍ର)

ରାୟଗଡାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କଣ୍ଟେନର ବୁଧବାର ବିଳମ୍ବିତ ରାତି ପ୍ରାୟ ଗୋଟାଏରେ ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଅଡାପଙ୍କା ଗ୍ରାମ ନିକଟରେ ଥିବା ହରଭଙ୍ଗୀ ଡ୍ୟାମ୍କୁ ଖସିପଡିଛି। ଫଳରେ କଣ୍ଟେନରଟି ଗଭୀର ଜଳରାଶିରେ ବୁଡ଼ିଯାଇଛି। ତେବେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଖବରରୁ ଜଣାପଡିଛି, ବିହାର ସମସ୍ତିପୁର ଜିଲା ବାସିନ୍ଦା ସଞ୍ଜୀବ ଯାଦବ (୩୨) କଟକରୁ କିଛି ବୁଲେଟ କଣ୍ଟେନର (ଓଡି ୦୫ଏଜି-୫୭୬୦)ରେ ନେଇ ରାୟଗଡ଼ା ଶୋ'ରୁମକୁ ଯାଇଥିଲେ। ସେଠାରେ ଗାଡ଼ିଗୁଡ଼ିକୁ ଖାଲି କରି କଟକ ଫେରୁଥିବା ବେଳେ ଅଡ଼ାପଙ୍କା ଗ୍ରାମ ନିକଟ ଜାତୀୟ ରାଜପଥ ବୁଲାଣି ନିକଟରେ ଅପରପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍କୁ ସାଇଡ୍ ଦେବାକୁ ଯାଇ ପୋଲକୁ ଧକ୍କା ଦେଇ ହରଭଙ୍ଗୀ ଡ୍ୟାମର ୭୦ ଫୁଟ୍ ଜଳରାଶିକୁ ଖସିପଡ଼ିଥିଲା। ପାଣିରେ କଣ୍ଟେନରଟି କିଛି ସମୟ ଭାସି ପରେ ବୁଡ଼ି ଯାଇଥିଲା। ଗାଡିଟି ଭାସୁଥିବା ବେଳେ ସେଥିରୁ ବାହାରି ପହଁରି ପହଁରି ସେ କୂଳକୁ ଆସିଥିଲେ ବୋଲି ଚାଳକ ସଞ୍ଜୀବ କହିଛନ୍ତି। ଖବର ପାଇ ଅଡ଼ବା ପୋଲିସ ଓ ମୋହନା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଡ୍ୟାମରେ ୭୦ ଫୁଟରୁ ଅଧିକ ପାଣି ଥିବାରୁ କଣ୍ଟେନରଟିକୁ ପାଣି ଭିତରୁ ବାହାର କରିବା ଗୁରୁବାର ସନ୍ଧ୍ୟା ସୁଦ୍ଧା ସମ୍ଭବ ହୋଇପାରିନି । ଉଦ୍ଧାର କାର୍ଯ୍ୟ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା ଅଗ୍ନିଶମ ଅଧିକାରୀ କବିରାଜ ସେଠୀ କହିଛନ୍ତି।

# ମାଛ ଧରିବା ବେଳେ ନଈରୁ ମିଳିଲା ଅଷ୍ଟଧାତୁ ମୂର୍ତ୍ତି



ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ଥାନା ଅନ୍ତର୍ଗତ ନୂଆନଈରୁ ଏକ ଅଷ୍ଟଧାତୁ ମୂର୍ତ୍ତି ମିଳିଛି। ଗୁରୁବାର ବେଲଦଳ ଗାଁର ପ୍ରକାଶ ଚନ୍ଦ୍ର ସ୍ୱାଇଁ ନାମକ ମତ୍ସ୍ୟଜୀବୀ ନୂଆନଈରେ ମାଛ ଧରୁଥିବାବେଳେ ତାଙ୍କ ଜାଲରେ ଶିବ ପାର୍ବତୀଙ୍କ ଏହି ଅଷ୍ଟଧାତୁ ମୂର୍ତ୍ତି ପଡ଼ିଥିଲା। ୩୦ କିଲୋଗ୍ରାମ୍ରୁ ଊର୍ଦ୍ଧ୍ୱ ଓଜନର ୨ଫୁଟ ଅଷ୍ଟଧାତୁରେ ନିର୍ମିତ ଆସ୍ଥାନ ଉପରେ ଏହି ମୂର୍ତ୍ତି ରହିଛି। ଆସ୍ଥାନରେ ବାବା ବାନାମ୍ବରେଶ୍ୱର ଉଲ୍ଲେଖ ଅଛି। ପୁରୀ-କୋଣାର୍କ ମୁଖ୍ୟରାସ୍ତା ପାର୍ଶ୍ୱରେ ନୂଆନଈ ଅବସ୍ଥିତ। ତେବେ କିପରି ଏହି ମୂର୍ତ୍ତିଟି ଏଠାରେ ପଡ଼ିଲା ତାହା ଜଣାପଡ଼ିନାହିଁ। କେହି ବ୍ୟକ୍ତି ଚୋରିକରି ଆଣିବା ପରେ ପୋଲିସ ଭୟରେ ନଈରେ ଫିଙ୍ଗିଦେଇଥିବା ଭାବି ପ୍ରକାଶ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୂର୍ତ୍ତିକୁ ଜବତ କରିବା ସହ ଏ ନେଇ ତଦନ୍ତ ଜାରି ରଖିଛି।

# ବିଶ୍ୱସ୍ତରୀୟ ଶ୍ରେଷ୍ଠ ତାଲିକାରେ ରାଉରକେଲା ଏନ୍ଆଇଟିର ୩୫ ବୈଜ୍ଞାନିକ

ରାଉରକେଲା,୨୫।୯
(ସଙ୍ଗୀତା ଜେନା)

ବିଶ୍ୱସ୍ତରୀୟ ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ୨ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି )ର ୩୫ ଜଣ ବୈଜ୍ଞାନିକ ଏବଂ ଗବେଷକ ସ୍ଥାନ ପାଇଛନ୍ତି। ଗବେଷଣାରେ ଉତ୍କର୍ଷତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଜଣାଶୁଣା ଷ୍ଟାନ୍ଫୋର୍ଡ ବିଶ୍ୱବିଦ୍ୟାଳୟ ଏଲସେଭିୟର ଗବେଷଣା ସର୍ବେକ୍ଷଣ ଅନୁଯାୟୀ ଏନ୍ଆଇଟିର ୩୩ ଜଣ ଅଧ୍ୟାପକଙ୍କ ସମେତ ୨ ଜଣ ପିଏଚ୍ଡି ଗବେଷଣ ଅନ୍ତର୍ଭୁକ୍ତ ହୋଇଛନ୍ତି। ୨୦୨୪ ଶିକ୍ଷାବର୍ଷ ପାଇଁ କ୍ୟାରିଅର ଲଙ୍ଗ୍ ଇମ୍ପାକ୍ଟ (ଦୀର୍ଘକାଳୀନ କ୍ୟାରିଅର ପ୍ରଭାବ) ଏବଂ ସିଙ୍ଗଲ୍ ଇୟର ଇମ୍ପାକ୍ଟ (ଏକକ ବର୍ଷ ପ୍ରଭାବ) ଆଦି ୨ଟି ବର୍ଗ ରହିଛି। ଉକ୍ତ ଶିକ୍ଷାନୁଷ୍ଠାନର ୧୭ ଜଣ ଦୀର୍ଘକାଳୀନ କ୍ୟାରିଅର ପ୍ରଭାବ ତାଲିକାରେ ଅଧ୍ୟାପକ ରହିଛନ୍ତି। ସେହିପରି ଏକକବର୍ଷ ପ୍ରଭାବ ତାଲିକାରେ ୨୯ ଜଣ ଅଧ୍ୟାପକଙ୍କୁ ସ୍ୱୀକୃତି ଦିଆଯାଇଛି। ଉକ୍ତ ସ୍ୱୀକୃତି ପାଇଥିବା ବୈଜ୍ଞାନିକମାନଙ୍କ ଗବେଷଣା କାର୍ଯ୍ୟ, ସାଇଟେସନ ସୂଚକାଙ୍କ ଓ ଅନ୍ୟ ଶିକ୍ଷାଗତ ପାରାମିଟର ଆଧାରରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ସଫଳତାକୁ ନେଇ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଛନ୍ତି, ବୈଜ୍ଞାନିକମାନଙ୍କ ଉଚ୍ଚପ୍ରଭାବ ପ୍ରକାଶନ ଏବଂ ଅଗ୍ରଣୀ କାର୍ଯ୍ୟ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଆଗାମୀ ଦିନରେ ପ୍ରଭାବଶାଳୀ ଆବିଷ୍କାର ଗୁଡ଼ିକ ପ୍ରସ୍ଫୁଟିତ ହେବା ଜାରି ରହିବ ବୋଲି ରାଓ କହିଥିଲେ। ଏଲସେଭିୟର ଅନୁଯାୟୀ, ମାନକ ବିଜ୍ଞାନ ମେଟ୍ରିକ୍ସ ବର୍ଗୀକରଣ ଅନୁସାରେ, ବୈଜ୍ଞାନିକମାନଙ୍କ ୨୨ଟି କ୍ଷେତ୍ର ଏବଂ ୧୭୪ ଉପକ୍ଷେତ୍ରରେ ବର୍ଗୀକୃତ କରାଯାଇଥିଲା। ଶୀର୍ଷ ୧ ଲକ୍ଷ ବୈଜ୍ଞାନିକଙ୍କ ଉପରେ ସର୍ବେକ୍ଷଣ ଆଧାରିତ ଥିଲା। ୨୦୨୫ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କ ପ୍ରୋଫାଇଲ ବ୍ୟବହାର ଗଣନା କରାଯାଇଥିଲା।

# ସଦାକତ ଆଶ୍ରମରୁ ରାହୁଲଙ୍କ ନୂଆ ଇତିହାସ:ଭକ୍ତ

ଭୁବନେଶ୍ୱର,୨୫।୯
(ରବିନାରାୟଣ ଜେନା)

ସଦାକତ ଆଶ୍ରମରୁ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ନୂଆ ଇତିହାସ ଲେଖିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପାଟନାଠାରେ ଗୁରୁବାର ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଯୋଗଦେବା ଅବସରରେ ଭକ୍ତ କହିଛନ୍ତି, ୧୯୨୧ରେ ମୌଲାନା ମଜହରୁଲ ହକ୍ଙ୍କ ଦ୍ୱାରା ଭାରତୀୟ ସ୍ୱାଧୀନତା ସଂଗ୍ରାମ ଉଦ୍ଦେଶ୍ୟରେ ସଦାକତ ଆଶ୍ରମ ପ୍ରତିଷ୍ଠିତ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ ଏବଂ ଐତିହାସିକ ସ୍ଥାନ ରୂପେ ଏହାର ମର୍ଯ୍ୟାଦା ଅଛି। ଏଠାରେ ମହାତ୍ମା ଗାନ୍ଧୀ ଓ ଡ. ରାଜେନ୍ଦ୍ର ପ୍ରସାଦ ସ୍ୱାଧୀନତା ଆନ୍ଦୋଳନ ସମୟରେ ରହିବା ସହ ଅଫିସ ମଧ୍ୟ ଚଳାଉଥିଲେ। ଆମର ସୌଭାଗ୍ୟ ଏହା ବର୍ତ୍ତମାନ ବିହାର ପ୍ରଦେଶ କଂଗ୍ରେସର କାର୍ଯ୍ୟାଳୟ ହୋଇଛି। ଏଠାରେ ରାହୁଲ ଗାନ୍ଧୀ ଭୋଟ ଚୋରି ପର୍ଦ୍ଦାଫାଶ କରି ସମଗ୍ର ଦେଶରେ କଂଗ୍ରେସର ବିଗୁଲ ବଜାଇଛନ୍ତି। ଏହି ସଭାରୁ କଂଗ୍ରେସର ସାମାଜିକ ପ୍ରତିବଦ୍ଧତାକୁ ନେଇ ବିରାଟ ପରିବର୍ତ୍ତନ ଆନ୍ଦୋଳନର ସୂତ୍ରପାତ ହେବାକୁ ଯାଉଛି। ରାହୁଲ ଗାନ୍ଧୀ ଡରିଯିବା କିମ୍ବା ପଛେଇ ଯିବା ବ୍ୟକ୍ତି ନୁହନ୍ତି, ଆମେ ତାଙ୍କ ସାଥିରେ ସୈନିକ ହୋଇ ପରିବର୍ତ୍ତନର ଆନ୍ଦୋଳନକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବୁ ବୋଲି ଭକ୍ତ କହିଥିଲେ।

# ଛାତ୍ରାବାସ ଅନ୍ତେବାସୀଙ୍କ ପାଇଁ ନିଯୁକ୍ତ ହେବେ ଏଏନ୍ଏମ୍

ଭୁବନେଶ୍ୱର,୨୫।୯(ସୁଚିସ୍ମିତା ସାହୁ)

ସବୁ ବର୍ଗର ପିଲାମାନେ ପାଠପଢ଼ିବେ, ଭବିଷ୍ୟତ ଗଢ଼ିବେ। ଗ୍ରାମାଞ୍ଚଳଠାରୁ ଦୂରରେ ଥିବା ବିଦ୍ୟାଳୟ ହେଉ କି ଭଲ ସ୍କୁଲରେ ପାଠପଢ଼ିବା ପାଇଁ ସୁଦୂର ଅଞ୍ଚଳରୁ ପିଲାମାନେ ଆସି ଛାତ୍ରାବାସରେ ରହି ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରାବାସଗୁଡିକରେ ରହୁଥିବା ଛାତ୍ରୀ ଓ ଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବା ସହ ପ୍ରତିମାସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏବେ ଛାତ୍ରାବାସରେ ରହୁଥିବା ପିଲାଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ମହିଳା ଏଏନ୍ଏମ୍ କିମ୍ବା ମଲ୍ଟି ପର୍ପୋସ ହେଲ୍ଥ ୱାର୍କରଙ୍କୁ ନିଯୁକ୍ତି ଦିଆଯିବ। ୩ଶହ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଏଏନ୍ଏମ୍ ରହିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର କମ୍ ସେକ୍ରେଟାରୀ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏଏନ୍ଏମ୍ମାନେ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେବେ। ଯେଉଁଠାରେ ଅଧିକ ହଷ୍ଟେଲ ରହିଛି କିମ୍ବା ଅଧିକ ସଂଖ୍ୟାର ଛାତ୍ରୀଛାତ୍ର ଥିବେ, ସେଠାରେ ଏହି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପଦ ସୃଷ୍ଟି କରାଯାଇ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଚିଠିରେ ଉଲ୍ଲେଖ ହୋଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2025041, ତା.18.09.2025ରିଖ

**କାର୍ଯ୍ୟର ନାମ:** EPC ମୋଡ୍ରେ ସମ୍ବଲପୁର ସିଟି-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ମେଜର (Major) ପୋଲ, ରୋଡ଼ ଓଭର ବ୍ରିଜ୍ ଏବଂ ରୋଡ଼ ଅଣ୍ଡର ବ୍ରିଜ୍ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 41036.00 ଲକ୍ଷ, EMD (ଟଙ୍କାରେ): 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.11.2025 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି [illegible]

PR-118/CI/25-26

**Ministry of Culture**
Government of India

ଲଳିତ କଳା ଏକାଡେମୀ Lalit Kala Akademi (National Academy of Art)

**Lalit Kala Akademi**
Regional Centre, Bhubaneswar
**Sewa Parv - 2025**
**SCHOOL CHILDREN PAINTING WORKSHOP**
on the theme Viksit Bharat ke Rang, Kala Ke Sang
From Class 7th to Class 10th students
**- Venue -**
Lalit Kala Akademi Regional Centre, III/4, Kharavela Nagar, Unit-III, Bhubaneswar
**- Date -**
30th September, 2025 (Tuesday) 9 A.M. to 12 noon
Materials (Paper & crayon colours) will be provided by the Centre
**Registration starts at 9.15 A.M. & ends 10 A.M.**
**No Registration after 10 A.M.**
1st Prize - One - Rs.10,000=00,
2nd Prize - One - Rs.5000=00, 3rd Prize - One - Rs.2500=00,
Consolation Prize - Three - Rs.1000=00 each
for more information please contact
**7008162870, 9938942105**

**Government of Odisha "e" Procurement Notice**
**Bid Identification No.: Online - 09 of 2025-26**
**E-Mail ID: rwd.padampur@yahoo.co.in, Ph. No.: 9437255440**
No. O-820

1. Name of the Work : Building Works (As per Annexure - 'A')
2. Amount put to Bid Excluding GST : As per Annexure - 'A'
3. Class of Contractor : "C" & "B"
4. Date & time of availability of Bid document in the portal : From Dt.27.09.2025 at 10.00 A.M.
5. Last date & time for receipt of bids in the portal : Dt.06.10.2025 upto 05.00 P.M.
6. Last date of seeking clarification : Dt.04.10.2025 upto 5.00 P.M.
7. Date & time of Technical Bid Opening : Dt.08.10.2025 at 11.00 A.M.
8. Name and address of the Officer Inviting Bid : Executive Engineer, R.W. Division, Padampur, At/P.O.: Padampur, Dist.: Bargarh, PIN - 768036

1) Other details can be seen from DTCN available in website **www.tendersodisha.gov.in**.
2) Corrigendum if any shall only be published in the above website.

**Sd./- Executive Engineer**
**Rural Works Division, Padampur**
OIPR-25069/11/0037/2526

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍ସାଇଟ୍ରେ ଇ-ଟେଣ୍ଡରିଂ ଜରିଆରେ ଏକକ ଟେଣ୍ଡର ଆହ୍ୱାନ କରୁଛନ୍ତି: ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଏସ୍ଆରସି-ଏସ୍ଟି-୨୫-୨୬-ସିୟୁଏମ୍ଏମ୍ଆଇଏସ୍; **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି, ଶାଲିମାର ଓ ପଦ୍ମପୁକୁର କୋଚିଂ ଡିପୋଠାରେ ଡିଜି ସେଟ୍ଗୁଡ଼ିକର ରକ୍ଷଣାବେକ୍ଷଣ ସମେତ ପ୍ରାଇମେରୀ ମେନ୍ଟେନ୍ଡ ରେକ୍ଗୁଡ଼ିକର ପାୱାର କାର୍ରେ ଫିଟ୍ ହୋଇଥିବା ଆସେସୋରିଗୁଡ଼ିକ ସହିତ ବିଭିନ୍ନ ରେକ୍ଗୁଡ଼ିକର ପାୱାର କାର୍ରେ ସ୍ଥାପିତ 'କ୍ୟୁମିନ୍ସ' ମେକ୍ ଡିଜି ସେଟ୍ (୫୦୦ କେଭିଏ)ର ଏସ୍କର୍ଟିଂ, ଅପରେଶନ୍, 'ଏ', 'ବି' ଓ 'ସି' ଯାଞ୍ଚ । **ଟେଣ୍ଡର ମୂଲ୍ୟ:** ₹୨୯,୬୯,୧୩,୫୦୦.୪୨; **ଇଏମ୍ଡି/ବିଡ୍ ଅମାନତ:** ₹୧୬,୩୪,୬୦୦.୦୦। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ୧୬।୧୦।୨୦୨୫, ୧୧.୦୦ ଘଟିକା । ଯୋଗ୍ୟ ଠିକାଦାରମାନଙ୍କୁ କେବଳ www.ireps.gov.in ୱେବ୍ସାଇଟ୍ ଜରିଆରେ ଆବେଦନ କରିବା ପାଇଁ ଅନୁରୋଧ । ଏହି ଟେଣ୍ଡର ପାଇଁ କୌଣସି ଅଫ୍ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଯତ୍ନପୂର୍ବକ ପଢ଼ନ୍ତୁ । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍ସାଇଟ୍: www.ireps.gov.in ରେ ଦିଆଯାଇଛି । (PR-669)

iftas
A Reserve Bank of India Subsidiary

इंजीनियर्स इंडिया लिमिटेड (भारत सरकार का उपक्रम) ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର , ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ**

ଇଆଇଏଲ୍, ଇଣ୍ଡିଆନ୍ ଫାଇନାନ୍ସିଆଲ ଟେକ୍ନୋଲୋଜି ଆଣ୍ଡ ଆଲାଏଡ୍ ସର୍ଭିସେସ୍ (ଆଇଏଫଟିଏଏସ୍), ଆରବିଆଇର ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛି :

| ବର୍ଣ୍ଣନା | ୱେବ୍ସାଇଟ୍ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ |
|---|---|---|
| **କାର୍ଯ୍ୟର ନାମ:** ଭୁବନେଶ୍ୱରସ୍ଥିତ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଏବଂ ସାଇବର ସିକ୍ୟୁରିଟି ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ଠାରେ ଆର୍ଟୱାର୍କର ଡିଜାଇନ୍ ଓ ନିର୍ବାହ ପାଇଁ ଆର୍ଟ ଏଜେନ୍ସିର ନିଯୁକ୍ତି **ବିଡିଂ ଦସ୍ତାବିଜ ନଂ.:** ଜେପି/ବି୫୭୧-୦୦୧-ସିଏଚ୍-ଟି-୮୨୦୫/୧୦୦୯ | ୨୬।୦୯।୨୦୨୫ରୁ ୧୬।୧୦।୨୦୨୫ ପର୍ଯ୍ୟନ୍ତ | ୧୬।୧୦।୨୦୨୫ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍ବି ଏବଂ ବିଡିଂ ଦସ୍ତାବିଜ ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/app ରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଆଦି କେବଳ ୱେବ୍ସାଇଟ୍ରେ ଅପଲୋଡ୍ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବନାହିଁ । ନିଜକୁ ସୂଚିତ ରଖିବା ପାଇଁ ବିଡର୍ମାନେ ନିୟମିତ ଭାବେ ଉପରୋକ୍ତ ୱେବ୍ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ ।

**ଡିଜିଏମ୍ (ଏସ୍ସିଏମ୍-ସିଆଣ୍ଡପି), ଇଆଇଏଲ୍**

**OFFICE OF DEFENCE ESTATES OFFICER, ODISHA CIRCLE, BHUBANESWAR**
**163, Prachi Enclave, Chandrasekharpur, Bhubaneswar-751016**

**Tree Auction Notice**

Notice is hereby given for the general information of the public that right for removal of green trees standing of Defence land at INS Chilka as detailed below will be given by conducting public auction on 07.10.2025 at Defence Estates Office, Odisha Circle, Bhubaneswar at 12.00 hours.

| Location | No. of trees | Date and time of auction | Date of showing the trees | Earnest money |
|---|---|---|---|---|
| INS Chilka | 16 trees | 07.10.2025 1200 hrs | 06.10.2025 11.00 hrs at INS Chilka | Rs.2,500/- |

Terms and conditions and details of trees shall available during office hours at Defence Estates Office, Odisha Circle, Bhubaneswar.

**File no. OR/19/Auction/XX**
**Date : 25.09.2025**

**Sd./- (Anindya De, IDES)**
**Defence Estates Officer**
**Odisha Circle, Bhubaneswar**

**कार्यालय, जिला परिषद, राँची**
**(अभियंत्रण शाखा)**

**अति अल्पकालीन ई-निविदा आमंत्रण सूचना**
टेन्डर रिफ्रेन्स नम्बर– DOPR/DE/Ranchi/17/2025-26

| S. No | योजना का नाम | स्वीकृत राशि (रुपये में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | राँची जिलान्तर्गत बेड़ो प्रखण्ड के पंचायत तुतलों में नये पंचायत भवन निर्माण। | 99,89,000.00 | 2,00,000.00 | 10,000.00 | 18 माह |
| 02 | राँची जिलान्तर्गत बेड़ो प्रखण्ड के पंचायत करकरी में नये पंचायत भवन निर्माण। | 99,89,000.00 | 2,00,000.00 | 10,000.00 | 18 माह |

नोट :–केवल ई–टेण्डर ही स्वीकार होगें।
1. अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि – 08.10.2025
3. ई–निविदा की प्राप्ति की तिथि एवं समय–09.10.2025 से 15.10.2025 अपराह्न 5.00 बजे तक।
4. निविदा खोलने की तिथि–16.10.2025 को 5.00 बजे अपराह्न।
5. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, राँची। ई–निविदा प्रकोष्ट का दुरभाष नं0– 7739519093
6. परिमाण विपत्र की राशि घट बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
8. Form of Bid एवं Bill of Quauntity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
9. निविदा डबल बीड प्रद्वति से होगा।
10. इस निविदा में जिला परिषद, राँची में निबंधित समुचित श्रेणी के संवेदक ही भाग लेगें।

जिला अभियंता,
जिला परिषद, राँची

PR 362865 Panchayati Raj (25-26)_D

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଲ୍ଗୋଦାମ ବଜାର, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ... ଶାଖାର ଋଣଗ୍ରହୀତା/ଜାମିନ୍ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

[illegible]

| କେନ୍ଦ୍ରାପଡ଼ା-୧ ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ରାଶି (ଖ) ଏନ୍ପିଏ ତାରିଖ (ଗ) ଋଣ ପରିଶୋଧ ନୋଟିସ୍ ତାରିଖ (ଘ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| [illegible] | [illegible] | [illegible] | [illegible] |

ତାରିଖ : ୨୫.୦୯.୨୦୨୫
ସ୍ଥାନ : କଟକ

କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

(ଭାଗ-୩)

# ଆଲେନ ଓ ରଣଧୀର

## ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

ଭାରତୀୟ ହକିକୁ ଯେଉଁ ମହାନ୍ ବ୍ୟକ୍ତିମାନେ ମହତ୍ତର ଅବଦାନ ଦେଇଛନ୍ତି ସେମାନଙ୍କୁ ମନେ ପକାଇବା ଅବସରରେ ଭାଗ(୧)ରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ ଓ ଭାଗ (୨)ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲରଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହି କ୍ରମରେ ଏଥର ୩ୟ ଭାଗରେ ରିଚାର୍ଡ ଜେମ୍ସ ଆଲେନ୍ ଓ ରଣଧୀର ସିଂ ଜେଣ୍ଟଲ୍‌ଙ୍କ ସମ୍ବନ୍ଧରେ ଏହି ଆଲେଖ୍ୟ...

### ରିଚାର୍ଡ ଜେମ୍‌ସ ଆଲେନ୍

ମହାରାଷ୍ଟ୍ରର ନାଗପୁରରେ ୧୯୦୨ ଜୁନ୍ ୪ରେ ଜନ୍ମଗ୍ରହଣ କରିଥିଲେ ରିଚାର୍ଡ ଆଲେନ୍। ତାଙ୍କର ପୂରାନାମ ଥିଲା ରିଚାର୍ଡ ଜେମ୍ସ ଆଲେନ୍। ଏକ ସମ୍ଭ୍ରାନ୍ତ ଆଙ୍ଗ୍ଲୋ-ଭାରତୀୟ ପରିବାରରେ ଆଲେନ୍‌ଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ମଶୌରୀର ଓକ୍ ଗ୍ରୋଭ୍ ସ୍କୁଲ ଏବଂ ଉଚ୍ଚଶିକ୍ଷା ନୈନିତାଲର ସେଣ୍ଟ ଜୋସେଫ କଲେଜରେ ସମ୍ପନ୍ନ ହୋଇଥିଲା। ଓକ୍ ଗ୍ରୋଭ୍ ସ୍କୁଲରେ ପଢ଼ିଲା ବେଳେ ସେ ହକି ଖେଳିବା ଶିକ୍ଷା କଲେ ଏବଂ ସେଣ୍ଟ ଜୋସେଫ୍ କଲେଜରେ ତାଙ୍କର ହକି ଖେଳର ଦକ୍ଷତା ବିକଶିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। କଲେଜ ଶିକ୍ଷା ସମାପ୍ତି ପରେ ସେ କଲିକତା ପୋର୍ଟ କମିଶନର ଦପ୍ତରରେ କାର୍ଯ୍ୟ କଲେ ଓ ତାଙ୍କ ହକି ଦଳରେ ୧୯୨୧ରୁ ଖେଳିବା ଆରମ୍ଭ କଲେ। ୧୯୨୬ ପର୍ଯ୍ୟନ୍ତ ସେ କଲିକତା ପୋର୍ଟ ଜୁନିୟର ଟିମ୍‌ରେ ଖେଳିବା ଜାରି ରଖିଲେ। ଏଠାରେ ଉଲ୍ଲେଖନୀୟ ଯେ ୧୮୮୫ରେ ଏହି କଲିକତାରେ ହିଁ ଭାରତର ପ୍ରଥମ ହକି କ୍ଲବ ମାନ ଗଠିତ ହୋଇଥିଲା ଓ ୧୯୨୬ରେ ଭାରତ ପ୍ରଥମ କରି ବିଦେଶୀ ଦଳ ନ୍ୟୁଜିଲାଣ୍ଡ ସହିତ ହକି ମ୍ୟାଚ ଖେଳିଥିଲା। ଏହା ପରେ ସେ ଇଣ୍ଟର-ପ୍ରୋଭିନ୍ସ ହକି ଟୁର୍ନାମେଣ୍ଟରେ ବେଙ୍ଗଲ ଟିମ୍‌ର ପ୍ରତିନିଧିତ୍ୱ କଲେ ଓ ଏହି ଟୁର୍ନାମେଣ୍ଟରେ ତାଙ୍କର କ୍ରୀଡ଼ା ଦକ୍ଷତାକୁ ବିଚାରକୁ ନେଇ ୧୯୨୮ର ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍‌ରେ ଅଂଶ ଗ୍ରହଣ କରିବାକୁ ଭାରତୀୟ ହକି ଦଳର ତାଲିମ ଶିବିରରେ ଯୋଗଦେବା ନିମନ୍ତେ ମନୋନୀତ କରାଗଲା। ତାଲିମ ଶିବିରରେ ଅଭ୍ୟାସ ସମୟରେ ତାଙ୍କର ଏକାଗ୍ରତା, ଅଧ୍ୟବସାୟ ଓ କ୍ରୀଡ଼ା ନୈପୁଣ୍ୟକୁ ବିଚାରକୁ ନେଇ ମନୋନୟନ କମିଟି ୧୯୨୮ର ଅଲିମ୍ପିକ୍ କ୍ରୀଡ଼ା ପାଇଁ ଚୂଡ଼ାନ୍ତ ଦଳରେ ସ୍ଥାନ ଦେଲେ ତାଙ୍କୁ। ଧ୍ୟାନଚାନ୍ଦଙ୍କ ସହିତ ଏହିଠାରେ ସେ ଖେଳିବାପାଇଁ ସୁଯୋଗ ପାଇଥିଲେ। ଏହି ଅଲିମ୍ପିକ୍‌ରେ ମୋଟ ୯ଟି ଦଳ ଭାଗ ନେଇଥିଲେ ଓ ଭାରତ ଖେଳିଥିବା ମୋଟ ପାଞ୍ଚଗୋଟି ମ୍ୟାଚ୍‌ରେ ଗୋଲ୍‌କିପର ଭାବେ ସେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ ସମଗ୍ର ଅଲିମ୍ପିକ୍ ୧୯୨୮ରେ ସେ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲେ। ଫାଇନାଲରେ ଭାରତ ୩-୦ ଗୋଲ୍‌ରେ ହଲାଣ୍ଡକୁ ହରାଇ ସ୍ୱର୍ଣ୍ଣ ପଦକ ବିଜେତା ହେଲା ଓ ହକିରେ ନିଜର ପ୍ରାଧାନ୍ୟ ବିସ୍ତାର ଆରମ୍ଭ କଲା। ଭାରତ ଏହି ଅଲିମ୍ପିକ୍‌ର ୫ ଗୋଟି ମ୍ୟାଚ୍‌ରେ ମୋଟ ୨୯ଟି ଗୋଲ୍ ଦେଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ୍ ବରଣ କରି ନ ଥିଲା ଯାହାକି ଆଲେନ୍‌ଙ୍କର ଦକ୍ଷତାର ପ୍ରମାଣ ଦିଏ। ହକି ଯାଦୁକର ଧ୍ୟାନଚାନ୍ଦ ଓ ରିଚାର୍ଡ ଆଲେନ୍ ଏହିଠାରେ ହି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାପରେ ୧୯୩୨ରେ ଯୁକ୍ତରାଷ୍ଟ୍ର ଆମେରିକାର ଲସ୍ ଏଞ୍ଜେଲସର ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେଲା ଓ ଆଲେନ୍ ଗୋଲ୍‌କିପର ଭାବେ ଭାରତୀୟ ଦଳରେ ସାମିଲ୍ ହୋଇଥିଲେ। ଏହି ଅଲିମ୍ପିକ୍ ବିଭିନ୍ନ କାରଣରୁ ଚମକଶୂନ୍ୟ ଥିଲା କାରଣ ୧୯୦୬ଠାରୁ ୧୯୨୮ ମଧ୍ୟରେ ଅନୁଷ୍ଠିତ ସମସ୍ତ ଅଲିମ୍ପିକ୍ ଅପେକ୍ଷା ଏଥିରେ ଅଂଶ ଗ୍ରହଣର ହାର ବହୁତ କମ୍ ଥିଲା। ହକିରେ ସର୍ବମୋଟ ୩ ଗୋଟି ଦଳ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଓ ଭାରତ ସାମିଲ ଥିଲେ। ଭାରତ ତାର ୨ଗୋଟି ମ୍ୟାଚ୍ ମଧ୍ୟରୁ ଗୋଟିକରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୨୪-୧ ଗୋଲ୍‌ରେ ହରାଇ ଥିବା ବେଳେ ଅନ୍ୟଟିରେ ଜାପାନକୁ ମଧ୍ୟ ୧୧-୧ ଗୋଲ୍‌ରେ ହରାଇ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ, ଏହି ଯେ ଭାରତର ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ୨୪-୧ ଗୋଲ୍ ବ୍ୟବଧାନରେ ବିଜୟ ଅଦ୍ୟାବଧି ଏକ ରେକର୍ଡ ଭାବେ ଅତୁଟ ରହିଛି ଏବଂ ଏହାସିହତ ଏହି ୨୪ଟି ଗୋଲ୍ ମଧ୍ୟରୁ ଧ୍ୟାନଚାନ୍ଦଙ୍କ ଭାଇ ରୂପ୍‌ସିଂ ଦେଇଥିବା ୧୦ଟି ଗୋଲ୍ ମଧ୍ୟ ଅଲିମ୍ପିକ୍‌ରେ ଗୋଟିଏ ମ୍ୟାଚ୍‌ରେ ଜଣେ ଖେଳାଳି ଦେଇଥିବା ସର୍ବାଧିକ ଗୋଲ୍।

ରିଚାର୍ଡ ଆଲେନ୍ ଏହି ଅଲିମ୍ପିକ୍‌ରେ ଗୋଟିଏ ମ୍ୟାଚ୍ ଖେଳିଥିଲେ ଏଇ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ। ଭାରତର ଗୋଲବର୍ଷା ଚାଲିଥିବା ବେଳେ ଏକ ହାଲୁକା ମୁହୂର୍ତ୍ତରେ ସେ ତାଙ୍କର ପ୍ରଶଂସକମାନଙ୍କୁ ଅଟୋଗ୍ରାଫ୍ ଦେଉଥିଲେ ସେତେବେଳେ ଅପ୍ରତ୍ୟାଶିତ ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ଫରୱାର୍ଡ ଖେଳାଳି ଗୋଟିଏ ଗୋଲ୍ ଦେଇ ଦେଇଥିଲେ। ନଚେତ ଭାରତ ୨୪-୦ରେ ବିଜୟୀ ହୋଇଥାଆନ୍ତା। ଲାଲ୍ ସାହାବୁଖାରୀ ଥିଲେ ଭାରତୀୟ ହକି ଦଳର ଅଧିନାୟକ। ଏହାପରେ ୧୯୩୬ରେ ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ କ୍ରୀଡ଼ା।

ରିଚାର୍ଡ ଆଲେନ୍ ମଧ୍ୟ ଧ୍ୟାନଚାନ୍ଦ ଓ ରୂପସିଂଙ୍କ ସହ ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ଗୋଲ୍ କିପର ଭାବେ ଅଂଶଗ୍ରହଣ କରିଥିଲେ। ହକି ପ୍ରତିଯୋଗିତାରେ ମୋଟ ୧୧ଗୋଟି ଦେଶ ଭାଗ ନେଇଥିଲେ। ଭାରତ ଏଥିରେ ୫ଟି ମ୍ୟାଚ ଖେଳିଥିଲା ଓ ତନ୍ମଧ୍ୟରୁ ଆଲେନ୍ ୪ଗୋଟି ମ୍ୟାଚ୍‌ରେ ଗୋଲ୍‌କିପର ଦାୟିତ୍ୱ ତୁଲାଇଥିଲେ। ଭାରତ ଫାଇନାଲରେ ୮-୧ ଗୋଲ୍‌ରେ ଜର୍ମାନୀକୁ ହରାଇ ସ୍ୱର୍ଣ୍ଣପଦକ ହାସଲ କଲା କ୍ରମାଗତ ତୃତୀୟଥର ପାଇଁ। ତେଣୁ ଆଲେନ୍ ମଧ୍ୟ କ୍ରମାଗତ ୩ଟି ଅଲିମ୍ପିକ୍‌ରେ ହକିରେ ସ୍ୱର୍ଣ୍ଣପଦକ ଜିଣିବାର ଗୌରବର ଅଧିକାରୀ ହେଲେ। ଏହି ଅଲିମ୍ପିକ୍‌ରେ ଭାରତ ମୋଟ ୩୮ଗୋଟି ଗୋଲ୍ ଦେଇଥିବା ବେଳେ ଫାଇନାଲରେ କେବଳ ଗୋଟିଏ ଗୋଲ୍ ବରଣ କରିଥିଲା। ରିଚାର୍ଡ ଆଲେନ୍ ମଧ୍ୟ ଉଚ୍ଚକୋଟୀର ଗୋଲ୍ ରକ୍ଷଣ କାର୍ଯ୍ୟ ସମ୍ପାଦନ କରି ତିନିଗୋଟି ଅଲିମ୍ପିକ୍‌ରେ ମାତ୍ର ୨ ଗୋଟି ଗୋଲ୍ ବରଣ କରିଥିବା ଈର୍ଷଣୀୟ ରେକର୍ଡ ହାସଲ କରିଛନ୍ତି। ସେ ଖେଳିଥିବା ୩ଟି ଅଲିମ୍ପିକ୍‌ରେ ଭାରତ ମାତ୍ର ୩ଟି ଗୋଲ୍ ବରଣ କରିଥିଲା, ଯହିଁରୁ ତାଙ୍କ ବିରୁଦ୍ଧରେ ଥିଲା ୨ ଗୋଲ୍। ଉପଲବ୍ଧ ତଥ୍ୟରୁ ଏହି ସୂଚନା ମିଳେ ଯେ, ବିଶ୍ୱ ହକି ଇତିହାସର ସେ ଜଣେ ଉଚ୍ଚକୋଟୀର ଏବଂ ଦକ୍ଷ ଗୋଲ୍‌କିପର ଥିଲେ। ତାଙ୍କର ତୀକ୍ଷ୍ଣ ଦୃଷ୍ଟିଶକ୍ତି, ବଳିଷ୍ଠ ପୂର୍ବାନୁମାନ ଏବଂ ତ୍ୱରିତ ଚିନ୍ତାଶକ୍ତି ଯୋଗୁ ସେ ଏତେ ଉନ୍ନତମାନର ଗୋଲ୍‌ରକ୍ଷଣ କରିପାରୁଥିଲେ ବୋଲି ଗବେଷକମାନେ ମତବ୍ୟକ୍ତ କରନ୍ତି। ୧୭୨ ସେମି ଉଚ୍ଚତାବିଶିଷ୍ଟ ଆଲେନ୍‌ଙ୍କର ଦକ୍ଷ ଗୋଲ୍‌ରକ୍ଷଣ ଓ ଧ୍ୟାନଚାନ୍ଦଙ୍କର ଅପୂର୍ବ ଷ୍ଟିକ୍ ଚାଳନା ପାଇଁ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣପଦକ ହାସଲ କରି ତତ୍କାଳୀନ ବିଶ୍ୱ ହକି ଜଗତରେ ଚଳହ ସୃଷ୍ଟି କରିଥିଲା। ୧୯୬୯ ମସିହାରେ ଏହି ମହାନ୍ ଖେଳାଳି କର୍ନାଟକର ବାଙ୍ଗାଲୋରରେ ପରଲୋକ ଗମନ କରିଥିଲେ।



୧୯୪୮ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳ



୧୯୩୬ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ ହକି ଖେଳାଳି

### ରଣଧୀର ସିଂ ଜେଣ୍ଟଲ

କ୍ରମାଗତ ୩ଗୋଟି ଅଲିମ୍ପିକ୍‌ରେ ହକିରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଅନ୍ୟତମ ଶ୍ରେଷ୍ଠ ଖେଳାଳି ହେଲେ ରଣଧୀର ସିଂ ଜେଣ୍ଟଲ। ସେ ୧୯୨୨ ସେପ୍ଟେମ୍ବର ୨୨ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ଗ୍ରହଣ ସମୟରେ ହକିଖେଳରେ ଅନୁପ୍ରାଣିତ ହୋଇଥିଲେ ରଣଧୀର। ଫୁଲ୍‌ବ୍ୟାକ୍ ପୋଜିଶନରେ ଖେଳୁଥିଲେ ମଧ୍ୟ ସେ ଅନ୍ୟ ପୋଜିଶନ୍‌ରେ ଖେଳିବାରେ ଥିଲେ ଧୁରନ୍ଧର।

ତାଙ୍କର କ୍ରୀଡ଼ା ଦକ୍ଷତାକୁ ଲକ୍ଷ୍ୟ ରଖି ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୮ରେ ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇଥିବା ଭାରତୀୟ ହକି ଦଳରେ ତାଙ୍କୁ ସାମିଲ କରାଯାଇଥିଲା। ୧୯୨୮ଠାରୁ ଭାରତୀୟ ହକିର ଉତ୍‌ଥାନ ପରଠାରୁ ବ୍ରିଟେନ୍ ଭାରତଠାରୁ ପରାଜୟ ଲଭିବାର ଭୟରେ ଅଲିମ୍ପିକ୍ ହକିରେ ଭାଗ ନେଉ ନ ଥିଲା। କାରଣ ଭାରତ ସେତେବେଳେ ଥିଲା ତା'ର ଏକ ଉପନିବେଶ। ସେ ଯାହାହେଉ ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ବ୍ରିଟେନ୍‌କୁ ହରାଇବାର ଅପୂର୍ବ ସୁଯୋଗ ପାଇଲା ଏହି ଅଲିମ୍ପିକ୍‌ରେ। ମୋଟ ୧୩ ଗୋଟି ଦେଶ ଏଥିରେ ଭାଗ ନେଇଥିଲେ। ଫାଇନାଲରେ ଭାରତ ବ୍ରିଟେନକୁ ୪-୦ ଗୋଲରେ ପରାସ୍ତ କରି ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ତଥା ମୋଟରେ ୪ର୍ଥ ସ୍ୱର୍ଣ୍ଣପଦକ ହାସଲ କଲା ହକିରେ। ଭାରତ ଖେଳିଥିବା ସମସ୍ତ ୫ ଗୋଟି ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା ଓ ପୂରା ଟୁର୍ନାମେଣ୍ଟରେ ୨୫ ଗୋଲ ଦେଇ ମାତ୍ର ୨ ଗୋଲ୍ ବରଣ କରିଥିଲା। ରଣଧୀରଙ୍କର ଉନ୍ନତ କ୍ଷେତ୍ରରକ୍ଷଣ ପାଇଁ ସେ ପ୍ରଶଂସିତ ହୋଇଥିଲେ। କିଶନ୍ ଲାଲ ଥିଲେ ଭାରତୀୟ ହକିଦଳର ଅଧିନାୟକ।

୧୯୫୨ରେ ହେଲସିଙ୍କିଠାରେ ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେଲା। କନୱାର ଦିଗ୍‌ବିଜୟ ସିଂହ ବାବୁଙ୍କ ଅଧିନାୟକତ୍ୱରେ ଭାରତ ଏଥିରେ ହକି ଖେଳରେ ଅଂଶ ଗ୍ରହଣ କରିଥିଲା। ରଣଧୀର ଏଥିରେ ମଧ୍ୟ ଭାରତୀୟ ଦଳର ସଦସ୍ୟ ଥିଲେ। ତାଙ୍କର କ୍ଷେତ୍ରରକ୍ଷଣର ଦକ୍ଷତା ସାଙ୍ଗକୁ ଅଧିନାୟକଙ୍କର ରଣକୌଶଳ ଓ ବଲବୀର୍ ସିଂ ସିନିୟରଙ୍କର ଫରୱାର୍ଡ ପୋଜିଶନ୍‌ରେ ଆକ୍ରମଣାତ୍ମକ ଖେଳ ଯୋଗୁ ଭାରତ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରିଆକୁ ୪-୦, ସେମିଫାଇନାଲରେ ବ୍ରିଟେନକୁ ୩-୧ ଓ ଫାଇନାଲରେ ହଲାଣ୍ଡକୁ ୬-୧ ଗୋଲରେ ପରାସ୍ତ କରି କ୍ରମାଗତ ୫ମ ସ୍ୱର୍ଣ୍ଣପଦକ ହାସଲ କଲା। ଭାରତ ୩ ମ୍ୟାଚ୍‌ରେ ୧୩ ଗୋଲ୍ ଦେଇଥିଲା ଏବଂ ୨ଟି ଗୋଲ ବରଣ କରିଥିଲା।

୧୯୫୬ରେ ଅଷ୍ଟ୍ରେଲିଆର ମେଲ୍‌ବୋର୍ନରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ୍ସ। ବଲବୀର ସିଂ ସିନିୟରଙ୍କ ନେତୃତ୍ୱରେ ଭାରତ ତାର ପ୍ରଥମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୧୪-୦ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଅଧିନାୟକ ବଲବୀର ଆହତ ହେବାରୁ ରଣଧୀର ସିଂ ଜେଣ୍ଟଲ ଦଳର ଅଧିନାୟକ ଦାୟିତ୍ୱ ବହନ କରିଥିଲେ। ଏହାପରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୧୬-୦, ସିଙ୍ଗାପୁରକୁ ୬-୦, ସେମିଫାଇନାଲରେ ଦୁର୍ଦ୍ଧର୍ଷ ଜର୍ମାନୀକୁ ୧-୦ ଗୋଲ୍ ଓ ଫାଇନାଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧-୦ ଗୋଲ୍‌ରେ ପରାସ୍ତ କରି ଭାରତ କ୍ରମାଗତ ୬ଷ୍ଠ ଅଲିମ୍ପିକ ସ୍ୱର୍ଣ୍ଣପଦକ ହାସଲ କରିବା ସହ ବିରଳ ଡବଲ ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ପ୍ରକାଶଥାଉକି ଫାଇନାଲର ୩୮ତମ ମିନିଟ୍‌ରେ ରଣଧୀର ଏକ ଶର୍ଟ କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଏହି ଏକମାତ୍ର ଗୋଲ୍‌ଟି ଦେଇଥିଲେ। ତାଙ୍କ ବ୍ୟତୀତ ବଲବୀର ସିଂ ସିନିୟର, ଲେସ୍‌ଲି କ୍ଲଡିୟସ ଓ ଉଦ୍ଧାମ ସିଂ କୁଲରଙ୍କର କ୍ରୀଡ଼ା ନୈପୁଣ୍ୟ ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ଭାରତ ଏହି ପ୍ରତିଯୋଗିତାରେ ୫ଟି ମ୍ୟାଚ୍‌ରେ ମୋଟ ୩୮ଗୋଲ୍ ଦେଇ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲା।

ସେ ଭାରତୀୟ ଦଳରେ ସାମିଲ ହୋଇ ପୂର୍ବ ଆଫ୍ରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଜାପାନ ଓ ୟୁରୋପର କିଛି ଦେଶକୁ ଖେଳିବାକୁ ଯାଇଥିଲେ। ଭାରତୀୟ ହକି ମହାସଂଘ ହକିଦଳର ଉପ ଅଧିନାୟକ ଭାବେ ସେ ମାଲେସିଆ ଓ ସିଙ୍ଗାପୁର ଗସ୍ତ କରିଥିଲେ ୧୯୫୪ ମସିହାରେ। ଏହି ଦଳ ଗସ୍ତରେ ସମସ୍ତ ୧୬ଟି ଯାକ ମ୍ୟାଚ ଜିତିଥିଲା। ରଣଧୀର ମୋଟ ୧୪ଟି ଗୋଲ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ଦଳର ପ୍ରଶିକ୍ଷଣ ଭାର ନେଇଥିଲେ ଓ ୧୯୭୩ର ରୌପ୍ୟପଦକ ବିଜୟୀ ଭାରତୀୟ ବିଶ୍ୱକପ୍ ଦଳର ପ୍ରଶିକ୍ଷକ ହୋଇଥିଲେ। ୧୯୭୮ରେ ମଧ୍ୟ ଭାରତୀୟ ବିଶ୍ୱକପ୍ ଦଳର ପ୍ରଶିକ୍ଷକ ଥିଲେ। ୧୯୭୨ ଅଲିମ୍ପିକ୍ କ୍ରୀଡ଼ାରେ ସେ ଉଗାଣ୍ଡ ଜାତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୮୧ ମସିହା ସେପ୍ଟେମ୍ବର ୨୫ତାରିଖରେ ସେ ପରଲୋକ ଗମନ କରିଥିଲେ।

# ପୁଣି ଚର୍ଚ୍ଚାରେ ଝିଲିଲତା

**ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଭଲିବଲ ଖେଳାଳିଭାବେ ଏକଦା ଖବରର ଶିରୋନାମାରେ ରହୁଥିବା ଝିଲିଲତା ସେଣ ଏବେ କିଛିବର୍ଷ ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ଓଡ଼ିଶାର ପ୍ରଥମ ମହିଳା ଭାବେ ଏଫ୍‌ଆଇଭିବି ଲେଭଲ-୨ କୋଚିଂ କୋର୍ସ ଶେଷ କରି କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ଯୋଡ଼ିଛନ୍ତି...**

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମହିଳା ଭଲିବଲ ଖେଳାଳିର ମାନ୍ୟତା ପାଉଥିବା ଝିଲିଲତା ସେଣ ଏବେ ବେଶ୍ କିଛିଦିନ ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ଓଡ଼ିଶାର ପ୍ରଥମ ମହିଳା ଭାବେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ଲେଭଲ-୨ କୋଚିଂ କୋର୍ସ ଶେଷ କରି କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ଯୋଡ଼ିଛନ୍ତି। ବାହାରିନର ମାନାମାଠାରେ ସେପ୍ଟେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ଏହି କୋର୍ସ ଅନୁଷ୍ଠିତ ହୋଇଥିଲା। ଏଫ୍‌ଆଇଭିବି କୋଚିଂ କାର୍ସ ଯଦିଓ ଲେଭଲ-୧ ସହ ଆରମ୍ଭ ହୋଇଥାଏ ତେବେ ଝିଲିଲତା ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ହୋଇଥିବାରୁ ସେ ସିଧାସଳଖ ଲେଭଲ-୨ରେ ଭର୍ତ୍ତି ହୋଇପାରି ଥିଲେ। ଝିଲି ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଏବଂ ସବୁଠାରୁ ଯୋଗ୍ୟତା ସମ୍ପନ୍ନ ମହିଳା ଭଲିବଲ କୋଚ୍। ଝିଲିଲତା ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲୱେର ଜଣେ କର୍ମଚାରୀ। ସେ ଭୁବନେଶ୍ୱରରେ ନିଯୁକ୍ତି ପାଇଛନ୍ତି। ଭାରତୀୟ ରେଲୱେ ଭଲିବଲ ଦଳର ସେ ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଫ୍‌ଆଇଭିବି ଲେଭଲ-୨ କୋଚିଂ ସାର୍ଟିଫିକେଟ ହାସଲ କରିବା ଦ୍ୱାରା ଏଣିକି ସେ ଜାତୀୟ ଦଳର କୋଚ୍ ଦାୟିତ୍ୱ ସମ୍ପାଦନ କରିପାରିବେ।

ଖେଳାଳି କ୍ୟାରିୟରରେ ଝିଲିଲତା ୨୦୦୨ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୬ ଅଗଷ୍ଟରେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ୧୦ମ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ସେହିପରି ୨୦୦୪ରେ ରୁଷିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସରେ ସେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳରୁ ଖେଳିଥିଲେ। ଏହା ବ୍ୟତୀତ ୨୦୦୨ରେ ଭିଏତନାମରେ ଅନୁଷ୍ଠିତ ଏସିଆନ ଜୁନିୟର ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଝିଲିଲତା ୨୦୦୩ରେ ଥାଇଲାଣ୍ଡରେ ଏସିଆନ ୟୁଥ୍ ଗର୍ଲ୍ସ ଭଲିବଲ ଚାମ୍ପିୟନଶିପ୍, ୨୦୦୪ରେ ଶ୍ରୀଲଙ୍କାରେ ଏସିଆନ ଜୁନିୟର ମହିଳା ଭଲିବଲ ଚାମ୍ପିୟନଶିପ୍, ୨୦୦୫ରେ ଚାଇନାରେ ଆୟୋଜିତ ଏସିଆନ ସିନିୟର ମହିଳା ଭଲିବଲ ଚାମ୍ପିୟନଶିପ୍, ୨୦୦୬ରେ ଥାଇଲାଣ୍ଡରେ ପ୍ରିନ୍ସେସ କପ୍ ମହିଳା ଅନ୍ତର୍ଜାତୀୟ ଭଲିବଲ, ଏବଂ ୨୦୦୯ରେ ଭିଏତାନାମରେ ଏସିଆନ ସିନିୟର ମହିଳା ଭଲିବଲ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିଲେ। ଏଫ୍‌ଆଇଭିବି ଲେଭଲ-୨ କୋଚିଂ କୋର୍ସ କରିବା ଦ୍ୱାରା ସେ ଅନେକ ଅଭିଜ୍ଞତା ହାସଲ କରିଛନ୍ତି ବୋଲି ଝିଲିଲତା ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଝିଲିଲତା ରେଲୱେ ମହିଳା ଦଳର ସଦସ୍ୟା ଭାବେ ୨୦୦୬ରୁ ୨୦୧୦ ମଧ୍ୟରେ ଜାତୀୟ ସିନିୟର ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ୫ ଥର ସ୍ୱର୍ଣ୍ଣ ପଦକ, ୨୦୦୮ରେ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୦୦ରୁ ୨୦୦୫ ମଧ୍ୟରେ ସେ ଓଡ଼ିଶା ସିନିୟର ମହିଳା ଭଲିବଲ ଦଳ ପକ୍ଷରୁ ଅନେକଥର ପ୍ରତିନିଧିତ୍ୱ କରିଛନ୍ତି। ୨୦୦୩ ଓ ୨୦୦୪ରେ ସେ ଓଡ଼ିଶା ପକ୍ଷରୁ ୨ ଥର ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପରେ ଭାଗ ନେଇଥିଲେ। ପୁରୀର ଝିଲିଝିତା ଓଡ଼ିଶା ମହିଳା ଭଲିବଲ ଦୁନିଆରେ ଜଣେ ଅଲ୍‌ରାଉଣ୍ଡରଭାବେ ବିଶେଷ ପରିଚିତ ଥିଲେ।

-ତପନ ସ୍ୱାଇଁ





ଏଫ୍‌ଆଇଭିବି ଲେଭଲ-୨ କୋଚିଂ କୋର୍ସ କରିଥିବା ଅନ୍ୟା କୋଚ୍‌ଙ୍କ ସହ ଝିଲିଲତା ସେଣ।

# ଶୁଟିଂ ପ୍ରତିଭା

ଓଡ଼ିଶାର ଉଦୀୟମାନ ଶୁଟିଂ ପ୍ରତିଭାଭାବେ ଉଭା ହୋଇଛନ୍ତି ପ୍ରିୟାଂଶା ହୋତା। ନିକଟରେ ବିହାର ରାଜ୍ୟ ରାଇଫଲ ଆସୋସିଏଶନ ପକ୍ଷରୁ ନାଳନ୍ଦାସ୍ଥିତ କଲ୍ୟାଣବିଘାଠାରେ ଅନୁଷ୍ଠିତ ଇଷ୍ଟ ଜୋନ୍ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସେ ଏକାକୀ ୪ଟି ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ମୋଟ ୬ଟି ପଦକ ଜିତିଥିଲେ। ଏହା ମଧ୍ୟରେ ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ସାମିଲ ଥିଲା। ସବୁଠାରୁ ବଡ଼ କଥା ହେଲେ ପ୍ରିୟାଂଶା ଏକାକୀ ୪ଟି ଯାକ ସ୍ୱର୍ଣ୍ଣ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସେ ୧୬ ବର୍ଷରୁ କମ୍ ସବ୍‌ଜୁନିୟର ୟୁଥ୍ ମହିଳା, ୧୯ ବର୍ଷରୁ କମ୍ ୟୁଥ୍ ମହିଳା, ୨୧ ବର୍ଷରୁ କମ୍ ଜୁନିୟର ମହିଳା ଓ ସିନିୟର ମହିଳା ବର୍ଗରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଥିଲେ। ୨ଟି ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନ୍ୟ ୨ ଶୁଟିଂ ପ୍ରତିଭା ହେଲେ ସୌମ୍ୟ ରଞ୍ଜନ ପଣ୍ଡା ଓ ଅତ୍ରିଶା ରାଉତ। ସୌମ୍ୟ ସବ୍‌ଜୁନିୟର ୟୁଥ୍ ପୁରୁଷ ଏବଂ ଅତ୍ରିଶା ଡିଫ୍ ମହିଳା ବର୍ଗରେ ଏହି ସଫଳତା ପାଇଥିଲେ। ଏହି ଇଷ୍ଟଜୋନ୍ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୨୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ପ୍ରିୟାଂଶା ହୋତା

# ଭାରତୀୟ ଟେଷ୍ଟ ଦଳ ଘୋଷିତ

## ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍
## ବୁମ୍‌ରା ଖେଳିବେ; କରୁନ ବାଦ୍

ଦୁବାଇ,୨୫।୯(ପି.ଟି.)

ଆସନ୍ତା ୨ ତାରିଖରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍ ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଉଭୟ ମ୍ୟାଚ୍ ଲାଗି ନଂ-୧ ଟେଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଉପଲବ୍ଧ ରହିବେ। ଦଳରୁ ଅଭିଜ୍ଞ ବ୍ୟାଟର କରୁନ ନାୟର ଓ ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଉଭୟ ଖେଳାଳି ବର୍ତ୍ତମାନଠାରୁ ଭାରତୀୟ ଦଳର ଯୋଜନାରେ ନ ଥିବା ନେଇ ମୁମ୍ବାଇଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସଙ୍କେତ ଦେଇଛନ୍ତି। ଉଇକେଟକିପର-ବ୍ୟାଟର ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଏହି ସିରିଜ୍ ଲାଗି ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଦଳରେ ୨୫ ବର୍ଷୀୟ ଦେବଦତ୍ତ ପଡିକଲ ଓ ୨୩ ବର୍ଷୀୟ ସାଇ ସୁଦର୍ଶନଙ୍କୁ ସାମିଲ କରାଯାଇଛି। ‘‘ଏହି ଭାରତୀୟ ଦଳ ଉଭୟ ଟେଷ୍ଟ ଲାଗି ଘୋଷଣା କରାଯାଇଛି। ଏଣୁ ବୁମରା ଉଭୟ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ତାଙ୍କୁ ଯଥେଷ୍ଟ ବିଶ୍ରାମ ଦିଆଯାଇଛି। ସେ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ ଖେଳି ନ ଥିଲେ। ଏଣୁ ତାଙ୍କୁ ପାଞ୍ଚ ସପ୍ତାହ ବ୍ରେକ ଦିଆଯାଇଥିଲା। ଚଳିତ ଏସିଆ କପ୍ ପୂର୍ବରୁ ବୁମ୍‌ରା ସମ୍ପୂର୍ଣ୍ଣ ଫ୍ରେସ୍ ଥିଲେ। ସେ ଉଭୟ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ’’ ବୋଲି ଅଗରକର କହିଛନ୍ତି। କରୁଣଙ୍କୁ ଦଳରୁ ବାଦ୍ ଦିଆଯିବା ସମ୍ପର୍କରେ ଅଗରକର ପ୍ରକାଶ କରିଛନ୍ତି ଯେ, ଆମେ ନାୟରଙ୍କଠାରୁ ଅଧିକ ଆଶା ରଖିଥିଲୁ। ତାଙ୍କ ବଦଳରେ ସୁଦର୍ଶନଙ୍କୁ ନଂ-୩ ପୋଜିଶନ ଲାଗି ଚୟନ କରାଯାଇଛି। ପଡ଼ିକଲଙ୍କୁ ମଧ୍ୟ ଦଳରେ ରଖାଯାଇଛି। ସେ ଇଂଲଣ୍ଡ ବିପକ୍ଷ ଧର୍ମଶାଳା ଟେଷ୍ଟରେ ଅର୍ଦ୍ଧଶତକ କରିଥିଲେ ଏବଂ ଅଷ୍ଟ୍ରେଲିଆରେ ମଧ୍ୟ ଟେଷ୍ଟ ଦଳରେ ଥିଲେ।


ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ।

### ଈଶ୍ୱରନଙ୍କ ସ୍ଥାନ ନାହିଁ

ଗତ ୩ରୁ ୪ ବର୍ଷ ହେଲା ଭାରତୀୟ ଦଳ ସହ ଟୁର କରୁଥିବା ଅଭିମନ୍ୟୁ ଈଶ୍ୱରନ ଏପର୍ଯ୍ୟନ୍ତ ପଦାର୍ପଣ କରି ନାହାନ୍ତି। କିନ୍ତୁ ବର୍ତ୍ତମାନ ସେ ଭାରତୀୟ ଦଳ ଯୋଜନାରେ ଫିଟ୍ ହେଉ ନାହାନ୍ତି। ଏ ସମ୍ପର୍କରେ ଅଗରକର କହିଛନ୍ତି ଯେ, ସାଧାରଣତଃ ବିଦେଶ ଟ୍ରାଭେଲ କଲା ବେଳେ ଆମେ ୧୬ରୁ ୧୭ ଖେଳାଳିଙ୍କୁ ନେଉ। ସେଥିରେ ତୃତୀୟ ଓପନରଙ୍କୁ ସାମିଲ କରାଯାଏ। ବର୍ତ୍ତମାନ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ବିଦେଶରେ କୌଣସି ଟେଷ୍ଟ ସିରିଜ୍ ଖେଳିବାର ନାହିଁ। ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଏପର୍ଯ୍ୟନ୍ତ ଖରାପ କରି ନାହାନ୍ତି। ଏଣୁ ଏବେ ଆମକୁ ତୃତୀୟ ଓପନର ଦରକାର ନାହିଁ। ଅତିରିକ୍ତ ଓପନରଙ୍କ ବଦଳରେ ଅତିରିକ୍ତ ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ନିଆଯାଇଛି।

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକଲ, ଧ୍ରୁବ ଜୁରେଲ (ଉଇକେଟକିପର), ରବୀନ୍ଦ୍ର ଜାଡେଜା (ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ଏନ୍ ଜଗଦୀଶନ (ଉଇକେଟକିପର), ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ।

# ଶ୍ରୀଲଙ୍କାକୁ ଭେଟିବ ଅପରାଜେୟ ଭାରତ

## ଏସିଆ କପ୍ କ୍ରିକେଟ

ଦୁବାଇ,୨୫।୯(ପି.ଟି.)

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ସୁପର-୪ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟରେ ଅପରାଜେୟ ଧାରା ବଜାୟ ରଖିଥିବା ଭାରତ ଫାଇନାଲରେ ସ୍ଥାନ ପକ୍କା କରି ସାରିଥିବା ବେଳେ ଶ୍ରୀଲଙ୍କା ଫାଇନାଲରୁ ବାଦ୍ ପଡ଼ିସାରିଛି। ଏଣୁ ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଭାରତୀୟ ଦଳ ତା’ର ଅପରାଜେୟ ଧାରା ଜାରି ରଖିବା ଉଦ୍ଦେଶ୍ୟରେ ମ୍ୟାଚ୍‌କୁ ଓହ୍ଲାଇବ। ଅନ୍ୟପକ୍ଷରେ ଲଗାତର ୨ ମ୍ୟାଚ୍‌ରେ ପରାଜିତ ହୋଇଥିବା ଶ୍ରୀଲଙ୍କା ତା’ର ଆତ୍ମସମ୍ମାନ ପାଇଁ ଖେଳିବ।

ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳରେ କିଛି ସମସ୍ୟା ରହିଥିବା ପରିଲକ୍ଷିତ ହୋଇଛି। ମିଡିଲ ଅର୍ଡରରେ ସଞ୍ଜୁ ସାମସନ ଫିଟ୍ ହେଉ ନାହାନ୍ତି, ଯାହାକି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଚିନ୍ତାର କାରଣ ପାଲଟିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଦଳର ୬ ଉଇକେଟ ପଡ଼ିବା ପରେ ବି ସାମସନ କ୍ରିଜ୍‌କୁ ଓହ୍ଲାଇ ନ ଥିଲେ। ଏଣୁ ତାଙ୍କୁ ନଂ-୩ ପୋଜିଶନକୁ ପ୍ରମୋଟ କରାଯିବାର ସମ୍ଭାବନା ରହିଛି। ନ ହେଲେ ଟି୨୦ ଫର୍ମାଟରେ ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଯାଇଥାଏ। ଏହି ଦୃଷ୍ଟିରୁ ସାମସନଙ୍କ ବଦଳରେ ଜୀତେଶ ଶର୍ମାଙ୍କୁ ଶ୍ରୀଲଙ୍କା ବିପକ୍ଷ ଗୁରୁତ୍ୱହୀନ ମ୍ୟାଚ୍‌ରେ ଖେଳାଯାଇପାରେ। ମିଡିଲ ଅର୍ଡରରେ ଜୀତେଶଙ୍କ ପ୍ରଦର୍ଶନ ଆଇପିଏଲରେ ଖୁବ ଭଲ ରହିଛି। ତେବେ ଦଳୀୟ ଫିଲ୍ଡିଂ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ନୈରାଶ୍ୟଜନକ ରହିଛି। କାରଣ ଗତ ୫ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ୧୦ କ୍ୟାଚ୍ ହାତଛଡ଼ା କରିଛନ୍ତି, ଯାହାକି ସର୍ବାଧିକ। ଏଥିଲାଗି ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମର ଫ୍ଲଡ୍‌ଲାଇଟ୍ ଡିଜାଇନକୁ ଦାୟୀ କରାଯାଇପାରିବ। କିନ୍ତୁ ଏହା ସହ ଖେଳାଳିଙ୍କୁ ଫାଇନାଲ ପୂର୍ବରୁ ଖାପ ଖୁଆଇବାକୁ ପଡ଼ିବ। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳ ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦେଇପାରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ଶିବମ ଦୁବେ, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ ବୁମରା/ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

# ଓଡ଼ିଶା ବାଳକ, ବାଳିକା ହ୍ୟାଣ୍ଡବଲ ଦଳ ଘୋଷିତ


ଜାତୀୟ ହ୍ୟାଣ୍ଡ୍‌ବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ।

ଭୁବନେଶ୍ୱର,୨୫।୯(ଅନାଦି କର)

ହାଇଦ୍ରାବାଦରେ ହେବାକୁ ଯାଉଥିବା ୧୭ତମ ମିନି ବାଳକ ଓ ବାଳିକା ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ଦଳ କଟକରୁ ଟ୍ରେନ ଯୋଗେ ହାଇଦ୍ରାବାଦ୍ ଅଭିମୁଖେ ଯାତ୍ରା କରିଛି। ବାଳକ ଦଳରେ ପରବିନ କାନହାର, ଫ୍ଲାରେନ୍ସ ପ୍ରଧାନ, ରାଜପ୍ରତ ମାଝୀ, ପରମେଶ୍ୱର ଗୁରିୟା, ଅଗସ୍ତୀ ଗୁଟା, ଅମରୁକାଶଂ ପଟ୍ଟନାୟକ, ଆଶିଷ ରଞ୍ଜନ ସାହୁ, କହ୍ନେଇ ସାମଲ, ଡି. ଅମୀର ଦୀପ, ସୌମ୍ୟଜିତ ବେହେରାଙ୍କ ସହ କୋଚ୍ ଭାବେ ସନ୍ତୋଷ ବେହେରା ଓ ମ୍ୟାନେଜର ଭାବେ ଅଶୋକ ପ୍ରଧାନ ସ୍ଥାନ ପାଇଛନ୍ତି। ବାଳିକା ଦଳରେ ପ୍ରିୟା ଦେହୁରୀ, ପ୍ରଭାସିନୀ ଡୁଙ୍ଗଡୁଙ୍ଗ, ପ୍ରିୟା ବରିହା, ସିମି ଆଲଡ଼ା, ସେନାଲୀ ମୁଣ୍ଡା, ପୂଜା ରେଡ୍ଡୀ, ତନିଶା ନାଥ, ସନ୍ଧ୍ୟାରାଣୀ ସାହୁ, ପ୍ରାଚୀ ସ୍ୱାଗତିକ ତାଣ୍ଡିୟା, ସ୍ନେହଲତା ଟୁଡୁ, କୋଚ୍ ଭାବେ ମୋନାଲିଶା ଦଳେଇ ଓ ମ୍ୟାନେଜର ଭାବେ ଅନର୍ବ ସିହ୍ନା ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ବିରେନ୍ଦ୍ର ବେହେରା, ସଭାପତି ଗୋପୀନାଥ ସାହୁ, ବରିଷ୍ଠ ଉପସଭାପତି ପ୍ରେମାନନ୍ଦ ବିହାରୀ, କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ଦାଶ, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଉଭୟ ଦଳର ଉନ୍ନତ ପ୍ରଦର୍ଶନ କାମନା କରିଛନ୍ତି।

# ସମ୍ବଲପୁର ୱାରିଅର୍ସ ଫାଇନାଲରେ

**ଭୁବନେଶ୍ୱର, ୨୫।୯ (ବିଜୟ ରଣା):** ସମ୍ବଲପୁର ୱାରିଅର୍ସ ପଏଣ୍ଟ ଟେବୁଲ ସ୍ଥାନ ଭିତ୍ତିରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ-ଟି୨୦ ଲିଗ୍ ୨୦୨୫ର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସମ୍ବଲପୁର ୱାରିଅର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ସେମିଫାଇନାଲ ମ୍ୟାଚ ଖେଳାଯିବାର ଥିଲା। ମାତ୍ର ବର୍ଷା ଯୋଗୁ ମ୍ୟାଚ ଅଧାରୁ ବାତିଲ କରିଦିଆଯାଇଥିଲା। ସେତେବେଳେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଟାଇଗର୍ସ ୧୪ ଓଭରରେ ୪ଉଇକେଟ ବିନିମୟରେ ୮୩ ରନ କରିସାରିଥିଲା। ଲିଗ୍ ପର୍ଯ୍ୟାୟରେ ସମ୍ବଲପୁର ୫ଟି ମ୍ୟାଚରୁ ୧୪ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭୁବନେଶ୍ୱର ଟାଇଗର୍ସ ସମାନ ସଂଖ୍ୟକ ମ୍ୟାଚରୁ ୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ନେପାଳକୁ ହରାଇ ଫାଇନାଲରେ ଭାରତ

**କଲମ୍ବୋ, ୨୫।୯ (ପି.ଟି.):** ଭାରତର ୧୭ ବର୍ଷରୁ କମ୍ ଜାତୀୟ ପୁରୁଷ ଦଳ ନେପାଳକୁ ୩-୦ ଗୋଲ୍‌ରେ ପରାସ୍ତ କରି ଏଠାରେ ଚାଲିଥିବା ୧୭ ବର୍ଷ ସାଫ୍ (ସାଉଥ ଏସୀୟ ଫୁଟ୍‌ବଲ ମହାସଂଘ)ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ଦଳ ତରଫରୁ ୱାଙ୍ଗ୍‌ଖିରାକପାମ୍ ଗନ୍‌ଲିବା (୬୧ତମ ମିନିଟ) ଏବଂ ବଦଳ ଖେଳାଳି ଆଲଜଲାନ ଶାହ (୮୦ତମ) ଓ ଡାଇମଣ୍ଡ ସିଂ ଥୋକ୍‌ଚୋମ (୯୦+୪ତମ) ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଫାଇନାଲରେ ପାକିସ୍ତାନ


ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ପାକିସ୍ତାନ ଖେଳାଳି।

ଦୁବାଇ,୨୫।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ପାକିସ୍ତାନ ୧୧ ରନରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫଳରେ ଆସନ୍ତା ରବିବାର ଖେଳାଯିବାକୁ ଥିବା ଫାଇନାଲରେ ପୁଣି ଥରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ଶାହିନ ଶାହ ଆଫ୍ରିଦୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ମାତ୍ର ୭୧ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ମହମ୍ମଦ ହାରିସ ୩୧ ଓ ମହମ୍ମଦ ନୱାଜ ୨୫ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମାନ ଅଲୀ ଆଘା ଓ ଶାହିନ ଶାହ ଆଫ୍ରିଦୀ ୧୯ ଲେଖାଏ ରନ କରିଥିଲେ। ଫଳରେ ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ କରିଥିଲା। ବାଂଲାଦେଶ ପାଇଁ ବୋଲିଂରେ ଟସ୍କିନ ଅହମଦ ୩ ଉଇକେଟ ନେଇଥିବା ବେଳେ ମାହେଦି ହସନ ଓ ରିଶଦ ହୋସେନ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ବାଂଲାଦେଶ ମଧ୍ୟ ପାକିସ୍ତାନ ଭଳି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ରକ୍ଷା କରିପାରିନଥିଲେ। ଫଳରେ ବାଂଲାଦେଶ ୨୦ ଓଭରରେ ୯ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା। ଶାହିନ ଓ ହାରିସ ରୌଫ ୩ ଲେଖାଏ ଉଇକେଟ ନେଇ ପାକିସ୍ତାନକୁ ଜିତାଇଥିଲେ। ବାଂଲାଦେଶ ଲାଗି ଶମିମ ହୋସେନ ୩୦, ସୈଫ ହସନ ୧୮ ଓ ନୁରୁଲ ହସନ ୧୬ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ: ୨୦ ଓଭରରେ ୧୩୫/୮ (ମହମ୍ମଦ ହାରିସ-୩୧, ମହମ୍ମଦ ନୱାଜ-୨୫, ସଲମାନ ଅଲୀ ଆଘା-୧୯, ଟସ୍କିନ ଅହମ୍ମଦ-୩/୨୮, ରିଶଦ ହୋସେନ-୨/୧୮, ମାହେଦି ହସନ-୨/୨୮)। ବାଂଲାଦେଶ: ୨୦ ଓଭରରେ ୧୨୪/୯ (ଶମିମ ହୋସେନ-୩୦, ସୈଫ ହସନ-୧୮, ଶାହିନ ଶାହ ଆଫ୍ରିଦୀ-୩/୧୭, ହାରିସ ରୌଫ-୩/୩୩, ସଇମ ଆୟୁବ-୨/୧୬)।

# ରୌଫ, ସାହିବଜାଦାଙ୍କ ବିରୋଧରେ ବିସିସିଆଇର ଅଭିଯୋଗ




ଦୁବାଇ,୨୫।୯(ପି.ଟି.)

ଗତ ରବିବାର ଭାରତ ବିପକ୍ଷ ଏସିଆ କପ୍ ସୁପର-୪ ମ୍ୟାଚ୍ ବେଳେ ଉସୁକାଇବା ଭଳି ବ୍ୟବହାର ଲାଗି ପାକିସ୍ତାନର ହାରିସ ରୌଫ ଓ ସାହିବଜାଦା ଫର୍ହାନଙ୍କ ବିରୋଧରେ ଭାରତ ପକ୍ଷରୁ ଆଇସିସି ନିକଟରେ ଆନୁଷ୍ଠାନିକ ଭାବେ ଅଭିଯୋଗ କରାଯାଇଛି। ଉଭୟଙ୍କ ବିରୋଧରେ ବିସିସିଆଇ ପକ୍ଷରୁ ବୁଧବାର ଅଭିଯୋଗ କରାଯାଇଛି। ଯଦି ସାହିବଜାଦା ଓ ରୌଫ ଅଭିଯୋଗକୁ ଲିଖିତ ଆକାରରେ ଖଣ୍ଡନ କରନ୍ତି, ତେବେ ଏ ସଂକ୍ରାନ୍ତ ଆଇସିସି ଶୁଣାଣି କରିବ। ସେମାନଙ୍କୁ ଆଇସିସି ଏଲିଟ୍ ପ୍ୟାନେଲ ରେଫରି ରିଚି ରିଚାର୍ଡସନଙ୍କ ଆଗରେ ହାଜର ହେବାକୁ ପଡ଼ିବ। ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପୀଡ଼ିତଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ ଅପରେଶନ ସିନ୍ଦୂର ପାଇଁ ଭାରତୀୟ ସଶସ୍ତ୍ର ବଳକୁ ବିଜୟ ଉତ୍ସର୍ଗ କରିବା ପାଇଁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ୨୧ ତାରିଖରେ ଖେଳାଯାଇଥିବା ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ସାହିବଜାଦା ତାଙ୍କ ବ୍ୟାଟ୍‌କୁ ମେଶିନଗନ ଭଳି ଦେଖାଇ ଉତ୍ସବ ମନାଇଥିଲେ। ସେହିଭଳି ରୌଫ ବୋଲିଂ ବେଳେ ଭାରତୀୟ ଓପନରଙ୍କୁ ଗାଳି ଗୁଲଜ କରିବା ସହ ଫିଲ୍ଡିଂ କଲା ବେଳେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା ସୈନ୍ୟ କାର୍ଯ୍ୟାନୁଷ୍ଠାନର ମଜାକ ଉଡ଼ାଇଥିଲେ।

## ପୂର୍ବାଞ୍ଚଳ ଜୁନିୟର ଆଥଲେଟ୍ସ ଚାମ୍ପିୟନଶିପ୍

# ଓଡ଼ିଶାକୁ ୨୧ ସ୍ୱର୍ଣ୍ଣ, ୧୬ ରୌପ୍ୟ, ୧୨ ବ୍ରୋଞ୍ଜ

ଭୁବନେଶ୍ୱର, ୨୫।୯(ବିଜୟ ରଣା)

ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୭ ବାଳକ ଓ ୩୦ ବାଳିକା ସମେତ ମୋଟ ୬୭ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ। ସେମାନେ ମୋଟ ୪୯ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତନ୍ମଧ୍ୟରେ ୨୧ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୨ ବ୍ରୋଞ୍ଜ ରହିଛି। ଝାଡ଼ଖଣ୍ଡ ୧୭୨ ପଏଣ୍ଟ ସହ ଓଭରଅଲ ପ୍ରଥମ ସ୍ଥାନରେ ରହିଥିବାବେଳେ ବିହାର (୧୬୮) ଦ୍ୱିତୀୟ ଏବଂ ଓଡ଼ିଶା ଦଳ (୧୬୫) ତୃତୀୟ ସ୍ଥାନ ଅଧିକାର କରିଛି। ୧୬ ବର୍ଷରୁ କମ୍ ବାଳିକା ଓ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶା ଚାମ୍ପିୟନ ହୋଇଥିବା ବେଳେ ୨୦ ବର୍ଷରୁ କମ୍ ବିଭାଗରେ ଓଡ଼ିଶା ରନରଅପ୍ ହୋଇଛି। ୨୦ବର୍ଷରୁ କମ୍ ବୟସ ବର୍ଗରେ ଅମ୍ବିକ ପ୍ରଧାନ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ।

# ୫୦ମିଟର ରାଇଫଲ ପ୍ରୋନ୍‌ରେ କ୍ଲିନ୍ ସୁଇପ୍

## ଜୁନିୟର ବିଶ୍ୱକପ୍

ନୂଆଦିଲ୍ଲୀ, ୨୫।୯ (ପି.ଟି.)

ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ୫୦ମିଟର ରାଇଫଲ ପ୍ରୋନ୍‌ରେ ଭାରତୀୟ ମହିଳା ଦଳ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଥିବାବେଳେ ପୁରୁଷ ଦଳ ସମାନ ଇଭେଣ୍ଟରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଗୁରୁବାର ସ୍ଥାନୀୟ ଡକ୍ଟର କାର୍ନି ସିଂ ରେଞ୍ଜ୍‌ରେ ଯଙ୍ଗ ଅନୁଷ୍କା ଥୋକୁର ଜୁନିୟର ୫୦ ମିଟର ରାଇଫଲ ଥ୍ରି ପୋଜିଶନରେ ୬୨୧.୬ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଅନ୍ୟ ଜଣେ ୧୮ବର୍ଷୀୟା ଅଂଶିକା ୬୧୯.୨ ସ୍କୋର ସହ ରୌପ୍ୟ ପଦକ ପାଇଥିବା ବେଳେ ଏହି ଅଣ ଅଲିମ୍ପିକ ଇଭେଣ୍ଟରେ ୨୦ବର୍ଷୀୟା ଆଧ୍ୟା ଅଗ୍ରୱାଲ ୬୧୫.୯ ସ୍କୋର ସହ ବ୍ରୋଞ୍ଜ ଜିତିଥିଲେ। ପୁରୁଷ ବିଭାଗରେ ଦୀପେନ୍ଦ୍ର ସିଂ ଶେଖାୱତ ଓ ରୋହିତ କାନ୍ୟାନ ପୁରୁଷ ୫୦ମିଟର ରାଇଫଲ ପ୍ରୋନ୍‌ରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ଏହା ହେଉଛି ସେମାନଙ୍କର ପ୍ରଥମ ଅନ୍ତର୍ଜାତୀୟ ପଦକ। ଏହି ଇଭେଣ୍ଟର ସ୍ୱର୍ଣ୍ଣ ପଦକ ଇଣ୍ଡିଭିଜୁଆଲ ନ୍ୟୁଟ୍ରାଲ (ଏଆଇଏନ୍) ହାତକୁ ଯାଇଛି।


ପଦକ ବିଜେତା ଭାରତୀୟ ଶୁଟର।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୬/୨୦୨୫ Bhubaneswar, Friday, September 26/ 2025

# କଳିଙ୍ଗରେ ଏକସଙ୍ଗେ ୩ ବଡ଼ କ୍ରୀଡ଼ା ଇଭେଣ୍ଟ

**ଭୁବନେଶ୍ୱର, ୨୫।୯ (ତପନ ସ୍ୱାଇଁ)**



ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

- ■ ଏସିଆନ ଟେବୁଲ ଟେନିସ: ଅକ୍ଟୋବର ୧୧ରୁ ୧୫
- ■ ଜାତୀୟ ଜୁନିୟର ଆଥ୍ଲେଟିକ୍ସ: ଅକ୍ଟୋବର ୧୦ରୁ ୧୪
- ■ ଆଇଟିଏଫ୍ ମାଷ୍ଟର୍ସ ୧୦୦ ଟେନିସ: ଅକ୍ଟୋବର ୧୧ରୁ ୧୫

କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଏକସଙ୍ଗେ ୩ଟି ବଡ଼ ଇଭେଣ୍ଟ ଆୟୋଜନ ହେବ। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ, ଏସିଆନ ଟେବୁଲ ଟେନିସ ୟୁନିୟନ, ଭାରତୀୟ ଟେବୁଲ ଟେନିସ ଫେଡେରେଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ସମ୍ମାନଜନକ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଆୟୋଜନ ହେବ। ସେହିପରି ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଅକ୍ଟୋବର ୧୦ରୁ ୧୪ ଏବଂ ଆଇଟିଏଫ୍ ମାଷ୍ଟର୍ସ ୧୦୦ ଟେନିସ ଟୁର୍ନାମେଣ୍ଟ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଓଡ଼ିଶାର ସ୍ପୋର୍ଟ୍ସ ଇକୋ ସିଷ୍ଟମ, କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଏବଂ ସମସ୍ତଙ୍କ ସହଯୋଗ କ୍ରମେ ଗୋଟିଏ ସମୟରେ ୩ଟି ବଡ଼ ଇଭେଣ୍ଟ ଆୟୋଜନ କରିବାକୁ ଯାଉଛୁ। ଏହା ଏକ ନୂଆ ଅନୁଭବ ହେବ। ଓଡ଼ିଶା ଏକ ସମୟରେ ବିଭିନ୍ନ ପ୍ରକାର ଖେଳ ଆୟୋଜନ କରିପାରୁଛି ବୋଲି ଏଥିରୁ ପ୍ରମାଣିତ ମଧ୍ୟ ହୋଇପାରିବ। ନ୍ୟାଶନାଲ ଜୁନିୟର ଆଥଲେଟିକ୍ସରେ ପାଖାପାଖି ୨୦୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ଭାରତ ଯେତେବେଳେ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା କଥା ଉଠୁଛି ସେତେବେଳେ ଓଡ଼ିଶାରେ ମଧ୍ୟ କିଛି ଇଭେଣ୍ଟ ହେବ ବୋଲି ଆଶା ରହିଛି। ତେଣୁ ତା' ପୂର୍ବରୁ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଏକାବେଳେ ୩ଟି ବଡ଼ ଇଭେଣ୍ଟ ଆୟୋଜନ କରି ଆମେ ନିଜ କାପାସିଟି ବିଲ୍ଡଅପ୍ କରିବା ଯୋଜନାରେ ଅଛୁ ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

## 'ଓଡ଼ିଶାରେ ଟିଟି ପାଇଁ ସ୍ୱତନ୍ତ୍ର ସ୍ପୃହା ସୃଷ୍ଟି କରିବ'

ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଓଡ଼ିଶାରେ ପ୍ରଥମଥର ଏବଂ ଭାରତରେ ୫ମ ଥର ପାଇଁ ଆୟୋଜନ ହେବାକୁ ଯାଉଛି। ଦୀର୍ଘ ୧୬ ବର୍ଷ ପରେ ଏହି ଟୁର୍ନାମେଣ୍ଟ ଭାରତକୁ ଫେରିଛି। ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଉଭୟ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହେବ। ଏପର୍ଯ୍ୟନ୍ତ ପାଖାପାଖି ୨୨ଟି ଦେଶ ଆସିବା ପାଇଁ ସମ୍ମତି ଜଣାଇଛନ୍ତି। ଏ ସମସ୍ତ ଦେଶର ଶ୍ରେଷ୍ଠ ୪-୫ ଜଣ ଲେଖାଏ ଖେଳାଳି ଓଡ଼ିଶା ଆସିବେ। କଳିଙ୍ଗ ଷ୍ଟାଡିୟମର ଇନ୍‌ଡୋର ଆଥ୍ଲେଟିକ୍ ସେଣ୍ଟରରେ ଏହି ଟୁର୍ନାମେଣ୍ଟ ହେବାକୁ ଯାଉଛି। ଚାଇନାଠାରୁ ଆରମ୍ଭ କରି ଜାପାନ, କୋରିଆ, ତାଇପେ, ହଂକଂ, ମକାଓ, ସିଙ୍ଗାପୁର, ଇରାନ, କାଜାଖସ୍ତାନ, ମାଲେସିଆ, ମାଲଡିଭ୍ସ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ସହିତ ଆୟୋଜକ ଭାରତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛି। ଏସୀୟ ଟିଟି ଚାମ୍ପିୟନଶିପ୍ ଆୟୋଜନ ଓଡ଼ିଶାରେ ଟେବୁଲ ଟେନିସ ପାଇଁ ଏକ ସ୍ୱତନ୍ତ୍ର ସ୍ପୃହା ସୃଷ୍ଟି କରିବ। ତେଣୁ ୨୦୨୬ ଅଲିମ୍ପିକ୍ସ ଆୟୋଜନର ଏହା ଅୟମାରମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସୂରଜ କହିଛନ୍ତି। ଗତବର୍ଷ ଆମ ୧୫ ବର୍ଷରୁ କମ୍ ଓଡ଼ିଶା ଦଳ ପ୍ରଥମ ଥର ପଦକ ଜିତିଛି। ଓଡ଼ିଶାରେ ଟେବୁଲ ଟେନିସ ପ୍ରତି ଆଗ୍ରହ ରହିଛି। ଏହାକୁ ଅଧିକ ପ୍ରସାର କରିବାକୁ ହେଲେ ଆମକୁ ଏହି କ୍ରୀଡ଼ାକୁ ସ୍କୁଲ ସ୍ତରକୁ ନେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ମହାସଚିବ କମଲେଶ ମେହେଟା, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏମ. ଗଣେଶନ ଏବଂ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶ ପାଇଁ ଗର୍ବର ମୁହୂର୍ତ୍ତ: କମଲେଶ



ଓଡ଼ିଶାରେ ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଆୟୋଜନ ହେବା ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ପ୍ରତିଯୋଗିତା ଆଇଟିଟିଏଫ୍ ୱାର୍ଲ୍ଡ ଟିମ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଫାଇନାଲ୍ସକୁ ଯୋଗ୍ୟତା ଅର୍ଜନ ପାଇଁ ସୁଯୋଗ ଆଣିବ। ବିଶ୍ୱସ୍ତରୀୟ ବିଭିନ୍ନ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିବାରେ ଓଡ଼ିଶା ଏବେ ବିଶେଷ ପରିଚିତ। ତେଣୁ ଆଗାମୀ ଟୁର୍ନାମେଣ୍ଟ ମଧ୍ୟ ସଫଳତାର ସହ ଆୟୋଜନ ହେବାନେଇ ମୁଁ ଆଶାବାଦୀ। ଟେବୁଲ ଟେନିସରେ ଏସିଆ ହେଉଛି ପାୱାର ହାଉସ। ଭୁବନେଶ୍ୱର ଟୁର୍ନାମେଣ୍ଟରେ ସବୁ ଦେଶର ଶୀର୍ଷ ଖେଳାଳିମାନେ ଅଂଶଗ୍ରହଣ କରିବେ। ଚାଇନା ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହାର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଆସୁଥିବାରୁ ମୁଁ ବହୁତ ଖୁସି। ତେଣୁ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହେବା ନିଶ୍ଚିତ ବୋଲି ଭାରତୀୟ ଟେବୁଲ ଟେନିସ ଫେଡେରେଶନ ମହାସଚିବ କମଲେଶ ମେହେଟା ପ୍ରକାଶ କରିଛନ୍ତି।

# ସିଡ୍‌ନୀ ଥଣ୍ଡର୍ସରେ ଅଶ୍ୱିନ

**ସିଡ୍‌ନୀ, ୨୫।୯ (ପି.ଟି.)**




### ବିଗ୍ ବାଶ୍ ଲିଗ୍

ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଯୋଗଦାନ କରିବାରେ ଆର୍. ଅଶ୍ୱିନ ଭାରତର ପ୍ରଥମ ଷ୍ଟାର ଖେଳାଳି ହୋଇଛନ୍ତି। ଗୁରୁବାର ସେ ସିଡ୍‌ନୀ ଥଣ୍ଡର ଦଳ ସହିତ ଏକ ଚୁକ୍ତି କରିଛନ୍ତି। ଅଶ୍ୱିନ ନିକଟରେ ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ତାଙ୍କର ଅବସର ଘୋଷଣା କରିଥିଲେ, ଯାହା ଫଳରେ ବିଶ୍ୱବ୍ୟାପୀ ଅନ୍ୟ ଲିଗ୍‌ଗୁଡ଼ିକରେ ଖେଳିବା ପାଇଁ ସେ ଉପଲବ୍ଧ ହେବେ। ୩୯ ବର୍ଷୀୟ ଏହି ଚାମ୍ପିୟନ ଅଫ୍ ସ୍ପିନର ଗତବର୍ଷ ଅଷ୍ଟ୍ରେଲିଆ ଟୁର୍ ମଧ୍ୟ ଭାଗରେ ଆକସ୍ମିକ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ଡିସେମ୍ବର ୧୪ରୁ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ବିବିଏଲ୍‌ର ଦ୍ୱିତୀୟାର୍ଦ୍ଧ ବେଳକୁ ସେ ଉପଲବ୍ଧ ହେବେ। ଏହି ଅବସରରେ ଥଣ୍ଡର ଜେନେରାଲ ମ୍ୟାନେଜର ଟ୍ରେଣ୍ଟ କୋପ୍‌ଲାଣ୍ଡ ଏହାକୁ ବିବିଏଲ୍ ଇତିହାସରେ ସବୁଠାରୁ ବଡ଼ ଚୁକ୍ତି ବୋଲି କହିଛନ୍ତି।

# ଶ୍ରେୟସ ଭାରତ 'ଏ'ର ଅଧିନାୟକ

**ନୂଆଦିଲ୍ଲୀ, ୨୫।୯ (ପି.ଟି.)**

ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଶ୍ରେୟସ ଆୟରଙ୍କୁ ଗୁରୁବାର ଭାରତ 'ଏ' ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହା ସେପ୍ଟେମ୍ବର ୩୦ରୁ କାନପୁରରେ ଆରମ୍ଭ ହେବ। କିନ୍ତୁ ପିଠିରେ ଯନ୍ତ୍ରଣା ଯୋଗୁ ତାଙ୍କୁ ରେଡ୍ ବଲ୍ କ୍ରିକେଟରୁ ୬ମାସ ପାଇଁ ଛୁଟି ଦିଆଯାଇଛି। ଆୟର ନିକଟରେ ବିସିସିଆଇ ଚୟନକମିଟି ଚେୟାରମ୍ୟାନ ଅଜିତ ଅଗରକରଙ୍କୁ ଅବଗତ କରାଇଥିଲେ ଯେ, ତାଙ୍କ ପିଠିରେ ଯନ୍ତ୍ରଣା ଯୋଗୁ ସେ ବର୍ତ୍ତମାନ ପାଇଁ ରେଡ୍ ବଲ୍ କ୍ରିକେଟ ଖେଳି ପାରିବେନି। ଭାରତ 'ଏ' ଦିନିକିଆ ଦଳରେ ସ୍ଥାନ ପାଇଥିବା ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ରବି ବିଷ୍ଣୋଇ, ଉଇକେଟକିପର-ବ୍ୟାଟର ପ୍ରଭସିମରନ ସିଂ, ବିଗ୍ ହିଟିଂ ଅଲରାଉଣ୍ଡର ରିୟାନ ପରାଗ ଓ ଆୟୁଷ ବଦୋନୀ। ଅନ୍ୟପକ୍ଷରେ ବର୍ତ୍ତମାନ ଏସିଆ କପ୍ ଖେଳୁଥିବାରୁ ଟପ୍ ଅର୍ଡର ବ୍ୟାଟର ଅଭିଷେକ ଶର୍ମା, ମିଡଲ ଅର୍ଡର ବ୍ୟାଟର ତିଳକ ବର୍ମା ଏବଂ ଦୁଇ ପେସର ହର୍ଷିତ ରାଣା ଓ ଅର୍ଶଦୀପ ସିଂ ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦ୍ୱିତୀୟ ଓ ତୃତୀୟ ମ୍ୟାଚ ପାଇଁ ପରେ ଦଳ ସହିତ ଯୋଗଦେବେ।

ନାଗପୁରରେ ଅକ୍ଟୋବର ୧ରୁ ଖେଳାଯିବାକୁ ଥିବା ବିଦର୍ଭ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ ପାଇଁ ରଜତ ପଟିଦାରଙ୍କୁ ଅବଶିଷ୍ଟ ଭାରତ ଏକାଦଶ ଦଳର ଅଧିନାୟକ ଭାବେ ନିଯୁକ୍ତି ଦିଆଯାଇଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୬/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, September 26/2025 Page 20 ₹ 7.00

୫୧ଶ ଭାଗ ୩୦୨ ସଂଖ୍ୟା VOLUME 51 ISSUE 302 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul


# ଆବର୍ଜନାରୁ ଶକ୍ତି ଉତ୍ପାଦନ ଯୋଜନା ରହିଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଗୁରୁବାର ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର,୨୫।୯**
**(ରବିନାରାୟଣ ଜେନା/ସୁନିତ୍ ମିଶ୍ର)**

ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡ଼ିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସ୍ୱଚ୍ଛତା କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ଓଡ଼ିଶା ଯେଭଳି ରହିପାରିବ ସେଥିନେଇ ଆମ ସମସ୍ତଙ୍କୁ କାର୍ଯ୍ୟକରିବାକୁପଡ଼ିବ।ଆଗାମୀଦିନରେଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଗୁରୁବାର ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ,

## ସ୍ୱଚ୍ଛତାରେ ଦେଶର ପ୍ରଥମ ୩ ସ୍ଥାନରେ ଓଡ଼ିଶାକୁ ରଖିବାକୁ ଆହ୍ୱାନ

ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ତାଙ୍କର ଚିନ୍ତାଧାରା ଥିଲା ଅନ୍ତ୍ୟୋଦୟ ଅର୍ଥାତ୍ ସମାଜର ସବୁଠୁ ଶେଷ ସୀମାରେ ଥିବା ମଣିଷ ପର୍ଯ୍ୟନ୍ତ ଉନ୍ନତିର ଆଲୋକ ପହଞ୍ଚିବା ଆବଶ୍ୟକ। ଦୀନଦୟାଲଙ୍କ ଆଦର୍ଶକୁ ପାଥେୟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଶରେ ସୁଶାସନ ପ୍ରତିଷ୍ଠା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପଣ୍ଡିତ ଦୀନଦୟାଲଙ୍କ ସବୁଠାରୁ ବଡ଼ ଉପାସକ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ଯୋଜନା ସମାଜର ଶେଷ ପାହାଚରେ ଥିବା ଗରିବ ଓ ନିଃସହାୟଙ୍କ ପ୍ରତି ଉତ୍ସର୍ଗୀକୃତ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଓ ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା ସାମିଲ ଥିଲେ।

# ରେଳ ମୋବାଇଲ ଲଞ୍ଚରରୁ 'ଅଗ୍ନି ପ୍ରାଇମ'ର ପରୀକ୍ଷଣ

**ବାଲେଶ୍ୱର, ୨୫।୯(ବାଞ୍ଛାନିଧି ଦେ)**

ଭାରତୀୟ ସୈନ୍ୟବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ସହଯୋଗରେ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆର୍‌ଡିଓ) ପକ୍ଷରୁ ମଧ୍ୟମ ଦୂରଗାମୀ 'ଅଗ୍ନି ପ୍ରାଇମ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ବୁଧବାର ଏହି କ୍ଷେପଣାସ୍ତ୍ରର ଉତ୍‌କ୍ଷେପଣ କରାଯାଇଥିଲା। ପ୍ରଥମଥର ପାଇଁ ଏହି ପରୀକ୍ଷଣରେ ରେଳଧାରଣାଯୁକ୍ତ ମୋବାଇଲ ଲଞ୍ଚର ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ପିଢ଼ି ପାଇଁ ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ରର ମାରକ କ୍ଷମତା ୨ହଜାର କି.ମି. ପର୍ଯ୍ୟନ୍ତ ଥିବା ବେଳେ ଏଥିରେ ଏକାଧିକ ଅତ୍ୟାଧୁନିକ ବ୍ୟବସ୍ଥା ☞ପୃଷ୍ଠା-୨







Bhubaneswar : 108D, Next to Tanishq, Master Canteen, Station Square, Ph-7788011103
Cuttack : Plot No.-B/1370, Sector-6 Main Road, CDA, Ph-9090777710




**Honda Exclusive Authorized Dealerships:** **BHUBANESWAR:** MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; **ATHAGARH:** Sidhivinayak Honda - 9937060136, 9658080060; **BALUGOAN:** Khimji Honda - 8114605673, 9778045606; **BANKI:** Shree Honda - 9658201234; **BIDHARPUR:** Saivinayak Honda - 9937060477, **KHURDA:** Gugnani Honda- 7077771900, 9937844533; **UTTARA:** Gugnani Honda- 7077771944, 7852930844; **JANKIA:** PGL Honda- 7788001030; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **MANGALPUR:** SP Honda - 9861843931, 7609065533; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **BALICHANDRAPUR:** Mahavir Honda - 7978393608, 9438553478; **JAGATSINGHPUR:** Kanchan Murali Honda - 7809568988, 9090876483; **JAGATPUR:** Durga Honda - 9114800118; **JATNI:** PGL Honda - 7788001046, 7788001033; **NAYAGRAH:** Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; **CHANDPUR:** Pattnaik Honda - 7978913904; **NARSINGHPUR:** Baba Honda - 9438057701; **NIALI:** Hindustan Honda - 9040091922, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda - 9937786824; **RAHAMA:** Navjyoti Honda - 9938339189, 7809568988; **SALEPUR:** S.N.Honda - 9437439076; **KENDRAPARA:** Saisudha Honda - 9178455081/2/3/4; **PATTAMUNDAI:** Satya Honda - 9439375055; **KANDARPUR:** Jay Pee Honda - 9861007679; **KAKATPUR:** Shree Ganesh Honda - 9937842437; **RAJSUNAKHALA:** NC Honda - 9078583100; **PARADEEP:** Kanchan Murali Honda - 78559 56030; **NIMAPADA:** Santosh Honda -8917353149; **PIPLI:** SR Honda-9437885004, 9437129924; **KONRAK:** Konrak Honda- 9777565956; **BRAHAMGIRI:** Om Sai Honda- 9078953555; **BALIAPATNA:** Swastik Honda- 9439744817; **BADAMBA:** Somanath Honda-9438560360/9937271125; **NISCHINTAKOILI:** Anant Honda- 9437271903
**For Bulk/Institutional enquiries, please write us at: institutionalsales@honda2wheelersindia.com**

# ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, ଡିଜିପି




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରୁଛନ୍ତି। ଡିଜିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି।

ଝାରସୁଗୁଡ଼ା,୨୫।୯
(ଆଶିଷ ରଞ୍ଜନ ଦାଶ)

**୨୭ରେ ଝାରସୁଗୁଡ଼ା ଆସିବେ ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ରେ ଝାରସୁଗୁଡ଼ା ଗସ୍ତ କରି ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ହେବାକୁ ଥିବା ସର୍ବ ଭାରତୀୟ ଯୁବ ସମାବେଶରେ ଯୋଗଦେବେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରିଜର୍ଭ ପଡିଆରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅପରାହ୍ନ ୩ଟାରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିବା ପରେ ଭାଜପା କର୍ମକର୍ତ୍ତା ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ବଡ଼ମାଳ ବାଇପାସ୍‌ଠାରେ ଥିବା ଭାଜପା କାର୍ଯ୍ୟାଳୟରେ ପହଞ୍ଚି ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିଲେ। ଏହାପରେ ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା, ପାର୍କିଂ ସୁବିଧା, ସମାବେଶରେ ଯୋଗଦେବାକୁ ଥିବା ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ପାଇଁ ପାଣି ବ୍ୟବସ୍ଥା ସହିତ ଝାରସୁଗୁଡ଼ା ସହରରେ ଟ୍ରାଫିକ୍ ବ୍ୟବସ୍ଥା ମଜଭୁତ କରିବା ପାଇଁ ଜିଲାପାଳଙ୍କ ସମେତ ସମସ୍ତ ପୋଲିସ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରିଜର୍ଭ ପଡିଆରେ ପ୍ରାୟ ୨ ଘଣ୍ଟା କାଳ ରହି ଜିଲାପାଳଙ୍କୁ ସହରର ଟ୍ରାଫିକ୍ ବ୍ୟବସ୍ଥା ଓ ସଭାସ୍ଥଳର ମ୍ୟାପ୍ ଦେଖାଇବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ଟଙ୍କଧର ତ୍ରିପାଠୀ, ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ୍‌ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ାରେ ମୁଖ୍ୟମନ୍ତ୍ରୀ ଗୁରୁବାର, ଶୁକ୍ରବାର ରହିବା ସହିତ ଶନିବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ଭୁବନେଶ୍ୱର ଫେରିବେ ବୋଲି ଜଣାପଡିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରିବା ସହିତ ଜିଲା ପ୍ରଶାସନ ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

ଅପରପକ୍ଷେ ଗୁରୁବାର ସକାଳେ ଡିଜିପି ୱାଇ.ବି. ଖୁରାନିଆ ସଭାସ୍ଥଳରେ ପହଞ୍ଚି ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ତାଙ୍କ ସହିତ ଏଡିଜି ସନ୍ତୋଷ ବାଲା, ଆଇଜି ହିମାଂଶୁ ଲାଲ, ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଏସ୍‌ପି ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ବିମାନ ବନ୍ଦରରୁ ସଭାସ୍ଥଳ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ, କେଉଁଠି କ୍ୟାମେରା ଲାଗିବ, ସମାବେଶକୁ ଆସିବାକୁ ଥିବା ଲୋକଙ୍କୁ କେଉଁଠି ଯାଞ୍ଚ କରାଯିବ ସେନେଇ ଡିଜିପି ସମୀକ୍ଷା କରିଥିଲେ। ସଭାସ୍ଥଳ ଓ ଏହାର ଆଖପାଖ ଅଞ୍ଚଳରେ ସନ୍ଧାନୀ କୁକୁର ସହାୟତାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା।

DSPL-278




## ଝଡ଼ ବର୍ଷା ସମୟରେ ବିଦ୍ୟୁତ୍ ସତର୍କତା


ଝଡ଼ ବର୍ଷାରେ ଉପୁଡି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ଏବଂ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ନିକଟକୁ ଯାଆନ୍ତୁ ନାହିଁ। ତୁରନ୍ତ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଜଣାନ୍ତୁ।


ଘର ଜଳମଗ୍ନ ହେଲେ ଘରର ମେନ୍ ସୁଇଚ୍ରୁ ବିଦ୍ୟୁତ୍ ସରବରାହ ବନ୍ଦ କରନ୍ତୁ ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଯନ୍ତ୍ରପାତି ଜଳମଗ୍ନ ହେବାର ଦେଖନ୍ତି ତେବେ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଜଣାନ୍ତୁ।


ବିଜୁଳି, ଘଡଘଡି ସମୟରେ ଘରୁ ବାହାରନ୍ତୁ ନାହିଁ କିମ୍ବା ଗଛତଳେ ରୁହନ୍ତୁ ନାହିଁ। ବଜ୍ରପାତ ବେଳେ ଯଦି ଅନ୍ୟ ଉପାୟ ନଥାଏ ତେବେ ଦୁଇ ପାଦର ଗୋଇଠି ଯୋଡି ଓ ଉଠାଇ ଏବଂ ପାଦ ଆଙ୍ଗୁଠିରେ ଭାରଦେଇ ଯାକିଯୁକି ହୋଇ ବସିପଡନ୍ତୁ।


ବଜ୍ରପାତ ବୈଦ୍ୟୁତିକ ଉପକରଣଗୁଡିକୁ (ଟେଲିଭିଜନ, କମ୍ପ୍ୟୁଟର, ଫ୍ରିଜ୍, ୱାଶିଂମେସିନ ଇତ୍ୟାଦି) କ୍ଷତି ଘଟାଇପାରେ, ତେଣୁ ଏହିସବୁ ଉପକରଣଗୁଡିକୁ ପ୍ଲଗ୍ ପଏଣ୍ଟରୁ ବାହାର କରିଦିଅନ୍ତୁ।

**ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।**
ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
OIPR-04066/13/0040/2526

## ଫୁର୍‌ସତ

# ‘ଥାମା’: ନୂଆ ପୋଷ୍ଟର ଆଉଟ୍

**ମୁମ୍ବାଇ:** ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ରଶ୍ମିକା ମନ୍ଦାନାଙ୍କ ଆଗାମୀ ହରର କମେଡି ଫିଲ୍ମ ‘ଥାମା’ ସମ୍ପ୍ରତି ଚର୍ଚ୍ଚାରେ ରହିଛି। ଗୁରୁବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହାର ଏକ ନୂତନ ପୋଷ୍ଟର ଜାରି କରାଯାଇଛି। ଏହି ପୋଷ୍ଟରରେ ଆୟୁଷ୍ମାନ ଏବଂ ରଶ୍ମିକା ଉଭୟଙ୍କୁ ଦେଖିବାକୁ ମିଳିଛି। ଏକ ଜଙ୍ଗଲ ମଧ୍ୟରେ ରଶ୍ମିକା ଆୟୁଷ୍ମାନଙ୍କୁ କାନ୍ଧରେ ବସାଇ ଚାଲି

### ଆଜି ଟ୍ରେଲର ରିଲିଜ୍

ଯାଉଥିବାର ନଜରକୁ ଆସିଛନ୍ତି। ଆୟୁଷ୍ମାନ ଏକ ବ୍ୟାଗ୍ ପିନ୍ଧି ଭୟଭୀତ ଦେଖାଯାଉଛନ୍ତି। ଏହି ନୂତନ ପୋଷ୍ଟର ରିଲିଜ୍ ପରେ ଫିଲ୍ମକୁ ନେଇ ଆୟୁଷ୍ମାନ ଓ ରଶ୍ମିକାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଶୁକ୍ରବାର ସନ୍ଧ୍ୟା ୫.୩୦ରେ ମୁମ୍ବାଇର ବାନ୍ଦ୍ରା ଫୋର୍ଟ ଅଞ୍ଚଳରେ ଏକ ଭବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ‘ଥାମା’ର ଟ୍ରେଲର ଜାରି କରାଯିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ପୋଷ୍ଟରର କ୍ୟାପ୍‌ଶନ୍‌ରେ ସୂଚନା ଦିଆଯାଇଛି। ଆଦିତ୍ୟ ସରପୋତ୍‌ଦାର୍‌ଙ୍କ ନିର୍ଦ୍ଦେଶିତ ‘ଥାମା’ ଫିଲ୍ମରେ ଆୟୁଷ୍ମାନ ଓ ରଶ୍ମିକାଙ୍କ ବ୍ୟତୀତ ଅଭିନେତା ପରେଶ ରାୱଲ ଓ ନବାଜୁଦ୍ଦିନ ସିଦ୍ଦିକିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆସନ୍ତା ଅକ୍ଟୋବର ୨୧ରେ ଦୀପାବଳି ଅବସରରେ ଏହି ଫିଲ୍ମ ରିଲିଜ୍ ହେବ।




# ୧୩ ହଜାର ଫୁଟ୍ ଉଚ୍ଚରୁ ୭୦ ବର୍ଷୀୟାଙ୍କ ସ୍କାଏ ଡାଇଭିଂ

**ଦୁବାଇ:** କେରଳର ଇଡୁକ୍କି ଜିଲା ନିବାସୀ ୭୦ ବର୍ଷୀୟା ଲୀଲା ଜୋସ୍ ପି. ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ୧୩,୦୦୦ ଫୁଟ ଉଚ୍ଚତାରୁ ସ୍କାଏ ଡାଇଭିଂ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ନିକଟରେ ଲୀଲାଙ୍କ ସ୍କାଏଡାଇଭିଂର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହା ତାଙ୍କୁ ଚର୍ଚ୍ଚାକୁ ଆଣିଛି। ଦୁବାଇର ପ୍ରସିଦ୍ଧ ସ୍କାଏଲାଇନ୍ ଉପରେ ଏକ ବିମାନରୁ ଲୀଲା ନିର୍ଭୀକ ଭାବେ ଡେଇଁ ପଡ଼ିଥିବା ନେଇ ଭିଡିଓରେ ଦେଖିବାକୁ ମିଳିଥିଲା। ତାଙ୍କ ପୁଅ ଅନିଶ. ପି. ଜୋସ୍ ଦୁବାଇରେ ରୁହନ୍ତି। ତେଣୁ ତାଙ୍କୁ ଭେଟିବାକୁ ଲୀଲା ଦୁବାଇ ଯାଇଥିଲେ। ଲୀଲା ଗଲ୍ଫ ନ୍ୟୁଜ୍‌କୁ କହିଛନ୍ତି, ବିମାନରୁ କେତେଜଣ ଲୋକ ଡେଇଁ ପାରନ୍ତି, ତାହା ସେ ଶୁଣିଥିଲେ। ତେବେ ଏହାକୁ ସ୍କାଏଡାଇଭିଂ କୁହାଯାଏ ବୋଲି ସେ ଜାଣି ନ ଥିଲେ। ଯେତେବେଳେ କୌଣସି ବିମାନ ଉପରେ ଉଡ଼ିଥାଏ, ସେଥିରୁ ଲୋକମାନେ କିପରି ଡେଉଁଛନ୍ତି, ତାହା ସେ ଜାଣିବାକୁ ପାଇଥିଲେ। ପଡ଼ୋଶୀମାନଙ୍କ ସହ କଥାବାର୍ତ୍ତା କରୁଥିବା ସମୟରେ ବିମାନରୁ ଡେଇଁବା ପାଇଁ ସେ ଥରେ ଇଚ୍ଛା ପ୍ରକାଶ କରିଥିଲେ, ଯାହାକୁ ତାଙ୍କ ପଡ଼ୋଶୀମାନେ ହସରେ ଉଡ଼ାଇ ଦେଇଥିବା ଲୀଲା କହିଛନ୍ତି। ଦୁବାଇରେ ଭ୍ରମଣ ସମୟରେ ଯେତେବେଳେ ଲୀଲା ନିଜ ପରିବାର ସହ ଏକ ଡ୍ରୋନ୍ ଶୋ’ ଦେଖୁଥିଲେ, ସ୍କାଏଡାଇଭିଂ କରିବା ପାଇଁ ତାଙ୍କ ଇଚ୍ଛା ଥିବା କହିଥିଲେ। ମାଆଙ୍କ ଇଚ୍ଛା ଜାଣି ଲୀଲାଙ୍କ ପୁଅ ଅନିଶ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ତେବେ ଲୀଲାଙ୍କ ଇଚ୍ଛା ପୂରଣ ପାଇଁ ଦୁବାଇରେ ଆୟୁର୍ବେଦିକ ଡାକ୍ତର ଥିବା ତାଙ୍କ ବୋହୂ ଲିଣ୍ଟୁ ସ୍ୱାମୀ ଅନିଶଙ୍କୁ ପରାମର୍ଶ ଦେଇଥିଲେ। ଫଳରେ ଅନିଶ୍ ପରଦିନ ନିଜ ମାଆଙ୍କୁ ‘ସ୍କାଏଡାଇଭ୍ ଦୁବାଇ’କୁ ନେଇଥିଲେ ଏବଂ ଲୀଲା ୧୩ ହଜାର ଫୁଟ୍ ଉଚ୍ଚରୁ ସ୍କାଏଡାଇଭ୍ କରିଥିଲେ।



## ପ୍ରଥମ ପୃଷ୍ଠାରୁ...

### ରେଳ ମୋବାଇଲ ଲଞ୍ଚରରୁ ...

ଖଞ୍ଜାଯାଇଛି। ଦେଶର ରେଳ ନେଟ୍‌ୱର୍କ ଉପଯୋଗ ସହ ପୂର୍ବ ପ୍ରସ୍ତୁତି ବିନା ଯେକୌଣସି ସ୍ଥାନରୁ ମୋବାଇଲ ଲଞ୍ଚର ଯୋଗେ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପ୍ରଣାଳୀ ବ୍ୟବହାର ପ୍ରତିରକ୍ଷା ଗବେଷଣା ଓ ପ୍ରୟୋଗରେ ପ୍ରଥମ। ଏହାଦ୍ୱାରା ଦେଶର ସୀମା ଅତିକ୍ରମ କରି ଅତି ସ୍ୱଳ୍ପ ପ୍ରତିକ୍ରିୟା ସମୟ ତଥା ସଂକ୍ଷିପ୍ତ ଦୃଶ୍ୟମାନ ସ୍ଥିତି ମଧ୍ୟରେ ମୋବାଇଲ ଲଞ୍ଚର ସ୍ଥାନାନ୍ତର ସମ୍ଭବ। ଅତ୍ୟାଧୁନିକ ଯୋଗାଯୋଗ ପ୍ରଣାଳୀ ଓ ସୁରକ୍ଷିତ ଯନ୍ତ୍ରକୌଶଳ ସହିତ ଆବଶ୍ୟକ ସ୍ୱତନ୍ତ୍ର ଉତ୍‌କ୍ଷେପଣ ଦକ୍ଷତା ବୈଶିଷ୍ଟ୍ୟତା ଖଚିତ ଏହି କ୍ଷେପଣାସ୍ତ୍ରର ଆତ୍ମନିର୍ଭରଶୀଳତା ଅନନ୍ୟ। ଉତ୍‌କ୍ଷେପଣ ପରେ କ୍ଷେପଣାସ୍ତ୍ରର ଗତି, ବେଗ ଓ କାର୍ଯ୍ୟଦକ୍ଷତା ନିରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ପ୍ରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ କରିପାରିଛି। ଭବିଷ୍ୟତରେ ସେନା ଦ୍ୱାରା ରେଳ ନେଟ୍‌ୱର୍କ ଜଡ଼ିତ ବ୍ୟବସ୍ଥା ବ୍ୟବହାର ନେଇ ଏହି ସଫଳ ପରୀକ୍ଷଣ ବାଟ ଫିଟାଇଛି। ଡିଆର୍‌ଡିଓର ସଂଖ୍ୟାଧିକ ବୈଜ୍ଞାନିକ ଓ ଅଧିକାରୀମାନେ ଏହି ସମୟରେ ଉପସ୍ଥିତ ରହି ଉକ୍ତ ପରୀକ୍ଷଣକୁ ନିରୀକ୍ଷଣ କରିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ଥର ସଫଳ ପରୀକ୍ଷଣ ପରେ ରାସ୍ତାରୁ ମୋବାଇଲ ଲଞ୍ଚର ଯୋଗେ ଉତ୍‌କ୍ଷେପଣ ହୋଇପାରୁଥିବା ‘ଅଗ୍ନି ପ୍ରାଇମ୍’ ପୂର୍ବରୁ ସେନାରେ ସାମିଲ ହୋଇସାରିଛି। ମଧ୍ୟମ ଦୂରଗାମୀ ‘ଅଗ୍ନି ପ୍ରାଇମ୍’ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ, ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ଓ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛନ୍ତି। ରେଳ ନେଟ୍‌ୱର୍କରେ ମୋବାଇଲ କାନିଷ୍ଟର ଲଞ୍ଚର ବ୍ୟବହାର ନେଇ ପ୍ରୟୋଗ ଓ ବିକାଶରେ ସଫଳ ହୋଇଥିବା ଦେଶମାନଙ୍କ ମଧ୍ୟରେ ସାମିଲ ହେବାରେ ଭାରତ ଗୌରବ ଅର୍ଜନ କରିପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆର୍‌ଡିଓର ଚେୟାରମ୍ୟାନ ଡ. ଭି. କାମ୍‌ତ ଏହି ସଫଳ ପରୀକ୍ଷଣରେ ଅଂଶଗ୍ରହଣକାରୀ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

DSPL-216

## ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



**ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।**
ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
OIPR-04066/13/0038/2526

# ପ୍ରତି ଘରେ ସ୍ୱଦେଶୀ ଅଭିଯାନକୁ ପ୍ରାଧାନ୍ୟ ଦିଆଯିବ: ମନମୋହନ

**ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)**

ଭାରତୀୟ ଜନସଂଘ ପ୍ରତିଷ୍ଠାତା ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ରାଜ୍ୟସ୍ତରୀୟ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ କହିଛନ୍ତି, ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ଼ ଏବଂ ତଥ୍ୟପୂର୍ଣ୍ଣ ଅର୍ଥରେ ପରିପ୍ରକାଶକରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମ ମାନବବାଦର ମୂଳଲକ୍ଷ୍ୟ। ଘର ଘର ସ୍ୱଦେଶୀ, ପ୍ରତି ଘରେ ସ୍ୱଦେଶୀ ଅଭିଯାନକୁ ପ୍ରାଧାନ୍ୟ ଦିଆଯିବ ବୋଲି ମନମୋହନ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ଆତ୍ମନିର୍ଭର ଭାରତର ପଥ ଗାଁ, ଗରିବ, ଚାଷୀ, ମହିଳା ଏବଂ ଯୁବକଙ୍କ ଅଂଶଗ୍ରହଣ ମାଧ୍ୟମରେ ନିର୍ମାଣ ହେବ। ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରାର ଏକ ବ୍ୟାପକ ବିସ୍ତାର, ଯାହାର ଲକ୍ଷ୍ୟ ଭାରତକୁ ସାମାଜିକ ଓ ଆର୍ଥିକ ଭାବେ ଆତ୍ମନିର୍ଭର କରିବ। ଏହି ଅଭିଯାନ ଗୁରୁବାରଠାରୁ ଆରମ୍ଭହୋଇ ୨୫ ଡିସେମ୍ବର ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଦୀର୍ଘ ୯୦ ଦିନ ଧରି ଚାଲିବ। ଏହି ଅଭିଯାନ କେବଳ ଏକ ନୀତିଗତ ପଦକ୍ଷେପ ନୁହେଁ ବରଂ ଜନଭାଗୀଦାରି ମାଧ୍ୟମରେ ଏକ ସଫଳ ରାଷ୍ଟ୍ର ନିର୍ମାଣ କରିବ। ଏହାର ପ୍ରଧାନ ଉଦ୍ଦେଶ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ଯୋଡ଼ିବା, ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରିବା ଏବଂ ପ୍ରତ୍ୟେକ ଘରେ ଆତ୍ମନିର୍ଭରତାର ସନ୍ଦେଶ ପହଞ୍ଚାଇବା। ପ୍ରତ୍ୟେକ ଘରେ ସ୍ୱଦେଶୀ ଭାବନା ସହ ଏହି ଅଭିଯାନକୁ ସମସ୍ତଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ଯଥା–'ଆତ୍ମନିର୍ଭର ଭାରତ ସଂକଳ୍ପ ସମାରୋହ ଓ ଆତ୍ମନିର୍ଭର ଭାରତ ସଂକଳ୍ପର ରଥଯାତ୍ରା'। ଏହାର ମୁଖ୍ୟ ଉଦ୍ଦେଶ୍ୟ 'ଭୋକାଲ ଫର୍ ଲୋକାଲ' ସନ୍ଦେଶକୁ ସମସ୍ତ ଭାରତୀୟଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଶର ଆର୍ଥିକ ଓ ସାଂସ୍କୃତିକ ଶକ୍ତିକୁ ମଜଭୁତ କରିବା ବୋଲି ମନମୋହନ କହିଛନ୍ତ। 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନକୁ ସଫଳ କରିବା ପାଇଁ ଭାଜପା ତରଫରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି।

# ମହାନଦୀ ବିବାଦ କୃତ୍ରିମ ଥିଲା: ପୀତାମ୍ବର

## ଏଜିଙ୍କ ମନ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି

**ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)**

ମହାନଦୀ ବିବାଦ ପ୍ରସଙ୍ଗକୁ ନେଇ ପୁଣିଥରେ ଜୋର୍ ଧରିଛି ରାଜନୀତି। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ମନ୍ତବ୍ୟ ପରେ ପ୍ରତିକ୍ରିୟାଶୀଳ ହୋଇଛି ବିଜେଡି। ମହାନଦୀ ବିବାଦ କୃତ୍ରିମ ଥିଲା ବୋଲି ପୀତାମ୍ବରଙ୍କ ମନ୍ତବ୍ୟ ପରେ ବିଜେଡି କହିଛି ଏଜିଙ୍କ ବୟାନ ରାଜନୀତି ପାଇଁ ଉଦ୍ଦିଷ୍ଟ।

ମହାନଦୀ ବିବାଦ ପ୍ରସଙ୍ଗରେ ଏବେ ଟ୍ରିବ୍ୟୁନାଲରେ ଶୁଣାଣି ଚାଲିଛି। ଟ୍ରିବ୍ୟୁନାଲରେ ଉଭୟ ରାଜ୍ୟ ସହମତି ଭିତ୍ତିରେ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି। ଏହାକୁ ଟ୍ରିବ୍ୟୁନାଲ ସ୍ୱାଗତକରିବା ସହ ସହମତିଭିତ୍ତିକ ଆଲୋଚନା କେତେ ବାଟ ଗଲା ସେକଥା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ବୈଠକ ସରିଥିବା ବେଳେ ଆଉ ଥରେ ଆଗକୁ ହେବ। ଏହାସହ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ହେବା ନେଇ ନିଷ୍ପତ୍ତି ସରିଛି। ଏପରି ସ୍ଥିତି ଭିତରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୀତାମ୍ବର କହିଛନ୍ତି, ମହାନଦୀ ବିବାଦର ସମାଧାନ ଲାଗି ଉଦ୍ୟମ ହୋଇଛି। ମହାନଦୀ ପ୍ରସଙ୍ଗ ନେଇ କୃତ୍ରିମ ବିବାଦ ସୃଷ୍ଟି କରାଯାଇଥିଲା। ଏହି ପ୍ରସଙ୍ଗରେ ଦାମୀ ଓକିଲଙ୍କୁ ପୋଷିବା ପାଇଁ ଯୋଜନା କରାଯାଇଥିଲା। ଭାଜପା ସରକାର ରାଜ୍ୟରେ ଆସିବା ପରେ ସମାଧାନ ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ପ୍ରୟାସ କରାଯାଇଛି। ସମସ୍ୟାର ସମାଧାନ ହୋଇଯିବା ଆଶା କରାଯାଉଛି ବୋଲି ପୀତାମ୍ବର କହିଛନ୍ତି।

ଅନ୍ୟପଟେ ପୀତାମ୍ବରଙ୍କ ମନ୍ତବ୍ୟକୁ ନେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ତାଙ୍କ ହିସାବରେ ଯଦି ଏହା କୃତ୍ରିମ ସମସ୍ୟା ଥିଲା, ତେବେ ଭାଜପା କ୍ଷମତାକୁ ଆସିବାର ୧୫ ମାସ ପରେ ମଧ୍ୟ ଏହାକୁ ସମାଧାନ କରିବାକୁ କାହିଁକି ସଫଳ ହୋଇପାରିନାହିଁ। ଏଜି ଗୋଟିଏ ସାମ୍ବିଧାନିକ ପଦବୀ। ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ହେଲେ ଆଚାର୍ଯ୍ୟ ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ। ଏହାଛଡ଼ା ତାଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ। ତାଙ୍କ ବକ୍ତବ୍ୟ ଅନୁସାରେ ଯଦି ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତେବେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ୍ ମଧ୍ୟ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶା ନୁହେଁ କେନ୍ଦ୍ର ଓ ଛତିଶଗଡ଼ରେ ମଧ୍ୟ ଭାଜପା ସରକାର ଅଛି। ଅର୍ଥାତ୍ ଟ୍ରିପଲ ଇଞ୍ଜିନ ସରକାର ଥାଇ ମଧ୍ୟ ୧୫ ମାସ ବିତିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି, ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା ବୋଲି ଲେନିନ୍ କହିଛନ୍ତି।




# ଅଦାଲତଙ୍କ ଆଦେଶ ଅପେକ୍ଷାରେ ୪ ପୌରସଂସ୍ଥାର ନିର୍ବାଚନ: ମନ୍ତ୍ରୀ

**ଭୁବନେଶ୍ୱର, ୨୫।୯(ରବିନାରାୟଣ ଜେନା)**

ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ଆଦେଶ ମିଳିଲେ ରାଜ୍ୟର ୪ଟି ପୌରସଂସ୍ଥାରେ ନିର୍ବାଚନ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଚଳିତ ବିଧାନସଭା ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସମ୍ବଲପୁର ମହାନଗର ନିଗମ ସମେତ ରାଉରକେଲା, ପୁରୀ ଏବଂ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାଚନ ଲାଗି ଉଚ୍ଚନ୍ୟାୟାଳୟଙ୍କ ସ୍ଥଗିତାଦେଶ ରହିଛି। ଏନେଇ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ହିଁ ନିର୍ବାଚନ ହୋଇପାରିବ।

# ଦକ୍ଷତା ବିକାଶ ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ସକ୍ଷମ କରିବ



ନାନୋ ୟୁନିକର୍ନ ଯୋଜନାର ଜଣେ ମହିଳା ହିତାଧିକାରୀଙ୍କୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବାବଦକୁ ଚେକ୍ ପ୍ରଦାନ କରୁଛନ୍ତି।

## ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୫।୯(ସୁଚିସ୍ମିତା ସାହୁ)**

ସଫଳ ଯୁବ ଉଦ୍ୟୋଗୀମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ପାଇଁ ଗୁରୁବାର ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆଜି ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକତା ଉପରେ ଗୁରୁତ୍ୱ ଦିଆଯାଉଛି। ଦକ୍ଷତା ବିକାଶ ଆମର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ସକ୍ଷମ କରିବା ସହ ଉଦ୍ୟୋଗୀଙ୍କୁ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ସକ୍ଷମ କରିଛି। ଏହି ସଶକ୍ତୀକରଣ ଏକ ବିକଶିତ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହୋଇପାରିବ। ଇତିମଧ୍ୟରେ ୧୦ ହଜାରରୁ ଅଧିକ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଇଛି। ସେଥିମଧ୍ୟରେ ୭୦ ପ୍ରତିଶତ ମହିଳା ରହିଛନ୍ତି। ଉପଯୁକ୍ତ ପରାମର୍ଶ, ସହଜ ଋଣ ସହାୟତା ଏବଂ ଆବଶ୍ୟକ ବଜାରର ସୁବିଧା ଯୋଗୁ ଓଡ଼ିଶାରେ ଏକ ହଜାରରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରିଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ନାନୋ ୟୁନିକର୍ନ ଯୋଜନା ଅଧୀନରେ ମନୋନୀତ ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କାର ସିଡ୍ ଫଣ୍ଡିଂ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ପ୍ରେରଣାଦାୟୀ ଉଦ୍ୟୋଗୀଙ୍କ ସଫଳତାର କାହାଣୀକୁ ନେଇ ପ୍ରସ୍ତୁତ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରାଯାଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ଓ ମୁଖ୍ୟ ପରିଚାଳନା ଅଧିକାରୀ ପିନାକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।






## ଶତାୟୁ ମହିଳାଙ୍କ ପରଲୋକ

ବାଲୁଗାଁ(ସଂଗ୍ରାମପାଇକରାୟ): ବାଲୁଗାଁବଜାରଗାନ୍ଧୀଛକନିକଟରେରହୁଥିବାଶତାୟୁମହିଳାହାଲୁଦେଈଙ୍କବୁଧବାରଅପରାହ୍ନରେପରଲୋକହୋଇଯାଇଛି।କୁହୁଡିଡଙ୍କାରୀ ସାହିର ସ୍ୱର୍ଗତ ଲୋଚନ ମହାରଣାଙ୍କ ସ୍ତ୍ରୀ ହାଲୁ ଦେଈ ବାଲୁଗାଁସ୍ଥିତ ଝିଅ ଘରେ ରହିଆସୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଝିଅ, ନାତିନାତୁଣୀ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ନାତି ପ୍ରତାପ ମହାରଣା ମୁଖାଗ୍ନି ଦେଇଥିଲେ।

## ସଂକ୍ଷେପରେ

### ୩ କେଜି ଗଞ୍ଜେଇ ଜବତ, ୩ ଗିରଫ

**ବେଗୁନିଆ,୨୫।୯(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ, ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଭାରପ୍ରାପ୍ତ ଅଧିକାରୀ ମିତ୍ରବିନ୍ଦା ପରିଡ଼ାଙ୍କ ନେତୃତ୍ୱରେ ବୁଧବାର ସନ୍ଧ୍ୟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅଠାରେ ଏକ ଯାତ୍ରୀବାହୀ ବସରେ ଚଢ଼ାଉ କରାଯାଇ ୩ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେରଳର ଅଧି ଏମ୍(୧୮), କାର୍ତ୍ତିକ ଏମ୍(୧୮) ଏବଂ ମହେନ୍ଦ୍ର ଏମ୍(୨୬)। ଏନେଇଏକ ମାମଲା ରୁଜୁପରେ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ):** ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ଗୁରୁବାର ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ନଗର ପକ୍ଷରୁ ରକ୍ତଦାନ ଶିବିର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଏମ୍‌ପିଙ୍କ ପ୍ରତିନିଧି ଦିଲୀପ ହୋତା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୫୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ନଗର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ସଂଯୋଜନା କରିଥିଲେ। ଭାଜପାର ଏକାଧିକ ମହିଳା, ଯୁବ କର୍ମୀ ଯୋଗଦେଇଥିଲେ।

### ୮୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଜଟଣୀ,୨୫।୯(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ବୁଧବାର ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ରାମଚନ୍ଦ୍ରପୁର ବଜାରସ୍ଥିତ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ପୌରାଞ୍ଚଳର ୮୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡା.ଅଭିଜିତ ଦଣ୍ଡପାଟ, ଡା.ନିହାରୀକା ଦାସ ଯୋଗଦେଇ ମହିଳାମାନଙ୍କ ବିଭିନ୍ନ ପରୀକ୍ଷା କରିବା ସହିତ ସୁସ୍ଥ ଶରୀର ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ତଥା ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, କୋଷାଧ୍ୟକ୍ଷ ଶିବପ୍ରସାଦ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ଦିଲୀପ ସାହୁ, ମିହିରକାନ୍ତ କୋଠାରୀ, ଦୀପକ କୁମାର ମହାକୁଡ଼, ପ୍ରମୋଦ ବଳିୟାରସିଂ, କାଉନସିଲର ଜାଇ ବେହେରାଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶାରଦୀୟ ପୂଜା ପାଇଁ ସ୍ୱତନ୍ତ୍ର ବୈଠକ

**କୃଷ୍ଣପ୍ରସାଦ,୨୫।୯(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଶାରଦୀୟ ପୂଜା ପାଇଁ କୃଷ୍ଣପ୍ରସାଦ ଥାନା ପକ୍ଷରୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଚିଲିକା ନୂଆପଡା ଫାଣ୍ଡି ଅଧୀନ ଜହ୍ନିକୁଦା, ଗୁରୁବାଇ, ନୂଆପଡ଼ା, ସିପିଆ, ଟୁବୁକା, ଖଟିସାହି ସମେତ ବିଭିନ୍ନ ସାହିର ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇ ମା'ଦୁର୍ଗା ଏବଂ ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳା ସହ ପାଳନ ନେଇ ଆଲୋଚନା କରିଥିଲେ। ପୂଜା ସମୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପେଣ୍ଡାଲ ନିକଟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ଭସାଣି ସମୟରେ କୌଣସି ଅସ୍ୱାଭାବିକ ପରିସ୍ଥିତିକୁ ଏଡ଼ାଇବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଡିଜେ ବଜାଇବାକୁ ବାରଣ କରାଯାଇଥିବା ବେଳେ ବାଣ ମଧ୍ୟ ନ ଫୁଟାଇବାକୁ ପୂଜା କମିଟି କର୍ମକର୍ତ୍ତାଙ୍କୁ କୁହାଯାଇଛି। ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ନିରାକାରପୁର,୨୫।୯(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଅଞ୍ଚଳର ଧର୍ମପରାୟଣା ମହିଳା ସୁଜାତା ପ୍ରଧାନଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଶୁଭକାନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସ୍ୱଳ୍ପ ଅବଧି, ଆନ୍ତଃ ଫସଲ ଉପରେ ଅଧିକ ଗବେଷଣା ଜରୁରୀ

**ଭୁବନେଶ୍ୱର,୨୫।୯(ସୁଚିସ୍ମିତା ସାହୁ)**

### ଓୟୁଏଟିରେ ୧୧ତମ ଜାତୀୟ ବୈଜ୍ଞାନିକ ସମ୍ମିଳନୀ



ସମ୍ମିଳନୀରେ ଅତିଥିମାନେ ପୁଷ୍ଟିଯୁକ୍ତ ବଥୁଆ ସମେତ ବିଭିନ୍ନ କିସମର ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

ଓୟୁଏଟିରେ ସର୍ବଭାରତୀୟ ସଂଯୋଜିତ ସମ୍ଭାବିତ ଫସଲ ଗବେଷଣା ପ୍ରକଳ୍ପର ଜାତୀୟ ସଂସ୍ଥା (ଏନ୍‌ବିପିଜିଆର୍) ନୂଆଦିଲ୍ଲୀ ସହଯୋଗରେ ୧୧ତମ ଜାତୀୟ ବୈଜ୍ଞାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇସିଏଆର୍ ବିହନ ବିଭାଗର ଏଡିଜି ଡ. ସଞ୍ଜୀବ ଗୁପ୍ତା ଯୋଗଦେଇ ଚିରନ୍ତନ କୃଷି ବ୍ୟବସ୍ଥା ଓ ଅପପୁଷ୍ଟି ରୋକିବା କ୍ଷେତ୍ରରେ ଗବେଷଣା କରାଯାଉଥିବା ସମ୍ଭାବିତ ଫସଲର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ଏହି ଫସଲଗୁଡ଼ିକ ହିଁ ପ୍ରତିକୂଳ ଜଳବାୟୁ ପରିପ୍ରେକ୍ଷୀରେ ଭଲ ଅମଳ ଦେଇପାରେ। ସ୍ୱଳ୍ପ ଦିନ ଅବଧିର ଫସଲ ଓ ଆନ୍ତଃ ଫସଲ ଉପରେ ଅଧିକ ଗବେଷଣା ଜରୁରୀ ବୋଲି ସେ ମତ ଦେଇଥିଲେ। ଏନ୍‌ବିପିଜିଆର୍‌ର ନିର୍ଦ୍ଦେଶକ ଓ ସମ୍ଭାବିତ ଫସଲ ଗବେଷଣା ପ୍ରକଳ୍ପର ସଂଯୋଜକ ଡ. ଜ୍ଞାନେନ୍ଦ୍ର ପ୍ରତାପ ସିଂ ଯୋଗଦେଇ ୧୨ଟି ମୁଖ୍ୟକେନ୍ଦ୍ର ଓ ୨୩ଟି ଭଲ୍ୟୁଣ୍ଟିଅର କେନ୍ଦ୍ରରେ ପ୍ରାୟ ୧୨ଟି ଫସଲକୁ ନେଇ କରାଯାଉଥିବା ଗବେଷଣା ସମ୍ପର୍କରେ କହିଥିଲେ। ଓୟୁଏଟିର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ଖଡ଼ା, କାଙ୍କଡ଼ ଓ ବଥୁଆ ଶାଗ ପରି ଫସଲର ପୁଷ୍ଟିକର ଗୁଣ ସମ୍ପର୍କରେ କହିଥିଲେ। ପ୍ରକଳ୍ପର ଜାତୀୟ ନୋଡାଲ ଅଫିସର ଡ. ସତୀଶ କୁମାର ଯାଦବ ପୂର୍ବ ସମ୍ମିଳନୀର ଅନୁମୋଦନ ଅନୁସାରେ ନିଆଯାଇଥିବା ଗବେଷଣାତ୍ମକ କାର୍ଯ୍ୟକ୍ରମ ବିଷୟରେ ରିପୋର୍ଟ ଉପସ୍ଥାପନା କରିଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ସମ୍ଭାବିତ ଫସଲ ପ୍ରକଳ୍ପ ଓୟୁଏଟିରେ ୧୯୮୩ରୁ ଆରମ୍ଭ ହୋଇଛି। ଭୁବନେଶ୍ୱର କେନ୍ଦ୍ରରୁ ୨ଟି ଖଡ଼ା ଓ ଗୋଟିଏ ପିଲିପେଷରା କିସମ ଉଦ୍ଭାବିତ ହୋଇପାରିଛି। ବିଶେଷକରି ରାଇସବିନ୍ ବା ଡଙ୍ଗରାଣି ପରି ଫସଲର ପୁଷ୍ଟିକର ଗୁଣ ଓ ପ୍ରତିକୂଳ ଜଳବାୟୁରେ ଏହାର ଦ୍ରୁତ ବୃଦ୍ଧି ଓ କ୍ଷମତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଓୟୁଏଟି ସମ୍ଭାବିତ ଫସଲ ପ୍ରକଳ୍ପ ଅଧିକାରୀ ଡ. କୌଶିକ ପାଣିଗ୍ରାହୀ ଧନ୍ୟବାଦ ଦେଇଥିବା ବେଳେ ଡ. ଆଏଶା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବରୁଣେଇ ପୀଠରେ ଗୁରୁବାର ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୌର ପରିଷଦ କର୍ମକର୍ତ୍ତା ଏବଂ ଆଇଟିବିପି ଯବାନମାନେ।

## ଏକାଠି ମିଶି ବରୁଣେଇ ପୀଠ ସଫାକଲେ

**ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଭାରତ ତୀବ୍ବତ ସୀମା ସୁରକ୍ଷା ବଳ(ଆଇଟିବିପି) ସହଯୋଗରେ ଗୁରୁବାର ବରୁଣେଇ ପୀଠରେ ମେଗା ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ପୌର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ, ଆଇଟିବିପି ଯବାନ ପ୍ରମୁଖ ସାମିଲ ହୋଇଥିଲେ। ମନ୍ଦିର ପରିସର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅଳିଆ ଆବର୍ଜନା ସଫା କରିଥିଲେ। ସ୍ୱଚ୍ଛତା ହିଁ ସେବାର ବାର୍ତ୍ତା ଦେଇଥିଲେ। ପର୍ଯ୍ୟଟନସ୍ଥଳ ସ୍ୱଚ୍ଛତା ସମସ୍ତଙ୍କ ଦାୟିତ୍ୱ। ପରସ୍ପର ମଧ୍ୟରେ ସମନ୍ୱୟତା, ସହଭାଗିତା ରହିଲେ ସ୍ୱଚ୍ଛ ଭାରତ ସ୍ୱପ୍ନ ସାକାର ହେବ ବୋଲି ମତପ୍ରକାଶ ପାଇଥିଲା।

# ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡରଙ୍କ ପାଇଁ କର୍ମଶାଳା

**ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌରପାଳିକା ଆନୁକୂଲ୍ୟରେ ଏଫ୍‌ଏସ୍‌ଏସ୍‌ଏଆଇ ସହଯୋଗରେ ପିଏମ୍ ସ୍ୱନିଧି ଅନ୍ତର୍ଗତ ଷ୍ଟ୍ରିଟ ଫୁଡ ଭେଣ୍ଡରଙ୍କ ନିମନ୍ତେ ଏକ କର୍ମଶାଳା ବୁଧବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୫ଜଣ ଉଠାଦୋକାନୀ ଯୋଗଦେଇଥିଲେ। ସଂସ୍ଥା ପକ୍ଷରୁ ଅଂଶଗ୍ରହଣକାରୀଙ୍କୁ ଖାଦ୍ୟ ପ୍ରସ୍ତୁତି, ଫୁଡ ଲାଇସେନ୍ସ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଦୋକାନୀମାନେ ପାରିପାର୍ଶ୍ୱିକ ସ୍ୱଚ୍ଛତା, ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ବର୍ଷକୁ ଥରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି ବୋଲି ପରାମର୍ଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ ପିଏମ୍ ସେବାନିଧି ଯୋଜନାରେ କିପରି ଋଣ ପାଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସେବା ପଖୱାଡା ୨୦୨୫ ଅନ୍ତର୍ଗତ ସ୍ୱଚ୍ଛତା ହିଁ ସେବା ସଚେତନତା ବାର୍ତ୍ତା ଦେଇଥିଲେ। ଦୋକାନ ଚତୁଃପାର୍ଶ୍ୱରେ ଦୋକାନ ବର୍ଜ୍ୟ ଚାରିଆଡେ ନ ପକାଇ ଡଷ୍ଟବିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଉପସ୍ଥିତ ଥିଲେ। ପୌର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରୋଗ ମୁକ୍ତ, ଔଷଧ ମୁକ୍ତ ଆଲୋଚନାଚକ୍ର

**ବାଣପୁର,୨୫।୯(ଦିଲୀପ କୁମାର ସ୍ୱାଇଁ):** ବାଣପୁର ଶୁଭମଙ୍ଗଳ କଲ୍ୟାଣ ମଣ୍ଡପ ସାହିତ୍ୟ ସିନ୍ଦୁରା ସଭାଗୃହରେ ବାଣପୁର ବରିଷ୍ଠ ନାଗରିକ ସଂଘ ସଭାପତି ଡ.ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟଆବୁରୁ ଆସିଥିବା ଡ.ନରେଶ ଅଗ୍ରୱାଲ ଏବଂ ଅନୁଷ୍ଠାନର ସଦସ୍ୟଙ୍କୁ ନେଇ ରୋଗ ମୁକ୍ତ ଓ ଔଷଧ ମୁକ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜଯୋଗ ସାଧନ ଦ୍ୱାରା କିପରି ମନୁଷ୍ୟତ୍ୱରୁ ଦେବତ୍ୱ ପ୍ରାପ୍ତି ଓ ରାଜଯୋଗ ଦ୍ୱାରା ବିଶ୍ୱ କଲ୍ୟାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକ ସଂଘର ଉପସଭାପତି ଗୋଲକ ବିହାରୀ ପରିଡ଼ା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାକୃତିକ ଉପଚାର ସହ ଅଳ୍ପ ଖାଦ୍ୟ ଗ୍ରହଣ, ନିୟମିତ ଯୋଗ, ମନକୁ ଏକାଗ୍ରତା, ଚିନ୍ତା ମୁକ୍ତ, ସବୁଜ ପନିପରିବା ଖାଇବା ସହ ଈଶ୍ୱରଙ୍କ ନିକଟରେ ସମର୍ପିତ ହେଲେ ରୋଗମୁକ୍ତ ହେବା ସହ କୌଣସି ଅସାଧ ରୋଗ ଭଲହେବା ସମ୍ଭାବନା ନିଶ୍ଚିତ ବୋଲି ମତପ୍ରକାଶ ପାଇଥିଲା। ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଅଧ୍ୟକ୍ଷ ନୃସିଂହ ପ୍ରଧାନ, ଜୟ କୃଷ୍ଣ ଦାସ, ସୁଷମା ମହାସୁଆର, ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରିଣୀ ସନ୍ଧ୍ୟାରାଣୀ ହରିଚନ୍ଦନ, ରବୀନ୍ଦ୍ର ନାଥ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଗୋଲକ ବିହାରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ୍

### ପ୍ରଥମ ଦିନରେ ୧୧ ଚଳଚ୍ଚିତ୍ର ପ୍ରଦର୍ଶିତ

**ଭୁବନେଶ୍ୱର,୨୫।୯ (ସୌମ୍ୟରଞ୍ଜନ ରାଉତ)**




ଚଳଚ୍ଚିତ୍ର ନିର୍ମାତା ଲିପିକା ସିଂ ଦରାଇଙ୍କ ସହ ତାଙ୍କ ଚଳଚ୍ଚିତ୍ର ସମ୍ପର୍କରେ ଫିଲ୍ମ ସୋସାଇଟ୍‌ର ସଭାପତି ସୁବ୍ରତ ବେଉରା ଆଲୋଚନା କରୁଛନ୍ତି।

ଭୁବନେଶ୍ୱରର ଫିଲ୍ମ ସୋସାଇଟି ପକ୍ଷରୁ ଷଷ୍ଠ ଭାରତୀୟ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ୍ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୧ ଚଳଚ୍ଚିତ୍ର ସହିତ ରାଜ୍ୟରେ ପ୍ରଥମଥର ପାଇଁ ଭାରତୀୟ ଏବଂ ଦକ୍ଷିଣ ଏସିଆର ଚଳଚ୍ଚିତ୍ର ଦେଖିଥିଲେ ଦର୍ଶକ। ତେଲେଙ୍ଗା ହାସାଙ୍କ 'ଆୱାର ଲ୍ୟାଣ୍ଡ୍ ଆୱାର ଲାଇଭ୍ସ'ରୁ ଆରମ୍ଭ ହୋଇଥିଲା ଫିଲ୍ମ ଫେଷ୍ଟିଭାଲ। ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରୁ ବିସ୍ଥାପିତ ଆଦିବାସୀ ସମ୍ପ୍ରଦାୟର ସଂଘର୍ଷ କାହାଣୀକୁ ନେଇ ଏହି ଫିଲ୍ମଟି ଗତିଶୀଳ ହୋଇଛି। ପରେ 'ଏ ରୁମ୍ ଅଫ ୱାନ୍ସ', ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଓଡ଼ିଶାର ଲିପିକା ସିଂ ଦରାଇଙ୍କ 'ରୁମ୍ ନମ୍ବର 2-S-35' ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଦର୍ଶିତ ହେବା ପରେ ଫିଲ୍ମ ସୋସାଇଟ୍‌ର ସଭାପତି ସୁବ୍ରତ ବେଉରାଙ୍କ ସହ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ସେହିପରି ଦୂରସ୍ଥ କଲେକ୍ଟିଭ୍‌ଙ୍କ 'ଦି ନାଇଟ୍ ଥାଟ୍ ଫର୍ଗେଟ୍ ଟୁ ଏଣ୍ଡ', ଅଚଳ ମିଶ୍ରଙ୍କ 'ଚାର୍ ଫୁଲ ହେ ଔର ଦୁନିଆ ହେ', କଲ୍ଲୋଲ ମୁଖାର୍ଜୀଙ୍କ 'ମାଇକ୍ ଡ୍ରପ୍', ନେହଲ୍ ବ୍ୟାସ୍‌ଙ୍କ 'ଆତ୍ମା କି କଥା', ଗିରିଶ୍ କସରାବଲ୍ଲୀଙ୍କ 'ନାଦା ନବନୀତା ଡକ୍ଟର ପଣ୍ଡିତ' ଏବଂ ରାଜନ୍ କଥେଟ୍ ଓ ସୁନିର୍ ପାଣ୍ଡେଙ୍କ 'ନୋ ୱିଣ୍ଟର ହଲିଡେଜ୍' ପ୍ରଦର୍ଶିତ ହୋଇଥିଲା। ପରେ କବି ଜୟନ୍ତ ମହାପାତ୍ରଙ୍କ ସହ ବିଶ୍ୱେଶ୍ୱର ଦାସଙ୍କ 'ଏ ଟେଲ୍ ଟୁ ବିଗିନ୍ ଉଇଥ୍' ଉପରେ ଆଲୋଚନା ହୋଇଥିଲା। ଏଥିସହ ଏଲରୟ ପିଣ୍ଟୋଙ୍କ 'ଆଇଲ୍ୟାଣ୍ଡସ୍ ଅଫ୍ ଲେବର୍' ଏବଂ 'ବମ୍ବେ ଟ୍ରିପ୍ଟିଚ୍ 1'ର ପ୍ରିମିୟର ହୋଇଥିଲା। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟର' ସମ୍ପାଦକ ତଥାଗତ ସତପଥୀ ଓ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର, ସିନେପ୍ରେମୀ ଓ ଦର୍ଶକ ଉପସ୍ଥିତ ଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି ମହୋତ୍ସବର ମିଡ଼ିଆ ପାର୍ଟନର୍ ରହିଥିବାବେଳେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଫିଲ୍ମ ଫେଷ୍ଟିଭାଲ ଚାଲିବ ବୋଲି ସୂଚନା ଦିଆଯାଇଛି।

# ଶୃଙ୍ଖଳାଜ୍ଞାନ, ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହୁଅ

**ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)**

### ପିଏନ୍ କଲେଜରେ ଏନ୍‌ଏସ୍‌ଏସ୍ ଦିବସ




ପିଏନ୍ କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ମୈତ୍ରୀ ଭବନ ପରିସରରେ ଏନ୍‌ଏସ୍‌ଏସ୍ ଦିବସ-୨୦୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଶୃଙ୍ଖଳା ହିଁ ସଫଳତାର ମାର୍ଗ ପ୍ରଶସ୍ତ କରିଥାଏ। ସ୍ୱେଚ୍ଛାସେବୀମାନେ ସମାଜସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ନିଜେ ଶୃଙ୍ଖଳିତ ହେଲେ ସମାଜ ଶୃଙ୍ଖଳିତ ହେବ। ସମ୍ମାନିତ ଅତିଥିଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ମହାବିଦ୍ୟାଳୟ କ୍ୟାମ୍ପସ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ସ୍ୱେଚ୍ଛାସେବୀଙ୍କୁ ସୁନାଗରିକ ହେବାକୁ କହିଥିଲେ। ବେଗୁନିଆ କଲେଜ ପୂର୍ବତନ ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପର ସେବା କରିବାକୁ କହିଥିଲେ। ଅଧ୍ୟକ୍ଷା ମିଶ୍ର ସଭାପତିତ୍ୱ ଭାଷଣରେ ପିଲାଙ୍କୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ କହିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ.ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡ.ପୂର୍ଣ୍ଣିମା ନାୟକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ.ପ୍ରିୟବ୍ରତ ମହାନ୍ତି, ପ୍ରମୋଦ କୁମାର ସାମଲ, ଅଧ୍ୟାପକ ଗଦାଧର ସାହୁ, ବାମଦେବ ମିଶ୍ର, ଅଧ୍ୟାପକ ରବି ନାରାୟଣ ସ୍ୱାଇଁ, ସିପ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ସାହୁ ସଂଯୋଜନା କରିଥିଲେ। ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ପବିତ୍ର ମୋହନ ଦାସ, ଟି.ଅକ୍ଷୟ କୁମାର ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିକାଶ



@ ବୁବୁ



@ ସୀମାରାଣୀ



@ ମାନସ



@ ଶୈଳେନ୍ଦ୍ର



@ ଅତୁଲ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟବୀମାରେ ମିଳୁନି ସେବା



**ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପେନ୍‌ସନର୍ସ ଆସୋସିଏଶନର ପରିବର୍ଦ୍ଧିତ ସାଧାରଣ ସଭା ସ୍ଥାନୀୟ ଶ୍ୟାମ ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ହାଜି ନସିମ୍ ଉଦ୍ଦିନ୍ ଖାନ୍ ବାର୍ଷିକ ବିବରଣୀ ସହିତ ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ)ରେ ୭୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଏ ପର୍ଯ୍ୟନ୍ତ କୌଣସି ବରିଷ୍ଠ ନାଗରିକଙ୍କ ଦେୟମୁକ୍ତ ଚିକିତ୍ସା ହୋଇପାରୁନାହିଁ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଫଳରେ ରୋଗାକ୍ରାନ୍ତ ବରିଷ୍ଠ ନାଗରିକମାନେ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଏନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଖୋର୍ଦ୍ଧା ସହରରେ ସଂଘ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଯୋଗାଇଦେବା ଲାଗି ଆବେଦନ କରାଯିବ। ଏହି ଅବସରରେ ଆସନ୍ତା ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଭୀମସେନ ପ୍ରଧାନ, କାର୍ଯ୍ୟକାରୀ ସଭାପତି ମାୟାଧର ମହାଳିକ ଏବଂ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଉପସଭାପତି, ହାଜି ନସିମ୍ ଉଦ୍ଦିନ୍ ଖାନ ସାଧାରଣ ସମ୍ପାଦକ, ନାରାୟଣ ଚନ୍ଦ୍ର ଦାଶ ଯୁଗ୍ମ ସମ୍ପାଦକ, ଉପଦେଷ୍ଟା ଦେବ ପ୍ରସାଦ ମହ୍ମୁଦାର, ସତ୍ୟବାଦୀ ବଳିୟାରସିଂହ ଏବଂ କାର୍ଯ୍ୟକାରିଣୀକୁ ୧୨ଜଣ ସଭ୍ୟାସଭ୍ୟ ମନୋନୀତ ହୋଇଛନ୍ତି।

**ଶ୍ରୀମନ୍ଦିର ନିକଟରୁ ନକଲି ଗୁମାସ୍ତା ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଟାଉନ ଥାନା ପୋଲିସ ଜଣେ ନକଲି ଗୁମାସ୍ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ପଞ୍ଚମ ଲେନ୍‌ର ଦିଲୀପ କୁମାର ତ୍ରିପାଠୀ (୪୪)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦିଲୀପ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୁରୀ ସେବକ ଘର ପିଲାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେବାର ଭିଡ଼ିଓ ଛାଡ଼ିଥିଲେ। ସେ ନିଜକୁ ଜଣେ ଗୁମାସ୍ତା ବୋଲି ପରିଚୟ ଦେଇ ଶ୍ରୀମନ୍ଦିର ପାଖରେ ରହୁଥିଲେ। ବାହାରୁ ଆସୁଥିବା ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ସୁବିଧା କରାଇଦେବାକୁ କହି ଟଙ୍କା ଆଦାୟ କରୁଥିଲେ।

## ମୋବାଇଲ ଲୁଟେରାଙ୍କୁ ୨ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଲୁଟ୍ କରିଥିବା ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ହଜାରେ ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ମାମଲା ଅନୁଯାୟୀ, ଭରତପୁର ଥାନା ଅନ୍ତର୍ଗତ ଗିରିଶ ବିହାରରେ ରହୁଥିବା ଦେବାଶିଷ ସାହୁ ଏପ୍ରିଲ ୨୯ ସନ୍ଧ୍ୟା ପ୍ରାୟ ୮ଟାରେ ମେ'ଫେୟାର ଛକ ନିକଟରେ ଛିଡା ହୋଇ ମେସେଜ କରୁଥିବା ବେଳେ ରବୀନ୍ଦ୍ର ତାଙ୍କ ମୋବାଇଲକୁ ଛଡାଇ ନେଇଥିଲେ। ଏତଲାକ୍ରମେ ନୟାପଲ୍ଲୀ ପୋଲିସ ଏକ ମାମଲା (ନଂ.୧୯୮/୨୦୨୫) ରୁଜୁ କରି ରବୀନ୍ଦ୍ରଙ୍କୁ ଗିରଫ କରିଥିଲା।

## ଆରମ୍ଭ ହେଲା ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ୍

### ପ୍ରଥମ ଦିନରେ ୧୧ ଚଳଚ୍ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର,୨୫।୯ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱରର ଫିଲ୍ମ ସୋସାଇଟି ପକ୍ଷରୁ ଷଷ୍ଠ ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ୍ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୧ ଚଳଚ୍ଚିତ୍ର ସହିତ ରାଜ୍ୟରେ ପ୍ରଥମଥର ପାଇଁ ଭାରତୀୟ ଏବଂ ଦକ୍ଷିଣ ଏସିଆର ଚଳଚ୍ଚିତ୍ର ଦେଖିଥିଲେ ଦର୍ଶକ। ତେଲେଙ୍ଗା ହାସାଙ୍କ 'ଆୱାର ଲ୍ୟାଣ୍ଡ୍ ଆୱାର ଲାଇଭ୍ସ'ରୁ ଆରମ୍ଭ ହୋଇଥିଲା ଫିଲ୍ମ ଫେଷ୍ଟିଭାଲ୍। ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରୁ ବିସ୍ଥାପିତ ଆଦିବାସୀ ସମ୍ପ୍ରଦାୟର ସଂଘର୍ଷ କାହାଣୀକୁ ନେଇ ଏହି ଫିଲ୍ମଟି ଗତିଶୀଳ ହୋଇଛି। ପରେ 'ଏ ରୁମ୍ ଅଫ୍ ୱାନ୍ସ', ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଓଡ଼ିଶାର ଲିପିକା ସିଂ ଦରାଇଙ୍କ 'ରୁମ୍ ନମ୍ବର 2-D-35' ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଦର୍ଶିତ ହେବା ପରେ ଫିଲ୍ମ ସୋସାଇଟିର ସଭାପତି ସୁବ୍ରତ ବେଉରାଙ୍କ ସହ ଏକ ଆଲୋଚନା



ଚଳଚ୍ଚିତ୍ର ନିର୍ମାତା ଲିପିକା ସିଂ ଦରାଇଙ୍କ ସହ ତାଙ୍କ ଚଳଚ୍ଚିତ୍ର ସମ୍ପର୍କରେ ଫିଲ୍ମ ସୋସାଇଟି ସଭାପତି ସୁବ୍ରତ ବେଉରା ଆଲୋଚନା କରୁଛନ୍ତି।

ଅନୁଷ୍ଠିତ ହୋଇଥିଲା। ସେହିପରି ଦୂରସ୍ଥ କଲେକ୍ଟିଭ୍‌ଙ୍କ 'ଦି ନାଇଟ୍ ଆଟ୍ ଫର୍ଗେଟ୍ ଟୁ ଏଣ୍ଡ୍', ଅଚଳ ମିଶ୍ରଙ୍କ 'ଚାର୍ ଫୁଲ ହେଁ ଔର ଦୁନିଆ ହେଁ', କଲ୍ଲୋଲ ମୁଖାର୍ଜୀଙ୍କ 'ମାଇକ୍ ଡ୍ରପ୍', ନେହଲ୍ ବ୍ୟାସ୍‌ଙ୍କ 'ଆତ୍ମା କି କଥା', ଗିରିଶ୍ କସରାବଲ୍ଲୀଙ୍କ 'ନାଦା ନବନୀତା ଡକ୍ଟର ପଣ୍ଡିତ' ଏବଂ ରାଜନ୍ କଥେଟ୍ ଓ ସୁନିର୍ ପାଣ୍ଡେଙ୍କ 'ନୋ ୱିଣ୍ଟର ହଲିଡେଜ୍' ପ୍ରଦର୍ଶିତ ହୋଇଥିଲା। ପରେ କବି ଜୟନ୍ତ ମହାପାତ୍ରଙ୍କ ସହ ବିଶ୍ୱେଶ୍ୱର ଦାସଙ୍କ 'ଏ ଟେଲ୍ ଟୁ ବିଗିନ୍ ଉଇଥ୍' ଉପରେ ଆଲୋଚନା ହୋଇଥିଲା। ଏଥିସହ ଏଲରୟ ପିଣ୍ଟୋଙ୍କ 'ଆଇଲ୍ୟାଣ୍ଡସ୍ ଅଫ୍ ଲେବର୍' ଏବଂ 'ବମ୍ବେ ଟ୍ରିପ୍ଟିଚ୍ 1'ର ପ୍ରିମିୟର ହୋଇଥିଲା। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଓ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର, ସିନେପ୍ରେମୀ ଓ ଦର୍ଶକ ଉପସ୍ଥିତ ଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି ମହୋତ୍ସବର ମିଡ଼ିଆ ପାର୍ଟନର୍ ରହିଥିବାବେଳେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଫିଲ୍ମ ଫେଷ୍ଟିଭାଲ ଚାଲିବ ବୋଲି ସୂଚନା ଦିଆଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିକାଶ


@ ବୁବୁ


@ ସିମାରାଣୀ


@ ମାନସ



@ ଶୈଳେନ୍ଦ୍ର


@ ଅତୁଲ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅରୁଣ କୁମାର ସାହୁଙ୍କ ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର' ଉନ୍ମୋଚିତ



କଥାଶିଳ୍ପୀ ତଥା ରାଷ୍ଟ୍ରଦୂତ ଅରୁଣ କୁମାର ସାହୁଙ୍କ ତୃତୀୟ ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର'କୁ ଗୁରୁବାର ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୫।୯(ସୌମ୍ୟରଞ୍ଜନ ରାଉତ)

ପ୍ରକାଶନୀ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ କଥାଶିଳ୍ପୀ ତଥା ବୁଲ୍‌ଗେରିଆ ଓ ଉତ୍ତର ମାର୍ସିଡୋନିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଅରୁଣ କୁମାର ସାହୁଙ୍କ ତୃତୀୟ ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର' ଗୁରୁବାର ଏକ ଘରୋଇ ହୋଟେଲ୍‌ରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ କବି ଦେବଦାସ ଛୋଟରାୟ ଅରୁଣଙ୍କ ଗଳ୍ପକାରିତା ଚମତ୍କାର ଓ ଚଳଚ୍ଚିତ୍ର ଭଳି ଜୀବନ୍ତ ବୋଲି ମତ ଦେଇଥିଲେ। କଥାକାର ଦାଶ ବେନହୁର କହିଲେ, ଅରୁଣ ତାଙ୍କ ଗଳ୍ପରେ ଖୁବ୍ କମ୍ ଶବ୍ଦରେ ଅଧିକ କଥା ବଖାଣି ପାରନ୍ତି। ଓଡ଼ିଶା ଝୁରିହେବା ଏବଂ ବିଶ୍ୱକୁ ମାଟି ସହ ଯୋଡ଼ିବାରେ ତାଙ୍କ କାହାଣୀ ବେଶ୍ ସଫଳ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ କହିଲେ, ଅରୁଣ ଜଣେ ସଫଳ ବ୍ୟକ୍ତି ଓ ସଫଳ କାହାଣୀକାର ହେବା ପଛରେ ତାଙ୍କର ପାରିବାରିକ ସଂସ୍କାର, ଆତ୍ମ ଅଭିଜ୍ଞତା ଏବଂ ନିଜ କାର୍ଯ୍ୟ ପରିବେଶ ରହିଥିବା କହିଥିଲେ। ପୁସ୍ତକର ସମୀକ୍ଷା କରି ସ୍ତମ୍ଭକାର ଅଭିରାମ ବିଶ୍ୱାଳ କହିଥିଲେ, 'ସାରସର ଶେଷ ସ୍ୱର' ସଂକଳନର ୧୨ଟିଯାକ କାହାଣୀ ପରସ୍ପରଠାରୁ ପୃଥକ୍। ଗଭୀର ସମ୍ବେଦନା, ନିଦା ଓ ନୂତନତ୍ୱଭରା ତାଙ୍କର କାହାଣୀ ସବୁ ଅନନ୍ୟ। ଲେଖକୀୟ ଅଭିବ୍ୟକ୍ତିରେ ଅରୁଣ କହିଲେ, ବୃତ୍ତିଗତ ଜୀବନ ଓ ଗାଁ ସହ ତାଙ୍କର ନିବିଡ଼ତା ତାଙ୍କୁ ଏଭଳି ନୂଆ ଓ ପୂର୍ବରୁ ଲେଖା ହୋଇ ନ ଥିବା କାହାଣୀ ଲେଖିବାରେ ସହାୟକ ହୋଇଛି। ତାଙ୍କ ଗଳ୍ପଗୁଡ଼ିକ ଚରିତ୍ର ପ୍ରଧାନ ଏବଂ ସେ ନିଜ ପରିବେଶ ଓ ଅନୁଭବରୁ ହିଁ ଚରିତ୍ରମାନଙ୍କୁ ସାଉଁଟିଥାଆନ୍ତି ବୋଲି ମତ ଦେଇଥିଲେ। ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ପେନ୍ ଇନ୍ ବୁକ୍ସର ସହ ମହାପ୍ରବନ୍ଧକ କବି ପବିତ୍ର ମୋହନ କର ମଞ୍ଚ ପରିଚାଳନା କରିଥିଲେ।

## ଆଜିଠୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ

ଭୁବନେଶ୍ୱର, ୨୫।୯(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ୨୬ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରଥମଥର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ ଦିନିଆ ସମାବର୍ତ୍ତନ ହେଉଛି। ଉତ୍ସବରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ ବୋଚାମାଉଇ, ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରି ପ୍ରମୁଖ ଯୋଗଦେବେ। ଏହି ଅବସରରେ ଗୁଆଟେମାଲା ଗଣରାଜ୍ୟର କଂଗ୍ରେସ ସଦସ୍ୟ ଡ. ଫିଡେଲ ରେୟସ ଲି, ୱକହର୍ଡ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ ହ୍ୟୁମାନିଟାରିଆନ ଆଡ୍‌ଭୋକେଟ ଡ. ହୁଜେଫା ଖୋରାକିୱାଲା, ଜର୍ମାନୀ ୟୁଥ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେଶନର ପ୍ରତିଷ୍ଠାତା ନର୍ବର୍ଟ ସାଉର, ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ, କମ୍ପିଟିଶନ ସକ୍ସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ. କେ. ସଚଦେବା, ଚଳଚ୍ଚିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମାଜ ପ୍ରତି ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯିବ। ସେହିଭଳି ୭୨୩୫ ସ୍ନାତକ ଛାତ୍ରୀଛାତ୍ର, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ମେଡିକାଲ ସାଇନ୍‌ସେସ ଛାତ୍ରୀଛାତ୍ରଙ୍କୁ ଏବଂ ଦ୍ୱିତୀୟ ଦିନ ଆଇନ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହି ଅବସରରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଛାତ୍ରୀଛାତ୍ରମାନେ କ୍ୟାମ୍ପସରୁ ଯାଇ ବୃହତ୍ତର ଜଗତରେ ପ୍ରବେଶ କରିବେ ଏବଂ କିଟର ମୂଲ୍ୟବୋଧକୁ ସେମାନଙ୍କ ଜୀବନର ଧ୍ୟେୟ କରିବେ।

## ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଦିବସ




ଭୁବନେଶ୍ୱର,୨୫।୯(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଦିବସ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସରୋଜ ଲକ୍ଷ୍ମୀ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲାର ଅତିରିକ୍ତ କାର୍ଯ୍ୟକ୍ରମ ସଂଚାଳକ ଡ. ରଘୁନାଥ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଡ. ସୁଶାନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଚାଳିକା ସ୍ମୃତିରେଖା ସାହୁ ଓ ସଞ୍ଜୁଲତା ମାଝି ଯୋଗଦେଇଥିଲେ। ସେହିଭଳି ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଆଭାର ପ୍ରତିଷ୍ଠାତା ସୁଧୀର ଚନ୍ଦ୍ର ଦାସ ଓ ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ ପୋଲିସ ଏକାଡ଼େମୀର ଆକାଶ ସାହୁ ଯୋଗଦେଇ ଶିବିର ଆୟୋଜନ ସମ୍ପର୍କରେ କହିଥିଲେ। ନିଶାମୁକ୍ତ ଭାରତ ଅଭିଯାନର ମୁଖ୍ୟ ପ୍ରଶିକ୍ଷକ ଡ. ମହମ୍ମଦ ଇମ୍ରାନ ଅଲ୍ଲୀ ସ୍ୱେଚ୍ଛାସେବୀଙ୍କୁ ନିଶାମୁକ୍ତ ସଚେତନତା ଉପରେ କହିଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀମାନେ ସ୍କୁଲ ପରିସରକୁ ଲାଗିଥିବା ଲକ୍ଷ୍ମୀନାରାୟଣ ବସ୍ତି ପରିଦର୍ଶନ କରି ଲୋକଙ୍କ ସାମାଜିକ-ଅର୍ଥନୈତିକ ତଥ୍ୟ ସଂଗ୍ରହ କରିଥିଲେ।

## ଦୁର୍ଗମାଞ୍ଚଳରେ ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା)

ଦେଶର ପ୍ରମୁଖ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ଦୁର୍ଗମ ଅଞ୍ଚଳର ମହିଳା ଏବଂ ପରିବାରକୁ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରୁଛି। କମ୍ପାନୀ ପକ୍ଷରୁ କଳାହାଣ୍ଡିର ନାକରୁଣ୍ଡି ପିଏଚ୍‌ସି ଏବଂ ରାୟଗଡ଼ାର କାଶୀପୁର ସିଏଚ୍‌ସିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିସହ ଏହାର ମୋବାଇଲ ହେଲ୍‌ଥ ୟୁନିଟ (ଏମ୍‌ଏଚ୍‌ୟୁ) ଦ୍ୱାରା ଡାକ୍ତରୀ ଚିକିତ୍ସା ସହ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଶିବିରଗୁଡ଼ିକରେ ୪୬୮ ମହିଳା, ୪୧୦ରୁ ଅଧିକ ପୁରୁଷ ଓ ଶିଶୁ ଯୋଗଦେଇଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସୁସ୍ଥ ମହିଳାମାନେ ସୁସ୍ଥ ପରିବାର ଏବଂ ସଶକ୍ତ ସମ୍ପ୍ରଦାୟର ମୂଳଦୁଆ। ବେଦାନ୍ତ ଆଲୁମିନିୟମ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅଧିକ ସୁଲଭ କରିବାକୁ ପ୍ରତିବଦ୍ଧ। କାଶୀପୁର ସିଏଚ୍‌ସି ମୁଖ୍ୟ ଡା. ନେତ୍ରାନନ୍ଦ ନାୟକ କହିଛନ୍ତି, ବେଦାନ୍ତ ଆଲୁମିନିୟମର ଅତିରିକ୍ତ ସହାୟତା ଆମକୁ ସମୟୋଚିତ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ସହିତ ଅଧିକ ମହିଳାଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ କରିଛି।

## 'ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ନାରୀମାନେ ସଶକ୍ତ ଶକ୍ତି'

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ 'ଗାନ୍ଧିଜୀଙ୍କ ଦୃଷ୍ଟିକୋଣରେ ନାରୀ' ଶୀର୍ଷକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ନାରୀଙ୍କୁ ଏକ ସଶକ୍ତ ଶକ୍ତି ଭାବରେ ଦେଖାଯାଇଛି। ସେମାନଙ୍କ ସହନଶୀଳତା, ସତ୍ୟ ପ୍ରତି ଅଗାଧ ବିଶ୍ୱାସ ଓ ନୀତିମୂଳକ ଦୃଢ଼ତା ସମାଜକୁ ନୂଆ ଦିଗରେ ଆଗେଇନେବାରେ ସବୁବେଳେ ଶକ୍ତିଶାଳୀ ହୋଇଥାଏ। କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଛନ୍ତି, ସାହିତ୍ୟ ଓ ଇତିହାସରେ ଯେପରି ନାରୀଙ୍କ ଅବଦାନ ରହିଛି



କାର୍ଯ୍ୟକ୍ରମରେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସହ ଅନ୍ୟ ଅତିଥି।

ସେହିପରି ଗାନ୍ଧିଜୀଙ୍କ ଆନ୍ଦୋଳନରେ ମଧ୍ୟ ସେମାନଙ୍କର ଭୂମିକା ଅସାଧାରଣ। ଗାନ୍ଧିଜୀ ଅନେକ ସମୟରେ କୁସଂସ୍କାର ଓ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଥିଲେ। ଗାନ୍ଧୀଙ୍କ ପାଇଁ ନାରୀ କେବଳ ସ୍ୱାଧୀନତାର ସହଭାଗୀ ନୁହେଁ, ବରଂ ସମାଜର ନୀତିମୂଳକ ଦିଗରେ ଏକ ପ୍ରେରଣା। ସମ୍ମାନିତ ଅତିଥି ଭାବେ ଡ. ହିମାଦ୍ରୀ ତନୟା ମିଶ୍ର କହିଛନ୍ତି, ଗାନ୍ଧୀଙ୍କ ଜୀବନାଦର୍ଶ ସତ୍ୟ, ଅହିଂସା ଓ ସରଳତା ଉପରେ ଆଧାରିତ ଥିଲା। ତାଙ୍କ ଦୃଷ୍ଟିରେ ନାରୀମାନେ ସଦା ସମାଜର ମୂଳ ଶକ୍ତି। ସମ୍ବିତ ତ୍ରିପାଠୀ କହିଛନ୍ତି, ଗାନ୍ଧୀଙ୍କ ଚିନ୍ତାଧାରାରେ ନାରୀଙ୍କୁ ଯେଉଁ ସମ୍ମାନ ଓ ସ୍ଥାନ ଦିଆଯାଇଛି ତାହା ଏକ ସାହସିକ ପଦକ୍ଷେପ। ତାଙ୍କ ପାଇଁ ନାରୀମାନେ କେବଳ ସମର୍ଥକ ନୁହେଁ, ବରଂ ସମାଜର ନୀତିମୂଳକ ଶକ୍ତି। କାର୍ଯ୍ୟକ୍ରମ ପରେ ସିବିସି କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପିଆଇବିର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଳ୍ପ ଅବଧି, ଆନ୍ତଃ ଫସଲ ଉପରେ ଅଧିକ ଗବେଷଣା ଜରୁରୀ

### ଓୟୁଏଟିରେ ୧୧ତମ ଜାତୀୟ ବୈଜ୍ଞାନିକ ସମ୍ମିଳନୀ

ଭୁବନେଶ୍ୱର,୨୫।୯(ସୁଚିସ୍ମିତା ସାହୁ)

ଓୟୁଏଟିରେ ସର୍ବଭାରତୀୟ ସଂଯୋଜିତ ସମ୍ଭାବିତ ଫସଲ ଗବେଷଣା ପ୍ରକଳ୍ପର ଜାତୀୟ ସଂସ୍ଥା (ଏନ୍‌ବିପିଜିଆର୍) ନୂଆଦିଲ୍ଲୀ ସହଯୋଗରେ ୧୧ତମ ଜାତୀୟ ବୈଜ୍ଞାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇସିଏଆର୍ ବିହନ ବିଭାଗର ଏଡିଜି ଡ. ସଞ୍ଜୀବ ଗୁପ୍ତା ଯୋଗଦେଇ ଚିରନ୍ତନ କୃଷି ବ୍ୟବସ୍ଥା ଓ ଅପପୁଷ୍ଟି ରୋକିବା କ୍ଷେତ୍ରରେ ଗବେଷଣା କରାଯାଉଥିବା ସମ୍ଭାବିତ ଫସଲର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ଏହି ଫସଲଗୁଡ଼ିକ ହିଁ ପ୍ରତିକୂଳ ଜଳବାୟୁ ପରିପ୍ରେକ୍ଷୀରେ ଭଲ ଅମଳ ଦେଇପାରେ। ସ୍ୱଳ୍ପ ଦିନ ଅବଧିର ଫସଲ ଓ ଆନ୍ତଃ ଫସଲ ଉପରେ ଅଧିକ ଗବେଷଣା ଜରୁରୀ ବୋଲି ସେ ମତ ଦେଇଥିଲେ।



ସମ୍ମିଳନୀରେ ଅତିଥିମାନେ ପୁଷ୍ଟିଯୁକ୍ତ ବଥୁଆ ସମେତ ବିଭିନ୍ନ କିସମର ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

ଏନ୍‌ବିପିଜିଆର୍‌ର ନିର୍ଦ୍ଦେଶକ ଓ ସମ୍ଭାବିତ ଫସଲ ଗବେଷଣା ପ୍ରକଳ୍ପର ସଂଯୋଜକ ଡ. ଜ୍ଞାନେନ୍ଦ୍ର ପ୍ରତାପ ସିଂ ଯୋଗଦେଇ ୧୨ଟି ମୁଖ୍ୟକେନ୍ଦ୍ର ଓ ୨୩ଟି ଭଲ୍ୟୁଣ୍ଟିଅର କେନ୍ଦ୍ରରେ ପ୍ରାୟ ୧୨ଟି ଫସଲକୁ ନେଇ କରାଯାଉଥିବା ଗବେଷଣା ସମ୍ପର୍କରେ କହିଥିଲେ। ଓୟୁଏଟିର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ଖଡ଼ା, କାଙ୍କଡ଼ ଓ ବଥୁଆ ଶାଗ ପରି ଫସଲର ପୁଷ୍ଟିକର ଗୁଣ ସମ୍ପର୍କରେ କହିଥିଲେ। ପ୍ରକଳ୍ପର ଜାତୀୟ ନୋଡାଲ ଅଫିସର ଡ. ସତୀଶ କୁମାର ଯାଦବ ପୂର୍ବ ସମ୍ମିଳନୀର ଅନୁମୋଦନ ଅନୁସାରେ ନିଆଯାଇଥିବା ଗବେଷଣାତ୍ମକ କାର୍ଯ୍ୟକ୍ରମ ବିଷୟରେ ରିପୋର୍ଟ ଉପସ୍ଥାପନା କରିଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ସମ୍ଭାବିତ ଫସଲ ପ୍ରକଳ୍ପ ଓୟୁଏଟିରେ ୧୯୮୩ରୁ ଆରମ୍ଭ ହୋଇଛି। ଭୁବନେଶ୍ୱର କେନ୍ଦ୍ରରୁ ୨ଟି ଖଡ଼ା ଓ ଗୋଟିଏ ପିଲିପେଷରା କିସମ ଉଦ୍ଭାବିତ ହୋଇପାରିଛି। ବିଶେଷକରି ରାଇସବିନ୍ ବା ଡଙ୍ଗରାଣି ପରି ଫସଲର ପୁଷ୍ଟିକର ଗୁଣ ଓ ପ୍ରତିକୂଳ ଜଳବାୟୁରେ ଏହାର ଦ୍ରୁତ ବୃଦ୍ଧି ଓ କ୍ଷମତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଓୟୁଏଟି ସମ୍ଭାବିତ ଫସଲ ପ୍ରକଳ୍ପ ଅଧିକାରୀ ଡ. କୌଶିକ ପାଣିଗ୍ରାହୀ ଧନ୍ୟବାଦ ଦେଇଥିବା ବେଳେ ଡ. ଆଏଶା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୮୦ଲିଟର ଦେଶୀ ମଦ ଜବତ,୨ଗିରଫ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଓ ଗୋଡିସାହିଫାଣ୍ଡି ପୋଲିସ ମିଳିତଭାବେ ଏକ ବାଇକ ସହ ୮୦ଲିଟର ଦେଶୀମଦ ଜବତ କରିଛି। ଏହି ଅଭିଯୋଗରେ ଗୁରୁବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ଶ୍ରୀକାରୁନ ଗ୍ରାମର ପ୍ରଶାନ୍ତ ଦାସ ଓ ମଣ୍ଟୁ ଖୁଣ୍ଟିଆ। ଏନେଇ ପୋଲିସ ମାମଲା (ନଂ.୫୨୯/୨୫) ରୁଜୁ କରିଛି। ବିଳମ୍ବିତ ରାତିରେ ଉଭୟ ପୋଲିସ ମିଳିତଭାବେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାରଙ୍ଗ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବାଇକକୁ ପୋଲିସ ଅଟକାଇଥିଲା। ପରେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରୁ ୪ଟି ବ୍ଲାଡରରେ ଥିବା ଦେଶୀମଦ ପୋଲିସ ଜବତ କରିଛି।

### ସଂକ୍ଷେପରେ

## ବାଣ କାରଖାନାରେ ଚଢ଼ାଉ, ଜଣେ ଗିରଫ

ତ୍ରିଶୂଳିଆ/ବାରଙ୍ଗ,୨୫।୯(ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅନ୍ତର୍ଗତ ଜୟପୁର ଗ୍ରାମରୁ ପୋଲିସ ଏକ ବେଆଇନ ବାଣ କାରଖାନା ଉପରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ସହ ବ୍ୟବହୃତ ସାମଗ୍ରୀ ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିଛି। ଘଟଣାରେ ପୋଲିସ କାରଖାନା ମାଲିକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ବାପି ମଲ୍ଲିକ। ଏନେଇ ପୋଲିସ ମାମଲା (ନଂ. ୫୨୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଆତସବାଜି ବିକ୍ରି, ବାଣ ପ୍ରସ୍ତୁତ ଓ ଫୁଟାଇବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଡ଼ା କଟକଣା ଲଗାଇଛନ୍ତି। ମାତ୍ର ଉକ୍ତ ଗ୍ରାମରେ ବେଆଇନ ବାଣ କାରଖାନା ଚଳାଇଥିବା ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏନେଇ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଣ ତିଆରି ପାଇଁ ରଖାଯାଇଥିବା ବାରୁଦ ସହ ବିଭିନ୍ନ ପ୍ରକାରର ବାଣ ସରଞ୍ଜାମକୁ ପୋଲିସ ଜବତ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ସଲ୍‌ଫର ୪୫ କେଜି, ପଟାସିୟମ ୨୫କେଜି, ଚାରକୋଲ ୪୦ କେଜି, ସୁତୁଲି ୧୦କେଜି, ଏକ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଫାୟରବଲ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ବାପିଙ୍କୁ ଗିରଫ କରିଥିବା ବେଳେ ତାଙ୍କର ଅନ୍ୟ ସହଯୋଗୀ ଘଟଣାସ୍ଥଳରୁ ଖସି ପଳାଇଥିଲେ।

## ବିଡିଓଙ୍କ କାର୍ ରଖିବାକୁ ନେଇ ଉତ୍ତେଜନା

ବାରଙ୍ଗ,୨୫।୯(ଲିଙ୍ଗରାଜ ରାଉତ): ବାରଙ୍ଗ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ମିଶନଶକ୍ତି ମହିଳାମାନେ ଧାରଣାରେ ବସିଛନ୍ତି। ତେବେ ଗୁରୁବାର ବିଡିଓଙ୍କ କାର୍ ରଖିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ମହିଳାମାନେ ଛାତ ତଳେ ରଖାଯାଇଥିବା ବିଡିଓଙ୍କ କାର କାଢ଼ିବାକୁ କହିଥିଲେ। ମାତ୍ର କାର କଢ଼ା ନ ଯିବାରୁ ମହିଳାମାନେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ। ଫଳରେ କୌଣସି ବାଇକ୍ ଓ କାର ଭିତରକୁ ଯାଇପାରି ନ ଥିଲା କି ଭିତରେ ଥିବା ଗାଡି ବାହାରକୁ ଆସିପାରି ନ ଥିଲା। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ୬ଦଫା ଦାବି ନେଇ ଗତ ୨୨ରୁ ମିଶନଶକ୍ତି ମହିଳାମାନେ ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି। ଗୁରୁବାର ସେମାନେ ବିଡିଓଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଧାରଣାରେ ବସିଥିଲେ। ହଠାତ୍ ବର୍ଷା ହେବାରୁ କାର୍ଯ୍ୟାଳୟ ଆଗରେ ଛାତ ତଳେ ଥିବା ବିଡିଓଙ୍କ କାର କାଢ଼ିଲେ ବର୍ଷା ସମୟ ବେଳେ ଧାରଣାରେ ବସିବେ ବୋଲି କାର୍ ଚାଳକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କାର ଚାଳକ ମହିଳାମାନଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ ଏବଂ ବର୍ଷାରେ ଧାରଣାରେ ବସିବାକୁ ପରାମର୍ଶ ଦେଇଥିଲେ, ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ସେମାନେ ବିଡିଓଙ୍କୁ ଯାଇ ତାଙ୍କ କାରକୁ ସାମୟିକ ଉକ୍ତ ଜାଗାରୁ କାଢ଼ିବାକୁ କହିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା ବୋଲି ଲକ୍ଷ୍ମୀପ୍ରିୟା ବେହେରା କହିଛନ୍ତି।

## ଟାଙ୍କିରୁ ଗାଈ ଉଦ୍ଧାର

ତ୍ରିଶୂଳିଆ, ୨୫।୯ (ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ଼ ଗାଁସ୍ଥିତ ୟୁପି ସ୍କୁଲ ପରିସରରେ ଥିବା ଏକ ମଇଳା ଟାଙ୍କିରୁ ଅଗ୍ନିଶମ ବାହିନୀ ଗୁରୁବାର ଏକ ଗାଈକୁ ଉଦ୍ଧାର କରିଛି। ଅପରାହ୍ନରେ ଗାଈଟି ସ୍କୁଲ ପରିସରରେ ଥିବା ଟାଙ୍କିରେ ଖସି ପଡିଥିଲା। ସ୍ଥାନୀୟ ଲୋକେ ଗାଈଟିକୁ ଉଦ୍ଧାର କରିବାରେ ବିଫଳ ହୋଇ ଏନେଇ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

# ନଳିତାଚାଷରୁ ମୁହଁ ଫେରାଉଛନ୍ତି ବିଲିପଡ଼ା ଚାଷୀ



ଚାଷୀମାନେ ଝୋଟ ଅମଳ କରୁଛନ୍ତି।

ବାଙ୍କୀ, ୨୫।୯( ଶୁଭେନ୍ଦୁ ମହାପାତ୍ର): ଆଗକୁ ଆସୁଛି ପାର୍ବଣର ଆଲୋକର ଦୀପାବଳି ପର୍ବ। ପରିବାରର ପୂର୍ବପୁରୁଷଙ୍କୁ କାଉଁରିକାଠିରେ ସେହି ଅମାବାସ୍ୟା ତିଥିରେ ସ୍ମରଣ ରୂପକ ଶ୍ରାଦ୍ଧ ଦିଆଯାଇଥାଏ। ବହୁ ପ୍ରାଚୀନ ପୌରାଣିକ ପରମ୍ପରା ସହ ଜଡ଼ିତ ନଳିତା ଚାଷରୁ ପ୍ରସ୍ତୁତ କାଉଁରିକାଠି ବାଙ୍କୀ-ଡମପଡ଼ା ବ୍ଲକର ବିଲିପଡା ପଞ୍ଚାୟତ ନଳିତା ଚାଷର ସ୍ୱତନ୍ତ୍ର ସ୍ଥାନ ରହି ଆସିଛି। କିନ୍ତୁ କିଛିବର୍ଷ ହେବ ଏହି ଚାଷରୁ ଚାଷୀମାନେ ମୁହଁ ଫେରାଉଛନ୍ତି। ରବି ଫସଲ ପରେ ପାଗ ଅନୁକୂଳ ଦେଖି ନଳିତା ମଞ୍ଜି ବୁଣାଯାଇଥାଏ। ବର୍ଷାଦିନେ ଗଛ କଟାଯାଇ ମାସେ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଇଥାଏ। ଦୁର୍ଗାପୂଜା ପୂର୍ବରୁ ଝୋଟ ଏବଂ କାଉଁରିକାଠି ପୃଥକ୍ କରି ବଜାରକୁ ବ୍ୟବସାୟୀ ପାଇଁ ଛଡ଼ାଯାଇଥାଏ। କେବଳ ବିଲିପଡ଼ାରେ ବହୁ ହେକ୍ଟର ଜମିରେ ଧରସ, ଜୋରକୁଳ, ଦାଙ୍ଗିପିଟା, ବିଲିମନ୍ତ୍ରୀସାହି, ପାଖରାଖାଲ, ପଦନପୁର, ଓସ୍ତପୁର, ରଙ୍ଗିପୁର ଗାଁର ଚାଷୀମାନେ ଚାଷ କରିଥାନ୍ତି। କଲିକତାରୁ ବ୍ୟବସାୟୀମାନେ ଆସି ଝୋଟ ନିଅନ୍ତି ଏବଂ ଭୁବନେଶ୍ୱର, କଟକରୁ ଦୋକାନୀମାନେ ଆସି ଚାଷୀଙ୍କଠାରୁ ସିଧାସଳଖ କାଉଁରିକାଠି କ୍ରୟ କରିଥାନ୍ତି। ପ୍ରତିବର୍ଷ ଥରକୁ ଥର ମହାନଦୀରେ ବନ୍ୟା ଆସିଲେ ମଧ୍ୟ ଚାଷୀମାନେ ଭଲ ରୋଜଗାର କରିଥାନ୍ତି। କିନ୍ତୁ ଚଳିତବର୍ଷ ଅଳ୍ପ କେତେଜେଣ ଚାଷୀ କେବଳ ଦୀପାବଳି ପରମ୍ପରା ବଞ୍ଚାଇବାକୁ ଯାଇ କିଛି ଏକର ନଳିତା ଚାଷ କରିଛନ୍ତି। ବାଙ୍କୀ ପ୍ରଶାସନ କି ବାଙ୍କୀ-ଡମପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ଏଥିପ୍ରତି କୌଣସି ଆଗ୍ରହ ରଖୁନାହାନ୍ତି ବୋଲି ଚାଷୀ ଅଶୋକ ରାଉତ, ଅଲେଖ ମନ୍ତ୍ରୀ , ନିବାସ ପ୍ରଧାନ, ବୀରବର ସ୍ୱାଇଁ, ମିତ୍ରଭାନୁ ରାଉତ, ମୁକେଶ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି। ଚାଷୀମାନଙ୍କୁ ମଞ୍ଜି ବହୁ ବିଳମ୍ବରେ ମିଳୁଥିବାରୁ ଚାଷୀମାନେ ଏହି। ଚାଷରୁ ମୁହଁ ଫେରାଉଥିବାବେଳେ ଅନ୍ୟପକ୍ଷେ ଚାଷ ପାଇଁ ସରକାରୀ ସହାୟତା ମିଳୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଝୋଟ କ୍ରୟ କରିବାକୁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନାହିଁ। ଏହି ସ୍ୱତନ୍ତ୍ର କାମ ଜାଣିଥିବା କାଉଁରିକାଠି ଏବଂ ଝୋଟକୁ ଅଲଗା କରିବା, ନଳିତା ଗଛ କାଟିବା ପାଇଁ ଦିନ ମଜୁରିଆ ମଧ୍ୟ ମିଳୁନାହାନ୍ତି। ବାହାର ରାଜ୍ୟର ଝୋଟ ବ୍ୟବସାୟୀ ନ ଆସିବା ଦ୍ୱାରା ଅଳ୍ପ ଦରରେ ଗ୍ରାମାଞ୍ଚଳ ଠିକା ବ୍ୟବସାୟଙ୍କୁ ବିକ୍ରି କରିବାକୁ ପଡୁଛି। ସରକାର ଆଳୁ, କପା, ମହୁଲ, କାଜୁ ପରି ଚାଷରେ ମିଶନ ଗଠନ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ନଳିତା ଚାଷ ପାଇଁ ବଜେଟ ନ ଥିବା ଜଣାପଡୁଛି। ପୁଣିଥରେ କିପରି ବିଲିପଡ଼ା ଚାଷୀଙ୍କ ମନରେ ଝୋଟ ଚାଷ ପାଇଁ ଆଗ୍ରହ ବଢ଼ିବ, କିଣାବିକା ସୁବିଧା ହେବ, ସେଥିପାଇଁ ବାଙ୍କୀ ଓ ଜିଲା କୃଷି ଅଧିକାରୀ ଦୃଷ୍ଟିଦେବାକୁ ଅଞ୍ଚଳର ଚାଷୀମାନେ ଅନୁରୋଧ କରିଛନ୍ତି।

## ଡ୍ରିମ୍ସ ପଲିଟେକ୍‌ନିକରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍

କଟକ,୨୫।୯(କାର୍ତ୍ତିକ ସାହୁ): ଡ୍ରିମ୍ସ ପଲିଟେକ୍‌ନିକ୍‌ର ଇନ୍‌ଷ୍ଟିଚ୍ୟୁଶନ୍ ଇନୋଭେସନ୍ କାଉନ୍‌ସିଲ ଆନୁକୂଲ୍ୟରେ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୫' ଅନ୍ତର୍ଗତ ଆନ୍ତଃ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୪ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍ସ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜିର ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା ଓ ଦୟାଶଙ୍କର କନ୍‌ସଲଟାନ୍ସି ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ ଦୟାଶଙ୍କର ଦାସ ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା କୌଶଳ, ଅଭିନବ ଚିନ୍ତାଧାରା, ବୁଦ୍ଧିମତାର ମୂଲ୍ୟାୟନ କରିବା ସହ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଜରିଆରେ ବିକଶିତ ଭାରତ ନିର୍ମାଣରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ ଡ. ତପସ୍ୱିନୀ ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ସଂଯୋଜକ ସହକାରୀ ପ୍ରାଧ୍ୟାପକ ବିପିନ୍ କୁମାର ସ୍ୱାଇଁ ଓ ଆବାହକ ସହକାରୀ ପ୍ରାଧ୍ୟାପକ ଶୁଭକାମ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସ୍ମାର୍ଟ ଇଣ୍ଡିଆ ହାକାଥନ ଅନ୍ତଃ ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୪ର୍ଥ ଦିନରେ ତିଗିରିଆ ବ୍ଲକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଧାରଣା

ତିଗିରିଆ,୨୫।୯(ଜାଫର ଖାଁ) : ତିଗିରିଆ ବ୍ଲକରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବାକୁ ସ୍ଥିର କରାଯାଇଥିବା ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପୂର୍ବରୁ ମିଳୁଥିବା ସ୍ଥାୟୀ ଦରମା ପ୍ରଦାନ ତଥା ରାଜସ୍ୱ ଗ୍ରାମ ଅନୁସାରେ ସିଏଲ୍‌ଏଫ୍ ଗଠନ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ୨୨ ତାରିଖରୁ ତିଗିରିଆ ବ୍ଲକର କାର୍ଯ୍ୟରତ ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପି ପ୍ରମୁଖ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦେଇଥିବା ଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଥିବା ଜଣାପଡ଼ିଛି।

ବ୍ଲକ ଜିପିଏଲ୍‌ଏଫ୍ କର୍ମୀ ସଂଘର ସଭାପତି କାଜଲ ଖଟୁଆ ଓ ସମ୍ପାଦିକା ରଶ୍ମିତା ଶୁଭଦର୍ଶିନୀ ନେତୃତ୍ୱରେ ୪ ଦିନ ଧରି କମ୍ୟୁନିଟି ସପୋର୍ଟ ଷ୍ଟାଫ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଗୀତ ଓ ଭାଷଣ ମାଧ୍ୟମରେ ସରକାରଙ୍କ ନିକଟରେ ସେମାନଙ୍କ ଦାବି ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଛି। ଧାରଣାରେ ବସିଥିବା ସମସ୍ତ କମ୍ୟୁନିଟି ଷ୍ଟାଫଙ୍କ ଦାବି ଅନୁଯାୟୀ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ବ୍ଲକରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟି ଷ୍ଟାଫଙ୍କୁ ପୂର୍ବରୁ ମିଳୁଥିବା ସ୍ଥାୟୀ ଦରମାକୁ ବନ୍ଦ କରି କାର୍ଯ୍ୟ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାକୁ ସଂଘ ବିରୋଧ କରି ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଛି। ଏଥିସହ ବର୍ତ୍ତମାନ ବ୍ଲକରେ ଶତାଧିକ ଗୋଷ୍ଠୀ ସହାୟିକା କାର୍ଯ୍ୟରତ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜସ୍ୱ ଗ୍ରାମ ଅନୁସାରେ ଗୋଷ୍ଠୀ ସହାୟିକା ନିଯୁକ୍ତି ପାଇଁ ନିଷ୍ପତ୍ତି ନେଇଛନ୍ତି। ତିଗିରିଆରେ କାର୍ଯ୍ୟରତ ୫୦ରୁ ଅଧିକ ଗୋଷ୍ଠୀ ସହାୟିକା ସେମାନଙ୍କ ଚାକିରି ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ଯାହାକୁ ସଂଘ ବିରୋଧ କରିଛି।

## ସାଲେପୁର ଫାର୍ମାସି କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ




କଲେଜ ପରିସରରୁ ବାହାରିଥିବା ଶୋଭାଯାତ୍ରା।

ସାଲେପୁର, ୨୫।୯(ଅରବିନ୍ଦ ଭୂୟାଁ): ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସି ଆଣ୍ଡ ଟେକ୍ନୋଲୋଜିରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନାମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ରନାଥ କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ. ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ କର ଏହି ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ସଂକଳ୍ପବଦ୍ଧ ହୋଇ ରୋଗୀ ଚିକିତ୍ସାରେ ନିଜକୁ ନିୟୋଜିତ କରିବା ସହ ଔଷଧ ଗବେଷଣା ଦିଗରେ ମଧ୍ୟ କିପରି ଅଧିକ ବିନିଯୋଗ କରିହେବ ସେ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ତାରକା କ୍ଲବ ପକ୍ଷରୁ ଏକ ମଧୁମେହ ସଚେତନତା ଅଭିଯାନ ରାଲି ଅନୁଷ୍ଠିତ ହୋଇଥିଲା। ଉକ୍ତ ରାଲିରେ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ସ୍ଲୋଗାନ ଦେଇ ସାଲେପୁର ବଜାର, ମାଛୁଆତି, ବାଲିସାହି, ବଟେଶ୍ୱର ଗ୍ରାମ ସବୁ ପରିକ୍ରମା କରି ଲୋକମାନଙ୍କ ନିଃଶୁଳ୍କ ରକ୍ତ ଶର୍କରା ପରୀକ୍ଷା କରିଥିଲେ। ପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଅନୁଷ୍ଠାନର ଅଧ୍ୟାପକ ସାରଦା ପ୍ରସାଦ ଷଡ଼ଙ୍ଗୀ ଓ ଚିନ୍ମୟ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।



କଟକ ଚାନ୍ଦିନୀଚୌକ ପୂଜାମଣ୍ଡପରେ କାରିଗର ମା' ଦୁର୍ଗାଙ୍କ ପ୍ରତିମାଙ୍କୁ ଚାନ୍ଦି ଅଳଙ୍କାର ପିନ୍ଧାଉଛନ୍ତି।

## ଜିଏସ୍‌ଟି ହ୍ରାସକୁ ନେଇ ସଚେତନତା

ସାଲେପୁର,୨୫।୯(ଅରବିନ୍ଦ ଭୂୟାଁ): କଟକ ଜିଲା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ଜିଏସ୍‌ଟି ହ୍ରାସ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ସହ ଖବରଦାତା ଓ ବୁଦ୍ଧିଜୀବୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତର କଲ୍ୟାଣମଣ୍ଡପରେ କଟକ ଜିଲା ଭାଜପା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି ଯୋଗଦେଇ ଜିଏସ୍‌ଟି ହ୍ରାସ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ନିଆଯାଉଥିବା ଜିଏସ୍‌ଟି ହ୍ରାସ କରାଯାଇ ୫ % ରୁ ୧୮ % କରାଯାଇଛି। ମୁଖ୍ୟ ଅତିଥି ଭାବେ ସଞ୍ଜୟ ରଥ ଯୋଗଦେଇ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟଙ୍କ ସ୍ୱପ୍ନ ଥିଲା ସମସ୍ତ ଯୋଜନା ଓ ସୁବିଧା ଯେପରି ଶେଷ ସ୍ତରର ଲୋକଙ୍କ ପାଖରେ ପହଞ୍ଚିବ। ଜିଏସ୍‌ଟି ହ୍ରାସ ଯୋଗୁ ଏବେ ସମସ୍ତେ ଉପକୃତ ହେବେ।

ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତା ରାମନ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଛନ୍ତି। ବିଶେଷକରି ଜିଏସ୍‌ଟି ସଂସ୍କାର ଚାଷୀମାନଙ୍କୁ ବେଶି ଆଶ୍ୱସ୍ତି ପ୍ରଦାନ କରିଛି। ୩୩ଟି ଜୀବନ ରକ୍ଷାକାରୀ ଔଷଧ ଉପରେ ଜିଏସ୍‌ଟି ଶତକଡା ୧୨ରୁ ଶୂନ କରାଯାଇଛି। ଅନ୍ୟ ସମସ୍ତ ଔଷଧ ଉପରେ ଜିଏସ୍‌ଟି ଶତକଡା ୧୨ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ହ୍ରାସ ସିଧାସଳଖ ନାଗରିକଙ୍କ କ୍ରୟ ଶକ୍ତି ବୃଦ୍ଧି ସହ ସହାୟକ ହେବ। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ଚୌଧୁରୀ ହେମନ୍ତ ସାହୁ, ନିର୍ମଳେନ୍ଦୁ ପ୍ରକାଶ, ହରେକୃଷ୍ଣ ମହାନ୍ତି ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିକାଶ



@ ବୁବୁ



@ ସୀମାରାଣୀ



@ ମାନସ




@ ଶୈଳେନ୍ଦ୍ର



@ ଅତୁଲ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏକ୍ ଦିନ୍ ଏକ୍ ଘଣ୍ଟା ଏକ୍ ସାଥୀ କାର୍ଯ୍ୟକ୍ରମ

### ବାଙ୍କୀ ଏନ୍‌ଏସି ପକ୍ଷରୁ ରେଣୁକାଘାଟ ତୁଠ ସଫେଇ

ବାଙ୍କୀ,୨୫।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)




ରେଣୁକାଘାଟ ତୁଠ ସଫେଇରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଲେଜ ଛାତ୍ରୀଛାତ୍ର ଓ ଏନ୍‌ଏସି କର୍ମଚାରୀ।

ବାଙ୍କୀ ଏନ୍‌ଏସି ପକ୍ଷରୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ପରିସରକୁ ସଫେଇ କରାଯାଇଥିଲା। ଏଥିରେ ଏନ୍‌ଏସି କର୍ମଚାରୀମାନଙ୍କ ସହ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ରୋଭର ରେଞ୍ଜର ଛାତ୍ରୀଛାତ୍ରମାନେ ଭାଗ ନେଇ ପରିସରକୁ ସମ୍ପୂର୍ଣ୍ଣ ସଫା କରିଥିଲେ। ନୃସିଂହନାଥ ଅଟୋରିକ୍ସା ଆସୋସିଏଶନ ଦ୍ୱାରା ସ୍ୱଚ୍ଛତା ଉପରେ ଅଟୋ ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି କର୍ମଚାରୀମାନଙ୍କ ସହ ୱାର୍ଡ ନଂ. ୧୧ ଭୋଇସାହି ଗ୍ରାମ୍ୟ କମିଟି ସଭ୍ୟମାନେ ସାମିଲ ହୋଇ ବାଙ୍କୀ ବଜାର ପରିକ୍ରମାକରି ଡାକବାଜି ଯନ୍ତ୍ର ଦ୍ୱାରା ପଲିଥିନ୍, ପ୍ଲାଷ୍ଟିକ୍ ଓ ସୋଲ ନିର୍ମିତ ଠୋଳା ବର୍ଜନ ସହ ନିଜ ଅଳିଆକୁ ରାସ୍ତାରେ ନ ପକାଇ ଏନ୍‌ଏସି ସଫେଇ କର୍ମଚାରୀଙ୍କ ଗାଡିରେ ଦେବାକୁ ନିବେଦନ କରିଥିଲେ। ଏପରି ଏକ୍ ଦିନ୍ ଏକ୍ ଘଣ୍ଟା ଏକ୍ ସାଥୀ ଅନୁଯାୟୀ ମହାନଦୀ କୂଳ ଚର୍ଚ୍ଚିକା ଗ୍ରାମ ରେଣୁକାଘାଟ ତୁଠକୁ ସଫେଇ କରାଯାଇଥିଲା। ରେଣୁକାଘାଟ ତୁଠରେ ବହୁଦିନ ଧରି ପଡ଼ିଥିବା କାଚ, ଶିଶି, ପଲିଥିନ୍, ଅଳିଆ ଆଦିକୁ ସମ୍ପୂର୍ଣ୍ଣ ଭାବେ ଗୋଟାଇ ପରିଷ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଅନ୍ୟ କର୍ମଚାରୀ ସହ ବାଙ୍କୀ ଅଞ୍ଚଳରେ କାର୍ଯ୍ୟରତ ରାଣୀଶୁକଦେଈ ମହିଳା ସଂଘର ସଭ୍ୟମାନେ ପୂର୍ବତନ ଉପନଗରପାଳ ପ୍ରୀତିଲତା ଗିରିଙ୍କ ନେତୃତ୍ୱରେ ସାମିଲ ହୋଇ କାର୍ଯ୍ୟ କରିଥିଲେ। ଏଥିରେ ଉପନଗରପାଳ ସନ୍ତୋଷ କୁମାର ରଣା, ନଗରପାଳଙ୍କ ପ୍ରତିନିଧି କାଉନସିଲର ସନାତନ ବେହେରା, କାଉନସିଲର ପଠାଣି ବେହେରା, ବିକଳ ଗୋଛି, ରାଜେନ୍ଦ୍ର ମହାପାତ୍ର, ଚନ୍ଦନ ଗଣ୍ଡିଆ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ପରିମଳ ବିଶେଷଜ୍ଞ ସୁନୀଲ ସେଠୀ, ସହାୟକ ଶାନ୍ତନୁ ବେହେରା, ସୁଦର୍ଶନ ରାଉତ, ବିଧାନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ବରିମୁଣ୍ଡ ଆର୍‌ଆଇ ସର୍କଲ ଅଞ୍ଚଳରୁ ମାଟି ଚାଲାଣ**

ଯୋଗେଶ୍ୱରପୁର,(ରଶ୍ମି ରଞ୍ଜନ ସାହୁ) - ଗୋପ ତହସିଲ ଅନ୍ତର୍ଗତ ବରିମୁଣ୍ଡ ଆର୍‌ଆଇ ସର୍କଲ ଅଞ୍ଚଳରୁ ଦିନରାତି ଅନାବାଦୀ ଜାଗାରୁ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ୍ ମାଟି ବିକ୍ରି କରାଯାଉଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ବାଉଁଶ ପୋଖରୀ କେଳାସାହିଠାରେ ଥିବା ସରକାରୀ ଜାଗାରୁ ଜେସିବି ଯୋଗେ ମାଟି ଖୋଳାଯାଇ ଚାଲାଣ ହେଉଛି। ଏହାର ତଦନ୍ତ ପାଇଁ ଦାବି ହେଉଛି। କେତେଜଣ ପ୍ରଭାବଶାଳୀ ଲୋକ ଅନାବାଦୀ ଜାଗାକୁ ନିଜ ନାମରେ ପଟ୍ଟା କରିସାରିଲେଣି। ଗୋପ ତହସିଲ ପ୍ରଶାସନ ପକ୍ଷରୁ ତଦାରଖ କରାଯାଇ ସରକାରୀ ଜମି ଫେରାଇ ଆଣିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




୨୫।୯।୨୦୨୫

| ୩,୩୨,୨୭୪ ଟଙ୍କା | |
|---|---|
| ସୁନା | ୪.୯୭୦ ଗ୍ରାମ୍ |
| ରୁପା | ୧୭୦.୪୮୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀମନ୍ଦିର ନିକଟରୁ ନକଲି ଗୁମାସ୍ତା ଗିରଫ

-ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ସେବକ ଘର ପିଲାଙ୍କୁ ସାମାଜିକ ଗଣମାଧ୍ୟମରେ ଗାଳିଗୁଲଜ ଓ ଧମକଚମକ ଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ନକଲି ଗୁମାସ୍ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ପଞ୍ଚମ ଲେନ୍‌ର ଦିଲୀପ କୁମାର ତ୍ରିପାଠୀ (୪୪)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଦିଲୀପ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୁରୀ ସେବକ ଘର ପିଲାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେବାର ଭିଡ଼ିଓ ଛାଡ଼ିଥିଲେ। ସେ ନିଜକୁ ଜଣେ ଗୁମାସ୍ତା ବୋଲି ପରିଚୟ ଦେଇ ଶ୍ରୀମନ୍ଦିର ପାଖରେ ରହୁଥିଲେ। ବାହାରୁ ଆସୁଥିବା ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ସୁବିଧା କରାଇଦେବାକୁ କହି ଟଙ୍କା ଆଦାୟ କରୁଥିଲେ। ସେ ନିୟମିତ ନିଜ ଅର୍ଥ ରୋଜଗାର ପାଇଁ ଏଭଳି ବେଆଇନ କାର୍ଯ୍ୟ କରୁଥିଲେ। ତେବେ ତାଙ୍କ ଅପରାଧ ତାଲିକା ଖୋଳତାଡ଼ ପରେ ସେ ବାସେଳିସାହି ଥାନା ଅଞ୍ଚଳରେ ଛିନ୍‌ତାଇ, ଆକ୍ରମଣ ଓ ଗଣବଳାତ୍କାର ଘଟଣା ସହ ଜଡ଼ିତ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି।

### ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଚର୍ଚ୍ଚା

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଉପରେ ଗୁରୁବାର ସନ୍ଧ୍ୟାରେ ଡ୍ରୋନ୍ ଉଡ଼ିଥିବା ନେଇ ବିଭିନ୍ନ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ମନ୍ଦିର ଆଖପାଖରେ ଏକ ଡ୍ରୋନ୍ କିଛି ସମୟ ଧରି ଚକ୍କର ମାରିଥିବାବେଳେ ଏହି ସମୟରେ ଗୋଟିଏ ଏରୋପ୍ଳେନ ମଧ୍ୟ ଆକାଶରେ ଯାଉଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ତାହା ଏକ ଏରୋପ୍ଳେନ୍ ଥିଲା ଏବଂ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ କୌଣସି ଡ୍ରୋନ ଉଡ଼ି ନ ଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଗତ ରଥଯାତ୍ରା ସମୟରେ ପ୍ରଶାସନ ପକ୍ଷରୁ ଆଣ୍ଟି ଡ୍ରୋନ ସିଷ୍ଟମ ବ୍ୟବହାର କରାଯାଇଥିଲା। ସବୁ ସମୟ ପାଇଁ ଆଣ୍ଟି ଡ୍ରୋନ ସିଷ୍ଟମ କରାଯିବାକୁ ଭକ୍ତ ଓ ସେବାୟତଙ୍କ ପକ୍ଷରୁ ଦାବିହୋଇ ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଇନାହିଁ।

# ହବିଷିଆଳି ବ୍ରତ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବନି

## ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ କଡ଼ା ଚେତାବନୀ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷର ହବିଷିଆଳି ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୭ରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ। ରାଜ୍ୟର ବିଭିନ୍ନ ସ୍ଥାନରୁ ମା'ମାନେ ହବିଷ ପାଳନ ପାଇଁ ପୁରୀ ଆସିବେ। ତେଣୁ ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଗୁରୁବାର ଅପରାହ୍ନରେ ଟାଉନ ହଲରେ ହବିଷ୍ୟାଳି ବ୍ରତ ପାଇଁ ନିୟୋଜିତ ହେବାକୁ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ପରିଡ଼ା ଯୋଗଦେଇ କହିଥିଲେ, ପବିତ୍ର ମାସ କାର୍ତ୍ତିକରେ ମା'ମାନେ ଶ୍ରୀକ୍ଷେତ୍ର ଧାମରେ ରହି ଏକ ମାସ ବ୍ରତ ଓ ତପ କରିବାର ମାନସିକତା ନେଇ ଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ



ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଉଛନ୍ତି।

ପ୍ରଶାସନର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ଶୃଙ୍ଖଳିତ ଭାବେ କରିବାର ବ୍ୟବସ୍ଥା କରାଯାଇଛି। ତେଣୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଅତ୍ୟନ୍ତ ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ। ମା'ମାନେ ମାସ ସାରା ବ୍ରତ କରି ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ କୌଣସି ଅସୁବିଧା ନ ହୁଏ, ଏଥିପାଇଁ ଆମେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେବା ସହ ହବିଷବ୍ରତ କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାଇ ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ହବିଷ୍ୟାଳି ମା'ମାନଙ୍କ ଆଗମନ ପରେ ହବିଷିଆଳି କେନ୍ଦ୍ର ଅନୁସାରେ ପଞ୍ଜୀକରଣ, ସେମାନଙ୍କୁ ପରିଚୟପତ୍ର ପ୍ରଦାନ, ସ୍ୱେଚ୍ଛାସେବୀମାନଙ୍କ ସହ ସମନ୍ୱୟ ରକ୍ଷା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିବେକାନନ୍ଦ ସାହୁ, ସହଦେବ ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ।





ପୁରୀ: ଗୁରୁବାର ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ ବନଦୁର୍ଗା ବେଶ। ମା' ବାସେଳୀ ଠାକୁରାଣୀଙ୍କ ମହିଷମର୍ଦ୍ଦିନୀ ବେଶ। (ଫଟୋ-ଯଜ୍ଞେଶ୍ୱର)

## ମଣ୍ଡଳସ୍ତରୀୟ ଭଲିବଲ୍: ୨୪ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

ସାକ୍ଷୀଗୋପାଳ,୨୫।୯

(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ମଣ୍ଡଳସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ବୁଧବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪ ଜୋନ୍‌ରୁ ୯୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। କ୍ରୀଡ଼ାମଣ୍ଡଳ ସଭାପତି ତଥା ମଣ୍ଡଳ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସତ୍ୟବାଦୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ମଣ୍ଡଳ କ୍ରୀଡ଼ା ସମ୍ପାଦକ ସୁଚିତ୍ରା ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରେ ପଶି ଆକ୍ରମଣ ଅଭିଯୋଗରେ ୨ ଗିରଫ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିବା ଅଭିଯୋଗରେ ବାସେଳୀସାହି ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗନ୍ନାଥ ବସ୍ତିର ପପୁନି ଜେନା ଓ ଚନ୍ଦନ ଦଳାଇ। ଏନେଇ ଏକ କେସ୍ (ନଂ.୧୯୦/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଠାରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୩ ତାରିଖ ରାତିରେ ଜଗନ୍ନାଥ ବସ୍ତିର ମୁନା ପଣ୍ଡା, ଚନ୍ଦନ ଭୋଇ ଏବଂ ସହଯୋଗୀମାନେ ମାରଣାସ୍ତ୍ର ଧରି ସୀତା ନାୟକଙ୍କ ଘରେ ପଶି ପୁଅ ଭୀମାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଭୀମାଙ୍କୁ ରକ୍ଷା କରିବାକୁ ପରିବାର ଲୋକେ ଦୌଡ଼ିଯିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ବାଧାଦେବା ସହ ହତ୍ୟା ଧମକ ଦେଇଥିଲେ। ପରେ ସୀତାଙ୍କ ଏତଲା କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ନିମାପଡ଼ା ଉପଖଣ୍ଡ ଅଞ୍ଚଳରେ ୩୦ ଧାରା ଜାରି

ନିମାପଡ଼ା,୨୫।୯(ବିଚିତ୍ରାନନ୍ଦ ସାହୁ)

ଚଳିତ ପାର୍ବଣ ଋତୁ ଅବସରରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଥାନା ଓ ପୌରାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୩୦ଧାରା ଜାରି କରାଯାଇଥିବା ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଏହି ୩୦ଧାରା ୩ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ପ୍ରଶାସନର ବିନା ଅନୁମତିରେ କୌଣସି ସଭା ସମିତି, ଶୋଭାଯାତ୍ରା, ଡାକବାଜି ଯନ୍ତ୍ର ବ୍ୟବହାର ଉପରେ କଡ଼ା କଟକଣା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନସ୍ଥ ନିମାପଡ଼ା, ଗୋପ, କୋଣାର୍କ, ଚାରିଛକ, କାକଟପୁର, ଅସ୍ତରଙ୍ଗ, କୋଣାର୍କ ମେରାଇନ୍, ଅସ୍ତରଙ୍ଗ ମେରାଇନ ଆଦି ୯ଟି ଥାନା ଅଞ୍ଚଳରେ ଜିଲା ଏସ୍‌ପି ପ୍ରତୀକ ସିଂ ଓ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି।

ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନସ୍ଥ ୯ଟି ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଫେରାର୍ ଥିବା ୱାରେଣ୍ଟିମାନଙ୍କୁ ଗିରଫ କରାଯିବା, ଚୋରା ନିଶାକାରବାରକୁ ଦୃଢ଼ ଭାବେ ପ୍ରତିହତ କରାଯିବା, ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ନିଶାସେବନ କରୁଥିବା ନିଶାଡ଼ିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା, ବେଆଇନ ଭାବେ ବାଣତିଆର କରୁଥିବା ଓ ବାଣ ବିକ୍ରେତାମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ରାତିରେ ନାକାବନ୍ଦୀ ଓ ଯାନବାହନ ଯାଞ୍ଚ କରାଯିବା ଦିଗରେ ନିମାପଡ଼ା ପୋଲିସ ଉପଖଣ୍ଡ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ନିମାପଡ଼ା ଉପଖଣ୍ଡ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି। ଅପରାଧ ଦମନ ଓ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓ ଉପରୋକ୍ତ ପଦକ୍ଷେପ ସମ୍ପର୍କରେ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିମାପଡ଼ା ଏସ୍‌ଡିପିଓ ପାଢ଼ୀ ଉପଖଣ୍ଡ ଅଧୀନସ୍ଥ ୯ଟି ଥାନା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ପୋଲିସ ପ୍ରଶାସନର କଡ଼ା ନିର୍ଦ୍ଦେଶ ଓ ଆଇନକୁ ଉଲ୍ଲଂଘନ କଲେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ପାଢ଼ୀ କହିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିରେ କଳା, କ୍ରୀଡ଼ା ଶିକ୍ଷକଙ୍କ ପଦଯାତ୍ରା

ପିପିଲି,୨୫।୯(ପ୍ରଭାତ କୁମାର ମହାପାତ୍ର)

ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା କଳା ଓ କ୍ରୀଡ଼ା ମହାସଂଘ ପକ୍ଷରୁ ଶିକ୍ଷକମାନଙ୍କ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ପାଣ୍ଡବ ବିଶିଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ,ଶିକ୍ଷକ ଗତ ୨୩ ତାରିଖଠାରୁ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରି ଭୁବନେଶ୍ୱର ମୁଖ୍ୟମନ୍ତ୍ରୀ ନିବାସ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପଦଯାତ୍ରାରେ ପୁରୀ ଜିଲାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କଳା ଓ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକମାନେ ସାମିଲ୍ ହୋଇଥିଲେ। ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟରେ ଠିକାନିଯୁକ୍ତିକୁ ଘୃଣ୍ୟ ବୋଲି କହି ସେମାନଙ୍କୁ ସରକାର ସ୍ଥାୟୀ ନିଯୁକ୍ତି କରିବା ପାଇଁ ଦାବି କରିଥିଲେ। ଏହି ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଦଯାତ୍ରା କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଶ୍ଚିତ ସମସ୍ତ ଦାବିପୂରଣ କରିବେ ବୋଲି ସଭାପତି ପାଣ୍ଡବ ବିଶି କହିଛନ୍ତି। କାର୍ଯ୍ୟକ୍ରମରେ ମହାସଂଘର ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା, ସଦସ୍ୟ ରଘୁନାଥ ସାମଲ, ସ୍ମୃତି ପ୍ରସାଦ ପ୍ରଧାନ, ରଶ୍ମିରଞ୍ଜନ ଡାହାଣୀ ଓ ରଘୁନାଥ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିକାଶ



@ ବୁବୁ



@ ସୀମାରାଣୀ



@ ମାନସ




@ ଶୈଳେନ୍ଦ୍ର



@ ଅତୁଲ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଲି କଲେଜ ଅଧ୍ୟକ୍ଷଙ୍କୁ ଭେଟିଲା ଏବିଭିପି

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ପିପିଲି,୨୫।୯(ପ୍ରଭାତ କୁମାର ମହାପାତ୍ର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପିପିଲି ନଗର ସଙ୍ଗଠନ ପିପିଲି ମହାବିଦ୍ୟାଳୟ କ୍ୟାମ୍ପସ ୟୁନିଟ୍‌ର କାର୍ଯ୍ୟକର୍ତ୍ତାଙ୍କୁ ନେଇ କଲେଜର ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ସମସ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ସମସ୍ୟା ଓ କଲେଜ ବିକାଶ ତଥା ନିର୍ବାଚନ ସମ୍ବଳିତ ଏକ ଦାବିପତ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଉ, ଖାଲି ପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଯଥା ଶୀଘ୍ର ପୂରଣ କରାଯାଉ, କ୍ୟାମ୍ପସ ପାଇଁ ଚାରିପଟେ ବାଡ଼ ଆବଶ୍ୟକ। କଲେଜର ଉପଯୁକ୍ତ ପରିମଳକରଣ ସହିତ ପୁଅ ଏବଂ ଝିଅ ଉଭୟଙ୍କ ପାଇଁ ସଫା ଶୌଚାଳୟ ଏବଂ କମନ୍ ରୁମ ଆବଶ୍ୟକ, ଖାଲି ପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଯଥାଶୀଘ୍ର ପୂରଣ କରାଯାଉ ବୋଲି କଲେଜ ଅଧ୍ୟକ୍ଷଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏବିଭିପି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏବିଭିପି ପିପିଲିର ନଗର ସମ୍ପାଦକ ସୋମନାଥ ମହାନ୍ତି ଏବଂ କ୍ୟାମ୍ପସ ୟୁନିଟ ସଭାପତି ଓ ସମ୍ପାଦକ ଯାଇ କଲେଜ ଅଧ୍ୟକ୍ଷଙ୍କୁ ଭେଟିଥିଲେ। କଲେଜ ଅଧ୍ୟକ୍ଷ ଏହି ଦାବିପତ୍ରକୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଶିକ୍ଷା ବିଭାଗ ଜରିଆରେ ଉପରସ୍ଥ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରି ଉଚିତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କ୍ୟାମ୍ପସର ଏହି ସବୁ ଦାବି ଯଦି ଯଥାଶୀଘ୍ର ପୂରଣ କରା ନ ଗଲେ ଆଗାମୀ ଦିନରେ ଏବିଭିପି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ମଧ୍ୟ ଚେତାବନୀ ଦେଇଛି।



ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପିପିଲି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଏବିଭିପିର କାର୍ଯ୍ୟକର୍ତ୍ତା ଓ ଛାତ୍ରୀଛାତ୍ର।

# କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଭବିଷ୍ୟତ ରହିଛି

- ଜିଲାସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ
- ଯୋଗଦେଲେ ୧୦ ବ୍ଲକର ୨୦୪ ଛାତ୍ରୀଛାତ୍ର

ଗୋପ,୨୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

 କ୍ରୀଡ଼ା କେବଳ ଶାରୀରିକ ଗଠନ ଓ ଶିକ୍ଷା କ୍ଷେତ୍ରରେ ସଫଳତା ଆଣି ନ ଥାଏ। କ୍ରୀଡ଼ା ହେଉଛି ଭବିଷ୍ୟତ ଗଠନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଆଗକୁ ନେଇଥାଏ ବୋଲି ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏପରି ସୂଚନା ଦେଇଥିଲେ। ଏହି ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ସିନିୟର୍ ଓ ଜୁନିୟର ବିଭାଗରେ ପୁରୀ ଜିଲାର ୧୦ଟି ବ୍ଲକର ୨୦୪ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଖେଳାଳିମାନେ ଶପଥପାଠ କରୁଛନ୍ତି।

ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଡିଓ ଛବିରାଣୀ ସାହୁ, ବିଶିଷ୍ଟ ବ୍ୟକ୍ତି ଭାବେ ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଓଷ୍ଟାର ଜିଲା ସମ୍ପାଦକ ବିଭୂଦତ୍ତ ନାୟକ, ବରିଷ୍ଠ ଶିକ୍ଷକ ରାମକୃଷ୍ଣ ମହାନ୍ତି, ରମାକାନ୍ତ ସେଠୀ, ମହେନ୍ଦ୍ର କୁମାର ପାଢ଼ୀ, ଶୁଭ୍ରଜିତ୍ ନାୟକ, କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ରାୟଙ୍କ ସମେତ ଅନ୍ୟ ବରିଷ୍ଠ ଶିକ୍ଷକ, କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏହି ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥିମାନେ ସିନିୟର୍ ଓ ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିବାଦନ ଗ୍ରହଣ କରିବାପରେ ପତାକା ଉତ୍ତୋଳନ କରି ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଖେଳକୁ ଜାତୀୟ ଭଲିବଲ୍ ରେଫ୍ରି ଶ୍ରୀକାନ୍ତ ନାୟକ, ବୀରବର ଭଞ୍ଜ, ସୂର୍ଯ୍ୟ ନାରାୟଣ ଜେନା, ରୋଶନ କୁମାର ସାହୁଙ୍କ ସମେତ ଅନ୍ୟ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରିଚାଳନା କରିଥିଲେ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଓ ଅନୁପମା ସାହୁ ମଞ୍ଚ ପରିଚାଳନା କରିଥିଲେ।

**ଟାଙ୍କିରୁ ଗାଈକୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ**

ତ୍ରିଶୂଳିଆ, (ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ଼ ଗାଁସ୍ଥିତ ୟୁ.ପି ସ୍କୁଲ ପରିସରରେ ଥିବା ଏକ ମଇଳା ଟାଙ୍କିରୁ ଅଗ୍ନିଶମ ବାହିନୀ ଗୁରୁବାର ଏକ ଗାଈକୁ ଉଦ୍ଧାର କରିଛି। ପ୍ରକାଶ ଯେ, ଅପରାହ୍ନରେ ଗାଈଟି ସ୍କୁଲ ପରିସରରେ ଥିବା ସ୍ୱିପ୍ଟ ଟାଙ୍କିରେ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଗାଈଟିକୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ଏନେଇ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଫଳରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ବିଭାଗ ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଟାଙ୍କି ଭିତରୁ ଗାଈଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

# ୮୦ଲିଟର ଦେଶୀ ମଦ ଜବତ, ୨ଗିରଫ

ବାରଙ୍ଗ, ୨୫।୯ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଓ ଗୋଡିସାହିଫାଣ୍ଡି ପୋଲିସ ମିଳିତଭାବେ ଏକ ବାଇକ ସହ ୮୦ଲିଟର ଦେଶୀମଦ ଜବତ କରିଛି। ଏହି ଅଭିଯୋଗରେ ଗୁରୁବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ଦ୍ୱୟ ହେଲେ କଟକ ସଦର ଥାନା ଅଧୀନ ଶ୍ରୀକାରୁନ ଗ୍ରାମର ପ୍ରଶାନ୍ତ ଦାସ ଓ ମଣ୍ଟୁ ଖୁଣ୍ଟିଆ। ଏନେଇ ପୋଲିସ ମାମଲା (ନଂ.୫୨୯/୨୫) ରୁଜୁ କରିଛି।

ସୂଚନାଯୋଗ୍ୟ, ବିଳମ୍ବିତ ରାତିରେ ଉଭୟ ପୋଲିସ ମିଳିତଭାବେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଆଠଗଡ ପଟୁ ବାରଙ୍ଗ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ନଂ. ଓଡି୦୫ -ଏଜି -୦୪୭୬)କୁ ପୋଲିସ ଅଟକାଇଥିଲା। ପରେ ଗାଡ଼ିଟିକୁ ଯାଞ୍ଚ କରିବାରୁ ସେଥିରୁ ୪ଟି ବ୍ଲାଡରରେ ଥିବା ଦେଶୀମଦ ପୋଲିସ ଜବତ କରିଛି।

# 'କଳିଙ୍ଗ ହର୍ବସ୍' ବ୍ରାଣ୍ଡରେ ବିକ୍ରି ହେବ ଔଷଧୀୟ ଉତ୍ପାଦ

**ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ**

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ (ଏସ୍ଏମ୍ପିବି)ର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରି କହିଲେ, ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ଓଡ଼ିଶାର ସମୃଦ୍ଧ ଔଷଧୀୟ ପାରମ୍ପରିକତାକୁ ସୁରକ୍ଷା କରିବା ସହିତ ଏହାକୁ ଗ୍ରାମୀଣ ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ସହଭାଗୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ପାଇଲଟ୍ ଭାବେ ପ୍ରଥମ ବର୍ଷର ପାଣ୍ଠି ଓଡ଼ିଶା ବନାଞ୍ଚଳ ଉନ୍ନୟନ ବିକାଶ ସମିତି (ଓଏଫ୍ଏସ୍‌ଡିଏସ୍) ମାଧ୍ୟମରେ ସମ୍ପ୍ରସାରଣ କରାଯିବ। ଦ୍ୱିତୀୟ ବର୍ଷଠାରୁ


ବୈଠକରେ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଅଧିକାରୀମାନେ।

ଏହି କାର୍ଯ୍ୟକ୍ରମକୁ ଆୟୁଷ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ମାଧ୍ୟମରେ ସମ୍ପ୍ରସାରଣ କରାଯିବ। ସେହିପରି ବୈଷୟିକ ସହଯୋଗକୁ ମଜଭୁତ କରିବା ପାଇଁ ନଭେମ୍ବର ପ୍ରଥମ ସପ୍ତାହରେ ଏଫ୍ଆର୍ଏଲ୍ଏଚ୍‌ଟି ବେଙ୍ଗାଲୁରୁ, ଆଇଆର୍ଏମଏ ଆନନ୍ଦ ଏବଂ ଏମ୍ଏସ୍ଏସ୍ଆର୍ଏଫ୍ ଚେନ୍ନାଇ ସହିତ ଏମ୍ଓୟୁ ସ୍ୱାକ୍ଷର ହେବ। ଏହି ପଦକ୍ଷେପ ଅଧୀନରେ ବିକଶିତ ଉତ୍ପାଦଗୁଡିକ ରାଜ୍ୟର ନୂତନ ହର୍ବାଲ ବ୍ରାଣ୍ଡ 'କଳିଙ୍ଗ ହର୍ବସ' ବ୍ରାଣ୍ଡ ନାମରେ ବିପଣନ କରାଯିବ। ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ପିଆର୍‌ସି ଭୁବନେଶ୍ୱରରେ ଏସ୍ଏମ୍ପିବି ଉତ୍ପାଦର ବିପଣନ କେନ୍ଦ୍ର ସ୍ଥାପନ କରିବାକୁ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାରମ୍ଭରେ ଏସ୍ଏମ୍ପିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଭି. କାର୍ତ୍ତିକ ପିପିଟି ମାଧ୍ୟମରେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ପଞ୍ଚବାର୍ଷିକ ଭିଜନ ପ୍ଲାନ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର୍ ଅଫ୍ ଫରେଷ୍ଟ ତଥା ହେଡ ଅଫ୍ ଫରେଷ୍ଟ ଫୋର୍ସ ସୁରେଶ ପନ୍ତ, ପ୍ରଧାନ ବନ ସଂରକ୍ଷକ ଜି. ରାଜେଶ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋରଖ ୱାମନ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଭାରିଯାନ ଚଳାଚଳ କଟକଣା

ଭୁବନେଶ୍ୱର, ୨୫।୯ (ସତ୍ୟଜିତ୍ ରାଉତ)

**ଦୁର୍ଗାପୂଜା ପାଇଁ ଜାରି ହେଲା ଟ୍ରାଫିକ୍ ନିର୍ଦ୍ଦେଶନାମା**

ଦୁର୍ଗାପୂଜା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସହର ମଧ୍ୟରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଅପରାହ୍ନ ୨ଟାରୁ ରାତି ୨ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରିପାରିବ ନାହିଁ। ଏହି କଟକଣା ୨୭ ତାରିଖରୁ ଅକ୍ଟୋବର ୨ପର୍ଯ୍ୟନ୍ତ ରହିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ରସୁଲଗଡ଼ ଛକଠାରୁ ଲିଙ୍ଗିପୁର ଛକ ରାସ୍ତା ଓ ବାଣୀବିହାର ଛକଠାରୁ ଶିଶୁଭବନ ଛକ ରାସ୍ତାରେ ଭାରିଯାନ ଚଳାଚଳ ବାରଣ କରାଯାଇଛି। ସେହିପରି ଆଚାର୍ଯ୍ୟବିହାର ଛକଠାରୁ କଳିଙ୍ଗହସ୍ପିଟାଲ ଛକ ରାସ୍ତା, ଆଚାର୍ଯ୍ୟ ବିହାର ଛକଠାରୁ ନିୟୁ ଏୟାରପୋର୍ଟ ଛକ ରାସ୍ତା, ଜୟଦେବ ବିହାର ଛକଠାରୁ ନନ୍ଦନକାନନ ଛକରାସ୍ତା, ଜୟଦେବ ବିହାର ଛକଠାରୁ ରାଜଭବନ ଛକ ରାସ୍ତା, ସିଆର୍‌ପି ଛକଠାରୁ ପାୱାର ହାଉସ ଛକ ରାସ୍ତା, ଫାୟାର ଟ୍ରେନିଂ ସ୍କୁଲ ଛକ ଠାରୁ ଶିଶୁଭବନ ଛକ ରାସ୍ତା, ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଛକ ରାସ୍ତା ଓ ୧୬ ନଂ ଜାତୀୟ ରାଜପଥର ବରମୁଣ୍ଡାଠାରୁ ପଳାଶୁଣୀ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱର ସର୍ଭିସ୍ ରୋଡ଼ରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ତେବେ ଖୋର୍ଦ୍ଧା ପଟୁ କଟକ ଆଡ଼କୁ ଆସୁଥିବା ଭାରିଯାନଗୁଡିକ ଭୁବନେଶ୍ୱର ଆଡ଼କୁ ନ ଆସି ପିତାପଲ୍ଲୀ ଛକଠାରୁ ବାମ ମୋଡ଼ ନେଇ ଚନ୍ଦକା-ବାରଙ୍ଗ ରାସ୍ତା ଦେଇ ବାଲିକୁଦାଠାରେ ଏନ୍ଏଚ୍-୧୬ରେ ମିଶିବେ। କଟକ ପଟୁ ଖୋର୍ଦ୍ଧା ଆଡ଼କୁ ଆସୁଥିବା ଭାରିଯାନଗୁଡ଼ିକ ବାଲିକୁଦା ଛକ ଦେଇ ପିତାପଲ୍ଲୀଠାରେ ଜାତୀୟ ଏନ୍ଏଚ୍-୧୬ରେ ମିଶିବେ। ଆବଶ୍ୟକ ପଡ଼ିଲେ ପିତାପଲ୍ଲୀ ଛକ ଓ ବିରୂପା ବ୍ରିଜ୍‌ଠାରୁ ଭାରିଯାନଗୁଡ଼ିକର ଚଳାଚଳ ମଧ୍ୟ ନିଷେଧ କରାଯାଇପାରିବ। ତେବେ ନୟାପଲ୍ଲୀ ରାବଣ ପୋଡ଼ି ସମୟରେ ଏନ୍ଏଚ୍-୧୬ ଦେଇ କଟକ ପଟୁ ଆସୁଥିବା ଭାରିଯାନ ବ୍ୟତୀତ ସମସ୍ତ ଗାଡ଼ି ଜୟଦେବ ବିହାରଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ବେହେରା ସାହି, ପାୱାର ହାଉସ ଏବଂ ୟୁନିଟ-୮ ଡିଏଭି ସ୍କୁଲ ଛକ ଦେଇ ସିଆର୍‌ପି ଛକ ଆଡ଼କୁ ଯିବ। ସେହିପରି ସମସ୍ତ ଗାଡ଼ି ସିଆର୍‌ପି ଛକଠାରୁ ଏକାମ୍ର କାନନ ରାସ୍ତା, ବିଜୁ ପଟ୍ଟନାୟକ କଲେଜ ରାସ୍ତା ଦେଇ ଜୟଦେବ ବିହାର ଆଡ଼କୁ ଯିବ। ପୁରୀ ପଟୁ ବରମୁଣ୍ଡା ଆଡ଼କୁ ଆସୁଥିବା ବସ୍‌ଗୁଡ଼ିକ ଲିଙ୍ଗିପୁର ଛକଠାରୁ ପାଣ୍ଡରା ଛକ, କେଶୁରା ଛକ ଓ ହାଇଟେକ୍ ଛକ ଦେଇ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଯିବ। ବରମୁଣ୍ଡା ପଟୁ ପୁରୀ ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ସମାନ ରାସ୍ତାରେ ଯିବ। କୌଣସି ପ୍ରକାର ବସ୍ ସହର ମଧ୍ୟକୁ ଛଡ଼ାଯିବ ନାହିଁ। ପୁରୀ ପଟୁ କଟକ ଆଡ଼କୁ ଯାଉଥିବା ବସ୍‌ଗୁଡ଼ିକ ଲିଙ୍ଗିପୁର ଛକ ଦେଇ ବାଇପାସ୍ ରୋଡରେ ଯିବ। କଟକ ପଟୁ ପୁରୀ ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ବାଇପାସ ରୋଡ ଦେଇ ଯିବ। ମାଷ୍ଟର କ୍ୟାଣ୍ଟିନ୍ ବସ୍ ଷ୍ଟାଣ୍ଡରୁ କୌଣସି ବସ୍ ବାଣୀବିହାର ଛକ କିମ୍ବା ରବି ଟକିଜ୍ ଛକ ଆଡ଼କୁ ଯାଇପାରିବ ନାହିଁ। ଉକ୍ତ ଗାଡ଼ିଗୁଡ଼ିକ କଟକଣା ନ ଥିବା ସମୟରେ ରାମ ମନ୍ଦିର ଛକ ଦେଇ ହାଉସିଂ ବୋର୍ଡ ଛକ ହୋଇ ଆଚାର୍ଯ୍ୟ ବିହାର ଛକ ରାସ୍ତାକୁ ବାହାରିବ।

# ବାଣ କାରଖାନାରେ ଚଢ଼ାଉ, ଜଣେ ଗିରଫ

ତ୍ରିଶୂଳିଆ/ବାରଙ୍ଗ, ୨୫।୯ (ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ଜୟପୁର ଗ୍ରାମରୁ ପୋଲିସ ଏକ ବେଆଇନ ବାଣ କାରଖାନା ଉପରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ସହ ବ୍ୟବହୃତ ସାମଗ୍ରୀ ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିଛି। ଘଟଣାରେ ପୋଲିସ କାରଖାନା ମାଲିକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ବାପି ମଲ୍ଲିକ। ଏନେଇ ପୋଲିସ ମାମଲା (ନଂ. ୫୨୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଆତସବାଜି ବିକ୍ରି, ବାଣ ପ୍ରସ୍ତୁତ ଓ ଫୁଟାଇବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଡ଼ା କଟକଣା ଲଗାଇଛନ୍ତି। ମାତ୍ର ଉକ୍ତ ଗ୍ରାମରେ ବେଆଇନ ବାଣ କାରଖାନା ଚଳାଇଥିବା ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏନେଇ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଣ ତିଆରି ପାଇଁ ରଖାଯାଇଥିବା ବାରୁଦ ସହ ବିଭିନ୍ନ ପ୍ରକାରର ବାଣ ସରଞ୍ଜାମକୁ ପୋଲିସ ଜବତ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ସଲ୍‌ଫର ୪୫ କେଜି, ପଟାସିୟମ ୨୫କେଜି, ଚାରକୋଲ ୪୦ କେଜି, ସୁତୁଲି ୧୦କେଜି, ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଫାୟରବଲ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ବାପିଙ୍କୁ ଗିରଫ କରିଥିବା ବେଳେ ତାଙ୍କର ଅନ୍ୟ ସହଯୋଗୀ ଘଟଣାସ୍ଥଳରୁ ଖସି ପଳାଇଥିଲେ।

# ମୂର୍ତ୍ତି କାରିଗର ବଟକୃଷ୍ଣ ମହାପାତ୍ରଙ୍କୁ 'ମହାଦେବୀ ସମ୍ମାନ'



ମହୋତ୍ସବରେ ଅତିଥିମାନେ ସ୍ମରଣିକା 'ମହାଦେବୀ' ଉନ୍ମୋଚନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, (ସୁବାସ ଚନ୍ଦ୍ର ପ୍ରଧାନ)/ ବାଲକାଟୀ, ୨୫।୯ (ମନୋଜ ମଣ୍ଡଳ)

**ଏକାମ୍ର ଦୁର୍ଗା ମହୋତ୍ସବ**

ଲୁଇସ୍‌ରୋଡସ୍ଥିତ କେଦାରଗୌରୀ ରସର୍ଟଠାରେ ଗୁରୁବାର 'ଏକାମ୍ର ଦୁର୍ଗା ମହୋତ୍ସବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ଓଟିଡିସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ସାହୁ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ, ବକ୍ତି ଜଗବନ୍ଧୁ ବିଦ୍ୟାଳୟର ସମ୍ପାଦକ ପ୍ରତାପ ଜେନା, ଦେବଯୁଗ ପରିବାର ଅଧ୍ୟକ୍ଷ ଦେବବ୍ରତ ନାୟକ, ଅଞ୍ଚଳ ବଡୁ, ସାମାଜିକ କର୍ମୀ ରବୀନ୍ଦ୍ର ପାତ୍ର, କର୍ପୋରେଟର ସନ୍ତୋଷ ସିଂ, ରାମ ଚନ୍ଦ୍ର ରଣସିଂ, ଅଜିତ ବେହେରା, ରୂପେଶ ନାୟକ, ଶିବନାରାୟଣ ରାୟ, ପୂର୍ବତନ କର୍ପୋରେଟର ବନ୍ଦନା ସାହୁ, ପ୍ରସନ୍ନ ଦଳେଇ, କୃଷ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ମହୋତ୍ସବ ଏକାମ୍ର ଭୁବନେଶ୍ୱରର ସମସ୍ତ ପୂଜା କମିଟି ମଧ୍ୟରେ ଭାଇଚାରା ସୃଷ୍ଟି କରିବ ବୋଲି ଅତିଥିମାନେ ମତବ୍ୟକ୍ତ ରଖିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଧୀରେନ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ମହାଦେବୀ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ମୂର୍ତ୍ତି କାରିଗର ସେବାୟତ ବଟକୃଷ୍ଣ ମହାପାତ୍ରଙ୍କୁ 'ମହାଦେବୀ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଥିଲା। ଏକାମ୍ର ଭୁବନେଶ୍ୱରର ୫୦ଟି ଦୁର୍ଗା ପୂଜା, ହରପାର୍ବତୀ କମିଟିର କାର୍ଯ୍ୟକର୍ତ୍ତା ଓ ସାହି ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ସମର୍ଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ସଂଗ୍ରାମ କେଶରୀ ପାଇକରାୟ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଉପସଭାପତି ମଳୟ ମହାପାତ୍ର, ପ୍ରମୋଦ ମହାପାତ୍ର, ବିରଞ୍ଚି ନାରାୟଣ ମହାସୁପକାର, ଦେବୀ ପ୍ରସାଦ ନନ୍ଦ, ପ୍ରତାପ ସାହୁ, କବିରାଜ ସାଇଁ, ଯୁଗ୍ମ ସମ୍ପାଦକ ବାମଦେବ ଗଜେନ୍ଦ୍ର, ନୀହାର ରଞ୍ଜନ ସେଠୀ, ବିକ୍ରମ ସୁନ୍ଦରାୟ, ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ବଳରାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ପ୍ରତିକ ରାଜନୀତିରେ 'ଏଠି ସବୁ ଭୁଲ୍'


ଭଦ୍ରକର ନଟରାଜ୍ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଏଠି ସବୁ ଭୁଲ୍'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୨୫।୯ (ସୌମ୍ୟରଞ୍ଜନ ରାଉତ)

ଏଠି ସବୁ ଭୁଲ୍। ତୁ ଭୁଲ୍, ମୁଁ ଭୁଲ୍, ସମ୍ପର୍କ ଭୁଲ୍, ଆଉ ସବୁ ପରେ ମଧ୍ୟ ଅଧା ଲଙ୍ଗଳା ଦେବତା ଏଇ ଗାନ୍ଧୀ ବୁଢ଼ା ବି ମହାଭୁଲ୍ ଥିଲେ। ଏ ଥିଲା ସାମ୍ପ୍ରତିକ ରାଜନୀତିରେ ୩ ପ୍ରମୁଖ ଦଳରେ ରାଜନୀତି କରୁଥିବା ୩ ପୁଅଙ୍କ ବାପାର ଅଭିମାନ ଆଉ ଅସହାୟତା। ବ୍ରିଟିଶ୍ ଲାଠି ପାହାରରେ ଲହୁ ଲୁହାଣ ହୋଇ ଦେଶକୁ ସ୍ୱାଧୀନ କରିଥିବା ଜଣେ ସ୍ୱାଧୀନତା ସଂଗ୍ରାମୀର ଅବସୋସ, ଆଉ ଅନ୍ତର୍ଦାହ। ସତରେ କ'ଣ ସାଂପ୍ରତିକ ରାଜନୀତି ଆମ ସମସ୍ତଙ୍କୁ ପରସ୍ପର ଆଗରେ ଭୁଲ୍ ମଣିଷ କରି ଛିଡ଼ା କରେଇଛି? ଆମମାନଙ୍କ ପାରିବାରିକ ଜୀବନ ଓ ସାମାଜିକ ଜୀବନରେ ସମ୍ପର୍କର ଅମୃତ କୁମ୍ଭ, ଭୁଲ୍ ବୁଝାମଣାର ପଥରମାଡ଼ରେ ଭାଙ୍ଗିରୁଜି ଖପରା ହୋଇଯାଇଛି। ସତରେ ଏଠି କ'ଣ ସବୁ ଭୁଲ୍। ଏପରି ଏକ ଭୁଲ୍ ବୁଝାମଣାକୁ ନେଇ ପରିବେଷିତ ହୋଇଛି ନାଟକ 'ଏଠି ସବୁ ଭୁଲ୍'। ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଚତୁର୍ଥ ଜାତୀୟ ନାଟ୍ୟ ମହୋତ୍ସବର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ଭଦ୍ରକର ନଟରାଜ୍ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଛନ୍ତି। ଅତିଥି ଭାବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ନାଟ୍ୟ ସଂଘ ଉପଦେଷ୍ଟା ଦେବାନନ୍ଦ ନାୟକ, ସଭାପତି ମନୋଜ କୁମାର ପଟ୍ଟନାୟକ, ସମ୍ପାଦକ ଶୁଭକାନ୍ତ ପାଢ଼ୀ ଓ କୋଷାଧ୍ୟକ୍ଷ ସୁଶୀଲ୍ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବିଡିଓଙ୍କ କାର ରଖିବାକୁ ନେଇ ଉତ୍ତେଜନା

ବାରଙ୍ଗ, ୨୫।୯ (ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ମିଶନଶକ୍ତି ମହିଳାମାନେ ଧାରଣାରେ ବସିଛନ୍ତି। ତେବେ ଗୁରୁବାର ବିଡିଓଙ୍କ କାର୍ ରଖିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ମହିଳାମାନେ ଛାତ ତଳେ ରଖାଯାଇଥିବା ବିଡିଓଙ୍କ କାର କାଢ଼ିବାକୁ କହିଥିଲେ। ମାତ୍ର କାର କଢ଼ା ନ ଯିବାରୁ ମହିଳାମାନେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ। ଫଳରେ କୌଣସି ବାଇକ୍ ଓ କାର ଭିତରକୁ ଯାଇପାରି ନ ଥିଲା କି ଭିତରେ ଥିବା ଗାଡି ବାହାରକୁ ଆସିପାରିନଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ୬ଦଫା ଦାବି ନେଇ ଗତ ୨୨ରୁ ମିଶନଶକ୍ତି ମହିଳାମାନେ ବିଭିନ୍ନ ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି। ଗୁରୁବାର ମହିଳାମାନେ ବାରଙ୍ଗ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଧାରଣାରେ ବସିଥିଲେ। ହଠାତ୍ ବର୍ଷା ହେବାରୁ କାର୍ଯ୍ୟାଳୟ ଆଗରେ ଛାତ ତଳେ ରଖା ଯାଇଥିବା ବିଡିଓଙ୍କ କାର କାଢ଼ିଲେ ବର୍ଷା ସମୟତକ ଧାରଣାରେ ବସିବେ ବୋଲି ମହିଳାମାନେ କାର୍ ଚାଳକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କାର ଚାଳକ ମହିଳାମାନଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ ଏବଂ ବର୍ଷାରେ ଧାରଣାରେ ବସିବାକୁ ପରାମର୍ଶ ଦେଇଥିଲେ, ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ସେମାନେ ବିଡିଓଙ୍କୁ ଯାଇ ତାଙ୍କ କାରକୁ ସାମୟିକ ଉକ୍ତ ଜାଗାରୁ କାଢ଼ିବାକୁ କହିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ତେଣୁ ସେମାନେ କାର୍ଯ୍ୟାଳୟ ସାମ୍ନା ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ ବୋଲି ଲକ୍ଷ୍ମୀପ୍ରିୟା ବେହେରା କହିଛନ୍ତି।

# ସ୍ୱଚ୍ଛତା ଦୈନନ୍ଦିନ ଜୀବନର ଏକ ବଡ଼ ଦାୟିତ୍ୱ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

**ସାମୂହିକ ସ୍ୱଚ୍ଛତା ଅଭିଯାନ**

ଦେଶବ୍ୟାପୀ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ କ୍ରମରେ ଗୁରୁବାର ଖାରବେଳ ଭବନ ପରିସରରେ ଗଣସଫେଇ କାର୍ଯ୍ୟକ୍ରମ 'ଏକ୍ ଦିନ୍ ଏକ୍ ଘଣ୍ଟା ଏକ୍ ସାଥ୍' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗଦେଇ କହିଲେ, ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହାକୁ ଆମେ ସମସ୍ତେ ନିଜ ଦୈନନ୍ଦିନ ଜୀବନରେ ଏକ ଦାୟିତ୍ୱ ଭାବେ ଗ୍ରହଣ କରିବା ଉଚିତ। 'ଏକ ଦିନ, ଏକ ଘଣ୍ଟା, ଏକ ସାଥ' ଭଳି ପଦକ୍ଷେପ ମାଧ୍ୟମରେ ଆମେ ସାମୂହିକ କାର୍ଯ୍ୟ ଏବଂ ନାଗରିକ ଦାୟିତ୍ୱର ମୂଲ୍ୟବୋଧକୁ ସୁଦୃଢ଼ କରୁଛୁ ବୋଲି ସେ ମତ ରଖିଥିଲେ। ଅଭିଯାନରେ ଭାଗ ନେଇଥିବା ପଦାଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ପରିସର ଏବଂ ଆଖପାଖ ଅଞ୍ଚଳରେ ସଫେଇ କରି ଏକ ସ୍ୱଚ୍ଛ କାର୍ଯ୍ୟସ୍ଥଳୀ ଏବଂ ପରିବେଶ ପ୍ରତି ସେମାନଙ୍କ ସାମୂହିକ ସଂକଳ୍ପକୁ ଦୋହରାଇଥିଲେ।

# ହାଇଟେକ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ଭୁବନେଶ୍ୱର, ୨୫।୯ (ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍ ପ୍ରେକ୍ଷାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗଦେଇ ବିଦ୍ୟାର୍ଥୀମାନେ ସରଳ ଜୀବନଯାପନ କରିବା ସହ ମାତାପିତାଙ୍କ ପ୍ରତି ଆଦର୍ଶବୋଧ ହୋଇ ସମାଜ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଡ୍ରଗ୍ କଣ୍ଟ୍ରୋଲର ଡ. ସୁଦର୍ଶନ ବିଶ୍ୱାଳ ଯୋଗଦେଇ ବିଦ୍ୟାର୍ଥୀମାନେ ଫାର୍ମାସୀର ଗୁଣବତ୍ତା ଏବଂ ତାହା ସମାଜରେ କିଭଳି କାର୍ଯ୍ୟ କରୁଛି, ତାହାର ଜ୍ଞାନ ଆହରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ହାଇଟେକ୍ କଲେଜ ଅଫ୍ ଫାର୍ମାସୀର ପ୍ରିନ୍ସିପାଲ ପ୍ରଫେସର ଡ. ପ୍ରସନ୍ନ କୁମାର କର ବିଦ୍ୟାର୍ଥୀଙ୍କ ମନଯୋଗୀ ଏବଂ ବିଦ୍ୟାନୁଭବତା ସେମାନଙ୍କ ଜୀବନକୁ ଆହୁରି ସୁଗମ କରିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡକ୍ଟର ରାକେଶ କୁମାର ପାଣିଗ୍ରାହୀ, ମଞ୍ଚାସୀନ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର, ଭାଇସ୍ ପ୍ରିନ୍ସିପାଲ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ, ଡିନ୍ ତଥା ନିର୍ଦ୍ଦେଶକ (ଏକାଡେମୀ) ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ଭାଇସ୍ ଚ୍ୟାନ୍‌ସେଲର ପ୍ରଫେସର ଡ. କୁମର ବର ଦାଶ, ଶଲ୍ୟ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ ଆଚାର୍ଯ୍ୟ, ଆର୍ ଏଣ୍ଡ ଡି ଅଧ୍ୟକ୍ଷ ଡ. ପୟୋଧର ପାଢ଼ୀ, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜର ଭାଇସ୍ ପ୍ରିନ୍ସିପାଲ ପ୍ରଫେସର ଡ. ବବିତା ସାହୁ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିମାନେ।



**ଧରାବତରଣ କରିବେ ମା'**

# ମା'ଙ୍କ ମେଲାଣି ପୂର୍ବରୁ ସିନ୍ଦୂର ଖେଳ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

**କଳିଙ୍ଗ ବିହାର ନଗର ଦୁର୍ଗାପୂଜା ସମିତି**



କଳିଙ୍ଗ ବିହାର ନଗର ଦୁର୍ଗାପୂଜା ସମିତି ଚଳିତ ବର୍ଷ ୧୬ ବର୍ଷରେ ପହଞ୍ଚିଛି। ଏଥର ନରୱେ କିଙ୍ଗ୍ କ୍ୟାସଲ୍ ମଡେଲର ଆକର୍ଷଣୀୟ ତୋରଣ ପ୍ରସ୍ତୁତ କରାଯାଉଛି। ଏହାର ଉଚ୍ଚତା ପ୍ରାୟ ୭୦ ଫୁଟ୍ ଥିବାବେଳେ ପ୍ରସ୍ଥ ପ୍ରାୟ ୬୦ ଫୁଟ୍ ରହିବ। ତୋରଣ ନିର୍ମାଣରେ ୪୦ରୁ ଊର୍ଦ୍ଧ୍ୱ ବଙ୍ଗୀୟ କାରିଗର ନିୟୋଜିତ ଅଛନ୍ତି। ମା' ଦୁର୍ଗାଙ୍କ ୧୫ ଫୁଟ ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତି ସହ ୨୦ ଫୁଟ୍ ଉଚ୍ଚତାର ମେଢ଼ ନିର୍ମାଣରେ କୁଶଳୀ ଶିଳ୍ପୀମାନେ ଵନିମଗ୍ନ ଅଛନ୍ତି। ସେହିପର ଜନ ସମାଗମକୁ ଦୃଷ୍ଟିରେ ରଖି ପୂଜାମଣ୍ଡପ ଓ ଆଖପାଖରେ ୧୦ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା ରହିଛି। ଏଥିସହ ଭିଡ଼ ନିୟନ୍ତ୍ରଣ ପାଇଁ ସମିତି ପକ୍ଷରୁ ପ୍ରାୟ ୫୦ ଜଣ ସ୍ୱେଚ୍ଛାସେବୀ ସହଯୋଗ କରିବେ। ତେବେ ୬ଷ୍ଠୀ ଦିନ ବେଲବରଣୀ, ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ ହେବ। ବିଜୟା ଦଶମୀ ଦିନ ଅପରାଜିତା ପୂଜା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏଠାରେ ମହିଳା ଶ୍ରଦ୍ଧାଳୁଙ୍କ ସିନ୍ଦୂର ଖେଳ ପରମ୍ପରା ବହୁବର୍ଷ ଧରି ପ୍ରଚଳିତ ହୋଇ ଆସିଥିବାରୁ ସ୍ଥାନୀୟ ଅଞ୍ଚଳର ଓଡ଼ିଆ ଓ ବଙ୍ଗୀୟ ମହିଳାମାନେ ମା' ଙ୍କ ମେଲାଣି ପୂର୍ବରୁ ସିନ୍ଦୂର ଖେଳରେ ସାମିଲ ହେବେ। ଏଥିସହ ୬ଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ଦୁର୍ଗାପୂଜା କରାଯିବ। ଆଖପାଖ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟାଠାରୁ ମୂର୍ତ୍ତି ଏବଂ ଭସାଣି ଉତ୍ସବ ପାଇଁ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ପାଖାପାଖି ୧୦ ଲକ୍ଷ ଟଙ୍କା ବଜେଟ ରଖାଯାଇଛି ବୋଲି ପରିଷଦ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

**ସବୁ ବର୍ଗର ଶ୍ରଦ୍ଧାଳୁ ସାମିଲ ହେବେ**



ରାଜଧାନୀ ଉପକଣ୍ଠରେ ହେଉଥିବା ଏହି ପୂଜାର ବଡ଼ ବିଶେଷତ୍ୱ ହେଉଛି ଏଠାରେ ବିହାର, ନଗର ଓ ଗାଁ ସବୁବର୍ଗର ଶ୍ରଦ୍ଧାଳୁ ସାମିଲ ହୋଇ ଧୁମଧାମରେ ପାଳିଥାନ୍ତି। ପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମହିଳାଙ୍କ ସୁରକ୍ଷା ଲାଗି ଆମ ସମିତି ସମ୍ପୂର୍ଣ୍ଣ ଯତ୍ନବାନ୍ ଓ ସଜାଗ ରହିବ।

-ରମାକାନ୍ତ ମହାପାତ୍ର, ସଭାପତି

**କଲୋନିବାସୀଙ୍କ ସହ ଗାଁ ମୁରବି ସହଯୋଗ କରୁଛନ୍ତି**



ଏଥର ପ୍ରଦୂଷଣମୁକ୍ତ ପୂଜା ଉପରେ ଗୁରୁତ୍ୱ ଦେଉଛୁ। ସ୍ଥାନୀୟ କଲୋନିବାସୀଙ୍କ ସହ ନିକଟସ୍ଥ ଗାଁଗୁଡ଼ିକର ମୁରବି ଓ ଯୁବବର୍ଗ ସହଯୋଗ କରିଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱେଚ୍ଛାସେବୀଙ୍କ ସହ ପୋଲିସ ମୁତୟନ ରହିବେ।

-ଶୁଭ୍ରାଂଶୁ ଶେଖର ମହାନ୍ତି, ସମ୍ପାଦକ

# ଶିକ୍ଷକ ଅଭାବ, ପାଠପଢ଼ା ବ୍ୟାହତ

**ଠଣାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

କଳାପଥର, ୨୫।୯ (ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତର ଠଣାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଦେଖାଦେଇଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ସୂଚନା ମୁତାବକ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ୍ ୧୨୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଜ୍ଞାନ ଶିକ୍ଷକ ସିଆର୍‌ସିସି ହେବା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେଇ ଅବସର ନେବା ପରେ ଏଠାରେ ଆଉ ଚାରି ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ତେବେ ଜଣେ ଶିକ୍ଷକ ସରକାରୀ ତାଲିମ କାର୍ଯ୍ୟରେ କିମ୍ବା ଅନ୍ୟ କେତେକ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ତିନି ଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି। ବିଜ୍ଞାନ ଶିକ୍ଷକ, ସ୍ଥାୟୀ ପ୍ରଧାନ ଶିକ୍ଷକ, ଅଷ୍ଟମ ଶ୍ରେଣୀ ପିଲାଙ୍କୁ ସଂସ୍କୃତ ଏବଂ ହିନ୍ଦୀ ପଢ଼ାଇବାକୁ କେହି ଶିକ୍ଷକ ନାହାନ୍ତି। ଫଳରେ ପାଠପଢ଼ା ବ୍ୟାହତ ହେଉଛି। ନୂତନ ଶିକ୍ଷକ ନିଯୁକ୍ତି ନେଇ ଅଭିଭାବକ ଏବଂ ସ୍ଥାନୀୟ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ତୁରନ୍ତ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି ଯେ, ଠଣାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏଠାରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ।






ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେଶନ ପରିସରରେ ଗୁରୁବାର ସ୍ୱଚ୍ଛତା ଉପରେ ରେଳ ମଣ୍ଡଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଲୋକଙ୍କୁ ସଚେତନ କରାଉଛନ୍ତି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

# ୨୧୭ ଦିବ୍ୟାଙ୍ଗଙ୍କୁ ମିଳିଲା ପ୍ରମାଣପତ୍ର

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ଖୋର୍ଦ୍ଧା, ୨୫।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୩୧୦ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୨୧୭ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରମାଣପତ୍ର ପାଇଥିବା ଦିବ୍ୟାଙ୍ଗମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ଦିବ୍ୟାଙ୍ଗ ଭତ୍ତା, ଋଣ ତଥା ବସ୍ ଓ ଟ୍ରେନରେ ରିହାତି ସୁବିଧା ପାଇପାରିବେ।

ବ୍ଲକର ୨୨ଟି ପଞ୍ଚାୟତ ଏବଂ ଖୋର୍ଦ୍ଧା ପୌର ପରିଷଦର ୨୨ଟି ୱାର୍ଡର ଦିବ୍ୟାଙ୍ଗମାନେ ଶିବିରରେ ଯୋଗଦେଇଥିଲେ। ୧୫୨ଜଣ ଶାରୀରିକ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିବା ବେଳେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ପରେ ୧୨୩ ଜଣଙ୍କୁ ପ୍ରମାଣପତ୍ର ଦିଆଯାଇଛି। ସେହିପରି ଦୃଷ୍ଟିବାଧିତ ଅକ୍ଷମ ୩୪ଜଣ ପଞ୍ଜୀକୃତ କରିଥିବା ବେଳେ ତନ୍ମଧ୍ୟରୁ ୨୬, ଶ୍ରବଣ ଓ ବାକ ଶକ୍ତି ପାଇଁ ୬୨ଜଣ ପଞ୍ଜୀକୃତ କରିଥିବା ବେଳେ ତନ୍ମଧ୍ୟରୁ ୨୮, ମାନସିକ ଅନଗ୍ରସର ୬୨ଜଣ ପଞ୍ଜୀକୃତ କରିଥିବା ବେଳେ ୪୦ଜଣଙ୍କୁ ପ୍ରମାଣପତ୍ର ପାଇଁ କମ୍ପ୍ୟୁଟରକରଣ କରାଯାଇଥିଲା। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ଡା.ସୟଦ ସାହରୁଗ ଅହମ୍ମଦ, ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଚନ୍ଦ୍ର ଶେଖର ପରିଡା, ଚକ୍ଷୁ ବିଭାଗ ଡା. ମମତାରାଣୀ ନାୟକ, ଡା.ସରୋଜ ରଞ୍ଜନ ନାୟକ, ଡା. ଆଲୋକ ଜ୍ୟୋତି ସାହୁ, ଡା. ଅମୃତ ସ୍ମୃତି ପାତ୍ର, ଡା.ଅୟସକାନ୍ତ ଶତପଥୀ, ଡା.ମଧୁସ୍ମିତା ପରିଡା, ଅଡିଓଲୋଜିଷ୍ଟ ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖ ପରୀକ୍ଷା କରିଥିଲେ। ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ଏବିଡିଓ ଦେବେନ୍ଦ୍ର ପ୍ରଧାନ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିଭୁ ପ୍ରସାଦ ସୁବୁଦ୍ଧି, ମନୋରଞ୍ଜନ ଜେନା ପ୍ରମୁଖ ପରିଚାଳନା କରିଥିଲେ।



ନବରାତ୍ରର ଚତୁର୍ଥ ଦିବସରେ ଗୁରୁବାର ଟାଙ୍ଗୀ ବ୍ଲକ୍ ରାଉତପଡ଼ା ପଞ୍ଚାୟତ ଅଧୀନ ମା’ ଉଗ୍ରତାରା ଏବଂ ରାମେଶ୍ୱର ପଞ୍ଚାୟତର ମା’ ବନଦୁର୍ଗା କୁଷ୍ମାଣ୍ଡ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

# ୨୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା, ୨୫।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ଜଟଣୀ ରାସ୍ତା ଗୋଶାଳା ପଡିଆରେ ଗୁରୁବାର ଅପରାହ୍ନରେ ଶିଳ୍ପାଞ୍ଚଳ ପୋଲିସ ଚଢ଼ାଉ କରି ୨୪.୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ୨ଜଣ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ମୁକୁନ୍ଦପ୍ରସାଦର ଆବିଦ ଖାନ(୩୪) ଏବଂ ସାଗର ବରାଳ(୨୮)। ଏଥିସହ ଅଭିଯୁକ୍ତଦ୍ୱୟଙ୍କ ଠାରୁ ୧୫ଶହ ଟଙ୍କା ଏବଂ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଛି ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି କହିଛନ୍ତି। ସୂଚନା ମୁତାବକ, ଅପରାହ୍ନରେ ଗୋଶାଳା ପଡ଼ିଆରେ କେତେଜଣ ଯୁବକ ଏକାଠି ହୋଇ ବ୍ରାଉନ୍‌ସୁଗାର ବେପାର ପାଇଁ ଯୋଜନା କରୁଥିବା ଖବରପାଇ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଜଣେ ଖସିଯାଇଥିବା ବେଳେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଧରାପଡ଼ିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୨୫/୨୫)ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ଉମେଶ କୁମାର ସାହୁ, ଏସ୍‌ଆଇ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଉଛନ୍ତି।

# ଯୌତୁକଜନିତ ବଧୂ ନିର୍ଯାତନା ମାମଲା: ଶାଶୁ, ନଣନ୍ଦଙ୍କୁ କାରାଦଣ୍ଡାଦେଶ

ବାଣପୁର, ୨୫।୯ (ଦିଲୀପ କୁମାର ସ୍ୱାଇଁ)

ଏକ ଯୌତୁକଜନିତ ବଧୂ ନିର୍ଯାତନା ମାମଲାର ରାୟ ଗୁରୁବାର ବାଣପୁର କୋର୍ଟରେ ପ୍ରକାଶ ପାଇଛି। ସହକାରୀ ଦୌରାଜଜ୍ ଅମରେଶ ମହାପାତ୍ର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ଶାଶୁଙ୍କୁ ଦେଢ଼ ବର୍ଷ ଓ ନଣନ୍ଦଙ୍କୁ ଏକ ବର୍ଷ କାରାଦଣ୍ଡାଦେଶ ସହ ଯଥାକ୍ରମେ ୧୦ହଜାର ଓ ୫ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ମାମଲା ବିବରଣୀ ଅନୁଯାୟୀ, ବାଣପୁର ଥାନା ଆଙ୍କୁଲା ପଦର ଗ୍ରାମର ନିରଞ୍ଜନ ପ୍ରଧାନ ଓରଫ ବୁଲୁ ୨୦୧୨ ମସିହାରେ ନିକଟ ବଡ଼ସିରେଇପୁର ଗ୍ରାମର ବିକ୍ରମ ପ୍ରଧାନଙ୍କ ଝିଅ ବବିତାଙ୍କୁ ବିବାହ କରିଥିଲେ। ବାହାଘର ସମୟରେ ବରଘର ଦାବି ମୁତାବକ ୨ଲକ୍ଷ ଟଙ୍କା ଯୌତୁକରୁ ଝିଅ ଘର ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ବଳକା ୫୦ ହଜାର ଟଙ୍କା ପଛେ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବବିତାଙ୍କ ବାପଘର ବକେୟା ଟଙ୍କା ଦେଇପାରି ନ ଥିଲେ। ତେଣୁ ବାପଘରୁ ୫୦ହଜାର ଟଙ୍କା ଆଣିବା ପାଇଁ ସ୍ୱାମୀ ବୁଲୁଙ୍କ ସମେତ ଶାଶୁ ସୁଷମା ଓ ନଣନ୍ଦ ସାବିତ୍ରୀ ପାଲଟାସିଂହ ବିଭିନ୍ନ ସମୟରେ ବବିତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଟଙ୍କା ନ ମିଳିବାରୁ ୨୦୧୬ରେ ଶାଶୁଘର ଲୋକେ ବବିତାଙ୍କୁ ଘରୁ ବାହାର କରିଦେଇଥିଲେ। ଏନେଇ ବବିତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ବିଚାର ବିଭାଗୀୟ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିଥିଲା। ବାଣପୁର ସହକାରୀ ଦୌରାଜଜ୍ ଅମରେଶ ମହାପାତ୍ର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଭାରତୀୟ ଦଣ୍ଡ ସଂହିତାର ୪୯୮(କ) ଦଫାରେ ଉଭୟ ଶାଶୁ ଓ ନଣନ୍ଦଙ୍କୁ ଏକ ବର୍ଷ ଲେଖାଏ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଯୌତୁକ ନିବାରଣ ଆଇନର ଧାରା ୪ରେ ଶାଶୁ ସୁଷମାଙ୍କୁ ଅତିରିକ୍ତ ଛଅ ମାସ କାରାଦଣ୍ଡ ସମେତ ୫ହଜାର ଟଙ୍କା ଜରିମାନା ପାଇଁ ସହକାରୀ ଦୌରାଜଜ୍ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାମୀ ବୁଲୁ ଅଦ୍ୟାବଧି ଫେରାର ରହିଛନ୍ତି। ସରକାରୀ ଓକିଲ ରମେଶ କୁମାର ବିଶୋୟୀ ଏବଂ ସଚିତ ମିଶ୍ର ମାମଲା ପରିଚାଳନା କରିଥିଲେ।

# ସାଇବର କ୍ରାଇମ୍, ପୋକ୍ସୋ ଆଇନ ସମ୍ପର୍କିତ କର୍ମଶାଳା

ଖୋର୍ଦ୍ଧା, ୨୫।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ମହାବିଦ୍ୟାଳୟ ମଳିପଡ଼ାଠାରେ ସାଇବର କ୍ରାଇମ୍ ଏବଂ ପୋକ୍ସୋ ଆଇନ ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ମଶାଳାକୁ ମହାବିଦ୍ୟାଳୟ ଅଧକ୍ଷ ମିହିର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ଆଭିମୁଖ୍ୟ ଉପରେ କହିଥିଲେ। ମୁଖ୍ୟ ଅତିଥି ପ୍ଲାନ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ପ୍ରସନ୍ନ ଶୁକ୍ଳା, ଅମିତା ସିଂହ ଯୋଗଦେଇ ସାଇବର ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ, ଅଧ୍ୟାପକ କିଶୋର କୁମାର ସାହୁ, ଅଧ୍ୟାପକ ଅଶୋକ କୁମାର ମଲିକ ପ୍ରମୁଖ ପିଲାଙ୍କୁ ସାଇବର ଅପରାଧ ଓ ପୋକ୍ସୋ ଆଇନ ଉପରେ କହିଥିଲେ। ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଧିକାରୀ ସୌମେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ରଞ୍ଜନ କୁମାର ଗୋଚ୍ଛାୟତ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ‘ନାରୀ ସୁସ୍ଥ ହେଲେ ପରିବାର ସଶକ୍ତ ହେବ’




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହିତ ସ୍ୱାସ୍ଥ୍ୟ, ଆଶା ଓ ଅଙ୍ଗନୱାଡି କର୍ମୀମାନେ।

ବୋଲଗଡ଼, ୨୫।୯ (ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବୁଧବାର ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପରିଚାଳିତ ଏହି ସ୍ୱତନ୍ତ୍ର କ୍ୟାମ୍ପରେ ମହିଳା ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପୌଷ୍ଟିକ ଖାଦ୍ୟ, ସୁସ୍ଥ ଜୀବନଶୈଳୀ, ମାସିକ ସ୍ୱଚ୍ଛତା ଓ ମାନସିକ ସୁସ୍ଥତା ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ଅସିତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ବିଡିଓ ସୁମନ ସୁଧା କୁଣ୍ଟୁ ଯୋଗଦେଇ ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ, ପରିବାର ସୁସ୍ଥ ହେଲେ ସମାଜ ସସକ୍ତ ଏବଂ ସମାଜ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ବୋଲି କହିବା ସହ ଏହି କ୍ୟାମ୍ପକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅରୁଣାଭ ପଟଯୋଶୀ, ବ୍ଲକ ପ୍ରୋଗ୍ରାମ ପରିଚାଳକ ନେପୋଲିୟନ କୁମାର, ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟ ପରିଦର୍ଶକ ଦୀପକ କୁମାର ମହାନ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଏହି ଅଭିଯାନକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବାକୁ ତାଲିମ ନେଇଥିବା ବେଳେ ଅନେକ ମହିଳା ଓ କିଶୋରୀମାନେ ଉପସ୍ଥିତ ଥିଲେ।

# ଚାନ୍ଦପୁର ପଞ୍ଚାୟତ ବୈଠକକୁ ୱାର୍ଡ ସଭ୍ୟାସଭ୍ୟଙ୍କ ବର୍ଜନ

ଟାଙ୍ଗୀ, ୨୫।୯ (ରଘୁନାଥ ସାହୁ)

ଚାନ୍ଦପୁର ଗ୍ରାମପଞ୍ଚାୟତର ତିନୋଟି ବୈଠକକୁ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ବର୍ଜନ କରିଥିବା ଜଣାପଡିଛି। ସରପଞ୍ଚ ରଞ୍ଜିତା ସେନାପତି ଚଳିତ ମାସ ୨୪ତାରିଖରେ ବୈଠକ ଡକାଇଥିଲେ। କୌଣସି ୱାର୍ଡ ସଭ୍ୟାସଭ୍ୟ ବୈଠକକୁ ନ ଆସିବାରୁ ବୈଠକ ବାତିଲ କରାଯାଇଥିଲା ବୋଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅତୁଲ ପ୍ରଧାନ ସୂଚନା ଦେଇଛନ୍ତି। ସେ ଏ ସମ୍ପର୍କରେ ବିଡିଓ ଏବଂ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ସରପଞ୍ଚ ନିଜେ କିଛି ନ ବୁଝି ତାଙ୍କ ପରିବାର ଲୋକ ହସ୍ତକ୍ଷେପ କରିବା, ସଭା ବହିରେ ଦସ୍ତଖତ ରଖି ପଛରେ ରିଜଲୁସନ ଲେଖିବା ଏବଂ ମନଇଚ୍ଛା କାମ କରି ବିଲ୍ ଉଠାଇ ନେଉଥିବା କାର୍ଯ୍ୟକୁ ବିରୋଧ କରି ବୈଠକ ବର୍ଜନ କରିଥିବା ୱାର୍ଡ ସଭ୍ୟାସଭ୍ୟମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସରପଞ୍ଚ ରଞ୍ଜିତା ସେନାପତି କହିଛନ୍ତି ଯେ, ୱାର୍ଡ ସଭ୍ୟାସଭ୍ୟମାନେ ଆଣିଥିବା ଅଭିଯୋଗ ଭିତ୍ତିହୀନ। କୌଣସି କାରଣ ନ ଥାଇ ସେମାନେ ବୈଠକକୁ ଆସୁନାହାନ୍ତି।

# ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ବିଜୟୀ

**ପରିଛଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଖୋର୍ଦ୍ଧା, ୨୫।୯ (ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ୍ ପରିଛଲ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ୩୩ତମ ପରିଛଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଚୌଦ୍ୱାର ଜାକେବିନ୍ କ୍ରିକେଟ କ୍ଲବ୍ ଏବଂ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ମଧ୍ୟରେ ହୋଇଥିଲା। ଟସ୍ ଜିତି ଚୌଦ୍ୱାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ଓଭରରେ ୬ ଉଇକେଟ ବିନିମୟରେ ୧୯୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଂଗ୍ରାମ ମାଝୀ ୧୧୦ରନ କରିଥିଲେ। ତେବେ ମ୍ୟାଚରେ ବର୍ଷା ବାଧକ ସାଜିଥିଲା। ପରେ ମ୍ୟାଚ୍ ରେଫରିଙ୍କ ନିର୍ଦ୍ଦେଶକ୍ରମେ ୧୧ଓଭର ଖେଳ ହୋଇଥିଲା। ଧାର୍ଯ୍ୟ ହୋଇଥିବା ଓଭରରେ ବାଙ୍କୀ ଟିମ୍ ୧୨୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାକେଶ ସାହୁ ୫୪ ଏବଂ ଆଲୋକ ବେହେରା ୩୯ ରନ୍ ସଂଗ୍ରହ କରିଥିଲେ। ସଂଗ୍ରାମ ମାଝୀ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଶ୍ରୀନିବାସ ବାରିକ ଏବଂ ଦିନବନ୍ଧୁ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିବା ବେଳେ କ୍ଲବ୍ ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ଅଭିନାଷ ସାମନ୍ତରାୟ, ବିନାୟକ ସାମନ୍ତରାୟଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଶୁକ୍ରବାର ମେଣ୍ଢାଶାଳ ଏବଂ ସିସିଏ ସୁଆଙ୍ଗ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଏବଂ ପରିଛଲ ୟୁଥ୍ କ୍ଲବର କର୍ମକର୍ତ୍ତା।

# ବେଗୁନିଆ ବ୍ଲକ୍: ସଜେଇହେଉଛି ପୂଜାମଣ୍ଡପ

ବେଗୁନିଆ, ୨୫।୯ (ହର ପ୍ରସନ୍ନ ପଣ୍ଡା)

ଆଉ ଦିନ କେଇଟା ପରେ ଧରାବତରଣ କରିବେ ଜଗଜ୍ଜନନୀ ମା’ ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ତେବେ ବେଗୁନିଆ ବ୍ଲକ୍ ଅଞ୍ଚଳର ବିଭିନ୍ନ ବ୍ୟବସାୟୀ ସଂଘ ଓ କ୍ଲବ ପକ୍ଷରୁ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ଏହି ପରିପ୍ରେକ୍ଷୀରେ ବେଗୁନିଆ ସଦର ମହକୁମା, ପୋଡ଼ାଡ଼ିହ, ବାଘମାରି ଓ ପରିଛଲରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଗୁନିଆ ମା’ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ସ୍ୱତନ୍ତ୍ର ଯାତ୍ରା ପାର୍ଟିର ବ୍ୟବସ୍ଥା କରାଯାଇଛି। ସେହିପରି ବାଘମାରୀ ଓ ପରିଛଲ ବଜାର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ପୋଡ଼ାଡିହ ବଜାର କମିଟି ଓ ହରପାର୍ବତୀ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ମା’ ଗଜଲକ୍ଷ୍ମୀଙ୍କ ପୂଜା ଆଡ଼ମ୍ବରରେ ପାଳନ ହେବ। ବେଗୁନିଆ ସଦର, ବାଘମାରୀ, ଗୁଡୁମ, ଡାଳତୋଳା, ସିମୋର, ପୋଡ଼ାଡ଼ିହ, ବଡ଼ବେରଣା, ଚଟୁଆ, ପରିଛଲ ଆଦି ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଅନ୍ୟପକ୍ଷରେ ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ସ୍ୱଚ୍ଛତା ଉପରେ ପୂଜା କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି ଯେ, ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ସଜାଗ ରହିଛି। ଅପରାଧହାର ରୋକିବାକୁ ପୋଲିସ ଫୋର୍ସ ମୁତୟନ କରାଯିବ।



ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଉଥିବା ମା’ଙ୍କ ମୃଣ୍ମୟ ମୂର୍ତ୍ତି।

**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ**

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଡେଲାଙ୍ଗ ବ୍ଲକର ଖେଲାଉର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଓ ଦେଶ ପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରକୁ ସଫେଇ କରାଯିବା ସହିତ ବିଭିନ୍ନ ଚାରାରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, ପ୍ରଦୀପ ପଣ୍ଡା, ବିଶ୍ୱନାଥ ପ୍ରଧାନ, ମଞ୍ଜୁଲତା ସାହୁ, ରାନା ସାହୁ, ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ, ମଣ୍ଡଳ ସଭାପତି ଶୁଶାନ୍ତ ବିଶ୍ୱାଳ, ଲଡୁକିଶୋର ରାୟ, ଶଶିଭୂଷଣ ମହାନ୍ତି , ଭାଜପା ନେତା ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବିସ୍ଫୋରକ ସାମଗ୍ରୀ, ବାଣ ଜବତ: ଜଣେ ଗିରଫ

ପିପିଲି,୨୫।୯(ପ୍ରଭାତ କୁମାର ମହାପାତ୍ର)

ବେଆଇନ ବାଣ କାରଖାନା ଉପରେ ପିପିଲି ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ବାଣ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗୁରୁବାର ପୂର୍ବାହ୍ନରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ପିପିଲି ପୌରାଞ୍ଚଳ ଜୟପୁର ଗ୍ରାମର ରବି ସାହୁ (୬୫)ଙ୍କ ଘରେ ଚଢ଼ାଉ କରି ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ବାଣ ଜବତ କରିଥିଲା। ଅଭିଯୁକ୍ତଙ୍କ ଘର ପଛପଟେ ଏକ ଖୋଲା ସ୍ଥାନରେ ବିନା ଲାଇସେନ୍ସରେ ବାଣ ତିଆରି ଓ ବିକ୍ରୟ କରୁଥିଲେ। ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ଏଭଳି ଅନେକ ମାମଲା ଥିବା ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ପିପିଲି ପୋଲିସ କେସ୍ ନଂ. ୫୮୯/ ୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ମଙ୍ଗଳା ନଦୀ ପୁନରୁଦ୍ଧାର ଉପରେ ଗୁରୁତ୍ୱ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ୫ମ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ସିଏଚଏସ୍‌ଇ ପ୍ରାକ୍ତନ ଅଧକ୍ଷ ବାସୁଦେବ ଛାଟୋଇଙ୍କ ଅଧକ୍ଷତାରେ ଜଗଦ୍‌ଗୁରୁ କୃପାଳୁ ଜୀଙ୍କ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ଆବାହକ ତଥା ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଆହ୍ୱାନକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରଥମେ ବୈଠ ଆରମ୍ଭରୁ ମା' ସାରଦା ଦେବୀ ମହିଳା ସଂଘର ମା'ମାନଙ୍କ ଦ୍ୱାରା ପାରମ୍ପରିକ ରୀତିରେ ସମସ୍ତ ଆଗନ୍ତୁକ ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। କମିଟିର ଅନ୍ୟତମ ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ରଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ତାଙ୍କୁ ମଙ୍ଗଳା ନଦୀ ପୁନରୁଦ୍ଧାର କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସନ୍ତୋଷ କୁମାର ମହାନ୍ତି ମଙ୍ଗଳା ନଦୀ ସହିତ ଜଗନ୍ନାଥ ମନ୍ଦିରର ନୀତିକାନ୍ତି କିଭଳି ଭାବେ ସଂଶ୍ଳିଷ୍ଟ ତା'ଉପରେ ଆଲୋଚନା କରିଥିଲେ। ସିଦ୍ଧେଶ୍ୱର ମହାପାତ୍ର, ପ୍ରଫେସର ଗୌରପ୍ରିୟା ଦାଶ, ସୁଧାଂଶୁ ଶେଖର ରାଜଗୁରୁ, ପ୍ରଫେସର ହରିହର ହୋତା, ଜ୍ୟୋତ୍ସ୍ନା ନାୟକ, ରସା ସୁଷମା ସାହୁ, ପ୍ରଦ୍ୟୁମ୍ନ ଖୁଣ୍ଟିଆ ପ୍ରମୁଖ ସେମାନଙ୍କର ସଂକ୍ଷିପ୍ତ ସନ୍ଦର୍ଭ ପ୍ରଦାନ କରିଥିଲେ। ଏହି ଆଲୋଚନାରେ ମହେଶ୍ୱର ଦାଶ, ପ୍ରଭାତ ରଞ୍ଜନ ମହାପାତ୍ର, ଶଙ୍କର୍ଷଣ ଦାଶ, ଗୋବିନ୍ଦ ପ୍ରଧାନ, ଜୟନ୍ତୀ ସୁବୁଦ୍ଧି, ହରପ୍ରସାଦ ନାୟକ ଓ ବିଭୁ ନାରାୟଣ ଜେନା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

### ଆଇନ ସଚେତନତା ଶିବିର

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ନରେନ୍ଦ୍ରକୋଣସ୍ଥିତ ପୁରୀ ମହିଳା କଲେଜରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ପରିଚାଳନା କରି ପୋକ୍‌ସୋ ଆଇନ ଏବଂ ପୀଡ଼ିତା କ୍ଷତିପୂରଣ ଯୋଜନା ଅଧିନିୟମ-୨୦୧୮ ଅନୁଯାୟୀ ଯୌନ ନିର୍ଯାତନାର ଶିକାର ହୋଇଥିବା ମହିଳା ଓ ଅପରାଧ ସମ୍ବନ୍ଧୀୟ ନିୟମ ସମ୍ପର୍କିତ ଆଲୋଚନା କରିଥିଲେ। ଏଥିସହ ଆଇନ ସେବା ପ୍ରାଧିକରଣ ଅଧିନିୟମ-୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଓ ସେବା ପାଇବା ପାଇଁ କେଉଁମାନେ ଯୋଗ୍ୟ, ବାଲ୍ୟ ବିବାହର ପ୍ରଭାବ ଓ ପ୍ରତିକାର ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ଆଲୋଚନା କରିଥିଲେ। ଆଇନସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

# ସାର ପାଇଁ ରାତିରୁ ଲମ୍ୱାଧାଡ଼ି, ତଥାପି ନିରାଶ

ଅସ୍ତରଙ୍ଗ,୨୫।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)



ସାର ପାଇଁ ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି।

ଅସ୍ତରଙ୍ଗ ବ୍ଲକରେ ସାର ସଙ୍କଟ ଦେଖା ଦେଇଛି। ଫଳରେ ଚାଷୀ କଳାବଜାରରେ ଚଢ଼ାଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତିରେ କୃଷି ବିଭାଗ ନୀରବଦ୍ରଷ୍ଟା ସାଜିଛି। ୟୁରିଆ ବସ୍ତାର ସରକାରୀ ଧାର୍ଯ୍ୟ ମୂଲ୍ୟ ୨୬୬ ଟଙ୍କା ୫୦ ପଇସା ଥିବାବେଳେ ବିଭିନ୍ନ ସ୍ଥାନରେ ୭ଶହରୁ ୯ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସମବାୟ ସମିତିକୁ ବିହନ ଓ ସାର ବିତରଣ ଦାୟିତ୍ୱ ଦେଇ କୃଷି ବିଭାଗ ଚୁପ୍ ବସିଛି। ବ୍ଲକର ୧୦ଟି ପାକ୍ସ ମଧ୍ୟରୁ କେବଳ କେନ୍ଦ୍ରାପଟି ସେବା ସମବାୟ ସମିତିରେ ସାର ମିଳୁଛି। ବୁଧବାର ରାତି ୩ଟାରୁ ଚାଷୀମାନେ ସାର ପାଇଁ ଲମ୍ୱାଧାଡ଼ି ଲଗାଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀ ସାର ନ ପାଇ ନିରାଶରେ ଫେରିଛନ୍ତି।

ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଲୋକେ ମୁଖ୍ୟତଃ ଧାନଚାଷ ଉପରେ ନିର୍ଭରଶୀଳ। ଚଳିତ ବର୍ଷ ୬ହଜାର ହେକ୍ଟରରୁ ଅଧିକ ଜମିରେ ଧାନଚାଷ ହୋଇଛି। ଅସ୍ତରଙ୍ଗ ବ୍ଲକରେ ୧୦ଟି ପଞ୍ଜୀକୃତ ସମବାୟ ସମିତି ଥିବାବେଳେ ଅନେକ ସମିତି ଲାଇସେନ୍ସ ନବୀକରଣ କରି ନ ଥିବା ଜଣାପଡ଼ିଛି। ସାର ବିକ୍ରି ପାଇଁ କେବଳ କେନ୍ଦ୍ରାପଟି ସେବା ସମବାୟ ସମିତି ଲାଇସେନ୍ସ ପାଇଛି। ଏହି ସମିତି ୫ଟି ପର୍ଯ୍ୟାୟରେ ମୋଟ ୧୧୨୮ ବସ୍ତା ସାର ଆଣିଛି। ତେବେ ପ୍ରିୟାପ୍ରୀତି ତୋଷଣ କରି ସାର ବଣ୍ଟନ କରାଯାଉଥିବା ଚାଷୀ ଦିଲୀପ ପରିଡ଼ା ଅଭିଯୋଗ କରିଛନ୍ତି। ଗୁରୁବାର ସାର ପାଇଁ ସମବାୟ ସମିତି ଆଗରେ ଗହଳି ଲାଗିଥିବା ବେଳେ ଚାଷୀଙ୍କ ମଧ୍ୟରେ ହୋହଲ୍ଲା ଓ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପର୍ଯ୍ୟାପ୍ତ ପରିମାଣର ସାର ଆସୁ ନ ଥିବାରୁ ସମସ୍ତ ଚାଷୀଙ୍କୁ ଆବଶ୍ୟକ ମୁତାବକ ଯୋଗାଇ ଦିଆଯାଇପାରୁନାହିଁ ବୋଲି ପାକ୍ସର ଜଣେ କର୍ମଚାରୀ ପ୍ରକାଶ କରିଛନ୍ତି। ସେହିପରି ସମବାୟ ସମିତି ସମ୍ପାଦକମାନେ ଲାଇସେନ୍ସ ପ୍ରକ୍ରିୟାର ଜଟିଳତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସମବାୟ ସମିତିଗୁଡ଼ିକ ବିହନ ଓ ସାର ବିକ୍ରୟ ଲାଇସେନ୍ସ ଆଣିବାକୁ ହେଲେ ବିଏସ୍‌ସି ପ୍ରମାଣପତ୍ର ବାଧ୍ୟତାମୂଳକ ବୋଲି ସରକାରୀ ନିର୍ଦ୍ଦେଶ ରହିଛି, ଯାହା ଯୋଗାଡ଼ କରିବା କଷ୍ଟକର ହୋଇପଡୁଛି। ଯେଉଁମାନେ ଲାଇସେନ୍ସ ନବୀକରଣ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ପିଏସ୍‌ଓ ମେସିନ ମିଳିବାରେ ଅହେତୁକ ବିଳମ୍ବ ଘଟୁଛି। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଏସବୁ ଅଭିଯୋଗ ନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସାର ଅଭାବ, ଚଢ଼ା ଦରରେ କିଣୁଛନ୍ତି ଚାଷୀ

ଯୋଗେଶ୍ୱରପୁର,୨୫।୯(ରଶ୍ମି ରଞ୍ଜନ ସାହୁ)

ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ୟୁରିଆ ସାରର ଅଭାବ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ଦୀର୍ଘଦିନ ହେବ ସାର୍‌ର ଅଭାବୀ ବିକ୍ରି ଓ ବିଭିନ୍ନ ସ୍ଥାନରେ ସାର ସଙ୍କଟ ଦେଖାଯାଇଥିବା ବେଳେ ଏହାର ସମାଧାନ ପାଇଁ ସରକାର ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏବେ ଧାନ ଗଛ ବଢ଼ିବା ସମୟ, ଏହି ସମୟରେ ଧାନରେ ସାର ଦିଆଯିବା କଥା, ମାତ୍ର ସାର ମିଳୁ ନ ଥିବାରୁ ଧାନ ଗଛ ସବୁ ହଳଦିଆ ପଡ଼ିବା ଆରମ୍ଭ କଲାଣି। ସାର ବିନା ଆଗକୁ ଧାନ ଭଲ ଫଳିବ ନାହିଁ। ଏହିଭଳି ସ୍ଥିତିକୁ ନେଇ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। କେତେକ ସ୍ଥାନରୁ ଚାଷୀମାନେ ଚଢ଼ାଦରରେ ସାର କିଣିବା ଅଭିଯୋଗ ହେଉଛି। ଚାଷୀ ବେଉଷଣ କାମ ସରିବା ପରେ ସାର ମୁଠେ ଜମିରେ ପକାଇ ଭଲ ଅମଳ ପାଇଁ ଆଶା ରଖିଥିଲା, ହେଲେ ନୟାହାଟ ଅଞ୍ଚଳରେ ୟୁରିଆ ସାରର ନିଅଣ୍ଟିଆ ଯୋଗାଣ ଯୋଗୁ ଚାଷୀମାନେ ଖୋଲା ବଜାରରୁ ଚଢ଼ାଦରରେ ସାର କିଣୁଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ୟୁରିଆ ସାର ବସ୍ତା ପିଛା ୨୬୮ ଟଙ୍କା ସରକାରୀ ନିୟମ ଥିବା ବେଳେ ଏବେ ୫୭୦ ଟଙ୍କା ଆଉ କେଉଁଠି ୬୦୦ ଟଙ୍କା ଦେଇ କିଣୁଛନ୍ତି। ୟୁରିଆ, ଗ୍ରୋମର, ଡିଏପି ସାରକୁ ଅସାଧୁ ବ୍ୟବସାୟୀ ଚଢ଼ାଦରରେ ବିକ୍ରିକରି ମାଲାମାଲ୍ ହେଉଛନ୍ତି। ଯେଉଁଠି ଗ୍ରୋମର ସାର ବସ୍ତା ପିଛା ୧୮୦୦ ଟଙ୍କା ରହିଛି ଏହାକୁ କୃତ୍ରିମ ଅଭାବୀ ଦେଖାଇ କଳାବଜାରରେ ୩୬୦୦ ଟଙ୍କାରେ ବିକ୍ରି ହେବା ଅଭିଯୋଗ ହେଉଛି। ନୟାହାଟ ଅଞ୍ଚଳରେ ୪ଟି ସମବାୟ ସମିତି ଥିବାବେଳେ ସମିତିଗୁଡ଼ିକ ଆଖିଦୃଶିଆ ସାର ଆଣୁ ନ ଥିବାବେଳେ ସାର ନ ମିଳିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହିଭଳି ସ୍ଥିତିରେ କଳାବଜାର କରୁଥିବା ବ୍ୟବସାୟୀମାନେ ମୋଟାଅଙ୍କର ମୁନାଫା ଉଠାଇବା ପାଇଁ ଲାଗି ପଡ଼ିଛନ୍ତି।

## ଜିଲା କାରାଗାରରେ କଏଦୀଙ୍କ ଆତ୍ମହତ୍ୟା

କୋଣାର୍କ,୨୫।୯(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନ ସୁତନ ପଞ୍ଚାୟତର ବାଙ୍ଗରସ୍ଥିତ ପୁରୀ ଜିଲା କାରାଗାରରେ ଗୁରୁବାର ସକାଳ ସମୟରେ ଜଣେ ବିଚାରାଧୀନ କଏଦୀ କାନ୍ଥରେ ଥିବା ପାଣି ପାଇପରେ ଗାମୁଛା ସାହାର୍ଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୦୨୫ ମସିହା ଜୁଲାଇ ୧ ତାରିଖରେ ପିପିଲି ଥାନା ଅଞ୍ଚଳର ବୁଲୁ ବେହେରା (୨୫) ପୋକ୍ସୋ ଆକ୍ଟରେ ହୋଇଥିବା ଏକ ମାମଲାରେ ବାଙ୍ଗରସ୍ଥିତ ଜିଲା କାରାଗାରରେ ରହୁଥିଲେ। କୌଣସି କାରଣରୁ ଗୁରୁବାର ସକାଳ ସମୟରେ ସେ ରହୁଥିବା ଘରର କାନ୍ଥରେ ଲାଗିଥିବା ପାଣି ପାଇପରେ ନିଜ ଗାମୁଛା ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ କଏଦୀଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଥିବା ରାମଚଣ୍ଡୀ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।


ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ଗୁରୁବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜନ୍ମ ଉତ୍ସବ ପାଳନ କରାଯାଉଛି।

## 'ପଣ୍ଡିତ ଦୀନ୍‌ଦୟାଲଙ୍କ ଦର୍ଶନର ପ୍ରାସଙ୍ଗିକତା ରହିଛି'

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)

ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ପୁରୀରେ ବୁଧବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜନ୍ମ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୁବନେତା ପ୍ରଶାନ୍ତ ସ୍ୱାଇଁ ଦୀନଦୟାଲଙ୍କ 'ଏକାତ୍ମ ମାନବବାଦ' ଦର୍ଶନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ, ଦୀନଦୟାଲଜୀଙ୍କ ଏକାତ୍ମ ମାନବବାଦ ଶରୀର, ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ବିକାଶ ଉପରେ ଆଧାରିତ। ପାଶ୍ଚାତ୍ୟ ପୁଞ୍ଜିବାଦ ଓ ସାମ୍ୟବାଦକୁ ପ୍ରତ୍ୟାଖ୍ୟାନ କରି ସେ ଭାରତୀୟ ସଂସ୍କୃତି ଆଧାରିତ ମଧ୍ୟମ ପଥର ପରିକଳ୍ପନା କରିଥିଲେ। ଜାଗରଣ ମଞ୍ଚର ବିଭାଗ ସଂଯୋଜକ ପ୍ରଶାନ୍ତ ଭୂୟାଁ, ଜିଲା ସଂଯୋଜକ ବିଶ୍ୱନାଥ ପଣ୍ଡା, ପ୍ରାନ୍ତ ମହିଳା ପ୍ରମୁଖ ଲକ୍ଷ୍ମୀପ୍ରିୟା ସାହୁ ଏବଂ ଜିଲା ସହସଂଯୋଜକ ଉପେନ୍ଦ୍ର ବିଶୋଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଦ୍ୱାରା ଆତ୍ମନିର୍ଭର ଭାରତ ଗଠନରେ ଦୀନଦୟାଲଜୀଙ୍କ ଦର୍ଶନର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ସେମାନେ ଓଡ଼ିଶାର ଖଦି, ସମ୍ବଲପୁରୀ ବସ୍ତ୍ର, ପଟ୍ଟଚିତ୍ର ଓ ଆୟୁର୍ବେଦିକ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଦ୍ୱାରା ଗ୍ରାମୀଣ ଅର୍ଥନୀତି ଓ ସଂସ୍କୃତିକୁ ସମୃଦ୍ଧ କରାଯାଇପାରିବ ବୋଲି କହିଥିଲେ। ବିଶ୍ୱନାଥ ପଣ୍ଡା ସ୍ୱଦେଶୀ ଚେତନାକୁ ଘରେ ଘରେ ପହଞ୍ଚାଇବା ଓ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ବିଶ୍ୱନାଥ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ୪ ଦିନରେ ମିଶନ ଶକ୍ତି ସଂଘର ଧାରଣା



ବ୍ଲକ କାର୍ଯ୍ୟାଳୟ ପରିସରରେ ଜିପିଏଲ୍ଏଫ୍ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

ସାକ୍ଷୀଗୋପାଳ,୨୫।୯(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଜିପିଏଲ୍ଏଫ୍ ମିଶନ ଶକ୍ତି କର୍ମୀ ସଂଘ ବ୍ଲକ କାର୍ଯ୍ୟାଳୟରେ ଦେଇଥିବା ଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ସୋମବାରଠାରୁ ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତର କର୍ମୀମାନେ ଧାରଣା ଦେଇଥିଲେ। ଗୁରୁବାର ୨ଜଣ ମହିଳା ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ବ୍ଲକ ସଂଘ ସଭାପତି ଧରିତ୍ରୀ ତ୍ରିପାଠୀ ଓ ସିଆର୍‌ପି ସୁରଥି ପାଢ଼ୀ। ଉଭୟଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ପୂର୍ବତନ ବିଧାୟକ ତଥା ବିଜେଡିର ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ ଓ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ଆହତଙ୍କ ନିକଟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଆଲୋଚନା କରିଥିଲେ। ଇନ୍‌ସେନ୍‌ଟିଭ୍ ହଟାଅ, ନିୟମିତ ବେତନ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ ଆଦି ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ। ସରକାର ନିର୍ଦ୍ଧାରଣ କରିଥିବା ଦରମା ପୂର୍ବରୁ ସେମାନଙ୍କୁ ନିୟମିତ ଦିଆଯାଉଥିବା ବେଳେ ୬ମାସ ହେଲାଣି ଏଥିରେ ବ୍ୟତିକ୍ରମ କରାଯାଇଛି। ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କୁ ଜଣାଇବା ସହ ଧାରଣା ଚାଲୁ ରହିଥିଲେ ମଧ୍ୟ ସରକାର ଓ ପ୍ରଶାସନ ସାମାନ୍ୟତମ କର୍ଣ୍ଣପାତ କରୁ ନ ଥିବା କହିଛନ୍ତି। ବ୍ଲକ ସଂଘ ସମ୍ପାଦିକା ମମତା ରାଉତରାୟଙ୍କ ଶତାଧିକ କର୍ମୀ ଦିନତମାମ ଧାରଣାରେ ବସିଥିଲେ।

## ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ ଘଟଣା, ଅଭିଯୁକ୍ତ ଗିରଫ

କୋଣାର୍କ,୨୫।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ- ପୁରୀ ଜାତୀୟ ରାଜପଥ ରାସ୍ତାର ବେଳାମାର୍ଗ ନିକଟରେ ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏକ ଖବରଦାତା ସମ୍ମିଳନୀରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗୋପ ଥାନା ଅନ୍ତର୍ଗତ ବଣହରା ଗ୍ରାମର ସମୀର ସାହୁ।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ମଙ୍ଗଳପୁର ଅଞ୍ଚଳର ଲକ୍ଷ୍ମୀପ୍ରିୟା ଭୋଇ ନାମଙ୍କ ଜଣେ ମହିଳା ଫେସ୍‌ବୁକ ମାଧ୍ୟମରେ ଗୋପ ଥାନା ଅନ୍ତର୍ଗତ ବଣହରା ଗ୍ରାମର ସମୀର ସାହୁଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ମୋବାଇଲ ନମ୍ବର ଆଣି ପରସ୍ପର କଥାବାର୍ତ୍ତା ହୋଇଥିଲେ। ସ୍ୱାମୀ ମାନସଙ୍କ ସହିତ ମନୋମାଳିନ୍ୟ ଥିବା ଲକ୍ଷ୍ମୀପ୍ରିୟା ସମୀରଙ୍କୁ ଜଣାଇଥିଲେ। ଏହି ଘଟଣାକୁ ନେଇ ଚନ୍ଦ୍ରଭାଗାରେ ଅଲେଖ ବାବାଙ୍କ ପାଖରେ ପୂଜାପାଠ କଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସମୀର କହିଥିଲେ। ଏହାକୁ ବିଶ୍ୱାସ କରି ଲକ୍ଷ୍ମୀପ୍ରିୟା ଜଗତ୍‌ସିଂହପୁରରୁ ବସ୍‌ରେ କୋଣାର୍କ ଆସିଥିଲେ। ସମୀର ତାଙ୍କୁ ବାଇକ୍‌ରେ ବସାଇ ବେଳାମାର୍ଗ ବୁଲାଇଥିଲେ। ବେଳାମାର୍ଗ କଇଁଛ ଘର ନିକଟ ନିଛାଟିଆ ଜାଗାରେ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଠେଲାପେଲା ମଧ୍ୟରେ ସମୀର ପକେଟରୁ ଛୁରୀ ବାହାର କରି ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କୁ ମୂର୍ଚ୍ଛା ଅବସ୍ଥାରେ ଫୋପାଡ଼ି ଘଟଣାସ୍ଥଳକୁ ପଳାଇଥିଲେ। ବେଳାମାର୍ଗ କଇଁଛ ଘର ନିକଟରେ ଲକ୍ଷ୍ମୀପ୍ରିୟାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦ୍ରଭାଗା ଟୁରିଷ୍ଟ ପୋଲିସ ଉଦ୍ଧାର କରି ପ୍ରଥମେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର, କ୍ୟାପିଟାଲ ହସ୍ପିଟାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥିତ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ତୁରନ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚାରିଛକ, ଗୋପ, କୋଣାର୍କ, ରାମଚଣ୍ଡୀ ଥାନା ଓ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ପୁରୀ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ରାମଚଣ୍ଡୀ ଆଇଆଇସି, ସାମୁଦ୍ରିକ ଥାନା ଆଇଆଇସି, ଗୋପ ଥାନା ଆଇଆଇସି, ଚାରିଛକ ଓ କୋଣାର୍କ ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ କରି ମଙ୍ଗଳବାର ସନ୍ଧ୍ୟାରେ ଗୋପ ଥାନା ଅଧୀନସ୍ଥ ବଣହରା ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ସମୀର ସାହୁଙ୍କୁ ଗିରଫ କରିଥିଲା। ଲକ୍ଷ୍ମୀପ୍ରିୟା ଭୋଇଙ୍କ ସ୍ୱାମୀ ମାନସ ଭୋଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିବାରେ ମଙ୍ଗଳବାର କୋଣାର୍କ ଥାନା ପୋଲିସ ପକ୍ଷରୁ ୧୮୭/୨୫ରେ ଏକ ମାମଲା ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ ଦଫାରେ ସମୀର ସାହୁଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଅଧିକ ତଦନ୍ତ ଜାରି ରହିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ପ୍ରକାଶ କରିଛନ୍ତି।

## 'ଜୀବନଚର୍ଯ୍ୟା, ଶ୍ରୀଜଗନ୍ନାଥ ମହାପ୍ରଭୁ' ଶୀର୍ଷକ ଆଲୋଚନାଚକ୍ର

ଚାରିଛକ,୨୫।୯(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଉତ୍କଳୀୟ ସେବା ଟ୍ରଷ୍ଟ, ଭୁବନେଶ୍ୱର ଆନୁକୂଲ୍ୟରେ 'ଜୀବନଚର୍ଯ୍ୟା ଓ ଶ୍ରୀଜଗନ୍ନାଥ ମହାପଭୁ' ଶୀର୍ଷକ ପ୍ରେରଣାଧର୍ମୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଗ୍ଲୋବାଲ ଆଷ୍ଟ୍ରୋ ଫେଡ୍‌ରେଶନର ଅଧକ୍ଷ ଡ. ମୃତ୍ୟୁଞ୍ଜୟ ଦାଶ ଯୋଗଦେଇ କୋଟି ଓଡ଼ିଆଙ୍କ ପ୍ରାଣପ୍ରଭୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ। ଅନନ୍ତକୋଟି ବ୍ରହ୍ମାଣ୍ଡର ନାଥ ଶ୍ରୀଜଗନ୍ନାଥ ଓଡ଼ିଆର ପରିଚୟ ବୋଲି କହି ଜଗନ୍ନାଥଙ୍କର ମାନବୀୟ ଲୀଳା ଓ ମାନବ ଜୀବନ ଉପରେ ତାଙ୍କର ପ୍ରଭାବ ଉପରେ ତାଙ୍କର ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡ. ଶଶିକାନ୍ତ ରଥ ଏବଂ ପତିତପାବନ ଶ୍ରୀଜଗନ୍ନାଥଙ୍କର ପରମ ସେବକ ପଣ୍ଡିତ ପ୍ରିୟବ୍ରତ ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ବ୍ରାହ୍ମଚର୍ଯ୍ୟ ପାଳନ ପୂର୍ବକ ପ୍ରତିଦିନ ଓଡ଼ିଆ ଭାଗବତ ଓ ଶ୍ରୀମଦ ଭଗବତଗୀତା ଅଧ୍ୟୟନ ପାଇଁ ଉପଦେଶ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ମେଜର ପୁଷ୍ପଲତା ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପିକା ସୁନିତା ନାୟକ ଧନ୍ୟବାଦ ଦେଇଥିଲେ।



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି ।

## 'କୁମାର କବି ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ'

- ଦାଶ ବେନହୁରଙ୍କୁ କୁମାର କବି ସମ୍ମାନ
- ଶ୍ୟାମାମଣି ଦେବୀଙ୍କୁ ଉତ୍କଳ ସଙ୍ଗୀତ ରତ୍ନ ସମ୍ମାନ

ପୁରୀ,୨୫।୯(ଅଜିତ୍ କୁମାର ମହାନ୍ତି)


ଉତ୍ସବରେ ସାହିତ୍ୟିକ ଦାଶ ବେନହୁରଙ୍କୁ କୁମାର କବି ସମ୍ମାନ ପ୍ରଦାନ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

କୁମାର କବି ଅରକ୍ଷିତ ପ୍ରଧାନ ଜଣେ ବାଗ୍ମୀ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ଓ ସଂଗଠକ ଥିଲେ। ବ୍ରହ୍ମଗିରିର ହାସିନପୁର ଗ୍ରାମରେ ସେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ଓ ଆସାମ ମଧ୍ୟରେ ଓଡ଼ିଆ ସାଂସ୍କୃତିକ ରାଷ୍ଟ୍ରଦୂତ ଥିଲେ ବୋଲି ଅତିଥିମାନେ କହିଛନ୍ତି। ଗୁରୁବାର ଜିଲା ସଂସ୍କୃତି ଭବନ ସଭାଗୃହରେ ପଞ୍ଚଦଶ ରାଜ୍ୟସ୍ତରୀୟ କୁମାର କବି ଅରକ୍ଷିତ ପ୍ରଧାନ ଶ୍ରଦ୍ଧାଞ୍ଜଳି ସମାରୋହକୁ ପ୍ରଖ୍ୟାତ ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦ୍‌ଘାଟନ କରି କୁମାର କବି ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ ବୋଲି କହିଛନ୍ତି। ଫାଉଣ୍ଡେଶନର ସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ର ସମାରୋହରେ ଅଧକ୍ଷତା କରିଥିଲେ। ଫାଉଣ୍ଡେଶନ ସମ୍ପାଦକ ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ବକ୍ତା ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ କହିଥିଲେ, କବି ଲେଖନ୍ତି, ମାତ୍ର ମହାକବି ଜାତିକୁ ବାଟ ବତାନ୍ତି। କୁମାର କବି ସେହି ମହାକବି ଥିଲେ। ସମ୍ମାନିତ ଅତିଥିରୂପେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କୁମାର କବିଙ୍କ କାଳଜୟୀ କୃତିକୁ ସାହିତ୍ୟ ଏକାଡେମୀ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ। କୁମାର କବିଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି ଡ. ଭାସ୍କର ଚନ୍ଦ୍ର ମିଶ୍ର ଏବଂ ଡ. ଶଶାଙ୍କ ଚୂଡ଼ାମଣି କହିଥିଲେ। ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ କୁମାର କବି ସୃଷ୍ଟି ସମୀକ୍ଷା ପୁସ୍ତକ ଲୋକାର୍ପିତ ହୋଇଥିଲା। କୁମାର କବିଙ୍କ ରଚିତ ଓ ସୁଶାନ୍ତ ପ୍ରଧାନଙ୍କ କଣ୍ଠଦାନରେ ପ୍ରସ୍ତୁତ ଭଜନ ସିଡୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଦାଶ ବେନହୁରଙ୍କୁ କୁମାର କବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଉତ୍କଳ ସଙ୍ଗୀତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କୁ ସଂସ୍କୃତ ସୌରଭ, ପଣ୍ଡିତ ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କୁ ସଂସ୍କୃତ ରତ୍ନ, ଡ. ଭାସ୍କର ମିଶ୍ରଙ୍କୁ ସଂସ୍କୃତି ରତ୍ନ, ସଦାଶିବ ମିଶ୍ରଙ୍କୁ ସାରସ୍ୱତ ରତ୍ନ, ରବୀନ୍ଦ୍ରନାଥ ପଟ୍ଟନାୟକଙ୍କୁ ଗଳ୍ପ ରତ୍ନ, ରଞ୍ଜନ କୁମାର ଦଳାଇଙ୍କୁ ସେବକ ରତ୍ନ, ସନ୍ୟାସୀ ନାୟକଙ୍କୁ କବି ସୌରଭ ରତ୍ନ, ଭଗବାନ୍ ଦାସମହାପାତ୍ରଙ୍କୁ ସଂସ୍କୃତି ସେବା ରତ୍ନ, ନିରଞ୍ଜନ ବାହିନୀପତିଙ୍କୁ ଗାୟକ ଗୌରବ ରତ୍ନ, ମନୋଜ କୁମାର ମିଶ୍ରଙ୍କୁ ଗାୟକ ସୌରଭ ରତ୍ନ, ପଦନ କିଶୋର ଭୂତିଆଙ୍କୁ ଲୋକକଳା ରତ୍ନ, ରଞ୍ଜିତା ମିଶ୍ରଙ୍କୁ ଶିକ୍ଷା ସୌରଭ ଏବଂ ଇଂ. ସ୍ୱୟଂପ୍ରକାଶ ପରିଡ଼ାଙ୍କୁ ଉତ୍କଳ ବାଣିଜ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଶ୍ୟାମାପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଟିଂକିତାରା ଏବଂ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଦେଖିଲେଖ ପ୍ରତିଯୋଗିତାର ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅନୁଷ୍ଠିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବକୁ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ବିପିନ ବିହାରୀ ଦଳାଇ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କବି ବିଭୁଦାସ ଭିକାରୀ ଚରଣ ଜେନା, ସମ୍ମାନିତ ଅତିଥି ରୂପେ ତୃପ୍ତି ପଣ୍ଡା, ପ୍ରବାସିନୀ ମିଶ୍ର, ଦାମୋଦର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ମା' ବସନ୍ତାଇ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ମା' ସିଂହବାହିନୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସମେତ ପାଲା ସଙ୍ଗୀତକାର ସତ୍ୟବ୍ରତ ପ୍ରଧାନ, ପାଳିଆ ନବକିଶୋର ଦଳାଇ ଓ ବାଦକ ଲୋଚନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୭୦ ଜଣ କବିଙ୍କୁ କୁମାର କବି ସ୍ମୃତି ସମ୍ମାନ ଦିଆଯାଇଥିଲା। ଭାଗୀରଥି ଦଳାଇ ଧନ୍ୟବାଦ ଦେଇଥିଲେ। ସମାରୋହକୁ ଉଷାରାଣୀ ମିଶ୍ର, ଶାଶ୍ୱତୀ ଦାଶ, ସତ୍ୟ ପ୍ରଧାନ, ଚିଣ୍ଟୁ ମାନସିଂହ, ପର୍ଶୁରାମ ଶାସମଲ, ସନ୍ଧ୍ୟାରାଣୀ ପଲାଇ, ଗୀତାରାଣୀ ଜେନା, ଶୁଭଶ୍ରୀ ପ୍ରଧାନ ଏବଂ ଜଗନ୍ନାଥ ପ୍ରଧାନ ପରିଚାଳନା କରିଥିଲେ।

## କିଶୋର ନଗର ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଗୁରୁବାର ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋର ନଗର ସରପଞ୍ଚ ସୁଜାତା ସେଠୀ, ଯୁବ ରେଡ୍‌କ୍ରସ୍ ଅଧିକାରୀ ଅଧାପିକା ଲିଯାଲିନ ଜେନା, ଏନ୍‌ଏସ୍‌ଏସ୍ ଅଧିକାରୀ ଜ୍ୟୋତି ରଞ୍ଜନ ଦାସ, ଡ. ଅନାଦି ବରାଳ, ସୁଭଦ୍ରା ସେଠୀ, ବିଦିସା ବେହେରା, ତୁଷାର ରଞ୍ଜନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ।


ଷୋଡ଼ଶ ଉପଚାର ପୂଜା ଅବସରରେ ଗୁରୁବାର ମା' କଟକ ଚଣ୍ଡୀଙ୍କ ବନଦୁର୍ଗା ବେଶ।


ମା' ଗଡ଼ଚଣ୍ଡୀଙ୍କ ଗଜଲକ୍ଷ୍ମୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ଗଜଲକ୍ଷ୍ମୀ ବେଶ।



ହରିପୁର ମା' ବିମଳାଙ୍କ ଅନ୍ନପୂର୍ଣ୍ଣା ବେଶ।


ବାଙ୍କୀ ମା' ଚର୍ଚ୍ଚିକାଙ୍କ ନବରାତ୍ରର ଚତୁର୍ଥ ଦିନର ବେଶ।


ପିଠାପୁର ମା' ଧାକୁଲେଇଙ୍କ ବନଦୁର୍ଗା ବେଶ।


ବଡ଼ମ୍ବାର ମା' ଭଟ୍ଟାରିକାଙ୍କ ବନଦୁର୍ଗା ବେଶ।


ତିଗିରିଆ ନୂଆପାଟଣାସ୍ଥିତ ମା' କଳାପାଟଙ୍କ ଭୁବନେଶ୍ୱରୀ ବେଶ।


ତିଗିରିଆ ବିନ୍ଧାଣିମା ବାଇପାସସ୍ଥିତ ମା' ବୁଢ଼ୀମଙ୍ଗଳାଙ୍କ ଅନ୍ନପୂର୍ଣ୍ଣେଶ୍ୱରୀ ବେଶ।


ତିଗିରିଆ ହାଟମାଳସ୍ଥିତ ମା' ଦୁର୍ଗାଦେବୀଙ୍କର ତ୍ରିପୁରା ସୁନ୍ଦରୀ ବେଶ।

### ସଂକ୍ଷେପରେ

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ

ଚୌଦ୍ୱାର,୨୫।୯(ଆଶୁତୋଷ ଦାସ)

ଭାଜପା ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରା, ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଦାମୋଦର ନାୟକ, ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ଚିନ୍ମୟ ବେହେରା, ସନ୍ତୋଷ କୁମାର ବେହେରା, ନଗେନ୍ଦ୍ର ସାହୁ, ପ୍ରଦୀପ ଦାସ, ବିଶ୍ୱ ବିହାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ପଣ୍ଡିତ ଉପାଧ୍ୟାୟଙ୍କ ଦେଶପ୍ରେମ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା।

## ଜଗତପୁର ଥାନାରେ ପହଞ୍ଚିଲା ଜବତ ରିଚ୍ ହାଇଡ୍ରୋଜେନ୍

ମଙ୍ଗୁଳି-ଜଗତପୁର,୨୫।୯ (ମାନସ ସାମଲ)

ଜଗତପୁର ଥାନା ଅଧୀନ ଏକ କମ୍ପାନୀକୁ ଆସୁଥିବା ରିଚ୍ ହାଇଡ୍ରୋଜେନ୍ ୱାଟର ବଟଲ ରାସ୍ତାରେ ଗାଏବ୍ ହୋଇଯାଇଥିଲା। ବୁଧବାର ତାହା ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଧୀନ ବିକ୍ରମପୁରରୁ ଜଗତପୁର ପୋଲିସ ଜବତ କରିଛି। ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବିକ୍ରମପୁରରୁ ଜବତ ରିଚ୍ ହାଇଡ୍ରୋଜେନ୍ ୱାଟର ବଟଲ ଗୁରୁବାର ନିଜ ହେପାଜତକୁ ଆଣିଛି। ପୋଲିସ ସୂଚନା ଅନୁସାରେ, ଡିଭାଇନ ୟୁନାଇଟେଡ୍ ପ୍ରାଇଭେଟ ଲିମିଟେଡ୍‌କୁ କମ୍ପାନୀର ୬୦ ଲକ୍ଷ ଟଙ୍କା ମୂଲ୍ୟର ୧୩୫୮ଟି ହାଇଡ୍ରୋଜେନ୍ ରିଚ୍ ପାଣି ବୋତଲ ଆମଦାନି ହୋଇଥିଲା। ଗତ ୧୨ ତାରିଖରେ ବିଶାଖପାଟଣାରୁ ଜଗତପୁରସ୍ଥିତ ଉକ୍ତ କମ୍ପାନୀ ଗୋଦାମକୁ ଆସୁଥିବା ବେଳେ ରାସ୍ତାରେ ଗାଏବ ହୋଇଯାଇଥିଲା। କମ୍ପାନୀ ମ୍ୟାନେଜର ସୁଲେମାନ ଅହମ୍ମଦ ବକ୍ସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୫୭୫/୨୫)ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ବେଳେ କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ମୋନାଲିସା ଠାକୁର ଗୋପାଳପୁରସ୍ଥିତ ଶ୍ୱଶୁର ଘରେ ରଖିଥିବା ପୋଲିସ ଜାଣିବା ପରେ ସେଠାରେ ଚଢାଉ କରି ୧୦୦୮ଟି ବୋତଲ ଜବତ କରିଥିଲା। ସେଥିରେ ଆହୁରି ୩୫୦ ବୋତଲ କମ ଥିବା ଜଣାପଡ଼ିଥିବା ବେଳେ ଏଥିରେ ସମ୍ପୃକ୍ତ ୨ ମୁଖ୍ୟ ଅଭିଯୁକ୍ତ ମଧୁସ୍ମିତା ଠାକୁର ଓ ସ୍ୱାମୀ ମୋତିଲାଲ ଠାକୁର ଫେରାର ଅଛନ୍ତି। ଉଭୟଙ୍କୁ ଗିରଫ କରାଯିବ ପାଇଁ ବିଭିନ୍ନ ସ୍ଥାନରେ ଜଗତପୁର ପୋଲିସ ଚଢାଉ ଜାରି ରହିଛି।

## ସତ୍ୟପାଠ-ବାସ୍ତବ ତଥ୍ୟକୁ ନେଇ ହାଇକୋର୍ଟ ଅସନ୍ତୁଷ୍ଟ

କଟକ,୨୫।୯(କାର୍ତ୍ତିକ ସାହୁ)



**ହାଇକୋର୍ଟରେ କଟକ ସହର ସମସ୍ୟା**

**ପହଞ୍ଚିଲାଣି ପୂଜା, ସରୁନି ରାସ୍ତା ତିଆରି**

ଦିନ କେଇଟା ଦିନ ପରେ ବହୁ ପ୍ରତିକ୍ଷିତ ଦୁର୍ଗାପୂଜା। ହେଲେ ଏଯାଏ ସହରର ସମସ୍ତ ରାସ୍ତା ମରାମତି ସରିଲା ନାହିଁ। ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦି ସବୁ ବଡ଼ ବଡ଼ ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତା ତିଆରି ନ ସାରି ଅଦାଲତକୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ପ୍ରତିବର୍ଷ ଏଭଳି ଅବ୍ୟବସ୍ଥା ଚାଲିଛି। ପାର୍ବଣ ବେଳେ ବିପର୍ଯ୍ୟସ୍ତ ରାସ୍ତାରେ ଲୋକେ କିଭଳି ଯାତାୟାତ କରିବେ। ହାଇକୋର୍ଟରେ କଟକ ସହର ସମସ୍ୟା ସଂକ୍ରାନ୍ତୀୟ ମାମଲାଗୁଡ଼ିକର ଶୁଣାଣି କରି ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହ ଏସବୁ ପ୍ରସଙ୍ଗ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି)ର ନଗର ଯନ୍ତ୍ରୀ ଅତନୁ କୁମାର ସାମନ୍ତ ଅଦାଲତଙ୍କୁ ରାସ୍ତା ମରାମତି ବାବଦରେ ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଛନ୍ତି। ତେଣୁ ଆସନ୍ତା ୯ ତାରିଖ ଶୁଣାଣିରେ ନଗର ଯନ୍ତ୍ରୀଙ୍କ ସମେତ ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ସିଏମ୍‌ସିର ସମସ୍ତ ଯନ୍ତ୍ରୀ, ରାସ୍ତା ଓ ପୂର୍ତ୍ତ ବିଭାଗ-୧ ଓ ୨ର ଅଧୀକ୍ଷଣ ଯନ୍ତ୍ରୀ ବ୍ୟକ୍ତିଗତ ହାଜର ହେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଦୁର୍ଗାପୂଜା ପୂର୍ବରୁ ସହରର ରାସ୍ତାଘାଟ ରାସ୍ତାଘାଟ ମରାମତି ଶେଷ କରିବାକୁ ସିଏମ୍‌ସି ସମେତ ଅନ୍ୟ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ ଭାବେ ପାଳନ ନ କରି ସିଏମ୍‌ସି ନଗର ଯନ୍ତ୍ରୀ ଭୁଲ ତଥ୍ୟ ଦେଇଛନ୍ତି। ସତ୍ୟପାଠ ଅନୁଯାୟୀ, ସିଏମ୍‌ସିର ୫୯ଟି ୱାର୍ଡରେ ରାସ୍ତା ମରାମତି କାର୍ଯ୍ୟ ୯୦% ଶେଷ ହୋଇଛି। ହେଲେ ଆଡ୍‌ଭୋକେଟ କମିଟି ସଦସ୍ୟମାନେ ଏକସ୍ୱରରେ ଏହାକୁ ଖଣ୍ଡନ କରିଥିଲେ। ସେମାନେ ସଦ୍ୟ ତଥ୍ୟ ଅଦାଲତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ମଧ୍ୟ ସ୍ପଷ୍ଟ ଉତ୍ତର ରଖିପାରି ନ ଥିଲେ। ଖଣ୍ଡପୀଠ କହିଛନ୍ତି ଯେ ସିଏମ୍‌ସି, ସିଡିଏ, ରାସ୍ତା ଓ ପୂର୍ତ୍ତ ବିଭାଗ-୧ ଓ ୨ ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କରି ସେମାନଙ୍କ କ୍ଷେତ୍ର ଅଧିନରେ ଥିବା ରାସ୍ତା ଯାଞ୍ଚ କରିବେ। ପୂଜାରେ ଲୋକେ ଯେଭଳି ରାସ୍ତା ଯନ୍ତ୍ରଣା ନ ଭୋଗନ୍ତି ସେଥିପାଇଁ ଅଧିକାରୀମାନେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ପୂଜା ମଣ୍ଡପଗୁଡ଼ିକୁ ମାଇକ ଓ ଭସାଣି ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ପ୍ରଶାସନ ପକ୍ଷରୁ ଟିମ୍ ଗଠନ କରି ପୂଜା ମଣ୍ଡପ ଓ ତୋରଣ ଆଦି ଯାଞ୍ଚ କରାଯାଇଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ସେହିପରି ଡିସିପିଙ୍କ ପକ୍ଷରୁ ପୂଜା ଓ ଭସାଣି ବେଳେ ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ହାଇକୋର୍ଟଙ୍କୁ ସତ୍ୟପାଠ ଆକାରରେ ଅବଗତ କରାଯାଇଛି। ଏହାବାଦ ଏସ୍‌ସିବି ମେଡିକାଲ, ଶିଶୁଭବନର ସ୍ୱାସ୍ଥ୍ୟସେବା, ସହର ଟ୍ରାଫିକ ସମସ୍ୟା, ଶିକ୍ଷା ସମସ୍ୟା ଆଦି ଅନେକ ପ୍ରସଙ୍ଗକୁ ନେଇ ଆଗତ ମାମଲାଗୁଡ଼ିକର ଶୁଣାଣି ମଧ୍ୟ ହୋଇଛି।

## ଦଧୀଚି କଲେଜ ଅଫ୍ ଫାର୍ମାସିରେ ସ୍ୱାସ୍ଥ୍ୟ ଶିବିର


ଶିବିରରେ ଯୋଗଦେଇଥିବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଣ୍ଟାପଡ଼ା,୨୫।୯(ସୁରନାରାୟଣ ସାହୁ)

ବିଶ୍ୱ ଫାର୍ମାଶିଷ୍ଟ ଦିବସ ଅବସରରେ ଦେଉଳି (ସୁନ୍ଦରଗ୍ରାମ)ସ୍ଥିତ ଦଧୀଚି କଲେଜ ଅଫ୍ ଫାର୍ମାସିରେ ଏକ ମାଗଣ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦଧୀଚି କଲେଜ ଅଫ୍ ଫାର୍ମାସି ଓ ଭୁବନେଶ୍ୱର କେୟାର ହସ୍ପିଟାଲ ସହାୟତାରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର, ପାକସ୍ଥଳୀ ଓ ଅନ୍ତ୍ର ରୋଗ ବିଶେଷଜ୍ଞ ଡାକ୍ତର ଦିଲୀପ କୁମାର ମହାନ୍ତି ଓ ଔଷଧ ବିଶେଷଜ୍ଞ ଡାକ୍ତର ନିବେଶ ପାଢ଼ୀ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ, ଇସିଜି, ରକ୍ତ ଶର୍କରା, ଉଚ୍ଚ ରକ୍ତଚାପ ଇତ୍ୟାଦି ପରୀକ୍ଷା କରାଯାଇଥିଲା। ଅନୁଷ୍ଠାନ ଅଧକ୍ଷ ଡ. ରଜତ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କେୟାର ବରିଷ୍ଠ ପରିଚାଳକ ସୌମ୍ୟ ରଞ୍ଜନ ମହାନ୍ତି ଓ ଅନୁଷ୍ଠାନର ଉପାଧକ୍ଷ ଶୋଭା ବିକାଶ ସ୍ୱାଇଁ ପରିଚାଳନା କରିଥିଲେ। ଶେଷରେ ଦାଧିଚୀ ଅନୁଷ୍ଠାନ ସମୂହ ଅଧକ୍ଷ ଡ. ମନୋଜ ଦାଶ ଓ ଉପାଧକ୍ଷା ବବିତା ଦାଶ ସମସ୍ତ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ମହିଳା ବେକରୁ ଛିଣ୍ଡାଇ ନେଲେ ସୁନା ଚେନ

ମଙ୍ଗୁଳି-ଜଗତପୁର,୨୫।୯(ମାନସ ସାମଲ)

ଚୌଦ୍ୱାର ଥାନା ଅଞ୍ଚଳରେ ପୁଣି କଳା ପଲ୍‌ସରର ଆତଙ୍କ ଦେଖାଯାଇଛି। ଜଣେ ମହିଳା ସ୍କୁଲରୁ ପିଲା ନେଇ ଘରକୁ ଫେରୁଥିବା ବେଳେ ପଲ୍‌ସରରେ ୨ଜଣ ଦୁର୍ବୃତ୍ତ ଆସି ବେକରୁ ସୁନା ଚେନ ଛଡାଇ ନେଇ ଫେରାର ହୋଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ମହିଳା ହେଲେ ୯ ନଂ. ୱାର୍ଡ଼ କପାଳେଶ୍ୱରର ଅର୍ପିତା ନାୟକ। ସୂଚନା ମୁତାବକ, ଅର୍ପିତା ପୂର୍ବାହ୍ନ ପ୍ରାୟ ୧୦ଟାରେ ସ୍କୁଲରୁ ପିଲାଙ୍କୁ ଆଣି ଚାଲି ଚାଲି ଘରକୁ ଫେରୁଥିଲେ। ସେହି ସମୟରେ କପାଳେଶ୍ୱର ମନ୍ଦୀର ପଟୁ ୨ଜଣ ଦୁର୍ବୃତ୍ତ ଏକ କଳାରଙ୍ଗର ପଲ୍‌ସରରେ ଆସି ଆଇଡିଏଫସି ବ୍ୟାଙ୍କ ସମ୍ମୁଖରେ ଅର୍ପିତା ବେକରୁ ସୁନା ଚେନ ଛିଣ୍ଡାଇ ୫୫ ନମ୍ବର ଜାତୀୟ ରାସ୍ତାରୁ କଟକ ଅଭିମୁଖେ ଫେରାର ହୋଇଯାଇଥିଲେ। ଅର୍ପିତାଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ଏକ ମାମଲା (ନଂ.୫୮୦ /୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଏ ନେଇ ନୂତନ ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ନିନ୍ଦା କଲା ସଚେତନ ନାଗରିକ ମଞ୍ଚ

### ବିଜେଡିର ବ୍ଲକ ଘେରାଉ ପ୍ରସଙ୍ଗ

କଣ୍ଟାପଡ଼ା, ୨୫।୯(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ବିଡିଓଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ବୁଧବାର କଣ୍ଟାପଡ଼ା ବିଜେଡି ପକ୍ଷରୁ ବୁଧବାର ବ୍ଲକ ଅଫିସ ଘେରାଉ କରାଯିବା ସହ ଫୁଲନଖରା-ନିଆଳି ରାସ୍ତା ପ୍ରାୟ ୧ ଘଣ୍ଟା ଅବରୋଧ କରାଯାଇଥିଲା। ପୂର୍ବରୁ ବିନା ସୂଚନାରେ ବିଜେଡି କରିଥିବା ବ୍ଲକ ଘେରାଉ ଓ ରାସ୍ତାରୋକୋ ଏକ ଅଗଣତାନ୍ତ୍ରିକ କାର୍ଯ୍ୟ ବୋଲି କଣ୍ଟାପଡ଼ା ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଗୁରୁବାର କଣ୍ଟାପଡ଼ା ଡାକବଙ୍ଗଳାରେ ମଞ୍ଚ ପକ୍ଷରୁ ପ୍ରଦୀପ୍ତ ପାତ୍ରଙ୍କ ଆବାହକତ୍ୱରେ ଅଶୋକ ରଥ, ଜତିନ୍ଦ୍ର ବରାଳ, ଶଶିକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇ ବିଜେଡି ପକ୍ଷରୁ ବୁଧବାର ହୋଇଥିବା ଆନ୍ଦୋଳନ ଗଣତନ୍ତ୍ର ପ୍ରତି ବିପଦ ବୋଲି କହିଥିଲେ। ପୂର୍ବତନ ବିଧାୟକ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଦିନତମାମ ବ୍ଲକ କାର୍ଯ୍ୟାଳୟକୁ ନିଜ କବଜାରେ ରଖିବା ଓ ଜଣେ ମହିଳା ପ୍ରଶାସନିକ ଅଧିକାରୀଙ୍କୁ ଗାଳିଗୁଲଜ କରି ଅପମାନିତ କରିବା ନିନ୍ଦନୀୟ ବୋଲି ମଞ୍ଚର ସଦସ୍ୟମାନେ କହିଥିଲେ। ବୁଧବାର ଅରାଜକତା କରିଥିବା କର୍ମୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଞ୍ଚ ପକ୍ଷରୁ ଓଲଟପୁର ଥାନା ଆଇଆଇସି, କଣ୍ଟାପଡ଼ା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



ବିଜେଡିର ବ୍ଲକ ଘେରାଉ ପ୍ରସଙ୍ଗକୁ ନାଗରିକ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀରେ ବିରୋଧ କରାଯାଉଛି।

## ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା



**ଧରାବତରଣ କରିବେ ମା'**

**ମାନସିଂହ ପାଟଣା ପୂଜା କମିଟି**

କଟକ,୨୫।୯(ଶିଳ୍ପା ପ୍ରିୟଦର୍ଶିନୀ)

ରବିବାରଠାରୁ ମା' ଦୁର୍ଗାଙ୍କ ପୂଜା ମଣ୍ଡପରେ ଆରମ୍ଭ ହେବ ମହାଷଷ୍ଠୀ ପୂଜାର୍ଚ୍ଚନା। ଦିନକ ପରେ ପୂଜା ଆରମ୍ଭ ହେବାକୁ ଥିବାବେଳେ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ମାନସିଂହ ପାଟଣା ପୂଜା କମିଟି। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୪ ଲକ୍ଷ ଟଙ୍କା ବଜେଟ ରଖାଯାଇଛି। କମିଟି ପକ୍ଷରୁ ୧୯୯୨ରୁ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଛି। ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ଓ ୧୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଜରି ମେଢ଼ ନିର୍ମାଣ କରାଯାଇଛି। ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ୭୦ କେଜି ଓଜନର ଅଳଙ୍କାର କରାଯାଇଛି। ପୂଜା ମଣ୍ଡପ ସମ୍ମୁଖରେ ୨୫ ଫୁଟ୍ ଉଚ୍ଚତାର ତୋରଣ ନିର୍ମାଣ କରାଯାଇଛି। ମହାଷ୍ଟମୀରେ ୩ କୁଇଣ୍ଟାଲ ଲଡୁ ମା'ଙ୍କୁ ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ନବମୀରେ ମହାଯଜ୍ଞ ଓ ଚଣ୍ଡୀପାଠ କରାଯିବ ଏବଂ ଦଶମୀ ଦହିପଖାଳ ଭୋଗ ଲାଗି କରାଯାଇ ୧ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ଭସାଣି ଯାତ୍ରାରେ ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ପୂଜାକୁ ବିଶେଷ ଗୁରୁତ୍ୱ



"ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମା'ଙ୍କ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହାସହ ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ଯେପରି ମା'ଙ୍କ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ସହରର ପ୍ରମୁଖ ସ୍ଥାନରେ ଏହି ପୂଜା ମଣ୍ଡପ ରହିଛି। ଆଶା ରହିଛି ଭକ୍ତଙ୍କ ସମାଗମ ଅଧିକ ରହିବ।

ସନାତନ ଦାସ, ସଭାପତି

### ଡିଜେମୁକ୍ତ ଭସାଣିକୁ ଗୁରୁତ୍ୱ



"ପ୍ରଶାସନର କଟକଣା ଓ ନିୟମ ବିଶେଷ ଭାବେ ପାଳନ କରାଯିବ। ପୂଜା ଓ ଭସାଣିଯାତ୍ରାକୁ ଶୃଙ୍ଖଳିତ କରିବା ସହ ଭସାଣିକୁ ଡିଜେ ଓ ନିଶାମୁକ୍ତ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। କମିଟି କର୍ମକର୍ତ୍ତା ସମସ୍ତ ପୂଜା ଓ ଭସାଣି ଯାତ୍ରାରେ ବିଶେଷ ଧ୍ୟାନ ଦେବେ।

ପ୍ରଭାତ କୁମାର ଜେଠୀ, ସମ୍ପାଦକ

Classified Everyday
0674-2580101, 9692975378

# LEGAL NOTICE

Letter No.- 1753, Dt-15.09.2025

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଚତୁର୍ଥ ମହଲା, ବିଭାଗୀୟ
ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ନଂ.- ୮୪୧/୨୦୨୪

ଅନିତା ଆଚାର୍ଯ୍ୟ ....ବାଦିନୀ

ବନାମ

ସେଟେଲମେଣ୍ଟ ଅଫିସର, ଜୋବ୍ରା କଟକ ଓଗେର ... ପ୍ରତିବାଦୀମାନେ

ପ୍ରାପ୍ତେଷୁ ;
ପ୍ରତିବାଦୀ ନଂ.- (୩) ସିଟି ଇଂଜିନିୟର୍ସ ଆଣ୍ଡ କନଷ୍ଟ୍ରକ୍ସନ ପ୍ରା.ଲି, ମାର୍ଫତ- ପ୍ରୋଜେକ୍ଟ କୋଅର୍ଡିନେଟର, ଶ୍ରୀ ପ୍ରଦୀପ ବେହେରା, ପିତା-ଚନ୍ଦ୍ରେଶ୍ୱର ବେହେରା, ପ୍ଲଟ୍ ନଂ.-୨୧୬/୧୪୦, ଲେନ ନଂ.-୩, ନବୀନ ନିବାସ ନିକଟ, ପୋ- ଏରୋଡ୍ରମ ଏରିଆ, ଥାନା- ଏୟାରପୋର୍ଟ, ଭୁବନେଶ୍ୱର-୭୫୧୦୨୦, ଜି- ଖୋର୍ଦ୍ଧା, ଓଡ଼ିଶା, (୫) ମିନା ସ୍ୱାଇଁ, (୬) ଉର୍ମିଳା ସ୍ୱାଇଁ, (୭) ଲକ୍ଷ୍ମୀପ୍ରିୟା ସ୍ୱାଇଁ, (୮) ସୁଲୋଚନା ସ୍ୱାଇଁ, (୯) କଳ୍ପନା ସ୍ୱାଇଁ, (୧୦) ମମତା ସ୍ୱାଇଁ, (୧୧) ପବିତ୍ର ସ୍ୱାଇଁ, (୧୨) ମାନସ ସ୍ୱାଇଁ, ଏ ସମସ୍ତଙ୍କ ପିତା- ୰ଗଣେଶ ସ୍ୱାଇଁ, (୧୩) ରଙ୍ଗଲତା ସ୍ୱାଇଁ, ସ୍ୱାମୀ- ୰ଗଣେଶ ସ୍ୱାଇଁ, ଏ ସମସ୍ତଙ୍କ (୫ରୁ ୧୩)ଙ୍କ ଠିକଣା ସା/ପୋ- ବରତୋଟା, ଥାନା- ଜଟଣୀ, ଜି- ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୫୦ ....ପ୍ରତିବାଦୀମାନେ

ନୋଟିସ୍ ସି.ପି.ସି. ଅର୍ଡ଼ର- ୫, ରୁଲ୍- ୨୦ ମୁତାବକ

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା.୧୦।୧୧।୨୦୨୫ରିଖ ଦିବା ଘ. ୧୧:୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ବା ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ନଂ.-୪, ମୌଜା- ବେଲପଡ଼ା, ହାଲ୍ ଖାତା ନଂ.- ୧୩୭, ହାଲ୍ ପ୍ଲଟ୍ ନଂ.- ୧୪୧, ଏରିଆ ଏ୦.୪୫୦ଡି. କିସମ- ଶାରଦ ଅଣଜଳସେଚିତ ଏକ, ସ୍ୱତ୍ୱ- ସ୍ଥିତିବାନ, ଯାହାକି ସାବିକ ଖାତା ନଂ.- ୮୪, ସାବିକ ପ୍ଲଟ୍ ନଂ.- ୫୪, ମୋଟ୍ ଏରିଆ ଏ୦.୪୫୦ଡି. ସ୍ୱଧରୁ ଏ୦.୦୯୧.୮୨ଡି. କିସମ- ଶାରଦ ଦୁଇ, ସ୍ୱତ୍ୱ- ଦଖଲ ସ୍ୱତ୍ୱ ବିଶିଷ୍ଟ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ତା:
ଭୁବନେଶ୍ୱର
ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
କୋର୍ଟ ଅଫିସର
ଧ-୨୧୦୬

---

Letter No.-1754, Dt-15.09.2025

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଚତୁର୍ଥ ମହଲା, ବିଭାଗୀୟ
ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ନଂ.- ୮୪୨/୨୦୨୪

ଏଲିସା ଆଚାର୍ଯ୍ୟ .... ବାଦିନୀ

ବନାମ

ସେଟେଲମେଣ୍ଟ ଅଫିସର, ଜୋବ୍ରା କଟକ ଓଗେର .... ପ୍ରତିବାଦୀମାନେ

ପ୍ରାପ୍ତେଷୁ ;
ପ୍ରତିବାଦୀ ନଂ.- (୩) ସିଟି ଇଂଜିନିୟର୍ସ ଆଣ୍ଡ କନଷ୍ଟ୍ରକ୍ସନ ପ୍ରା.ଲି, ମାର୍ଫତ- ପ୍ରୋଜେକ୍ଟ କୋଅର୍ଡିନେଟର, ଶ୍ରୀ ପ୍ରଦୀପ ବେହେରା, ପିତା-ଚନ୍ଦ୍ରେଶ୍ୱର ବେହେରା, ପ୍ଲଟ୍ ନଂ.-୨୧୬/୧୪୦, ଲେନ ନଂ.-୩, ନବୀନ ନିବାସ ନିକଟ, ପୋ- ଏରୋଡ୍ରମ ଏରିଆ, ଥାନା- ଏୟାରପୋର୍ଟ, ଭୁବନେଶ୍ୱର-୭୫୧୦୨୦, ଜି- ଖୋର୍ଦ୍ଧା, ଓଡ଼ିଶା, (୫) ମିନା ସ୍ୱାଇଁ, (୬) ଉର୍ମିଳା ସ୍ୱାଇଁ, (୭) ଲକ୍ଷ୍ମୀପ୍ରିୟା ସ୍ୱାଇଁ, (୮) ସୁଲୋଚନା ସ୍ୱାଇଁ, (୯) କଳ୍ପନା ସ୍ୱାଇଁ, (୧୦) ମମତା ସ୍ୱାଇଁ, (୧୧) ପବିତ୍ର ସ୍ୱାଇଁ, (୧୨) ମାନସ ସ୍ୱାଇଁ, ଏ ସମସ୍ତଙ୍କ ପିତା- ୰ଗଣେଶ ସ୍ୱାଇଁ, (୧୩) ରଙ୍ଗଲତା ସ୍ୱାଇଁ, ସ୍ୱାମୀ- ୰ଗଣେଶ ସ୍ୱାଇଁ, ଏସମସ୍ତଙ୍କ (୫ରୁ ୧୩)ଙ୍କ ଠିକଣା ସା/ପୋ- ବରତୋଟା, ଥାନା- ଜଟଣୀ, ଜି- ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୫୦ ... ପ୍ରତିବାଦୀମାନେ

ନୋଟିସ୍ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପରଲିଖିତ ଓ.ଏସ୍.ଏସ୍ କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୧୦।୧୧।୨୦୨୫ରିଖ ଦିବା ଘ. ୧୧:୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ବା ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ନଂ.-୪, ମୌଜା- ବେଲପଡ଼ା, ହାଲ୍ ଖାତା ନଂ.- ୧୩୭, ହାଲ୍ ପ୍ଲଟ୍ ନଂ.- ୧୪୧, ଏରିଆ ଏ୦.୪୫୦ଡି., କିସମ ଶାରଦ ଅଣଜଳସେଚିତ ଏକ, ସ୍ୱତ୍ୱ- ସ୍ଥିତିବାନ, ଯାହାକି ସାବିକ ଖାତା ନଂ.-୮୪, ସାବିକ ପ୍ଲଟ୍ ନଂ.- ୫୪, ମୋଟ୍ ଏରିଆ ଏ୦.୪୫୦ଡି. ସ୍ୱଧରୁ ଏ୦.୦୯୧.୮୨ଡି. କିସମ- ଶାରଦ ଦୁଇ, ସ୍ୱତ୍ୱ- ଦଖଲ ସ୍ୱତ୍ୱ ବିଶିଷ୍ଟ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ ।

ତା :
ଭୁବନେଶ୍ୱର
ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
କୋର୍ଟ ଅଫିସର
ଧ-୨୧୦୫

---

Letter No.- 1782, dtd. 17.9.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ
କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍.କେସ୍ ନମ୍ବର ୧୨୩୭/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ହରେକୃଷ୍ଣ ସାହୁ ....ବାଦୀ

ବନାମ

ଧୋବେଇ ସାହୁ ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.- ୩, ଆରତ ସାହୁ, ପିତା - ମାଧବ ସାହୁ, ୬. ରଙ୍ଗ ସାହୁ, ୭. ବେଙ୍ଗ ସାହୁ, ୮. ଲତା ସାହୁ
ପ୍ରତିବାଦୀ ନଂ.- ୬,୭,୮, ପିତା- କୁଳମଣି ସାହୁ, ୯. କୁମା ସାହୁ, ସ୍ୱାମୀ- କୁଳମଣି ସାହୁ, ୧୨. ଶଶି ସାହୁ, ପିତା- ଯୋଗୀ ସାହୁ, ୧୩. ରବି ସାହୁ, ପିତା- ଦିଜାବର ସାହୁ, ୧୪ ତାଇ ସାହୁ, ସ୍ୱାମୀ- ଦିଜାବର ସାହୁ

ପ୍ରତିବାଦୀମାନଙ୍କ ଠିକଣା ଗ୍ରାମ- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଳବାଇ କଲୋନି, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୦।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ମୌଜା- ଗାଡ଼କଣ

ସାବକ

ଖାତା ନମ୍ବର- ୪୯୮, ପ୍ଲଟ୍ ନମ୍ବର- ୧୦୧, ରକବା- ଏ୦.୩୭୦ଡେସିମିଲରୁ ଏ୦.୦୪୬ଡି., ସ୍ୱତ୍ୱ- ସ୍ଥିତିବାନ

ହାଲ୍

ଖାତା ନମ୍ବର- ୮୯୭, ପ୍ଲଟ୍ ନମ୍ବର- ୩୦୮୪, ରକବା- ଏ୦.୧୨୦ଡେସିମିଲ ରୁ ଏ୦.୦୪୬ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ- ୨୧୧୯

---

Letter No.- 1783, dtd. 17.9.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ
କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ
କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୨୪୬/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଉମେଶ ପ୍ରସାଦ ମହାପାତ୍ର .... ବାଦୀ

ବନାମ

ଗୁଣ୍ଡୁଚି ସାହୁ ଓ ଅନ୍ୟମାନେ .... ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୩. ଶଶି ସାହୁ, ପିତା- ଯୋଗୀ ସାହୁ, ୪. ରବି ସାହୁ, ପିତା- ଦିଜବର ସାହୁ, ୫. ତଇ ସାହୁ, ସ୍ୱାମୀ- ଦିଜବର ସାହୁ

ପ୍ରତିବାଦୀମାନଙ୍କ ଠିକଣା ଗ୍ରାମ- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଳବାଇ କଲୋନି, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭୫୧୦୧୬

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୦।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ମୌଜା- ଗାଡ଼କଣ

ସାବକ

ଖାତା ନମ୍ବର- ୪୯୮, ପ୍ଲଟ୍ ନମ୍ବର- ୧୦୧, ରକବା- ଏ୦.୩୭୦ଡେସିମିଲ ରୁ ଏ୦.୦୪୬ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୮୯୭, ପ୍ଲଟ୍ ନମ୍ବର- ୩୦୮୩, ରକବା- ଏ୦.୦୪୦ଡେସିମିଲ ରୁ ଏ୦.୦୧୧ଡେସିମିଲ, ପ୍ଲଟ୍ ନମ୍ବର- ୩୦୮୪, ରକବା- ଏ୦.୧୨୦ଡେସିମିଲରୁ ଏ୦.୦୩୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୧୧୮

---

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

---

Letter No.- 1786, dtd. 17.9.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ
କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ
କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୨୪୩/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ବିଶ୍ୱନାଥ ନାୟକ ...ବାଦୀ

ବନାମ

ପ୍ରଭାକର ବେହେରା ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ପ୍ରଭାକର ବେହେରା, ପିତା- ମୋହନ ବେହେରା, ୨. କୃପାସିନ୍ଧୁ ବେହେରା, ପିତା- କୁବେର ବେହେରା, ୩. ବ୍ରଜବନ୍ଧୁ ବେହେରା, ପିତା- ଦିବାକର ବେହେରା, ୪. ଜଇ ବେହେରା, ପିତା- ଦିନବନ୍ଧୁ ବେହେରା

ପ୍ରତିବାଦୀମାନଙ୍କ ଠିକଣା ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୦।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ

ସାବକ

ଖାତା ନମ୍ବର- ୧୭୦, ପ୍ଲଟ୍ ନମ୍ବର- ୯୫୨, ରକବା- ଏ୧.୫୭୦ଡେସିମିଲରୁ ଏ୦.୦୦୨ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୮୩୩, ପ୍ଲଟ ନମ୍ବର- ୪୧୬୩, ରକବା- ଏ୦.୦୬୫ଡେସିମିଲରୁ ଏ୦.୦୦୨ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୧୨୦

---

Letter No.- 1785, dtd. 17.9.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ
କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ
କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୨୩୮/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସମ୍ବିତ୍ ବେଦାନ୍ତ ...ବାଦୀ

ବନାମ

ଧୋବେଇ ସାହୁ ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୩. ଆରତ ସାହୁ, ପିତା- ମାଧବ ସାହୁ, ୬. ରଙ୍ଗ ସାହୁ, ୭. ବେଙ୍ଗ ସାହୁ, ୮. ଲତା ସାହୁ
ପ୍ରତିବାଦୀ ନଂ. ୬,୭,୮ ପିତା- କୁଳମଣି ସାହୁ, ୯. କୁମା ସାହୁ, ସ୍ୱାମୀ- କୁଳମଣି ସାହୁ, ୧୧. ଧୂଳି ସାହୁ, ପିତା- ଯୋଗୀ ସାହୁ, ୧୨. ଶଶି ସାହୁ, ପିତା - ଯୋଗୀ ସାହୁ, ୧୪. ତାଇ ସାହୁ, ସ୍ୱାମୀ- ଦିଜାବର ସାହୁ
ପ୍ରତିବାଦୀମାନଙ୍କ ଠିକଣା ଗ୍ରାମ- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଳବାଇ କଲୋନି, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୦।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ମୌଜା- ଗାଡ଼କଣ

ସାବକ

ଖାତା ନମ୍ବର- ୪୯୮, ପ୍ଲଟ୍ ନମ୍ବର- ୧୦୧, ରକବା- ଏ୦.୩୭୦ଡେସିମିଲରୁ ଏ୦.୦୦୬ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୮୯୭, ପ୍ଲଟ୍ ନମ୍ବର- ୩୦୮୨, ରକବା- ଏ୦.୦୭୦ଡେସିମିଲରୁ ଏ୦.୦୦୬ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍
ଉତ୍ତର- ପ୍ଲଟ୍‌ର ବାକି ଅଂଶ, ଦକ୍ଷିଣ- ପ୍ଲଟ୍ ନମ୍ବର- ୫୧୨୮, ପୂର୍ବ- ରାସ୍ତା ପଶ୍ଚିମ- ପ୍ଲଟ୍‌ର ବାକି ଅଂଶ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୧୨୨

---

Letter No.- 1784
dtd. 17.9.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ
ରିଭିଜନ ଅଦାଲତ ନମ୍ବର- ୪,
ଶ୍ରୀ ପ୍ରଦୀପ କୁମାର ନାୟକ,
(ଭା.ପ୍ର.ସେ.), ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ,
ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର
୧୨୪୪/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ପୂର୍ଣ୍ଣ ଚନ୍ଦ୍ର ଜେନା ...ବାଦୀ

ବନାମ

ଧୋବେଇ ସାହୁ ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୨. ଶୋଭା ସାହୁ, ପିତା- ଲକ୍ଷ୍ମଣ ସାହୁ, ୩. ଆରତ ସାହୁ, ପିତା- ମାଧବ ସାହୁ, ୬. ରଙ୍ଗ ସାହୁ, ୭. ବେଙ୍ଗ ସାହୁ, ୮. ଲତା ସାହୁ
ପ୍ରତିବାଦୀ ନଂ. ୬,୭,୮ ପିତା- କୁଳମଣି ସାହୁ, ୯. କୁମା ସାହୁ, ସ୍ୱାମୀ- କୁଳମଣି ସାହୁ, ୧୦. ଧୂଳି ସାହୁ, ପିତା- ଯୋଗୀ ସାହୁ, ୧୧. ଶଶି ସାହୁ, ପିତା- ଯୋଗୀ ସାହୁ, ୧୩. ତାଇ ସାହୁ, ସ୍ୱାମୀ- ଦିଜାବର ସାହୁ, ୧୮. ଗୋବିନ୍ଦ ସାହୁ, ୧୯. କାଳନ୍ଦୀ ସାହୁ, ୨୦. ପଞ୍ଚାନନ ସାହୁ, ୨୧. କାଞ୍ଚନ ସାହୁ
ପ୍ରତିବାଦୀ ନଂ. ୧୮ ରୁ ୨୧ ପିତା- ଉଚ୍ଛବ ସାହୁ

ପ୍ରତିବାଦୀମାନଙ୍କ ଠିକଣା ଗ୍ରାମ- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଳବାଇ କଲୋନି, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୦।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ମୌଜା- ଗାଡ଼କଣ

ସାବକ

ଖାତା ନମ୍ବର- ୪୯୮, ପ୍ଲଟ୍ ନମ୍ବର-୧୦୧, ରକବା- ଏ୦.୩୭୦ଡେସିମିଲରୁ ଏ୦.୦୪୬ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୮୯୭, ପ୍ଲଟ୍ ନମ୍ବର- ୩୦୮୨, ରକବା- ଏ୦.୦୭୦ଡେସିମିଲରୁ ଏ୦.୦୧୭ଡେସିମିଲ, ପ୍ଲଟ୍ ନମ୍ବର- ୩୦୮୩, ରକବା- ଏ୦.୦୪୦ଡେସିମିଲରୁ ଏ୦.୦୨୯ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୧୨୧

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................


ଗୁଡୁଲ୍
ପରିବାରବର୍ଗ


ସିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବର୍ଷକରେ ୧,୬୫୧ କୋଟି ଟଙ୍କାର ବଳକା ବିଜୁଳି ବିକ୍ରି

ଭୁବନେଶ୍ୱର, ୨୫।୯(ଅନୁରାଧା ମହାରଣା)



ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବାବେଳେ ଗତ ଆର୍ଥିକ ବର୍ଷରେ ଓଡ଼ିଶା ବଳକା ବିଜୁଳି ବିକି ୧୬୫୧ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପାଇଛି। ବିଧାନସଭାରେ ରାଜ୍ୟର ବଳକା ବିଜୁଳି ସଂକ୍ରାନ୍ତୀୟ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ସୂଚନା ଦେଇଛନ୍ତି। ସିଂଦେଓ ଦର୍ଶାଇଛନ୍ତି, ୨୦୧୯-୨୦ ବର୍ଷରେ ଓଡ଼ିଶା ବାହାର ରାଜ୍ୟକୁ ୧୨୮୫ ନିୟୁତ ୟୁନିଟ୍ ବିଜୁଳି ବିକ୍ରିକରି ୩୪୪ କୋଟି ଟଙ୍କାର ରାଜସ୍ୱ ପାଇଥିବାବେଳେ ୨୦୨୦-୨୧ ବର୍ଷରେ ରାଜସ୍ୱ ପରିମାଣ ୧୫୮୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ତେବେ ୨୦୨୨-୨୩ ବର୍ଷରେ ବିଜୁଳି ବିକ୍ରି ପରିମାଣ ୧୨୯୫ ନିୟୁତ ୟୁନିଟ୍‌କୁ ହ୍ରାସ ପାଇବା ସହିତ ରାଜସ୍ୱ ପରିମାଣ ମଧ୍ୟ ୬୭୭ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ତେବେ ଏହା ପରଠାରୁ ଅର୍ଥାତ୍ ୨୦୨୩-୨୪ ବର୍ଷରେ ଓଡ଼ିଶା ୧୧୨୯.୬୪ କୋଟି ଟଙ୍କାର ବିଜୁଳି ବିକ୍ରି କରିଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୬୫୧ କୋଟି ୫୯ଲକ୍ଷ ଟଙ୍କା ହୋଇଛି। ସେହିଭଳି ବିଜୁଳି ପରିବହନ ଓ ବଣ୍ଟନ ଜନିତ କ୍ଷତିର ପରିମାଣ ସଂକ୍ରାନ୍ତରେ ମନ୍ତ୍ରୀ ଦର୍ଶାଇଛନ୍ତି, ୨୦୨୪-୨୫ ବର୍ଷରେ ଟିପିସିଓଡିଏଲ୍‌ର ଏହି କ୍ଷତି ୧୯.୧୧% ଥିଲା, ଯାହାକି ସର୍ବଭାରତୀୟ ସ୍ତରରେ ସପ୍ତମ ସ୍ଥାନ। ସେହିଭଳି ଟିପିଡବ୍ଲ୍ୟୁଓଡିଏଲ୍‌ର କ୍ଷତି ୧୬.୨୩% ପ୍ରତିଶତ ଥିବାବେଳେ ଏହା ଦେଶର ଷଷ୍ଠ ସ୍ଥାନରେ ରହିଥିଲା। ଟିପିଏନ୍ଓଡିଏଲର କ୍ଷତି ୧୨.୪୬% ହୋଇ ଦେଶର ନବମ ସ୍ଥାନରେ ଥିବାବେଳେ ଟିପିଏସ୍ଓଡିଏଲ୍‌ର କ୍ଷତିର ପରିମାଣ ୨୩.୩୬% ରହିଛି ଯାହାକି ଦେଶର ୨୯ତମ ସ୍ଥାନ। ଏହି କ୍ଷତିକୁ ହ୍ରାସ ପାଇଁ ଜିଆଇଏସ୍ ଆଧାରିତ ନେଟ୍‌ୱର୍କ ଯୋଜନା ହାତକୁ ନିଆଯାଇଥିବାବେଳେ ନୂତନ ଫିଡର ଏବଂ ଇଣ୍ଟରଲିଙ୍କ୍ ଲାଇନ୍ ସଂଖ୍ୟା ବୃଦ୍ଧି କରାଯାଇଛି। ଅତିରିକ୍ତ ଲୋଡ୍‌ର ଆବଶ୍ୟକତା ପୂରଣ ପାଇଁ ନୂତନ ପିଏସଏସ ନିର୍ମାଣ କରାଯାଉଛି।

## ଆଳୁ ପାଇଁ ୪୮ହଜାର ଓ ପିଆଜ ଲାଗି ୫୮ହଜାର ଟଙ୍କାର ସହାୟତା

ଭୁବନେଶ୍ୱର, ୨୫।୯

ରାଜ୍ୟରେ ଆଳୁ ଓ ପିଆଜର ଉତ୍ପାଦନ ବଢ଼ାଇବାପାଇଁ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟ ଯୋଜନା ଅନ୍ତର୍ଗତ 'ଆଳୁ, ପନିପରିବା ଏବଂ ମସଲା ଉତ୍ପାଦନ' ଯୋଜନାରେ ଆଳୁ ଚାଷ ପାଇଁ ହେକ୍ଟର ପ୍ରତି ୪୦,୨୩୦ ଟଙ୍କାର ସହାୟତା ଦିଆଯାଉଛି ପିଆଜ ଚାଷ ପାଇଁ ୫୮ ହଜାର ଟଙ୍କା ମିଳୁଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ଚାହିଦା ମେଣ୍ଟାଇବା ପାଇଁ ବାର୍ଷିକ ହାରାହାରି ୧୪ଲକ୍ଷ ମେଟ୍ରିକ ଟନ୍ ଆଳୁ, ୩.୮୦ ଲକ୍ଷ ମେଟ୍ରିକ ଟନ୍ ପିଆଜ, ୨.୪୦ ଲକ୍ଷ ମେଟ୍ରିକ ଟନ୍ ଚିନି, ୨.୦୮ ଲକ୍ଷ ମେଟ୍ରିକ ଟନ୍ ଲୁଣ ଏବଂ ୩.୨୦ଲକ୍ଷ ମେଟ୍ରିକ ଟନ୍ ଡାଲି ଆବଶ୍ୟକ ଅଛି। ଚାହିଦା ପୂରଣ ପାଇଁ ବ୍ୟବସାୟୀମାନେ ଆଭ୍ୟନ୍ତରୀଣ ଉତ୍ପାଦନ ସହ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ, ତାମିଲନାଡୁ,ଗୁଜରାଟରୁ ଖାଦ୍ୟ ସାମଗ୍ରୀ ଆମଦାନୀ କରିଥାନ୍ତି।

# ୟୁବିଆଇ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, ୨୫।୯



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଓ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ -୨୦୨୫ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ', ଏକ୍ ଦିନ୍ , ଏକ୍ ଘଣ୍ଟା, ଏକ୍ ସାଥ୍-ଶ୍ରମଦାନ' ସମ୍ପର୍କିତ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ୱାକାଥନ୍‌ଟି କ୍ୟାଣ୍ଟୋନ୍‌ମେଣ୍ଟ ରୋଡ୍‌ରୁ ବାରବାଟୀ ଷ୍ଟାଡିୟମରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର କର୍ମଚାରୀ ବାରବାଟୀ ଷ୍ଟାଡିୟମର ଆଖପାଖ ଅଞ୍ଚଳକୁ ସଫେଇ କରିଥିଲେ। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ଉପ-କ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁଚରଣ ବେହେରା, ଉପ-କ୍ଷେତ୍ରୀୟ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଦାସ, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା, ମୁଖ୍ୟ ପ୍ରବନ୍ଧକ ବିନୋଦ ମେହେର,ମୁଖ୍ୟ ପ୍ରବନ୍ଧକ ଏଚ୍.କେ. ସାହୁ, ମୁଖ୍ୟ ପ୍ରବନ୍ଧକ ପି. ଭି. ପ୍ରେମାନନ୍ଦନ ଏବଂ ମୁଖ୍ୟ ପ୍ରବନ୍ଧକ ପ୍ରଭାକର ସାହୁ ଦେଇଥିଲେ।


## ଜନ୍ମଦିନ ଶୁଭେଚ୍ଛା



ଶ୍ରୀ ଅମିୟ ପ୍ରସାଦ ପ୍ରିୟଦର୍ଶୀ ନାୟକ (ସିଲୁ)
ଗ୍ରାମ- ପ୍ରହରାଜପୁର, ମଣ୍ଡାସାହି, ଜଗତ୍‌ସିଂହପୁର
Mob- 9937796500/ 7735634659
ଆଜି ତୋର ଜନ୍ମଦିନ, ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ, ସାଇବାବାଙ୍କ ପାଖରେ ଶୁଭ କାମନା ତୋର ଚଲାପଥ ସୁଖମୟ ହେଉ। ଆଜି ମୋର ପୁଅ ୧୯ବର୍ଷରେ ପଦାର୍ପଣ କଲା। ଆଜିଠାରୁ ୧୯ବର୍ଷ ଚାଲିଲା।
ଜନ୍ମ ତାରିଖ ୨୬।୦୯।୨୦୦୬
ଧ-୨୧୧୨

## ଜନ୍ମଦିନ ଶୁଭେଚ୍ଛା



ଶ୍ୱେତା (ଗୁଡୁଲ୍)
Unit IX, Road No.-3, 2RA.21, Bhubaneswar
ଆଜି ୨୬।୦୯।୨୫ ଶୁକ୍ରବାର ତୋର ଜନ୍ମଦିନରେ କାକଟପୁର ବାସିନୀ ମା ମଙ୍ଗଳାଙ୍କ ଚରଣତଳେ ଆମର ଏତିକି ଗୁହାରୀ, ମା ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡ଼େଇ ରଖୁ, ନୀରୋଗ ରଖୁ, ବିଦ୍ୟା, ବୁଦ୍ଧି ଦେଉ, ଭଲମଣିଷ ଟିଏ କରୁ।
ଶୁଭେଚ୍ଛା ସହ: ଅଜା(ଧଡୁ), ଆଈ (ଅର୍ଚ୍ଚନା), ମାଆ(ରୀତା), ବାପା, ବାବାମାମା, ମାଉସୀ(କୁଙ୍ଗାମା), ଗେଲ୍ହ ସାନଭାଇ (ଆଶୁ), ସାନଭଉଣୀ (ସାନ୍ଲୁ)।
ଧ-୨୦୯୮


# ଅରୁନ୍ଧତୀ ଜୁଏଲର୍ସ ସମ୍ବଲପୁର ଶାଖାର ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର, ୨୫।୯

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ସମ୍ବଲପୁର ଶାଖାର ୧୧ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହା ବହୁ ସଂଖ୍ୟକ ଶୁଭେଚ୍ଛୁ, ଗ୍ରାହକଙ୍କ ଉପସ୍ଥିତିରେ ଧୁମଧାମରେ ପାଳନ କରାଯାଇଛି। ସାରା ରାଜ୍ୟରେ ଅଳଙ୍କାର କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଇ ପ୍ରଶଂସା ସାଉଁଟିଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୧୧ ବର୍ଷ ଧରି ସମ୍ବଲପୁରବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା, ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ସମ୍ବଲପୁରବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲେରି ବ୍ରାଣ୍ଡ ଭାବେ ପରିଚିତ ହୋଇଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏତେ ବାଟକୁ ଆଣିଥିବାରୁ ଆନ୍ତରିକ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ଉଲ୍ଲେଖଯୋଗ୍ୟ, ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ଆନିଭରସାରି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଆଡଭାନ୍ସ ବୁକିଂରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ 'ପେ ଜିରୋ ଫର୍ ଇଜି ଜୁଏଲେରି ପର୍‌ଚେଜ୍ ପ୍ଲାନ୍' ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉଛି।

# ୱଣ୍ଡର୍‌ଲା ପାଳୁଛି ପ୍ରଥମ ବାର୍ଷିକୀ

### ପାର୍ବଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ଅଫର ଘୋଷଣା

ଭୁବନେଶ୍ୱର, ୨୫।୯(ଅନୁରାଧା ମହାରଣା)



ଭୁବନେଶ୍ୱର ଉପକଣ୍ଠ କୁମ୍ଭାରବସ୍ତସ୍ଥିତ ୱଣ୍ଡର୍‌ଲା ଆମ୍ୟୁଜମେଣ୍ଟ ପାର୍କ ନିଜର ପ୍ରଥମ ବାର୍ଷିକ ଦିବସ ପାଳନ କରୁଥିବା ବେଳେ ଏକ ବ୍ୟାପକ ପାର୍ବଣ କାର୍ଯ୍ୟକ୍ରମ ଏବଂ ପୂଜା ବିଶେଷ ଅଫର ଘୋଷଣା କରିଛି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ, ୱଣ୍ଡର୍‌ଲା ହଲିଡେଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଓ ପରିଚାଳନା ନିର୍ଦ୍ଦେଶକ ଅରୁନ କେ ଚିଟ୍ଟିଲାପଲ୍ଲି କହିଛନ୍ତି, ୨୦୨୪ ସେପ୍ଟେମ୍ବରରେ ଏହାର ଉଦ୍‌ଘାଟନ ପରଠାରୁ ୱଣ୍ଡର୍‌ଲା ଭୁବନେଶ୍ୱର ୨.୬୪ ଲକ୍ଷରୁ ଅଧିକ ଅତିଥିଙ୍କୁ ସ୍ୱାଗତ କରିଛି। ଏହି ଅବସରରେ ୱଣ୍ଡର୍‌ଲା ହଲିଡେଜ୍ ଲିମିଟେଡ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଧୀରନ ଚୌଧୁରୀ କହିଛନ୍ତି, ଅଡିଟ୍ ହୋଇଥିବା ତଥ୍ୟ ଅନୁଯାୟୀ ୨୦୨୫ ଜୁନ୍ ସୁଦ୍ଧା ୧୨୧ଟି ଶିକ୍ଷାନୁଷ୍ଠାନ ଏବଂ ୪୧୩ଟି କର୍ପୋରେଟ୍ ଗ୍ରୁପ୍‌କୁ ଆମନ୍ତ୍ରଣ କରାଯାଇଛି। ଏହାସହ ଦୁଇଟି ନୂତନ ରୋମାଞ୍ଚକାରୀ ରାଇଡ୍ - 'ଫଙ୍କି ମଙ୍କି' ଏବଂ 'ୱଣ୍ଡର୍‌ଲା ବାମ୍ପ'କୁ ଆରମ୍ଭ ହୋଇଛି। ଏହି ପାର୍କଟି ରାଜ୍ୟର ପ୍ରଥମ ସନ୍‌ବର୍ନ କନ୍‌ସର୍ଟ ଭଳି ମେଗା କାର୍ଯ୍ୟକ୍ରମ ସହିତ ଅନେକ ଏବଂ ଉତ୍ସବର ଆୟୋଜନ କରିଛି। ୱଣ୍ଡର୍‌ଲା ଭୁବନେଶ୍ୱର ଏକ ବିଶେଷ ପୂଜା ପାସ୍ ଘୋଷଣା କରିଛି ଯାହା କେବଳ ଅନ୍‌ଲାଇନ ବୁକିଂ ପାଇଁ ୭୯୯ ଟଙ୍କାରେ ଉପଲବ୍ଧ ଏବଂ ସେହି ପାସ୍‌କୁ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୭ ମଧ୍ୟରେ ବ୍ୟବହାର କରାଯାଇପାରିବ। ଅତିଥିମାନେ ୱଣ୍ଡର୍‌ଲାର ରୋମାଞ୍ଚକାରୀ ରାଇଡ୍ ସହିତ ଏକ ର୍‌ୟାପର୍ ଶୋ, ଏକ ରୋମାଞ୍ଚକାରୀ ପାଇକ ଆଖଡ଼ା ଅଗ୍ନି କାର୍ଯ୍ୟକ୍ରମ ଏବଂ ଡିଜେ ନାଇଟ୍ ଭଳି କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। ସୂଚନାଥାଉକି ପାର୍କ ବାହ୍ୟ ସାମ୍ପ୍ରଦାୟିକ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିରର ଆୟୋଜନ ସହ ପାର୍କଟି ନିରବଚ୍ଛିନ୍ନ ଆବର୍ଜନା ସଂଗ୍ରହ ପାଇଁ ଖୋର୍ଦ୍ଧା ମ୍ୟୁନିସିପାଲିଟିକୁ ଯାନବାହନ ଦାନକରି ପରିବେଶ ସମ୍ବନ୍ଧୀୟ ସ୍ଥିରତାକୁ ମଧ୍ୟ ଆଗକୁ ବଢ଼ାଇଛି ଏବଂ ଭିଡ଼ ପରିଚାଳନା ଏବଂ ସ୍ୱୟଂସେବକମାନଙ୍କ ପାଇଁ ପ୍ରତିଫଳକ ଜାକେଟ୍ ପ୍ରଦାନ କରି ସାର୍ବଜନୀନ ସୁରକ୍ଷାକୁ ଦୃଢ଼ କରିଛି। ଏ ଅବସରରେ ପାର୍କ ହେଡ୍ ସମୀର ସୟଦ ଅଲ୍ଲୀ ମଧ୍ୟ ଉପସ୍ଥିତ ଥିଲେ।

# ବିଓବିର ବାର୍ଷିକ ଉତ୍ସବ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୫।୯

ବ୍ୟାଙ୍କ ଅଫ୍ ବରୋଦା ଏହାର ବାର୍ଷିକ ଉତ୍ସବ ଅଭିଯାନ 'ବିଓବି କେ ସଙ୍ଗ୍ ତ୍ୟୋହାର କି ଉମଙ୍ଗ୍- ଶୁଭ ଭି ଲାଭ ଭି' ଆରମ୍ଭ କରିଛି। ଏହି ଅଭିଯାନ ଅଧୀନରେ ଖୁଚୁରା ଓ ଏମ୍ଏସ୍ଏମ୍ଇ ଗ୍ରାହକମାନଙ୍କ ପାଇଁ ଅନେକ ଉତ୍ସାହଜନକ ଅଫର ଆରମ୍ଭ କରିଛି। ରିହାତି, ସ୍ୱତନ୍ତ୍ର ଅଫର ଏବଂ ଭାଲ୍ୟୁ ଆଡେଡ୍ ଲାଭ ପ୍ରଦାନକରି ଗ୍ରାହକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ଏହାର ଲକ୍ଷ୍ୟ ରହିଛି। ଗୃହଋଣ ଅଫର ଅଧୀନରେ ବାର୍ଷିକ ୭.୫% ହାରରେ ସ୍ୱତନ୍ତ୍ର ସୁଧ ହାର ସହ ପ୍ରୋସେସିଂ ଫି ଉପଲବ୍ଧ ନାହିଁ, ୪୦ ବର୍ଷ ବୟସରୁ କମ୍ ମହିଳା ଜେନ୍ ଜି ଏବଂ ମିଲେନିୟାଲମାନଙ୍କ ପାଇଁ ରିହାତି ସୁଧ ହାର, ସହଜ ଟପ୍-ଅପ୍ ସୁବିଧା ଏବଂ ଦୈନିକ ହ୍ରାସ ବଳକା ଉପରେ ସୁଧ ଗଣନା ଆଦି କରାଯିବ। କାର୍ ଋଣ ଅଫର ଅଧୀନରେ ଆକର୍ଷଣୀୟ ସୁଧ ହାର, ସ୍ଥାୟୀ ଏବଂ ଫ୍ଲୋଟିଂ ସୁଧ ହାର ବିକଳ୍ପ ସହ ଦୈନିକ ହ୍ରାସ ବଳକା ଉପରେ ସୁଧ ଗଣନା, ଫ୍ଲୋଟିଂ ସୁଧ ହାର ସହିତ କୌଣସି ପରିଶୋଧ ଶୁଳ୍କ ଉପଲବ୍ଧ ନାହିଁ, ୮୪ ମାସ ପର୍ଯ୍ୟନ୍ତ ବର୍ଦ୍ଧିତ ପରିଶୋଧନ ଅବଧି, ବୈଦ୍ୟୁତିକ ଯାନ ପାଇଁ ପରିଶୋଧ ଅବଧି ୯୬ ମାସ ପର୍ଯ୍ୟନ୍ତ ବୃଦ୍ଧି, ବୈଦ୍ୟୁତିକ ଯାନ ପାଇଁ ୫୦% ପ୍ରୋସେସିଂ ଫି ରିହାତି, ଅନ୍ ରୋଡ୍ ମୂଲ୍ୟର ୯୦% ପର୍ଯ୍ୟନ୍ତ ଆର୍ଥିକ ସହାୟତା, ବ୍ୟାଙ୍କର ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ତୁରନ୍ତ ଋଣ ମଞ୍ଜୁର ଆଦି ଅନ୍ତର୍ଭୁକ୍ତ ରହିଛି। ଏହାସହ ବିଓବି ସୁନା ଋଣ ଏବଂ ବନ୍ଧକ ଋଣ ଉପରେ ସୀମିତ ଅବଧି ପାଇଁ ରିହାତି ସୁଧ ହାର ପ୍ରଦାନ କରୁଛି। ବିଓବି ମାଷ୍ଟର ଷ୍ଟ୍ରୋକ୍ ସେଭିଂ ଆକାଉଣ୍ଟ ଅଧୀନରେ ଆକର୍ଷଣୀୟ ଅଫର ସହ ମାଗଣା ଇଜି-ମାଇଁ-ଟ୍ରିପ୍ ଡେବିଟ୍ କାର୍ଡ, ମାଗଣା ନିଫ୍ଟ /ଆର୍‌ଟିଜିଏସ୍/ ଆଇଏମ୍‌ପିଏସ୍ କାରବାର, ଲକର ସୁବିଧା ଉପରେ ୭୫୦ ଟଙ୍କାର ରିହାତି, ଖୁଚୁରା ଋଣ ପାଇଁ ପ୍ରୋସେସିଂ ଦେୟ ଏବଂ ସୁଧ ହାରରେ ରିହାତି, ଲାଇଫ୍‌ଟାଇମ୍ ଫ୍ରି କ୍ରେଡିଟ୍ କାର୍ଡ ଉପଲବ୍ଧ। ବିଓବି ସ୍ମାର୍ଟ କରେଣ୍ଟ ଆକାଉଣ୍ଟରେ ମାଗଣା ଅନ୍‌ଲାଇନ ନିଫ୍ଟ /ଆର୍‌ଟିଜିଏସ୍/ ଆଇଏମ୍‌ପିଏସ୍ /ୟୁପିଆଇ କାରବାର, ଲାଇଫ୍‌ଟାଇମ୍ ମାଗଣା କର୍ପୋରେଟ୍ କ୍ରେଡିଟ୍ କାର୍ଡ, ଭିସା ବ୍ୟାପାର ଡିଆଇ ଡେବିଟ କାର୍ଡ ଆଦି ରହିଛି। ଏହି ଅବସରରେ ବ୍ୟାଙ୍କ ଡେବିଟ୍ କାର୍ଡ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି।

# ପିଏନ୍‌ବି ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା- ସ୍ୱଚ୍ଛୋତ୍ସବ'



ଭୁବନେଶ୍ୱର, ୨୫।୯

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅଞ୍ଚଳ କାର୍ଯ୍ୟାଳୟ ଏବଂ ଏହାର ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ଏବଂ ଉପ-ଆଞ୍ଚଳିକ ପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ରଙ୍କ ବରିଷ୍ଠ ମାର୍ଗଦର୍ଶନ ଓ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ ସକ୍ରିୟ ଅଂଶଗ୍ରହଣକରି ଆଞ୍ଚଳିକ କାର୍ଯ୍ୟାଳୟର ଆଖପାଖ ଅଞ୍ଚଳକୁ ପରିଷ୍କାର କରିଥିଲେ। ଏଥିସହ ଆଞ୍ଚଳିକ ପ୍ରବନ୍ଧକ ଶର୍ମାଙ୍କ ସମେତ ସମସ୍ତ ଅଧିକାରୀ ବୃକ୍ଷରୋପଣ କରି ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପରିବେଶର ବାର୍ତ୍ତା ଦେଇଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

Flat 3BHK resale Rs. 68 Lakhs only, At Jharpada, Bhubaneswar immediately. Details contact- 8249191613.
D-2070

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952.
D-02

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296.
D-1941



The massage felt totally professional & comfortable at all times-7978109255.
D-76495

## LOST

I, Abhishek Sabat (20yrs), S/o- Dibakar Sabat, Vill- Dadhibamanapur, P.O.- Kanheibindha, P.O.- Simulia, Dist.- Balasore, state that I have lossed my 12th passed Original SLC No.- 157/2023-24, Original Conduct Certificate, Original Admit Card somewhere while I was travelling by Train from Bhadrak to Guwahati on dtd. 20.09.2025. I swear this affidavit the concerned authority issue duplicate said above documents.
D-2126

I, Somalin Nayak my +3 Arts Migration Certificate, year- 2018 from Ravenshaw University, Cuttack has been completely destroyed by whiteants by affidavit No.- 1785, dt 24.09.2025 before the Notary Magistrate, Bhubaneswar.
D-2124

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 25.09.2025, I, Sangeetrao Chinmaya Kumar Sarma, resident of 121/99, Trahi Achyuta Nagar, Siba Mandira Road, Jhinti Sasan, P.O.- Jhinti Sasan, P.S.- Balipatna, Dist.- Khordha, Odisha, PIN-752100 declare that I have changed my name from S. Chinmaya Kumar Sarma to Sangeetrao Chinmaya Kumar Sarma. Henceforth, I shall be known as Sangeetrao Chinmaya Kumar Sarma for all purposes. Sangeetrao Chinmaya Kumar Sarma.
D-75854

By virtue of an affidavit sworn before the Executive Magistrate Daringbadi, At/P.O./P.S.- Daringbadi, Dist.- Kandhamal, PIN-762104, declare that I have changed my name from Alok Kumar Bishoi to Pintu Bishoi. Henceforth, I shall be known as Pintu Bishoi for all purposes.
Pintu Bishoi
D-2111

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Amit Agarwalla, S/o- Kashi Prasad Agarwalla, Resident of Karanjia, P.O./P.S.- Karanjia, Dist.- Mayurbhanj, PIN-757037 ,Odisha declare by this affidavit No.- 3077, Dt.- 25/09/2025 that now onwards I shall be known as Amit Kumar Agarwalla for all future purposes.
D-2116

By virtue of an affidavit sworn before Executive Magistrate, Angul dated 24.9.2025. I Chittaranjan Sahoo, of permanent resident At: Amalapada, P.O/P.S/ Dist: Angul-759122 declare that I have changed the name of my daughter Ipsi Julion to Ipsi Sahoo. Henceforth, she shall be known as Ipsi Sahoo for all purposes.
D-2110

I Himansu Rout, S/o. Bhagirathi Rout, At-Tilapada, PO- Badanagena, PS-Sadar, Dist-Dhenkanal-759014, Odisha declare that I have changed my name from HIMANSU SEKHAR ROUT to HIMANSU ROUT before Executive Magistrate, Dhenkanal, dated- 25.08.2025 for all purposes.
Himansu Rout.
D-2114

By virtue of an affidavit dtd- 23.09.2025 sworn before Executive Magistrate, Bhadrak, I, Nalu Das (74 Years), S/o- Late Nilamani Das, Vill/P.O.- Totapada, P.S.- Bansada, Dist.- Bhadrak, Odisha, PIN-756129 declare that my actual name is Nalu Das as per Aadhaar Card. But my name is mentioned Lalmohan Das as per nominee in LIC Policy bearing No.- 847479482 in the name of policy holder Late Jada Das. I further declare that Nalu Das and Lalmohan Das same and one person.
D-2123

By virtue of an affidavit dtd. 25. 09.2025 sworn before Executive Magistrate, Bhadrak, I, Golekh Malik, S/o- Balaram Malik, Vill- Paradia, P.O.- Olaga, P.S.- Dhusuri, Dist.- Bhadrak, Odisha, PIN-756138 declare that I have changed my name from Bulu Malik to Golekh Malik. Henceforth, I shall be known as Golekh Malik for all purposes.
Golekh Malik
D-2125

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805, DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889, NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/10/25